ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୩/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 23/2024 Page 16 ₹ 7.00
୫୦ଶ ଭାଗ ୧୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 120 ମୂଲ୍ୟ ₹୭/-

# ବିଜେଡି-ଭାଜପା ମେଣ୍ଟ ହେବନି

ଓଡ଼ିଶାରେ ଆସନ୍ତା ମେ ୧୩ରୁ ଜୁନ୍ ୧ ମଧ୍ୟରେ ୪ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ରାଜ୍ୟର ସମସ୍ତ ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଆସନରେ ଭାଜପା ଏକାକୀ ଲଢ଼ିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ଏହାର କିଛି ସମୟ ପରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ମଧ୍ୟ ତାଙ୍କ 'ଏକ୍ସ' ଆକାଉଣ୍ଟରେ ସୂଚନା ଦେଇଛନ୍ତି ଯେ, ବିଜେଡି ରାଜ୍ୟର ସବୁ ବିଧାନସଭା ଓ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ଦୁଇ ନେତାଙ୍କ କଥାରୁ ବିଜେଡି-ଭାଜପା ମେଣ୍ଟ ହେବାର ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ ହୋଇଛି।

**▪ ରାଜ୍ୟରେ ଏକାକୀ ଲଢ଼ିବ ଭାଜପା: ମନମୋହନ**
**▪ ସବୁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବିଜେଡି: ପ୍ରଣବ**

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ଏକାକୀ ଲଢ଼ିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ 'ଏକ୍ସ'ରେ ପୋଷ୍ଟ କରିବା ପରେ ଦଳୀୟ ନେତା ଓ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ବାଣ ଫୁଟାଇ, ମିଠା ବାଣ୍ଟି ଉତ୍ସବ ପାଳନ କରାଯାଇଛି। ମନମୋହନଙ୍କ ପୋଷ୍ଟକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକେ ରିପୋଷ୍ଟ କରିଛନ୍ତି।

ମନମୋହନ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିଜେଡି ରାଷ୍ଟ୍ରୀୟ ମହତ୍ତ୍ୱ ଥିବା ଅନେକ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ସମର୍ଥନ କରିଆସୁଛନ୍ତି। ଏଥିପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛୁ। ସମଗ୍ର ଦେଶରେ ଯେଉଁସବୁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି ସେଠାରେ ବିକାଶ ଓ ଗରିବ କଲ୍ୟାଣର କାର୍ଯ୍ୟସବୁ ତ୍ୱରାନ୍ୱିତ ହୋଇଛି। ସବୁ କ୍ଷେତ୍ରରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଅଗ୍ରଗତି ହାସଲ କରୁଛନ୍ତି ବୋଲି ଅନୁଭବ ହେଉଛି। ହେଲେ ବର୍ତ୍ତମାନ ଓଡ଼ିଶାରେ କେନ୍ଦ୍ରର ଅନେକ କଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଯେଉଁ କାରଣରୁ ଓଡ଼ିଶାର ଗରିବ ଲୋକଙ୍କୁ ଏହାର ସୁଫଳ ପାଇପାରୁ ନାହାନ୍ତି। ଓଡ଼ିଶାର ଅସ୍ମିତା, ଗୌରବ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ ଅନେକ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସହ ସହମତ ହୋଇପାରୁ ନ ଥିବା ମନମୋହନ କହିଛନ୍ତି। ଆହୁରି ଉଲ୍ଲେଖ କରିଛନ୍ତି ଯେ, ସାଢେ ୪ କୋଟି ଲୋକଙ୍କ ଆଶା, ଅଭିଳାଷ ଓ ଆକାଂକ୍ଷା ପୂରଣ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଭାଜପା ଏକାକୀ ଲଢ଼ିବ। ଅନ୍ୟପଟେ ଦଳର ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଗଣମାଧ୍ୟମକୁ ☞ପୃଷ୍ଠା-୫

# ଭାଜପାକୁ ମେଘା ଇଞ୍ଜିନିୟରିଂ ଦେଇଛି ସର୍ବାଧିକ ଚାନ୍ଦା

ନୂଆଦିଲ୍ଲୀ,୨୨।୩

**ଇଲେକ୍ଟୋରାଲ ବଣ୍ଡ ତଥ୍ୟ**

୨୦୧୯ ଏପ୍ରିଲ ୧୨ରୁ ୨୦୨୪ ଜାନୁଆରୀ ୨୪ ମଧ୍ୟରେ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୬,୦୬୦.୫ କୋଟି ଟଙ୍କା ପାଇଥିବା ପୂର୍ବରୁ ପ୍ରକାଶ ପାଇଥିଲା। ତେବେ ୨୦୧୮ ମାର୍ଚ୍ଚରୁ ଦେଖିଲେ ଏହି ଦଳକୁ ବଣ୍ଡ ଜରିଆରେ ମୋଟ ୮,୨୫୧.୮ କୋଟି ଟଙ୍କା ମିଳିଛି। ତେଲଙ୍ଗାନାର ମେଘା ଇଞ୍ଜିନିୟରିଂର ଇଲେକ୍ଟୋରାଲ ବଣ୍ଡ ଚାନ୍ଦାରେ ଭାଜପା ପ୍ରଥମ ପସନ୍ଦ ରହିଛି। ଏହି କମ୍ପାନୀ ଭାଜପାକୁ ୫୧୯ କୋଟି ଟଙ୍କା ଦେଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)କୁ ୧୫୦ କୋଟି ଟଙ୍କା ଦେଇଛି। ମେଘା ଇଞ୍ଜିନିୟରିଂ ପରେ ଭାଜପାକୁ ଚାନ୍ଦା ଦେବାରେ ଦ୍ୱିତୀୟ ସ୍ଥାନରେ ରହିଛି କ୍ୱିକ୍ସପ୍ଲାଏ। ୩୭୫ କୋଟି ଟଙ୍କା ଚାନ୍ଦା ଦେଇଥିବା ଏହି କମ୍ପାନୀ ରିଲାଏନ୍ସ ଗ୍ରୁପ୍ ସହ ସମ୍ପୃକ୍ତ ବୋଲି ଅଭିଯୋଗ ହୋଇଛି। କୋଲକାତାର ଶିଳ୍ପପତି ଏମ୍.କେ. ଜଲାନଙ୍କ କମ୍ପାନୀଗୁଡ଼ିକ ଭାଜପାକୁ ୩୩୯.୪୨ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ଭାଜପାକୁ ମିଳିଥିବା ଅନ୍ୟ ୪୬୬.୩୧ କୋଟି ଟଙ୍କାର ବଣ୍ଡ ନମ୍ବର ସହ ମେଳକ ରେକର୍ଡ ମିଳିନାହିଁ। ୨୦୧୯ ନିର୍ବାଚନୀ ବର୍ଷରେ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୧,୫୦୫.୪ କୋଟି ପାଇଥିଲା। ସେଥିରୁ ୧୭୫.୫ କୋଟି ମଦନଲାଲ ଲିଃରୁ ମିଳିଥିବାବେଳେ କେଭେଣ୍ଟର ଫୁଡ୍ପାର୍କ ଇନ୍ଫ୍ରା ଲିଃ ୧୪୪.୫ କୋଟି ଏବଂ ମେଘା ଇଞ୍ଜିନିୟରିଂ ୧୨୫ କୋଟି ଟଙ୍କା ଦେଇଥିଲା। ୨୦୨୦ରେ ଇଲେକ୍ଟୋରାଲ ବଣ୍ଡରୁ ଭାଜପାର ଚାନ୍ଦା ୭୩.୮୯ କୋଟିକୁ ହ୍ରାସ ପାଇଥିବାବେଳେ ୨୦୨୧ରେ ୩୭୨ କୋଟି ମିଳିଥିଲା। ୨୦୨୨ରେ ଭାଜପା ୧,୭୭୩.୫୪ କୋଟି ଟଙ୍କା ପାଇଥିବାବେଳେ କ୍ୱିକ୍ସପ୍ଲାଏ ସର୍ବାଧିକ ☞ପୃଷ୍ଠା-୫











ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ କର୍ମର ଫଳ ଭୋଗୁଛନ୍ତି। ଏକଦା ସେ ମୋ ସହ ମଦ ବିରୋଧୀ ଅଭିଯାନରେ ସାମିଲ ହୋଇଥିଲେ। କିନ୍ତୁ ଏବେ ମଦ ଉପରେ ନୀତି ପ୍ରଣୟନ କରି ଜେଲ ଯାଇଛନ୍ତି। -ଆନ୍ନା ହାଜାରେ, ସାମାଜିକ କର୍ମୀ



# ‘ଏଜେନ୍ସିର ଦୁରୁପଯୋଗ କରୁଛି ଭାଜପା’

## ଇଡି, ସିବିଆଇ, ଆଇଟି ମୁଖ୍ୟଙ୍କୁ ହଟାଯାଉ: ଇସିଙ୍କୁ ଫେରାଦ ହେଲା ‘ଇଣ୍ଡିଆ’



କଂଗ୍ରେସ ନେତା ଅଭିଷେକମନୁ ସିଂଘଭୀଙ୍କ ନେତୃତ୍ୱରେ ଇଣ୍ଡିଆ ନେତାମାନେ ଇସିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

ନୂଆଦିଲ୍ଲୀ,୨୨।୩

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିବାର ଦିନକ ପରେ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନେତାମାନେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ବିରୋଧୀ ଦଳଗୁଡ଼ିକର ମୁହଁ ବନ୍ଦ କରିବା ପାଇଁ ଇଡି ଭଳି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଇଣ୍ଡିଆ ନେତାମାନେ ଏହି ମର୍ମରେ ଇସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିକଟରେ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଟାର୍ଗେଟ କରିବା ଲାଗି ଭାଜପା କିପରି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରିଛି, ତା’ର ଏକ ତାଲିକା ମଧ୍ୟ ଇସିଙ୍କୁ ଦିଆଯାଇଛି। ନିର୍ବାଚନରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଇଡି ସମେତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର (ଆଇଟି) ବିଭାଗର ମୁଖ୍ୟମାନଙ୍କୁ ବଦଳାଇବାକୁ ‘ଇଣ୍ଡିଆ’ ନେତାମାନେ ଦାବି କରିଛନ୍ତି।

ଇସିଙ୍କୁ ସାକ୍ଷାତ ପରେ କଂଗ୍ରେସ ନେତା ଅଭିଷେକମନୁ ସିଂଘଭୀ ଗଣମାଧ୍ୟମକୁ କହିଛନ୍ତି, ଏହା ଏକ ସାଧାରଣ ଅଭିଯୋଗ ନୁହେଁ। ଭାରତୀୟ ସମ୍ବିଧାନର ମୌଳିକ ଢାଞ୍ଚାକୁ ପ୍ରଭାବିତ କରି ନ୍ୟୂନ ଓ ଧ୍ୱସ୍ତ କରିଦେବା ଭଳି ଏହା ଏକ ବୃହତ୍ ପ୍ରସଙ୍ଗ। ମୁକ୍ତ ଓ ନିରପେକ୍ଷ ନିର୍ବାଚନ ହେଉଛି ଗଣତନ୍ତ୍ରର ହୃଦୟ ତଥା ଆତ୍ମା। ସୁପ୍ରିମକୋର୍ଟ ମଧ୍ୟ ଲଗାତର ଏହି ବିଷୟ କହିଆସିଛନ୍ତି। ଏହାସତ୍ତ୍ୱେ ୨୦ ବର୍ଷ ପୁରୁଣା ମାମଲାଗୁଡ଼ିକୁ ମଧ୍ୟ ଉଜ୍ଜୀବିତ କରି ବିରୋଧୀଙ୍କୁ ଟାର୍ଗେଟ କରାଯାଉଛି। ଭାରତର ୭୫ ବର୍ଷ ଇତିହାସରେ କେବେ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇ ନ ଥିଲା। କିନ୍ତୁ ଶାସକ ଦଳର କୌଣସି ଜଣେ ହେଲେ ବ୍ୟକ୍ତିଙ୍କୁ ଗିରଫ କରାଯାଉ ନାହିଁ ବୋଲି ଇସିଙ୍କୁ ବିରୋଧୀ ନେତାମାନେ ଅବଗତ କରାଇଛନ୍ତି। ଅନ୍ତତଃ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସମୟରେ ଇଡି, ସିବିଆଇ ଏବଂ ଆଇଟି ବିଭାଗ ମୁଖ୍ୟଙ୍କୁ ବଦଳି କରିବା ଜରୁରୀ ବୋଲି ସେମାନେ ଇସିଙ୍କୁ କହିଛନ୍ତି।

## କବିତାଙ୍କୁ ଜାମିନ ଦେଲେନି ସୁପ୍ରିମକୋର୍ଟ



କେ. କବିତା

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇଥିବା ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ଜାମିନ ଦେବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତଳ କୋର୍ଟରେ ଆବେଦନ କରିବାକୁ କବିତାଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରୋଟୋକଲ୍‌କୁ ଅତିକ୍ରମ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ମନିଲଣ୍ଡରିଂ ପ୍ରତିକାର ଆଇନ(ପିଏମ୍‌ଏଲ୍‌ଏ)କୁ ଚ୍ୟାଲେଞ୍ଜ କରି କବିତାଙ୍କ ଆବେଦନ ସମ୍ବନ୍ଧୀୟ ଥିଲା, ଯାହା ଉପରେ ଇଡିକୁ ନୋଟିସ କରାଯାଇ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ଏ. ରାଜାଙ୍କ ବିରୋଧରେ ଶୁଣାଣି ହେବ

**୨ଜି ଦୁର୍ନୀତି ମାମଲା: ହାଇକୋର୍ଟରେ ସିବିଆଇର ଅପିଲ**

**ନୂଆଦିଲ୍ଲୀ,୨୨।୩ (ପି.ଟି.):** ୨ଜି ସ୍ପେକ୍ଟ୍ରମ୍ ଆବଣ୍ଟନ ଦୁର୍ନୀତି ମାମଲାରେ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା ଓ ଅନ୍ୟମାନଙ୍କୁ ଦୋଷମୁକ୍ତ କରାଯିବା ରାୟକୁ ସିବିଆଇ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ତଦନ୍ତକାରୀ ସଂସ୍ଥାର ଅପିଲ୍‌କୁ ଶୁଣାଣି ପାଇଁ ହାଇକୋର୍ଟ ଶୁକ୍ରବାର ଗ୍ରହଣ କରିଛନ୍ତି। ରେକର୍ଡରେ ଥିବା ତଥ୍ୟ ଏବଂ ପକ୍ଷମାନଙ୍କ ଓକିଲ ଦାଖଲ କରିଥିବା ତଥ୍ୟପ୍ରମାଣ ଆଧାରରେ ସିବିଆଇ ପୂର୍ବ ରାୟର ସମୀକ୍ଷା ପାଇଁ ଆବେଦନ କରିଛି। ଏଥିପାଇଁ ସବିଶେଷ ଶୁଣାଣିର ଆବଶ୍ୟକତା ଥିବା ଜଷ୍ଟିସ୍ ଦିନେଶ କୁମାର ଶର୍ମା କହିଛନ୍ତି। ମେ’ ମାସରେ ପିଟିଶନ୍‌ର ଶୁଣାଣି ହେବ ବୋଲି ବିଚାରପତି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଡିସେମ୍ବର ୨୧ରେ ସ୍ୱତନ୍ତ୍ର ଅଦାଲତ ୨ଜି ମାମଲାରେ ରାଜାଙ୍କ ସମେତ ଡିଏମ୍‌କେ ଏମ୍‌ପି କାନିମୋଝି ଓ ଅନ୍ୟମାନଙ୍କୁ ଦୋଷମୁକ୍ତ କରିଥିଲେ। ୨୦୧୮ ମାର୍ଚ୍ଚ ୧୯ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଦିନକ ପରେ ସିବିଆଇ ସ୍ୱତନ୍ତ୍ର ଅଦାଲତଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ୬ ବର୍ଷ ପରେ ଉକ୍ତ ଅପିଲ୍‌କୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି।



### ଆମେରିକାରେ ସତର୍କ ରୁହନ୍ତୁ ଭାରତୀୟ

**ନ୍ୟୁୟର୍କ,୨୨।୩:** ଆମେରିକାରେ ବସବାସ କରୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଉପରେ ଲଗାତର ଆକ୍ରମଣ ହେଉଥିବାରୁ ସେମାନଙ୍କୁ ସତର୍କ ରହିବା ପାଇଁ ପେପ୍‌ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୂୟୀ ପରାମର୍ଶ ଦେଇଛନ୍ତି। ଆମେରିକାରେ ନିଜ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ସେମାନେ ସ୍ଥାନୀୟ ଆଇନକୁ ସମ୍ମାନ ଦେଇ ଅତ୍ୟଧିକ ଡ୍ରଗ୍ସ ସେବନ ଓ ମଦ୍ୟପାନଠାରୁ ଦୂରେଇ ରୁହନ୍ତୁ ବୋଲି ନୂୟୀ କହିଛନ୍ତି। ବିଶ୍ୱର ଅନ୍ୟତମ ପ୍ରଭାବଶାଳୀ ବିଜନେସ୍ ଏକ୍‌ଜିକ୍ୟୁଟିଭ୍ ନୂୟୀ ୧୦ ମିନିଟ୍ ଅବଧିର ଏକ ଭିଡିଓ ଜାରି କରିଛନ୍ତି, ଯାହାକୁ ନ୍ୟୁୟର୍କସ୍ଥିତ ଭାରତର କନ୍‌ସୁଲେଟ୍ ଜେନେରାଲ ନିଜ ଏକ୍ସ’ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ୨୦୨୪ରେ ଆମେରିକାରେ ୯ରୁ ଅଧିକ ଭାରତୀୟଙ୍କୁ ହତ୍ୟା କରାଗଲାଣି।



ଇନ୍ଦ୍ରା ନୂୟୀ

### ୟୁପି ମଦ୍ରାସା ଶିକ୍ଷା ଆଇନ ଅସାମ୍ବିଧାନିକ: ହାଇକୋର୍ଟ

**ଲକ୍ଷ୍ନୌ,୨୨।୩ (ପି.ଟି.):** ଉତ୍ତର ପ୍ରଦେଶ ବୋର୍ଡ ଅଫ୍ ମଦ୍ରାସା ଶିକ୍ଷା ଆଇନ, ୨୦୦୪ ଅସାମ୍ବିଧାନିକ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ଆଇନ ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଂଘନ କରୁଛି। ବର୍ତ୍ତମାନ ମଦ୍ରାସାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଶିକ୍ଷାଦାନ ବ୍ୟବସ୍ଥାରେ ସାମିଲ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁମାନ ସିଂ ରାଠୋର ନାମ ବ୍ୟକ୍ତିଙ୍କ ରିଟ୍ ପିଟିଶନ୍‌ର ଶୁଣାଣି କରି ମଦ୍ରାସା ଆଇନ ଅଧିକାରାତୀତ ବୋଲି ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚର ବିଚାରପତି ବିବେଶ ଚୌଧରୀ ଏବଂ ସୁଭାଷ ବିଦ୍ୟାର୍ଥୀ କହିଛନ୍ତି। ରାଠୋର ୟୁପି ମଦ୍ରାସା ବୋର୍ଡର ସାମ୍ବିଧାନିକତାକୁ ଚ୍ୟାଲେଞ୍ଜ କରିଥିଲେ।

## ସୁରକ୍ଷା ଗାଇଡ୍‌ଲାଇନର ଉଲ୍ଲଂଘନ

### ଏୟାର ଇଣ୍ଡିଆକୁ ୮୦ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୨୨।୩

ବିମାନ କର୍ମଚାରୀଙ୍କ ଡ୍ୟୁଟି ସମୟସୀମା ନିୟମାବଳୀ ଏବଂ ଥକାପଣ ପରିଚାଳନା ବ୍ୟବସ୍ଥାର ଉଲ୍ଲଂଘନ ପାଇଁ ଏୟାର ଇଣ୍ଡିଆକୁ ୮୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଜାନୁଆରୀରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସ୍ପଟ୍ ଅଡିଟ୍ କରିବା ପରେ କର୍ମଚାରୀମାନଙ୍କ ସୁରକ୍ଷା ଗାଇଡ୍‌ଲାଇନର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଥିଲା। ଏଥିପାଇଁ ମାର୍ଚ୍ଚ ୧ରେ ଏୟାରଇଣ୍ଡିଆକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏୟାରଲାଇନ୍ସର ଜବାବ ସନ୍ତୋଷଜନକ ନ ଥିବା ଦର୍ଶାଇ ଡିଜିସିଏ ଏହାକୁ ୮୦ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛି। ରିପୋର୍ଟ ଏବଂ ତଥ୍ୟପ୍ରମାଣର ଅନୁଧ୍ୟାନରୁ ଏୟାର ଇଣ୍ଡିଆ ୬୦ ବର୍ଷରୁ ଊର୍ଦ୍ଧ୍ୱ ଉଭୟ ବିମାନ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଜଣାପଡ଼ିଥିଲା, ଯାହାକି ବିମାନ ନିୟମାବଳୀ, ୧୯୩୭ ରୁଲ୍ ୨୮ଏ’ର ସବ୍ ରୁଲ୍ (୨)ର ଉଲ୍ଲଂଘନ ବୋଲି ଡିଜିସିଏ ଏକ ବିବୃତିରେ କହିଛି।

### ବିବାଦୀୟ ଭୋଜଶାଳା କମ୍ପ୍ଲେକ୍ସର ଏଏସ୍‌ଆଇ ସର୍ଭେ ଆରମ୍ଭ

**ଧର(ଏମ୍‌ପି),୨୨।୩:** ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମଧ୍ୟପ୍ରଦେଶର ଆଦିବାସୀ ବହୁଳ ଧର୍ ଜିଲାରେ ବିବାଦୀୟ ଭୋଜଶାଳା/କମଲ ମୌଲା ମସ୍‌ଜିଦ କମ୍ପ୍ଲେକ୍ସର ସର୍ଭେ ଶୁକ୍ରବାର ଆରମ୍ଭ କରିଛି। ସର୍ଭେରେ କାର୍ବନ ଡେଟିଂ ଉପକରଣ ବ୍ୟବହାର କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଏସ୍‌ଆଇର ୧୫ ଜଣିଆ ଟିମ୍ ସହ ସ୍ଥାନୀୟ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଜିଲା ପ୍ରଶାସନିକ ଅଧିକାରୀମାନେ ଭୋଜଶାଳାର ପରିସରର ବିଜ୍ଞାନଭିତ୍ତିକ ଆକଳନ ପାଇଁ ପ୍ରସ୍ତୁତି କରିଛନ୍ତି।

## ଭାରତ-ଭୁଟାନ ଟ୍ରେନ୍ ଚାଲିବ



ଭୁଟାନ ରାଜଧାନୀ ଥିମ୍ପୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ଥାନୀୟ ଲୋକେ ସ୍ୱାଗତ କରୁଛନ୍ତି।

- ବହୁ ଚୁକ୍ତିନାମା ସ୍ୱାକ୍ଷର
- ମୋଦିଙ୍କୁ ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ

**ଥିମ୍ପୁ,୨୨।୩ (ପି.ଟି.):** ଶକ୍ତି, ବାଣିଜ୍ୟ, ଡିଜିଟାଲ ଯୋଗାଯୋଗ, ମହାକାଶ ଏବଂ କୃଷି କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଏବଂ ଭୁଟାନ ମଧ୍ୟରେ ଶୁକ୍ରବାର ଅନେକ ବୁଝାମଣା ପତ୍ର (ଏମ୍‌ଓୟୁ) ବିନିମୟ ହେବା ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଦୁଇ ଦେଶ ମଧ୍ୟରେ ରେଳ ସଂଯୋଗ ସ୍ଥାପନ ନିମନ୍ତେ ଏମ୍‌ଓୟୁ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଭୁଟାନ ଗସ୍ତରେ ଯାଇଥିବାବେଳେ ଥିମ୍ପୁରେ ସେ ଓ ତାଙ୍କ ଭୁଟାନ ପ୍ରତିପକ୍ଷ ଶେରିଙ୍ଗ୍ ଟୋବ୍‌ଗେଙ୍କ ଉପସ୍ଥିତିରେ ଏମ୍‌ଓୟୁ ବିନିମୟ ହୋଇଛି। ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ପୁନଃନବୀକରଣଯୋଗ୍ୟ ଶକ୍ତି, କୃଷି, ଯୁବ ବିନିମୟ, ପରିବେଶ, ଜଙ୍ଗଲ ଓ ପର୍ଯ୍ୟଟନ ଆଦି ବିଭିନ୍ନ ସେକ୍ଟରରେ ସହଯୋଗ ବଢ଼ାଇବା ଆବଶ୍ୟକ ବୋଲି ଉଭୟ ନେତା ଅନୁଭବ କରିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶୁକ୍ରବାର ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ ‘ଅର୍ଡର ଅଫ୍ ଦି ଡ୍ରୁକ୍ ଗ୍ୟାଲ୍‌ପୋ’ରେ ସମ୍ମାନିତ କରାଯାଇଛି। ଏଭଳି ସମ୍ମାନ ପାଇବାରେ ମୋଦି ପ୍ରଥମ ବିଦେଶୀ ପ୍ରଧାନମନ୍ତ୍ରୀ। ଭାରତ-ଭୁଟାନ ସମ୍ପର୍କ ବଢ଼ାଇବାରେ ମୋଦିଙ୍କ ଉଲ୍ଲେଖନୀୟ ଅବଦାନ ଏବଂ ଭୁଟାନ ଓ ଏହାର ଜନସାଧାରଣଙ୍କୁ ଉଲ୍ଲେଖନୀୟ ସେବାର ସ୍ୱୀକୃତି ସ୍ୱରୂପ ତାଙ୍କୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନକୁ ସେ ୧୪୦ କୋଟି ଭାରତୀୟଙ୍କୁ ଉତ୍ସର୍ଗ କରିଥିବା ମୋଦି ଏକ୍ସ’ରେ ପୋଷ୍ଟ କରିଛନ୍ତି।

## ସୁପ୍ରିମକୋର୍ଟଙ୍କ ଚେତାବନୀ ପରେ ମନ୍ତ୍ରୀଙ୍କୁ ପୁନଃ ନିଯୁକ୍ତି ଦେଲେ ତାମିଲନାଡୁ ରାଜ୍ୟପାଳ

ନୂଆଦିଲ୍ଲୀ,୨୨।୩

ସୁପ୍ରିମକୋର୍ଟଙ୍କ ତାଗିଦ ପରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଶୁକ୍ରବାର ଅପରାହ୍ନରେ ଡିଏମ୍‌କେ ନେତା କେ. ପୋନମୁଡିଙ୍କୁ ପୁନର୍ବାର ରାଜ୍ୟ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ପୂର୍ବରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ପୋନମୁଡି ୨୦୧୧ର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀସାବ୍ୟସ୍ତ ହେବା ସହ ୩ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବାରୁ ତାଙ୍କୁ ପୁନର୍ବାର ମନ୍ତ୍ରୀ ଭାବେ ଶପଥ ପାଠ କରାଇବାକୁ ରାଜ୍ୟପାଳ ମନା କରିଦେଇଥିଲେ। ତେବେ ସର୍ବୋଚ୍ଚ ଅଦାଲତ ଉକ୍ତ ଦଣ୍ଡ ଉପରେ ରହିତାଦେଶ ଲଗାଇବା ପରେ ପୋନ୍‌ମୁଡି ତାଙ୍କ ବିଧାୟକ ପଦ ବଜାୟ ରଖିଥିଲେ। ଏହା ପରେ ତାଙ୍କୁ ମନ୍ତ୍ରୀ ଭାବେ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସୁପାରିସ କରିଥିଲେ। ରାଜ୍ୟପାଳ ଯଦି ମନ୍ତ୍ରୀ ପଦରେ ପୋନ୍‌ମୁଡିଙ୍କୁ ପୁନଃ ଅବସ୍ଥାପିତ ନ କରନ୍ତି, ତେବେ ଅଦାଲତ ଏଥିପାଇଁ ନିର୍ଦ୍ଦେଶ ଦେବେ ବୋଲି ଦିନକ ପୂର୍ବରୁ କହିଥିଲେ।

## ଆମେରିକାରେ ୮,୦୦୦ ମାଇଲ ବୁଲିବ ରାମମନ୍ଦିର ରଥ




ୱାଶିଂଟନ୍,୨୨।୩

ଆମେରିକାର ଶିକାଗୋରୁ ସୋମବାର ବାହାରିବାକୁ ଥିବା ରାମମନ୍ଦିର ରଥଯାତ୍ରା ଦେଶର ୪୮ ରାଜ୍ୟ ଭ୍ରମଣ କରିବ। ୬୦ ଦିନ ମଧ୍ୟରେ ଏହା ୮,୦୦୦ରୁ ଅଧିକ ମାଇଲ ଅତିକ୍ରମ କରି ୮୫୧ ମନ୍ଦିର ବୁଲିବ। ସେହିପରି କାନାଡାର ୧୫୦ ମନ୍ଦିର ମଧ୍ୟ ବୁଲିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ବିଶ୍ୱହିନ୍ଦୁ ପରିଷଦ ଆମେରିକା (ଭିଏଚ୍‌ପିଏ) ସାଧାରଣ ସମ୍ପାଦକ ଅମିତାଭ ମିତ୍ତଲ କହିଛନ୍ତି, ଏକ ଟୋୟୋଟା ଭ୍ୟାନ୍‌ରେ ନିର୍ମିତ ଏହି ରଥରେ ପ୍ରଭୁ ରାମ, ଦେବୀ ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମୂର୍ତ୍ତିକୁ ଅବସ୍ଥାପିତ କରାଯାଇଛି। ଅଯୋଧ୍ୟା ରାମମନ୍ଦିରରୁ ନିଆଯାଇଥିବା ସ୍ୱତନ୍ତ୍ର ପ୍ରସାଦ ଏବଂ ପ୍ରାଣ ପ୍ରତିଷ୍ଠା ପୂଜିତ ଅକ୍ଷତକୁ ମଧ୍ୟ ଏଥିରେ ରଖାଯିବ। ରାମମନ୍ଦିର ପ୍ରତିଷ୍ଠା ପରେ ବିଶ୍ୱର ୧.୫ ବିଲିୟନ୍ ହିନ୍ଦୁଙ୍କ ମଧ୍ୟରେ ଆସ୍ଥା ଓ ଶକ୍ତିର ପୁନଃ ଅଭ୍ୟୁଦୟ ହୋଇଛି। ଏପ୍ରିଲ ୨୩ ହନୁମାନ ଜୟନ୍ତୀ ଅବସରରେ ଇଲିନୋଇସ୍‌ସ୍ଥିତ ସୁଗାର ଗ୍ରୋଭ୍‌ରେ ରଥଯାତ୍ରା ଶେଷ ହେବ। ଏହି ଐତିହାସିକ ଯାତ୍ରାରେ ଭିଏଚ୍‌ପିଏକୁ ସହଯୋଗ କରିବା ପାଇଁ ବହୁ ସ୍ୱେଚ୍ଛାସେବୀ ନିଜ ନାମ ପଞ୍ଜୀକରଣ କରିଥିବା ସେ ସୂଚନା ଦେଇଛନ୍ତି।

## ହୋଲି ବେଳେ ୪୦ ଡେଇଁବ ତାପମାତ୍ରା

ନୂଆଦିଲ୍ଲୀ,୨୨।୩(ପି.ଟି.)



ହୋଲି ବେଳେ ଦେଶର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିବା ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିପାରେ ବୋଲି ତାପମାତ୍ରା ଉପରେ ୧୯୭୦ରୁ ବିଶ୍ଳେଷଣ କରୁଥିବା ଏକ ସଂସ୍ଥା ପକ୍ଷରୁ କୁହାଯାଇଛି।

ଆମେରିକୀୟ ବୈଜ୍ଞାନିକମାନଙ୍କ ସଂସ୍ଥା ‘କ୍ଲାଇମେଟ୍ ସେଣ୍ଟ୍ରାଲ’ ବୈଶ୍ୱିକ ପରିତାପନ ପରିପ୍ରେକ୍ଷୀରେ ଭାରତର ସ୍ଥିତି ଉପରେ ବିଶ୍ଳେଷଣ କରିଛନ୍ତି। ସେମାନଙ୍କ ମତରେ ମାର୍ଚ୍ଚ ଶେଷ ଭାଗରେ ଭାରତର ତାପମାତ୍ରାରେ ଅହେତୁକ ବୃଦ୍ଧି ଦେଖିବାକୁ ମିଳିବ। ବିଶେଷକରି ମହାରାଷ୍ଟ୍ର, ଛତିଶଗଡ଼ ଓ ବିହାରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ନେଇ ୫ ପ୍ରତିଶତରୁ ଅଧିକ ସମ୍ଭାବନା ରହିଛି। ରାଜସ୍ଥାନ, ଗୁଜରାଟ, ତେଲଙ୍ଗାନା, ମଧ୍ୟପ୍ରଦେଶ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ତାତି ବଢ଼ିପାରେ। ଏହି ଗବେଷଣା ପାଇଁ ବୈଜ୍ଞାନିକମାନେ ୧୯୭୦ ମସିହାରୁ ଅଦ୍ୟାବଧି ମାର୍ଚ୍ଚ ଓ ଏପ୍ରିଲ ଭିତରେ ତାପମାତ୍ରା ହାର ମଧ୍ୟରେ ରହିଥିବା ତାରତମ୍ୟକୁ ଅନୁଧ୍ୟାନ କରିଥିଲେ। ସେମାନଙ୍କ ମତରେ ବର୍ତ୍ତମାନ ଭାରତରେ ଏପରି ୩୭ ସହର ରହିଛି, ଯେଉଁଠି ୪୦ ଡିଗ୍ରୀ ଉପରକୁ ତାପମାତ୍ରା ବଢ଼ିବା ନେଇ ଅନ୍ୟୂନ ୧% ଆଶଙ୍କା ଉପୁଜିଛି। ସେହିପରି ୧୧ ସହରରେ ୧୦% କିମ୍ବା ତଦୂର୍ଦ୍ଧ୍ୱ ଆଶଙ୍କା ରହିଛି। ମାର୍ଚ୍ଚ-ଏପ୍ରିଲରେ ସାରା ଦେଶରେ ତାତି ବଢ଼ିବ ବୋଲି କ୍ଲାଇମେଟ୍ ସେଣ୍ଟ୍ରାଲ ପକ୍ଷରୁ କୁହାଯାଇଛି। ଏହି ତାପମାତ୍ରା ବୃଦ୍ଧି ପାଇଁ କ୍ଲାଇମେଟ୍ ସେଣ୍ଟ୍ରାଲର ସାଇନ୍ସ ଭାଇସ୍ ପ୍ରେସିଡେଣ୍ଟ ଆଣ୍ଡ୍ର୍ୟୁ ପର୍ସିଂ ମାନବକୃତ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ସ୍କାଏମେଟ ୱେଦରର ମେଟେରୋଲୋଜି ଆଣ୍ଡ୍ କ୍ଲାଇମେଟ୍ ଚେଞ୍ଜ ଭାଇସ୍ ପ୍ରେସିଡେଣ୍ଟ ମହେଶ ପାଲାୱତ୍ କହିଛନ୍ତି, ଆଗକୁ ତାତି ବୃଦ୍ଧିର ଏହି ଧାରା ଜାରି ରହିବ। ଗ୍ରୀଷ୍ମଋତୁ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଅନ୍ୟପକ୍ଷେ ୧୮୫୦ରୁ ବିଶ୍ୱବ୍ୟାପୀ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ବୃଦ୍ଧି ପାଇଛି। ଏଥିଯୋଗୁ ୨୦୨୩ରେ ତାପମାତ୍ରା ରେକର୍ଡ ଭାଙ୍ଗିଥିଲା।




ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୩/୨୦୨୪ | Bhubaneswar, Saturday, March 23/2024 | ପୃଷ୍ଠା-୧

# ୨୮ ଯାଏ ଇଡି ରିମାଣ୍ଡରେ କେଜ୍‌ରିୱାଲ



କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଶୁକ୍ରବାର ମନ୍ତ୍ରୀ ଅତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ସମେତ ଆପ୍ କର୍ମୀମାନେ ଆଇଟିଓରେ ବିକ୍ଷୋଭ କରୁଛନ୍ତି।

**ନୂଆଦିଲ୍ଲୀ,୨୨।୩(ପି.ଟି.)**

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଏକ କୋର୍ଟ ଶୁକ୍ରବାର ୨୮ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇଦେଇଛନ୍ତି। ଇଡି କେଜ୍‌ରିୱାଲଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରି ୧୦ ଦିନିଆ ରିମାଣ୍ଡ୍ ଅନୁମତି ଦେବାକୁ ନିବେଦନ କରିଥିଲା। କିନ୍ତୁ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ୬ ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ମାର୍ଚ୍ଚ ୨୮ ଅପରାହ୍ନ ୨ଟାରେ ଅଦାଲତରେ କେଜ୍‌ରିୱାଲଙ୍କୁ ହାଜର କରାଇବାକୁ ବିଚାରପତି ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

ରିମାଣ୍ଡ୍ ଆବେଦନର ଶୁଣାଣି ବେଳେ ଇଡି ଯୁକ୍ତି ବାଢ଼ିଥିଲା ଯେ, ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜାତୀୟ ଆବାହକ କେଜ୍‌ରିୱାଲ ହେଉଛନ୍ତି ଅବକାରୀ ନୀତି ଦୁର୍ନୀତିର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଅନ୍ୟ ମନ୍ତ୍ରୀ ଓ ଦଳୀୟ ନେତାମାନଙ୍କ ସହ ମିଶି ସେ ଏହି ଦୁର୍ନୀତି କରିଛନ୍ତି। ଦିଲ୍ଲୀ ଅବକାରୀ ନୀତି ୨୦୨୧-୨୨ ପ୍ରଣୟନ ଓ କାର୍ଯ୍ୟକାରୀ ପାଇଁ ସେ 'ସାଉଥ୍ ଗ୍ରୁପ୍'ଠାରୁ ଅନେକ କୋଟି ଟଙ୍କା ଲାଞ୍ଚ ଆକାରରେ ନେଇଛନ୍ତି। ଏହି ଦକ୍ଷିଣ ମଦ ବ୍ୟବସାୟୀ ଗୋଷ୍ଠୀର କେତେଜଣ ଅଭିଯୁକ୍ତଙ୍କୁ ପଞ୍ଜାବ ବିଧାନସଭା ନିର୍ବାଚନ ସମୟରେ ଦଳୀୟ ଟିକେଟ ଦେବା ପାଇଁ କେଜ୍‌ରିୱାଲ ସେମାନଙ୍କୁ ୧୦୦ କୋଟି ଟଙ୍କା ଦାବି କରିଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍.ଭି. ରାଜୁ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ରାଜୁ ଆହୁରି କହିଥିଲେ, ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ ହୋଇଥିବା ୪୫ କୋଟି ଟଙ୍କା ୪ଟି ହାୱାଲା ରୁଟ୍‌ରେ ଆସିଥିଲା। କଲ୍ ଡିଟେଲ୍ ରେକର୍ଡ୍ସ (ସିଡିଆର୍) ଜରିଆରେ ସମସ୍ତ ଅଭିଯୁକ୍ତ ଓ ସାକ୍ଷୀଙ୍କ ବୟାନକୁ ରେକର୍ଡ କରାଯାଇଥିବା ରାଜୁ କୋର୍ଟଙ୍କୁ ଅବଗତ କରାଇଥିଲେ। ଆପ୍ ଜଣେ ବ୍ୟକ୍ତି ନୁହେଁ, ବରଂ ଏକ କମ୍ପାନୀ। ତେଣୁ କମ୍ପାନୀର ଆଚରଣ ପାଇଁ ଏହାର ସମସ୍ତେ ଦାୟୀ ବୋଲି ରାଜୁ କହିଥିଲେ। ଅନ୍ୟପକ୍ଷେ କେଜ୍‌ରିୱାଲଙ୍କ ପକ୍ଷରୁ ମାମଲା ଲଢୁଥିବା ☞ପୃଷ୍ଠା-୨

## ଜେଲରୁ ସରକାର ଚଳାଇବି



ଅରବିନ୍ଦ କେଜ୍‌ରିୱାଲ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ପଦରୁ ଇସ୍ତଫା ଦେବାକୁ ଶୁକ୍ରବାର ମନା କରିଦେଇଛନ୍ତି। ଆବଶ୍ୟକ ହେଲେ ଜେଲରୁ ସରକାର ଚଳାଇବେ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ରାଉଜ୍ ଆଭେନ୍ୟୁ କୋର୍ଟ ୬ ଦିନିଆ ରିମାଣ୍ଡ୍‌ରେ ନେବା ପାଇଁ ଇଡିକୁ ଅନୁମତି ଦେବା ପରେ କେଜ୍‌ରିୱାଲ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ମୁଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବିନାହିଁ। ଯଦି ଆବଶ୍ୟକ ପଡ଼େ ଜେଲରେ ରହି ସରକାର ଚଳାଇବି। ଗୁରୁବାର ରାତିରେ ଇଡି ପକ୍ଷରୁ କୌଣସି ପ୍ରଶ୍ନ କରା ନ ଯାଇ ତାଙ୍କୁ ଗିରଫ କରାଯାଇଥିଲା ବୋଲି ଆପ୍‌ର ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି।

## କିସ୍ ବିଶ୍ୱବିଦ୍ୟାଳୟକୁ ନାକ୍ 'ଏ' ଗ୍ରେଡ୍ ମାନ୍ୟତା




**ଭୁବନେଶ୍ୱର,୨୨।୩(ଅସମାପିକା ସାହୁ)**

କିସ୍ ବିଶ୍ୱବିଦ୍ୟାଳୟକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେଶନ୍ କାଉନ୍‌ସିଲ୍ (ନାକ୍) ପକ୍ଷରୁ 'ଏ' ଗ୍ରେଡ୍ ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଥମ ଥରରେ ନାକ୍‌ର ଏହି ଶ୍ରେଷ୍ଠ ମାନ୍ୟତା ପାଇବା କ୍ଷେତ୍ରରେ କିସ୍ ବିଶ୍ୱବିଦ୍ୟାଳୟ ହେଉଛି ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ। କିସ୍‌ର ଏହି ସଫଳତାରେ ଶିକ୍ଷାବିତ୍‌ମାନେ ଖୁସିବ୍ୟକ୍ତ କରିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟ ଠିକ୍ ସମୟରେ ନାକ୍ ମାନ୍ୟତା ପାଇଁ ଆବେଦନ କରି ପ୍ରଥମ ଥରରେ 'ଏ' ଗ୍ରେଡ୍ ପାଇଛି, ଯାହା ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ମାନକୁ ସୂଚିତ କରୁଛି ବୋଲି ସେମାନେ କହିଛନ୍ତି। କିସ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିବା ସହ ଏଥିପାଇଁ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କିସ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଏହା ହେଉଛି ବିଶ୍ୱର ଏକମାତ୍ର ଜନଜାତି ବିଶ୍ୱବିଦ୍ୟାଳୟ।

**ଆଜିର ସମ୍ପାଦକୀୟ**

**ନବନୀତ ଫେରିଲେ**

# ଦାମ ରାଉତଙ୍କ ପରଲୋକ

**ଭୁବନେଶ୍ୱର,୨୨।୩(ଅନିଲ ଦାସ)**

ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଶୁକ୍ରବାର ଭୋର ୫ଟା ୨୩ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ଦୀର୍ଘ ଦିନ ଧରି ସେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ଥିଲେ। ମାର୍ଚ୍ଚ ୧୮ ତାରିଖରେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ପକ୍ଷରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା ଏବଂ ସେଠାରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଏହାପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଭୋରରୁ ତାଙ୍କର ମୃତ୍ୟୁ ହୋଇଛି। ଦାମଙ୍କ ମରଶରୀରକୁ ପ୍ରଥମେ ୟୁନିଟ୍ ୬ସ୍ଥିତ ସରକାରୀ ବାସଭବନକୁ ନିଆଯାଇଥିଲା। ଏହାପରେ ତାଙ୍କୁ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫-ଟି ଓ ନବୀନ ଓଡ଼ିଶା ☞ପୃଷ୍ଠା-୫

**ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ**



ଦାମୋଦର ରାଉତ

# ବିଜେଡି ଛାଡ଼ିଲେ ଭର୍ତ୍ତୃହରି

**କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶୁକ୍ରବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ରକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଏଥିସହ ଭର୍ତ୍ତୃହରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ କଟକ ବିହାରୀବାଗ୍‌ସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୋର ଅଭିଜ୍ଞତା ଅନୁସାରେ ୧୭ତମ ଲୋକ ସଭାରେ ଏମ୍‌ପି ଭାବେ ବିଜେଡିର ପ୍ରତିନିଧି ହୋଇ ଠିକ୍ ଭାବେ ଦଳ ପାଇଁ କାମ କରିଛି। ୨୦୨୪ ନିର୍ବାଚନ ☞ପୃଷ୍ଠା-୨



ଭର୍ତ୍ତୃହରି ମହତାବ




**ଆଜିର ମନ୍ତବ୍ୟ**

ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଲୋକ ସଭା ନିର୍ବାଚନରେ ଆଶାୟୀମାନଙ୍କୁ ଦଳୀୟ ଟିକେଟ ବିକ୍ରି କରୁଛନ୍ତି। ଏପରି କି ସେ ନିଜ ଝିଅ ରୋହିଣୀ ଆଚାର୍ଯ୍ୟଙ୍କୁ ମଧ ଛାଡ଼ିନାହାନ୍ତି। ଲାଲୁ ରୋହିଣୀଙ୍କଠାରୁ ଏକ କିଡ୍‌ନୀ ନେଇ ତାଙ୍କୁ ଆର୍‌ଜେଡିରୁ ଲଢ଼ିବା ପାଇଁ ଟିକେଟ ଦେଇଛନ୍ତି। **–ସମ୍ରାଟ ଚୌଧରୀ, ବିହାର ଉପମୁଖ୍ୟମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- .୬୩ତମ ବାର୍ଷିକ ବୈଷୟିକ ଅଧିବେଶନ ଏବଂ ପ୍ରଫେସର ଡ. ଭୁବନେଶ୍ୱର ବେହେରା ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ଅଡିଟୋରିୟମ୍ ଅଫ୍ ଓଡ଼ିଶା ଷ୍ଟେଟ୍ ସେଣ୍ଟର, ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ସମୟ: ପୂର୍ବାହ୍ନ ୧୦ଟା ୨୫।
- ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜିନେସ୍ ଏମିନେନ୍ସ ଆୱାର୍ଡସ, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଛାତ୍ରଙ୍କ ଦ୍ୱାରା ଖାନା ଖଜନା କାର୍ଯ୍ୟକ୍ରମ,ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ବାଲିଅନ୍ତା, ସମୟ: ଅପରାହ୍ନ ୧ଟା।
- ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ, କାଙ୍କଣ ଶିଖରୀ ଆନୁକୂଲ୍ୟରେ ଦ୍ୱାଦଶ ଶ୍ରୀଜଗନ୍ନାଥ କଥାଲହରୀ କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- କଂଗ୍ରେସର ଗ୍ୟାରେଣ୍ଟି ପତ୍ର ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ସାଲବେଗ ସମାଧି ପୀଠସ୍ଥିତ ସମ୍ମିଳନୀ କକ୍ଷ, ପୁରୀ, ସମୟ: ଅପରାହ୍ନ ୪ଟା।
- ଭଗତ ସିଂହଙ୍କ ଶହୀଦ ଦିବସ ଓ ରାମମନୋହର ଲୋହିଆଙ୍କ ଜୟନ୍ତୀ ଦିବସ ପାଳନ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ମା'କୋଶଳାଇଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଓ ହରିହାଟ, ସ୍ଥାନ:ବାୟାବର, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା।
- ଭାଣପୁର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ: ଭାଣପୁର ହାଇସ୍କୁଲ ପଡ଼ିଆ ଭାଣପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ନାଟକ ମହୋତ୍ସବର ତୃତୀୟ ଦିବସରେ ପରିବେଷଣ ହେବ ସଂସ୍କୃତ ନାଟକ କୃଷ୍ଣ କୁତୁହଲମ୍, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।
- ସାହିତ୍ୟ ସମ୍ପର୍କିତ ବୈଠକ, ସ୍ଥାନ: ପୁରୀ ବିଶୁନି ଜାଗା, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- କଟକ ନଗର ଜିଲା କଂଗ୍ରେସ କମିଟିର ଜିଲାସ୍ତରରେ ସଂକଳ୍ପପତ୍ର ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ୯ମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚସଖା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ତୁଳସୀପୁର, ବଡ଼ମ୍ବା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ଦୋଳ ଉତ୍ସବରେ ନାମ ସଂକୀର୍ତ୍ତନ, ସ୍ଥାନ: ଶ୍ରୀବାସୁଦେବଙ୍କ ବିଜେସ୍ଥଳୀ, ପଦ୍ମପୁର (ଖାରଡ଼ପଲ୍ଲୀ), ବୋଲଗଡ଼, ସମୟ: ପ୍ରାତଃ ୫ଟା।
- କାଇପଦର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: କାଇପଦର ପଡିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ଶ୍ରୀ ଅଭିରାମ ପରମହଂସ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶାନ୍ତି ଆନନ୍ଦାଶ୍ରମ, ବାଖରାବାଦ ଶାଖା, ରୂପସା, ସମୟ: ସକାଳ ୮ଟା।
- ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୧୯୭୪ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ବରି ହାଇସ୍କୁଲ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, କଂଗ୍ରେସ ଗଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କୁଟାରୀଶୁଣୀ ଓ ବୁଢ଼ୀଜାଗୁଳାଇ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: କୁଟାରୀ, ସିମୁଳିଆ, ସମୟ: ଦିବସ ବ୍ୟାପୀ।
- ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସଲ୍ଟ ରୋଡ୍, ସୁନ୍ଦରୀ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଖଇରା ବ୍ଲକ ବଟେଶ୍ୱର ଗ୍ରାମରେ ହରିହର ମିଳନ ଉତ୍ସବ, ସ୍ଥାନ: ବଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଶହୀଦ ଭଗତ୍ ସିଂ, ରାଜଗୁରୁ ଓ ସୁଖ ଦେବଙ୍କ ୯୩ତମ ବଳିଦାନ ଦିବସ ପାଳନ, ସ୍ଥାନ: ଅଗ୍ରସେନ ଭବନ, ଚରମ୍ପା, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାନ୍ତି ଶିଶୁବିହାରର ବାର୍ଷିକୋତ୍ସବ, ସ୍ଥାନ: ବେତଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୁଦର୍ଶନପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ସୋଫିଆ ଇଂଲିଶ ମାଧମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରଜିଆଠାରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ରଜିଆ, ଚମ୍ପୁଆ, ସମୟ : ସକାଳ ୮ ଟା।
- ମାଇନିଂ ଟେକ ଫେଷ୍ଟ, ସ୍ଥାନ: ସରକାରୀ ଇଞ୍ଜିନିୟରିଂ କଲେଜ, କେନ୍ଦୁଝର, ସମୟ: ସକାଳ ୯ ଟା।
- ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଉଦଳା କଲେଜ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକଙ୍କୁ ସ୍ୱାଗତ ଓ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଉଦଳା କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର ପରିସର, ଉଦଳା, ସମୟ: ଅପରାହ୍ନ ୫ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ବ୍ୟାପି ଅଖଣ୍ଡ ନାମଯଜ୍ଞ ଓ ସଂକୀର୍ତ୍ତନ, ସ୍ଥାନ: ବାରୁଣୀ ରୋଡ୍, ମଧୁବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ସୁଧାମୟୀ ଓ ଭୀଷ୍ମଦେବ ବଡପଣ୍ଡା ସ୍ମୃତିରେ ନାମଯଜ୍ଞ, ସ୍ଥାନ: ଝୁଝୁମୁରା ବ୍ଲକ ଅନ୍ତର୍ଗତ ପଡିଆବାହାଲ, ସମୟ: ସକାଳ ୮ଟା।
- ସୁଇଟ୍‌ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆବାହନ–୨୦୨୪, ସ୍ଥାନ: ସୁଇଟ୍ ପରିସର, ସମୟ: ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସେଲିବ୍ରେଶନ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ହାସ୍ୟ କବି ସମ୍ମିଳନୀ, ସ୍ଥାନ: ନଟରାଜ ପେଲେସ୍, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକ ପାତରପାଲି ଗ୍ରାମ, ସମୟ: ସକାଳ ୭ଟା।
- ଚବିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ବୀରମହାରାଜପୁର , ସମୟ: ସକାଳ ୭ଟା।
- ହୋଲି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦିଗିଶିରା ଯାତ୍ରା ପଡିଆ, ସମୟ: ଅପରାହ୍ନ ୪ଟା ୩୦।
- ଦେଶ୍‌ଫାଲ୍ ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା,ସ୍ଥାନ: ଧର୍ମଶାଳା ଦୋଳମଣ୍ଡପ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ସରଗଜରେ ବିଷ୍ଣୁ ମହାଯଜ୍ଞର ଅଷ୍ଟମ ଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସରଗଜ ପଡିଆ, ସମୟ: ସନ୍ଧ୍ୟା ୭ଟା ।

## ରାଉରକେଲା

- ଶିବଶକ୍ତି ପୀଠରେ ରାମଚରିତ ମାନସ ଓ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପ୍ରାତଃ ସାଢେ ୬ଟା।
- ଡିୱାଇଏଫ୍‌ଆଇ ପକ୍ଷରୁ ୯୩ତମ ଫାଶୀ ଦିବସ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୮ଟା।
- ରାଉରକେଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୨୧, ସମୟ: ପୂର୍ବାହ୍ନ ୧୧ଟା।
- ଦି ମିରର୍ ପକ୍ଷରୁ ପ୍ରି ହୋଲି, ସ୍ଥାନ: ଲାଠିକଟା ଦୃଷ୍ଟିହୀନ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଆଇଏମ୍‌ଏମ୍ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- କାନଭାସ୍ ପକ୍ଷରୁ ରାଉରକେଲା ଦିବସ, ସ୍ଥାନ: ସେକ୍ଟର–୧୭ ପେଟ୍ରୋଲ ପମ୍ପ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ସମୟ: ସନ୍ଧ୍ୟା ୬ଟା।
- ରାଜସ୍ଥାନ ପରିଷଦ ପକ୍ଷରୁ ହୋଲି କାର୍ଯ୍ୟକ୍ରମ, ସ୍ଥାନ: ଅମର ଭବନ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ସନ୍ଧ୍ୟା: ୬ଟା ୩୦।

## ସୁନ୍ଦରଗଡ଼

- ଏକ୍ସକ୍ୟାଡର ଶିକ୍ଷକ ସଂଘ ବୈଠକ, ସ୍ଥାନ: ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ:୧୧ଟା।

## ବରଗଡ଼

- ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ, ସ୍ଥାନ: ଗୁରୁଦ୍ୱାରା ଛକ, ବରଗଡ଼, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ, ବରପାଲି, ସମୟ: ସକାଳ ୯ଟା।
- ନିଆଁରୁ ଜଙ୍ଗଲକୁ ରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ସଂଯୁକ୍ତ ଯୁବ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ମହାରାଜା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓବିସି ମଞ୍ଚର ଖବରଦାତା ସମ୍ମିଳନୀ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା
- ନିଆଁରୁ ଜଙ୍ଗଲକୁ ରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୃସିଂହନାଥ ହାଇସ୍କୁଲ, ପାଇକମାଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି

- ଶାସ୍ତ୍ରିଜୀ ଶିକ୍ଷା ନିକେତନରେ ବିଜ୍ଞାନ, ଗଣିତ ମେଳା ଓ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଭବାନୀପାଟଣା ଚକ୍ରଧରନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ମହୋତ୍ସବ ପାଇଁ ଶୋଭାଯାତ୍ରା, ଅଧିବାସ, ସ୍ଥାନ: କୋକସରା ବ୍ଲକ ଚିଲିଗୁଡା, ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସଯାତ୍ରା ଓ ଅଧିବାସ, ସ୍ଥାନ: କୋକସରା ବ୍ଲକ ସର୍ଗିଗୁଡା, ସମୟ: ଅପରାହ୍ନ ୫ଟା ୩୦ ମିନିଟ୍।
- ବିଶେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୋଳ ଉତ୍ସବ ଉଦ୍‌ଘାଟିତ, ସ୍ଥାନ: ନର୍ଲା ବ୍ଲକ ରୂପ୍ରା ଖମ୍ବପଡା, ସମୟ: ସନ୍ଧ୍ୟା ୬ଟା।
- ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକ ସଙ୍ଗୀତର ଉତ୍ସବ ସଙ୍ଗୀତାୟନ ଉଦଘାଟିତ୍, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ୍।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଟିକ୍ରାପଡ଼ା ଗାଁର ମଝିପଡା, ସମୟ: ଅପରାହ୍ନ ୪ଟା।
- କ୍ରିୟାଯୋଗ ସତସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଖଡ଼ିଆଳ ଶ୍ରୀଜି ମଣ୍ଡପଠାରେ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକ କମିରା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିନ, ସ୍ଥାନ: କମିରା, ସମୟ: ସକାଳ ୬ଟା ।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ତବଡା ଗ୍ରାମର ଶିବମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିନ, ସ୍ଥାନ: ତବଡା ଶିବମନ୍ଦିର, ସମୟ: ଅହୋରାତ୍ର।
- ବୌଦ୍ଧ ବ୍ଲକ ଅଁଳାପାଲିରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ପଞ୍ଚମ ଦିବସ , ସ୍ଥାନ: ଅଁଳାପାଲି , ସମୟ: ସନ୍ଧ୍ୟା ୭ଟା।
- ବୌଦ୍ଧ ବ୍ଲକ ବହିରାରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ପଞ୍ଚମ ଦିବସ, ସ୍ଥାନ: ବହିରା ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ରୌନକ ପ୍ଲାଜା, ସମୟ: ମଧ୍ୟାହ୍ନ ୧୨ଟା୩୦।

## ଝାରସୁଗୁଡ଼ା

- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ, ସ୍ଥାନ: ଲମତିବାହାଲସ୍ଥିତ ଜ୍ୟୋତି କ୍ଲବ ପରିସର, ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ହିଲ୍‌ଟପ୍ କଲୋନୀ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ନିରପେକ୍ଷ ସାଧାରଣ ନିର୍ବାଚନ ପାଇଁ ପୋଲିସ କର୍ମଚାରୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ସକାଳ ୧୦ଟା।
- ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କ ଜିଲାସ୍ତରୀୟ ନିର୍ବାଚନୀ ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ସକାଳ ୧୦ଟା
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ରାୟଗଡ଼ା, ସମୟ: ପୂର୍ବାହ୍ନ୧୧ଟା।

## ନବରଙ୍ଗପୁର

- ଏଏପିର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସୁନାରିସାହି, ସମୟ: ପୂର୍ବାହ୍ନ ୯ଟା।

## ମାଲକାନଗିରି

- ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାଲକାନଗିରି ଗସ୍ତ, ସମୀକ୍ଷା, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦୩୦।
- ବିଶ୍ୱ ଯକ୍ଷ୍ମା ଦିବସ ପାଳନ,ସ୍ଥାନ: ରକ୍ତଭଣ୍ଡାର ପରିସର, ସମୟ ପୂର୍ବାହ୍ନ ୧୦୩୦।

## କେନ୍ଦ୍ରାପଡ଼ା

- ସତୀର୍ଥ ପକ୍ଷରୁ ବସନ୍ତ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, କୋରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ବାର୍ଷିକ ସାଗରବେଳା ମହୋତ୍ସବ, ସ୍ଥାନ: ପେଣ୍ଥ ବେଳାଭୂମି, ରାଜନଗର, ସମୟ: ଅପରାହ୍ନ ୪ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚାର ଗଣତନ୍ତ୍ର ବଞ୍ଚାଅ ସମାବେଶ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ରଘୁନାଥଜୀଉ ପୀଠ, ସନ୍ଥପଡା ଓ ଗୋବିନ୍ଦପୁର, ରାଜନଗର, ସମୟ: ସକାଳ ୬ଟା।
- ପ୍ରଗତି ଯୁବକ ସଂଘ ପକ୍ଷରୁ ମା' ବଜ୍ରବୁଢ଼ୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ତେରଗାଁ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଗୁପ୍ତ ଯଜ୍ଞ, ସ୍ଥାନ: ତଳାତୀପଡିଆ, ବେଲାର ନୂଆଁଗା, ତେରଗାଁ, ମହାକାଳପଡା, ସମୟ– ଅପରାହ୍ନ ୪ଟା।ପ୍ରସିଦ୍ଧ ରାଜନଗର ଦୋଳ ମେଳଣ, ସ୍ଥାନ: ରାଜନଗର, ଡେରାବିଶ ବ୍ଲକ, ସମୟ ଅପରାହ୍ନ ୫ଟା ।

## ଯାଜପୁର

- ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ଗୁଗୁଲ ମଣ୍ଡପ ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଧର୍ମଶାଳା ପବ୍ଲିକ ସ୍କୁଲର ଅଭିଭାବକ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ ଶଙ୍ଖଖାରୀଡ଼ିହସ୍ଥିତ ପବ୍ଲିକ ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।
- ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଜାରକାସ୍ଥିତ ବିଜୁ ଗ୍ରାମୀଣ ବଜାର,ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ଭଗତ ସିଂହଙ୍କ ଶହୀଦ ଦିବସ, ସ୍ଥାନ: ଗୋଡିପଡା ଶହୀଦ ଭଗତ ସିଂ ମଣ୍ଡପ, ସମୟ: ସକାଳ ୮ ଟା।
- ଶହୀଦ ଭଗତ ସିଂହଙ୍କ ଶହୀଦ ଦିବସରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ ଟା।
- ତୃତୀୟ ବାର୍ଷିକ ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଚାଉପଲ୍ଲୀ ଗାଁ, ସମୟ: ସକାଳ ୮ଟା।
- ନୀଳମାଧବଙ୍କ ଚାଚେରୀ ଭୋଗଖିଆ, ସ୍ଥାନ: କଣ୍ଟିଲୋ ଗାଁ ପରିକ୍ରମା, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଢେଙ୍କାନାଳ

- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାମାକ୍ଷାନଗରର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର କାମାକ୍ଷାନଗର ସମୟ: ଅପରାହ୍ନ ୫ଟା।

## ଅନୁଗୋଳ

- ନିର୍ବାଚନ ଜନିତ ସେକ୍ଟର ଅଧିକାରୀଙ୍କ ବୈଠକ, ସ୍ଥାନ: ତାଳଚେର ବ୍ଲକ କାର୍ଯ୍ୟାଳୟ, ବଣ୍ଟାରପାଳ ବ୍ଲକ, ଅନୁଗୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ନିର୍ବାଚନ ଜନିତ ବିଏଲ୍‌ଓ ବୈଠକ, ସ୍ଥାନ: ଅନୁଗୋଳ ବ୍ଲକ କାର୍ଯ୍ୟାଳୟ, ତାଳଚେର ବ୍ଲକ, ବଣ୍ଟାରପାଳ ବ୍ଲକ, କଣିହାଁ ବ୍ଲକ, ପାଲଲହଡା ବ୍ଲକ, ଆଠମଲ୍ଲିକ ବ୍ଲକ, ଛେଣ୍ଡିପଦା ବ୍ଲକ, କିଶୋରନଗର ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ହୋଲି ମିଳନ ଉତ୍ସବ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜମଣ୍ଡପ, ସମୟ: ଅପରାହ୍ନ ୪ଟା

## କନ୍ଧମାଳ

- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଖଜୁରିପଡ଼ା ବନ୍ଧସାହି, ସମୟ : ସକାଳ ୭ଟା।

## ଗଜପତି

- ଲେଖକ ଲେଖିକା ବହି ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ପାରଳାଖେମୁଣ୍ଡି ଉତ୍କଳ ହିତୈଷିଣୀ ସମାଜ ସଭାଗୃହ, ସମୟ: ଅପରାହ୍ନ ୪ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରିବାରେ ସହାୟ ହେବ। ଖାଦ୍ୟପେୟର ଅନିୟମିତତା କାରଣରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ ଯେଉଁଥିପାଇଁ ଆବଶ୍ୟକ ମନେ କରୁଥିଲେ ତାହାକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଅଧାପନା, ପ୍ରଶାସନିକ ସେବା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** – ଆଜିର କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମ କରି ଆଶାକୁ ଚରିତାର୍ଥ କରିବେ। ବିବାଦୀୟ ସମସ୍ୟାକୁ ନେଇ ଟେନ୍‌ସନ୍ ବଢ଼ିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ** – ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ବାଧ ହେବେ। ସରକାରୀ କ୍ଷେତ୍ରରୁ ଆର୍ଥିକ ସାହାଯ୍ୟ ପାଇବେ ଏବଂ ବନ୍ଧୁମାନଙ୍କ ପରାମର୍ଶକୁ ଅନିଚ୍ଛା ସତ୍ତ୍ୱେ ଗ୍ରହଣ କରିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ** – ଆତ୍ମୀୟମାନେ ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପ୍ରଦାନରେ ସହାୟ ହେବେ। ପ୍ରକାଶନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମ ସହଜରେ ସାଧିତ ହେବ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି।

**ସିଂହ** – ଆଜି ସକାଳୁ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିବାକୁ ପଡ଼ିପାରେ। ଆର୍ଥିକ ଅନଟନକୁ କେନ୍ଦ୍ରକରି ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହୋଇପାରନ୍ତି। ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ। ଅଧିକାଂଶ ସମୟରେ ମନ ବିଚଳିତ ରହିବ।

**କନ୍ୟା** – ଆପଣଙ୍କ ସୁଚିନ୍ତିତ ବିଚାରଧାରା ଓ କାର୍ଯ୍ୟପ୍ରଣାଳୀ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବାରେ ସହାୟକ ହେବ। ସମୟୋପଯୋଗୀ ପଦକ୍ଷେପ ନେବା ସହ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ମନ ଭାରାକ୍ରାନ୍ତ ରହିବ। ଅଭାବନୀୟ ପରିସ୍ଥିତି ମଧ୍ୟରେ କାମ କରିବାକୁ ବାଧ ହେବେ।

**ତୁଳା** – ଆଜି ମାନସିକ ସ୍ଥିରତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, କାର୍ଯ୍ୟ ସିଦ୍ଧି ସହ ଅର୍ଥପ୍ରାପ୍ତିରୁ ମନ ଖୁସି ରହିବ। ମାତ୍ର ବିଶେଷ ଭାବରେ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ। ସନ୍ଧ୍ୟା ସମୟରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା** – କିଛି ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ଲାଗି ରହିଥିବା ସମସ୍ୟାର ଗତି ବଦଳିଯିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଲୋଚନା ପରିସରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ଧନୁ** – ଅସାବଧାନତା କାରଣରୁ ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ପାଇବାର ସମ୍ଭାବନା ରହିଛି। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିବ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ।

**ମକର** – କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆଲୋଚନା ଅବସରରେ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିହିଁ ଶେଷ କରିବାକୁ ଚିନ୍ତା କରୁଥିବା କାମଟିରେ ନିରାଶ ହେବାକୁ ପଡ଼ିପାରେ।

**କୁମ୍ଭ** – ସମସ୍ତ ସୁବିଧା ଥିଲେ ମଧ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ** – ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରିବା ହେତୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ମଧ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ, ଜୟୀରାଜଗୁରୁ, ଭଗତ ସିଂ ଏବଂ ସୁଖଦେବଙ୍କ ଶହୀଦ୍ ଦିବସ, ଆର୍ଥଆୱାର ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶନିବାର, ରାଶିନକ୍ଷତ୍ର–ପୂର୍ବା ଫାଲଗୁନୀ/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୨ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୨ ଗତେ ଘ.୧୦।୨୨ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ବିଜେଡି ଛାଡ଼ିଲେ ...

ପାଇଁ ତାରିଖ ଘୋଷଣା ହୋଇସାରିଛି। କିନ୍ତୁ ଏହି ସମୟରେ ବିଜେଡି ପାଖରୁ ଦୂରେଇ ରହିବା ଆବଶ୍ୟକ ଭାବି ଏପରି ନିଷ୍ପତ୍ତି ନେଇଛି। ଏପରି ନିଷ୍ପତ୍ତି ନେବାର କାରଣ ଯେ, ବିଜେଡିରେ ବହୁ ପରିବର୍ତ୍ତନ ହୋଇସାରିଛି। ଦୁର୍ନୀତି ବିରୋଧରେ ଲଢିବା ପାଇଁ ବିଜେଡି ଗଠନ ହୋଇଥିଲା। ହେଲେ ଏବେ ତାହାର ଚିତ୍ର ସମ୍ପୂର୍ଣ୍ଣ ଭାବେ ଓଲଟା ହୋଇସାରିଛି। ପୂର୍ବରୁ ଯେଉଁ ଭଲ କାମ ବିଜେଡିରେ ହେଉଥିଲା ସେଥିପାଇଁ ଓଡ଼ିଶାବାସୀ ବିଜେଡିକୁ ସମର୍ଥନ ଦେଉଥିଲେ। ଏବେ ଦଳକୁ ପରିଚାଳନା ଠିକ୍ ଭାବରେ କରାଯାଉନାହିଁ। ଗତ କିଛିବର୍ଷ ଧରି ଦଳର ସଞ୍ଚାଳନା ଓ ପରିଚାଳନା ଯେଉଁଭଳି ଭାବେ ଚାଲିଛି, ସେବାବଦରେ ବହୁଥର ସ୍ୱର ଉଠାଇଛି। କିନ୍ତୁ ତାହା ସଫଳ ହେଲାନାହିଁ। ଏପରି କି ବିଜେଡିରେ ମୋର ଅନୁଭବକୁ ପ୍ରକାଶ କରିବା ପାଇଁ ବାଧା ଦିଆଯାଉଥିଲା। ଯଦି କିଛି କହୁଥିଲି, ତାହାକୁ ସମାଲୋଚନା କରାଯାଉଥିଲା। ସବୁଠୁ ବଡ଼ କଥା ହେଲା ଧୈର୍ଯ୍ୟର ସୀମା ରହିଥାଏ। କିନ୍ତୁ ମୋ ପାଇଁ ଏହି ସୀମା ଅତିକ୍ରାନ୍ତ କରିଯାଇଛି। ଫଳରେ ମୁଁ ଧୈର୍ଯ୍ୟଚ୍ୟୁତ୍ ହୋଇପଡ଼ିଛି। ଦଳ ଯେପରି ଭାବରେ ନିୟନ୍ତ୍ରଣ ହେଉଛି, ସେଥିରେ ମୁଁ ନିଜକୁ ଖାପ୍ ଖୁଆଇ ପାରୁନାହିଁ କି ସେଥିରେ ସାମିଲ ହୋଇପାରୁନାହିଁ। ବିଭିନ୍ନ କାର୍ଯ୍ୟକ୍ରମରେ ମୋତେ ଅଣଦେଖା କରାଯାଇଛି। ମୁଁ ସବୁବେଳେ ଓଡ଼ିଶାର ପ୍ରଗତି ପାଇଁ କାର୍ଯ୍ୟ କରିଛି। ମୋତେ ଶ୍ରେଷ୍ଠ ଏମ୍‌ପି ଭାବରେ ପୁରସ୍କାର ମଧ ମିଳିଛି। ସରକାର ବିଜେଡିର। ସେହି ବିଜେଡି ଦୀର୍ଘ ୧୩ ବର୍ଷ ପରେ ମୋ ବିରୋଧରେ ମକଦ୍ଦମା କିପରି କରୁଛି ବୋଲି ଏମ୍‌ପି ଭର୍ତ୍ତୃହରି ପ୍ରଶ୍ନ ଉଠାଇଛନ୍ତି। ଦଳ ଯେପରି ପରିଚାଳିତ ହେଉଛି, ମୁଁ ଅସହାୟ ହୋଇପଡ଼ିଛି। ଦଳର ଆଚରଣକୁ ସଂଶୋଧନ କରିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରି ବିଫଳ ହୋଇଛି। ତେଣୁ ଏଭଳି ପରିସ୍ଥିତିରେ ମୁଁ ଦଳରେ ରହିବା ସମ୍ଭବପର ହେଲାନାହିଁ। ସରକାରଙ୍କ ପରିଚାଳନାରେ ତ୍ରୁଟି ସମ୍ପର୍କରେ ମୁଁ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ବିଫଳ ହୋଇଛି। ତେଣୁ ଦଳରୁ ଦୂରେଇ ଯିବା ଭଲ ବୋଲି ଚିନ୍ତା କରିବା ପରେ ଭଗ୍ନ ହୃଦୟରେ ଇସ୍ତଫା ପ୍ରଦାନ କରିଥିବା ନେଇ ଭର୍ତ୍ତୃହରି କହିଛନ୍ତି। ବିଜେଡିରୁ ଇସ୍ତଫା ଦେବା ପରେ ଅନ୍ୟ ଦଳ ଖାସ୍ କରି ଭାଜପାରେ ଯୋଗଦେବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଭର୍ତ୍ତୃହରି କହିଛନ୍ତି, ପୁନର୍ବାର ମୁଁ ବନ୍ଧନ ମଧ୍ୟକୁ ଯିବି କି ନାହିଁ ତାହା ସମୟ କହିବ। ମୁଁ କଟକର ଭୋଟର ଭାବେ କ'ଣ କରିବା ଉଚିତ୍ ସେନେଇ ମୋର ଯେଉଁ ଶୁଭେଚ୍ଛୁ ଓ ବନ୍ଧୁମାନେ ରହିଛନ୍ତି ସେମାନଙ୍କ ସହ ଆଲୋଚନା କରିବି।

## ଟିକେଟ,ପଦବୀ ଲୋଭରେ ଭାଜପାକୁ ଯାଉଛନ୍ତି ଭର୍ତ୍ତୃହରି: ବିଜେଡି

ଭୁବନେଶ୍ୱର,୨୨।୩(ଅନିଲ ଦାସ)– ଭର୍ତ୍ତୃହରି ମହତାବଙ୍କୁ ୬ ଥର ବିଜେଡିରୁ ସାଂସଦ ଟିକେଟ ଦିଆଯାଇ ଦିଲ୍ଲୀ ପଠାଯାଇଥିଲା। ୨୦୧୪ ଓ ୨୦୧୯ରେ ଶେଷ ମୁହୂର୍ତ୍ତରେ ଟିକେଟ ଦିଆଯାଇଥିଲା। କାରଣ ତାଙ୍କ ସ୍ଥିତି କଟକରେ ଭଲ ନ ଥିଲା। ସେ ଦିନକୁ ଦିନ ଲୋକଙ୍କଠାରୁ ଦୂରେଇ ଯାଇଥିଲେ। ସେ ଜାଣିସାରିଥିଲେ ଯେ ଏଥର ସେ ଟିକେଟ ପାଇବେ ନାହିଁ। ଏ ସମ୍ପର୍କରେ ସେ ଦଳରୁ ବି ଇସାରା ପାଇଥିଲେ। ସେ ବହୁଦିନରୁ ଭାଜପା ସହ ସମ୍ପର୍କରେ ଥିଲେ। ଟିକେଟ ଓ ପଦପଦବୀ ପାଇବା ଲୋଭରେ ସେ ଭାଜପାକୁ ଯାଉଛନ୍ତି ବୋଲି ଶୁକ୍ରବାର ଶଙ୍ଖଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମାହାଙ୍ଗା ବିଧାୟକ ତଥା ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରତାପ ଜେନା କହିଛନ୍ତି।

## ୨୮ ଯାଏ ଇଡି ...

ବରିଷ୍ଠ ଆଇନଜୀବୀ ଅଭିଷେକମନୁ ସିଂଘଭୀ କହିଥିଲେ, ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ଗିରଫଦାରି କ୍ଷମତା ଆବଶ୍ୟକତା ସହ ସମାନ ନୁହେଁ। କେଜ୍‌ରିୱାଲଙ୍କୁ ଗିରଫ କରିବା ଜରୁରୀ ନ ଥିଲା। ତେଣୁ ଇଡିକୁ ରିମାଣ୍ଡ୍ ଅନୁମତି ଦିଆ ନ ଯାଉ ବୋଲି ସେ କୋର୍ଟଙ୍କୁ ନିବେଦନ କରିଥିଲେ। ସେହିପରି କେଜ୍‌ରିୱାଲଙ୍କ ଅନ୍ୟ ଜଣେ ଓକିଲ ବିକ୍ରମ ଚୌଧରୀ କହିଥିଲେ, ଇଡି ବିଚାରପତି ଓ ଦଣ୍ଡବିଧାନକାରୀ ପାଲଟିଯାଇଛି। ପ୍ରକାଶ ଯେ, ଇଡି ଅଧିକାରୀମାନେ ଗୁରୁବାର କେଜ୍‌ରିୱାଲଙ୍କ ସରକାରୀ ବାସଭବନରେ ଚଢ଼ାଉକରି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଥିଲେ। ପ୍ରାୟ ୨ ଘଣ୍ଟାର ପଚରାଉଚରା ପରେ ରାତି ପ୍ରାୟ ୯ଟାରେ ସେମାନେ ୫୫ ବର୍ଷୀୟ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିଥିଲେ। କେଜ୍‌ରିୱାଲ ନିଜ ଗିରଫଦାରି ବିରୋଧରେ ଦାଖଲ ପିଟିଶନକୁ ସୁପ୍ରିମକୋର୍ଟରୁ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟପକ୍ଷେ କେଜ୍‌ରିୱାଲଙ୍କ ଗିରଫଦାରି ପରେ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଆପ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀ ସରକାରର ୨ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏବଂ ଆତିଶୀ ଦଳୀୟ ସମର୍ଥକଙ୍କ ସହ ଡବ୍ଲ୍ୟୁଟିଓ ସମ୍ମୁଖରେ ବିକ୍ଷୋଭ କରୁଥିବାବେଳେ ପୋଲିସ ଉଭୟଙ୍କୁ ବସ୍‌ରେ ନେଇ ଅଟକ ରଖିଥିଲା।

## ଗିରଫଦାରି ଦିଲ୍ଲୀବାସୀଙ୍କ ସହ ବିଶ୍ୱାସଘାତ: କେଜ୍‌ରିୱାଲଙ୍କ ସ୍ତ୍ରୀ

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ଦିଲ୍ଲୀବାସୀଙ୍କ ସହ ବିଶ୍ୱାସଘାତ ବୋଲି ତାଙ୍କ ସ୍ତ୍ରୀ ସୁନିତା କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ନିଜ ଏକ୍ସ' ହ୍ୟାଣ୍ଡେଲରେ ସୁନିତା କହିଛନ୍ତି, ଦିଲ୍ଲୀବାସୀଙ୍କ ଦ୍ୱାରା ୩ ଥର ନିର୍ବାଚିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ଷମତାର ଅହଂକାର ପାଇଁ ଗିରଫ କରାଯାଇଛି। ଏହା ଦିଲ୍ଲୀର ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତ। ମୁଖ୍ୟମନ୍ତ୍ରୀ ସର୍ବଦା ଆପଣମାନଙ୍କ ସହ ଛିଡ଼ାହୋଇ ଆସିଛନ୍ତି। ଜେଲ୍ ଭିତରୁ ହେଉ କି ବାହାରୁ ତାଙ୍କ ଜୀବନ ଆପଣମାନଙ୍କ ପ୍ରତି ସମର୍ପିତ ବୋଲି ସୁନିତା ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।



ସୁନିତା କେଜ୍‌ରିୱାଲ

**ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା ଉଦ୍ୟମ** କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା କାରାଗାର ପରିସରରେ ଜଣେ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ସଦର ଥାନା ଅନ୍ତର୍ଗତ କାଠବାରି ପଞ୍ଚାୟତର ବୋଧବାହାଳି ଗ୍ରାମର ଅଜୟ ଦାସ(୨୫)। ସେ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଗିରଫ ହୋଇ ଗତ ୧୧ ମାସ ହେବ କେନ୍ଦୁଝର ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ଜେଲରେ ସୁରକ୍ଷା ତ୍ରୁଟି ପାଇଁ ଏପରି ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।




# ଖିଲାପକାରୀଙ୍କ ନାଁରେ ମାମଲା ରୁଜୁ ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ

## ବନ୍ୟପ୍ରାଣୀଙ୍କ ଭିଡିଓକୁ ନେଇ ଆକ୍ସନ ମୁଡ୍‌ରେ ବନ ବିଭାଗ

### ଭିଡିଓ ଡିଲିଟ୍ ପାଇଁ ୟୁଟ୍ୟୁବ୍‌କୁ ଚିଠି

ଭୁବନେଶ୍ୱର,୨୨।୩(ଅସମାପିକା ସାହୁ)

ସଂରକ୍ଷିତ ବନ୍ୟପ୍ରାଣୀଙ୍କୁ ଧରି ବେଆଇନ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟା ଭିଡ଼ିଛି ରାଜ୍ୟ ବନ ବିଭାଗ। ଏଥିପାଇଁ ପୂରା ଆକ୍ସନ ମୁଡ୍‌ରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ। ଯେଉଁମାନେ ୟୁଟ୍ୟୁବ୍ ଭିଡିଓ ପୋଷ୍ଟ କରୁଛନ୍ତି ସେମାନଙ୍କୁ ତାଗିଦ କରିବା ସହିତ ସେସବୁକୁ ଡିଲିଟ୍ କରିବା ପାଇଁ ମଧ୍ୟ ଚେତାବନୀ ଦେଇଛି। ତେବେ କେତେଜଣ ବନ ବିଭାଗ ପାଖରେ ଅଣ୍ଡରଟେକିଂ ଦେଇଥିଲେ ମଧ୍ୟ ପୋଷ୍ଟଗୁଡିକୁ ଡିଲିଟ୍ କରି ନ ଥିଲେ। ତେଣୁ ବନ ବିଭାଗ ୟୁଟ୍ୟୁବ୍‌କୁ ଚିଠି ଲେଖିଛି। ୟୁଟ୍ୟୁବ୍ ସେଥିରୁ କିଛି ପୋଷ୍ଟ ଡିଲିଟ୍ କରିଥିବା ବେଳେ ଆଉକିଛି ଭିଡିଓ ରହିଥିବା ଦେଖାଯାଇଛି।

ଏ ସମ୍ପର୍କରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ ଶୁଟ୍ କରି ବ୍ୟବସାୟିକ ଭିତ୍ତିରେ ଟଙ୍କା କାରବାର ବେଆଇନ ବୋଲି ପ୍ରାରମ୍ଭିକ ପର୍ଯ୍ୟାୟରେ ୟୁଟ୍ୟୁବ୍ କମ୍ପାନୀକୁ ଚିଠି ଲେଖାଯାଇଛି। ଏଥିସହ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆ କମ୍ପାନୀଙ୍କୁ ମଧ୍ୟ ଜଣାଇ ଦିଆଯିବ। ଯଦି କମ୍ପାନୀମାନେ ଅମାନିଆ ହେବେ, ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନକାରୀଙ୍କ ଭିଡିଓ ସବୁ ଡିଲିଟ ନ କରିବେ, ତେବେ ଭାରତରେ ଥିବା କମ୍ପାନୀଗୁଡିକର ପ୍ରତିନିଧିଙ୍କୁ ବନ୍ୟପ୍ରାଣୀ ଅପରାଧ ପାଇଁ ପ୍ରୋତ୍ସାହନକାରୀ ଭାବେ ସେମାନଙ୍କ ବିରୋଧରେ ଆବଶ୍ୟକ ଦଫା ଲଗାଯିବ। ଖାଲି ସେତିକି ନୁହେଁ, ସୋସିଆଲ ମିଡିଆ କମ୍ପାନୀମାନେ ନିଜର କମ୍ୟୁନିଟି ଗାଇଡ୍‌ଲାଇନ୍‌ରେ ବନ୍ୟପ୍ରାଣୀଙ୍କୁ ଧରି ଭିଡିଓ ପୋଷ୍ଟ କରିବା ବେଆଇନ ବୋଲି ଲେଖି ଲୋକଙ୍କୁ ଜଣାଇବା ପାଇଁ ଆମେ ସୋସିଆଲ ମିଡିଆ କମ୍ପାନୀଙ୍କୁ ବାଧ କରିବୁ ବୋଲି ପିସିସିଏଫ୍ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଦଫା ୫୨ (Attempt and abetment)ରେ ମାମଲା ରୁଜୁ ହେଲେ ସୋସିଆଲ ମିଡିଆ କମ୍ପାନୀ ଅଧିକାରୀ ମଧ୍ୟ ୭ ବର୍ଷ ଯାଏ ଜେଲଦଣ୍ଡ ଭୋଗିବାର ପ୍ରାବଧାନ ରହିଛି। ଓଡ଼ିଶାରେ ଅନେକ ଲୋକ ପ୍ରସିଦ୍ଧ ହେବା ନିଶାରେ ହେଉ ବା ଟଙ୍କା ରୋଜଗାର କରିବା ଆଶାରେ ବନ୍ୟପ୍ରାଣୀଙ୍କୁ ଧରି ବିଭିନ୍ନ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିଆସୁଥିଲେ। ଗତ ୧୫ ତାରିଖରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ ଏହି ଆଇନକୁ କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦେବା ସହ ସଂରକ୍ଷିତ ବନ୍ୟପ୍ରାଣୀ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିବା ଭଳି ବେଆଇନ ପୋଷ୍ଟ ଉପରେ ନିଷେଧାଜ୍ଞା ଜାରି କରିଥିଲା। ଜୀବନ୍ତ ବନ୍ୟପ୍ରାଣୀଙ୍କୁ ଧରି ଫଟୋ/ଭିଡିଓ କଲେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଦଫା ୯ ଲଗାଇ ମାମଲା କୋର୍ଟକୁ ପଠେଇବା ପାଇଁ ଆଦେଶ ଦେଇଥିଲେ। ତେବେ ମାଙ୍କଡ଼, ସାପ ଆଦି ବନ୍ୟପ୍ରାଣୀଙ୍କୁ ଧରି ଭିଡିଓରୁ ଲକ୍ଷାଧିକ ଟଙ୍କା ରୋଜଗାର କରିଆସୁଥିବା କିଛି ଲୋକ ବନ ବିଭାଗର ଆଦେଶକୁ ଅମାନ୍ୟ କରି ସେହିଭଳି ବେଆଇନ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଜାରି ରଖିଥିବାରୁ ବନ ବିଭାଗ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ସମ୍ପୃକ୍ତ ଖିଲାପକାରୀଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବନ ବିଭାଗର ଏଭଳି ଦ୍ୱରିତ କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ଯେଉଁମାନେ ଏହାର ପାଳନ କରୁନାହାନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରାମର୍ଶ ଦେଇଛନ୍ତି। ସେମାନଙ୍କ କହିବାନୁସାରେ, ଜଣେ ବ୍ୟକ୍ତି ଭିଡିଓ ଡିଲିଟ ନ କରି ଅଣ୍ଡରଟେକିଂ ଦେଇଥିଲେ ମଧ୍ୟ ସ୍ଥାନୀୟ ଡିଏଫ୍‌ଓ କିପରି ଏହାର ଯାଞ୍ଚ କଲେନି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସ୍ଥାନୀୟ ଡିଏଫ୍‌ଓଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି।

# ଚିଟ୍‌ଫଣ୍ଡ ନାଁରେ ୫କୋଟି ଠକେଇ

## ଏତଲା ଦେଲେ ଠକାମିର ଶିକାର ହୋଇଥିବା ମହିଳା

ରାୟଗଡ଼ା,୨୨।୩
(ଆଶିଷ ରଞ୍ଜନ ପଣ୍ଡା)


ଠକେଇର ଶିକାର ହୋଇଥିବା ମହିଳାମାନେ ଅଭିଯୋଗ ପାଇଁ ଜିଲା ପୋଲିସ କାର୍ଯ୍ୟାଳୟକୁ ଆସିଛନ୍ତି।

ବେଆଇନ ଭାବେ ଚାଲିଥିବା ଚିଟ୍‌ଫଣ୍ଡ ସ୍କିମ୍ ଓ ସୁଧ କାରବାର ଉପରେ କୌଣସି ଅଙ୍କୁଶ ଲଗାଯାଇ ନ ଥିବାରୁ ଦିନକୁ ଦିନ ଏହି ବ୍ୟବସାୟ ବଢ଼ିବାରେ ଲାଗିଛି। ଫଳରେ କିଛି ଖଳ ପ୍ରକୃତିର ଲୋକ ଏହାର ସୁଯୋଗ ନେଇ ଲୋକଙ୍କୁ ଭୁଆଁ ବୁଲାଇ ଲକ୍ଷାଧିକ ଟଙ୍କା ଠକି ନେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରରେ। ରାୟଗଡ଼ା ସହରର ଜଣେ ମହିଳା ଚିଟ୍‌ଫଣ୍ଡ ନାଁରେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ଘଟଣା ଶୁକ୍ରବାର ସାମ୍ନାକୁ ଆସିଛି। ଠକାମିର ଶିକାର ହୋଇଥିବା ମହିଳାମାନେ ଶୁକ୍ରବାର ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ରାୟଗଡ଼ା ଟାଉନ ଥାନା ଅଧିକାରୀ କେକେବିକେ କହଁର ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ସହର ରିଂରୋଡ୍ ନିବାସୀ ତୃପ୍ତିରାଣୀ କର ପ୍ରାୟ ୩ ବର୍ଷ ହେବ ରାୟଗଡ଼ାରେ ରିଂରୋଡ୍, କୋଅପରେଟିଭ କଲୋନି ଓ ଏହାର ଆଖପାଖ ଅଞ୍ଚଳର ମହିଳାଙ୍କ ସହ ସମ୍ପର୍କ ସ୍ଥାପନକରି ଚିଟ୍‌ଫଣ୍ଡ ଆରମ୍ଭ କରିଥିଲେ। ପରେ ଉକ୍ତ ମହିଳାମାନଙ୍କଠାରୁ ସେ ଟଙ୍କା ସୁଧରେ ନେଇଥିଲେ। ପ୍ରଥମେ କମ୍ ରକମର ଚିଟ୍‌ଫଣ୍ଡ ଆରମ୍ଭକରି ମହିଳାମାନଙ୍କ ବିଶ୍ୱାସ ଜମାଇ ପରବର୍ତ୍ତୀ ସମୟରେ ବଡ଼ କାରବାର ଆରମ୍ଭ କରିଥିଲେ। ଏଥିସହ ସୁଧ ଦେବା ନାଁରେ ସେମାନଙ୍କଠାରୁ ନଗଦ ଟଙ୍କା ଋଣ ମଧ୍ୟ ନେଇଥିଲେ। ଏବେ ସେ ରହୁଥିବା ଘର ବିକ୍ରିକରି ସମସ୍ତଙ୍କ ଟଙ୍କା ନେଇ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଶାନ୍ତି ବାରିକଙ୍କର ୭ଲକ୍ଷ ୫୦ହଜାର, ସୁଚିଶ୍ରୀ ବାରିକଙ୍କ ୧୩ଲକ୍ଷ ୫୦ହଜାର, ସଞ୍ଜୁଦୁବି ଜୈନଙ୍କର ୧୫ଲକ୍ଷ, ଜେ.କଳାବତୀଙ୍କର ୪ଲକ୍ଷ, ରୁବିନା ମହାରଣାଙ୍କ ୨ଲକ୍ଷ, ଲିଲି ଦାସଙ୍କ ୭ଲକ୍ଷ, ଲକ୍ଷ୍ମୀପ୍ରିୟା ସିଂଙ୍କ ୧୦ଲକ୍ଷ ଏବଂ ରୀତାଞ୍ଜଳି ସାମନ୍ତରାୟଙ୍କର ୧୩ଗ୍ରାମ ସୁନା ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କର ଲକ୍ଷ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ତୃପ୍ତିରାଣୀ। ଅଭିଯୋଗକାରୀ ମହିଳାଙ୍କ କହିବାନୁସାରେ, ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ତୃପ୍ତିରାଣୀ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲକୁ ଫୋନ୍ କଲେ ମଧ୍ୟ ଫୋନ୍ ଉଠାଉ ନ ଥିବା ଏବଂ ପରେ ବନ୍ଦ କରିଦେଇଥିବା ଠକେଇର ଶିକାର ହୋଇଥିବା ମହିଳାମାନେ କହିଛନ୍ତି। ତେବେ ଏହି ଘଟଣାରେ ପୋଲିସ କିଭଳି ପଦକ୍ଷେପ ନେଉଛି ଏବଂ ତୃପ୍ତିରାଣୀଙ୍କୁ ଖୋଜି ପାଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ଧରାପଡ଼ିଲେ ୭ ଶିକାରୀ, ୭ ଦେଶୀ ବନ୍ଧୁକ ଜବତ

ନୀଳଗିରି,୨୨।୩
(ପ୍ରଶାନ୍ତ କୁମାର ବିଶ୍ୱାଳ)

ସୋମବାର ମଧ୍ୟରାତିରେ ବନବିଭାଗର ସର୍ଚ୍ଚ ଅପରେସନ ବେଳେ ଶିକାରୀଙ୍କ ଗୁଳିରେ ଦୁଇ ବନ କର୍ମଚାରୀ ଗୁରୁତର ହେବା ପରେ ଆକ୍ସନ ମୋଡକୁ ଆସିଛି କୁଲଡ଼ିହା ବନବିଭାଗ। ମଙ୍ଗଳବାର ଭୋର ସମୟରେ ନୀଳଗିରି ପୋଲିସ ଏବଂ ବନବିଭାଗର ମିଳିତ ଚଢାଉ ପରେ ଔପଦା ବ୍ଲକ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ ନାମକ ବ୍ୟକ୍ତିଙ୍କ ଘରୁ ୪ରୁ ଅଧିକ ଦେଶୀବନ୍ଧୁକ, ଲୁହା ବ୍ୟାରେଲ ସହ ବନ୍ଧୁକ ତିଆରି ସରଞ୍ଜାମ, ଦେଶୀ ପିସ୍ତଲ ମିଳିବା ପରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଠାବ କରାଯାଇଥିଲା। ତେବେ ଅଭୟାରଣ୍ୟ ପାଦଦେଶରେ ବହୁ ସଂଖ୍ୟାରେ ଦେଶୀ ବନ୍ଧୁକ ଥିବା ସୂଚନା ବନବିଭାଗ ପାଖରେ ଥିବାରୁ ଉକ୍ତ ଅଞ୍ଚଳରେ ବନ୍ୟପ୍ରାଣୀ ପିସିସିଏଫଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଏସିଏଫ ଶୋଭନ ଦିଗନ୍ତ ଚାନ୍ଦଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର, ଫରେଷ୍ଟଗାର୍ଡ, ସବୁଜବାହିନୀ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ବରହମପୁର ପୋଲିସର ମିଳିତ ସହଯୋଗରେ ଶୁକ୍ରବାର ଭୋର ସମୟରେ କୋମ୍ବିଂ ଅପରେଶନ କରାଯାଇଥିଲା। ଚଢ଼ାଉରେ ଟିଆକଟା ଗ୍ରାମର ରୁହ୍ୟା ସିଂ, ଉପରରାଉଡ଼ିଆ ଗ୍ରାମର ରବିନ କିସ୍କୁ, ବିଂଝୁ କିସ୍କୁ, ତଳ ରାଉଡିଆର ଶୁକୁରା ସିଂ, କୁଟିବନ୍ଧ ଗ୍ରାମର ସୁନାରାମ ସିଂ, ଗୌର ସିଂ ଏବଂ ମୁନସୀ ସିଂ ବୋଲି ସୂଚନା ମିଳିଛି। ସେମାନଙ୍କ ନିକଟରୁ ୭ଟି ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଅମ୍ରିତ୍ ଋତୁରାଜ ଢେଙ୍କାନାଳ ନୂତନ ଜିଲାପାଳ



ଢେଙ୍କାନାଳ,୨୨।୩(ରତନ ନାୟାର)

ରାଜ୍ୟ ସରକାରଙ୍କ ଶ୍ରମ କମିଶନର ତଥା ୨୦୧୫ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅମ୍ରିତ୍ ଋତୁରାଜ ଢେଙ୍କାନାଳ ଜିଲାର ନୂତନ ଜିଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଚିଠି କରାଯାଇଛି। ଏଥିପୂର୍ବରୁ ଢେଙ୍କାନାଳରେ ଜିଲାପାଳ ଥିବା ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ମନୋରଞ୍ଜନ ମଲ୍ଲିକଙ୍କୁ ଭାରତୀୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶରେ ବଦଳି କରାଯାଇଛି।

# ଗୁଜରାଟରୁ ଆସିଲା ବାୟୁସେନା ସର୍ଜେଣ୍ଟ ନାଗରାଜୁଙ୍କ ମରଶରୀର

ବିଷମକଟକ,୨୨।୩
(ବିଭୂତି ଭୂଷଣ ନାୟକ)

ହୃଦ୍‌ଘାତରେ କାର୍ଯ୍ୟରତ ଅବସ୍ଥାରେ ବୁଧବାର ମୃତ୍ୟୁବରଣ କରିଥିବା ବାୟୁସେନା ସର୍ଜେଣ୍ଟ ସି.ଏଚ୍.ନାଗରାଜୁଙ୍କ ମରଶରୀର ଶୁକ୍ରବାର ଗୁଜରାଟରୁ ବିଷମକଟକ ଆସିଛି। ମୃତ ଯବାନଙ୍କ ସ୍ତ୍ରୀ ଏବଂ ଭାଇ ଗୁଜରାଟରେ ପହଞ୍ଚିବା ପରେ ବାୟୁସେନା ବିଭାଗ ତରଫରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗାର୍ଡ ଅଫ୍ ଅନର ଦିଆଯାଇ ଶୁକ୍ରବାର ଅପରାହ୍ନରେ ନାଗରାଜୁଙ୍କ ମରଶରୀର ବିମାନ ଯୋଗେ ବିଶାଖାପାଟଣା ଆସିଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଅଣାଯାଇଥିଲା। ଯବାନଙ୍କ ଶେଷ ଦର୍ଶନ ନିମନ୍ତେ ତାଙ୍କ ବାସଭବନରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ଜିଲା ସଭାପତି ସୁଧୀର କୁମାର ଦାଶ, ବିଷମକଟକ ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣକରି ଶେଷ ଦର୍ଶନ କରିଥିଲେ। ପରେ ପୁଷ୍ପମାଲ୍ୟରେ ସୁସଜ୍ଜିତ ସ୍ୱର୍ଗରଥରେ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନକୁ ନିଆଯାଇଥିଲା। ସାଙ୍ଗସାଥୀ, ଆତ୍ମୀୟସ୍ୱଜନ ଓ ପରବାରବର୍ଗଙ୍କ ଉପସ୍ଥିତିରେ ଯବାନ ନାଗରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ସର୍ଜେଣ୍ଟ ନାଗରାଜୁଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ନିଆଯାଉଛି।

# ଛାତ୍ରୀଙ୍କୁ ଅସଦାଚରଣ କରି ଅଧ୍ୟକ୍ଷ ଗିରଫ

ମାଲକାନଗିରି,୨୨।୩
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଏମ୍‌ଭି-୭୯ସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ ମାଲକାନଗିରି ପୋଲିସ ଗିରଫ କରିଛି। ଉକ୍ତ ବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷ ପଢୁଥିବା ଜଣେ ଛାତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଛାତ୍ରୀଙ୍କ ବୟାନ ଅନୁଯାୟୀ ଅଧ୍ୟକ୍ଷ ପାଢ଼ୀ ସମ୍ପୃକ୍ତା ଛାତ୍ରୀଙ୍କୁ ଭଲ ମାର୍କରେ ପାସ୍ କରାଇଦେବେ କହି ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରି ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଓ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏସ୍‌ପି ନୀତୀଶ ବାଧ୍ୱାନୀଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଓ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଛାତ୍ରୀଙ୍କୁ ଅସଦାଚରଣ କରିଥିବା ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ୨୨୮/୨୪ରେ ମାମଲା ରୁଜୁ ହୋଇଛି।

# ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟିରେ ନିଆଁ

ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସରିଗିପାଲି ଷ୍ଟେଶନ ନିକଟରେ ଶୁକ୍ରବାର ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସର ଇଞ୍ଜିନ ବ୍ରେକରେ ନିଆଁ ଲାଗିଥିଲା। ତେବେ ଅଗ୍ନିକାଣ୍ଡ ସମ୍ପର୍କରେ ତୁରନ୍ତ ଚାଳକ ଜାଣିପାରିବାରୁ ଟ୍ରେନକୁ ଅଟକାଇବା ସହ କିଛି କ୍ଷଣ ମଧ୍ୟରେ ଟ୍ରେନରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଲିଭାଇ ଦିଆଯାଇଥିଲା।


ଇଣ୍ଟରସିଟି ଏକ୍ସପ୍ରେସ ବ୍ରେକ୍‌ରେ ଲାଗିଥିବା ନିଆଁକୁ ଲିଭାଯାଉଛି।

ହେଲେ ଏହାକୁ ନେଇ ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ। କେତେଜଣ ଯାତ୍ରୀ ଟ୍ରେନରୁ ତରବର ହୋଇ ତଳକୁ ଓହ୍ଲାଇ ପଡ଼ିଥିଲେ।

ସୂଚନା ଅନୁଯାୟୀ, ବଇଣ୍ଡା ଷ୍ଟେଶନରୁ ଟ୍ରେନଟି ଅପରାହ୍ନ ୪ଟା୫୦ରେ ଛାଡ଼ିଥିଲା। ଏହାର କିଛି ସମୟ ପରେ ୫ଟା ୫ ମିନିଟ୍‌ରେ ଟ୍ରେନ ବ୍ରେକରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ଫଳରେ ଚାଳକ ଟ୍ରେନ୍‌କୁ ସରିଗିପାଲି ନିକଟରେ ଅଟକାଇବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସେଠାରେ ୧୫ ମିନିଟ୍ ରହଣି କରିବା ପରେ ଟ୍ରେନ ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିଲା।



ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା



# ନବନୀତ ଫେରିଲେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନବନୀତ କୁମାର ସେହଗଲଙ୍କୁ ପ୍ରସାର ଭାରତୀ ବୋର୍ଡର ଚେୟାରମ୍ୟାନ ଭାବରେ ନିଯୁକ୍ତ କରାଯାଇଛି। ଏ.ସୂର୍ଯ୍ୟ ପ୍ରକାଶଙ୍କ ସେବା ନିବୃତ୍ତି ପରେ ୪ବର୍ଷରୁ ଅଧିକ ସମୟ ଧରି ଏହି ପଦବୀ ଖାଲି ରହିଥିଲା। ଏହା ନିଃସନ୍ଦେହ ଯେ ସେହଗଲ ଉତ୍ତରପ୍ରଦେଶରେ ଉଚ୍ଚ ପଦବୀରେ କାର୍ଯ୍ୟକରି ଅନେକ ଅଭିଜ୍ଞତା ହାସଲ କରିଛନ୍ତି । ୨୦୨୩ରେ ଅବସର ନେବା ପୂର୍ବରୁ ସେ କ୍ରୀଡ଼ା ଏବଂ ଯୁବ ବିଭାଗର ମୁଖ୍ୟ ସଚିବ ଥିଲେ। କିନ୍ତୁ ମିଡିଆ ପରିଚାଳନାରେ ଦକ୍ଷତା, ୟୁପିର ବିଶ୍ୱ ନିବେଶକ ସମ୍ମିଳନୀ ତଥା ନଏଡାର ସମ୍ମାନଜନକ ମୋଟୋ ଜିପି ଆୟୋଜନରେ ସେହଗଲଙ୍କ ଭୂମିକା ମଧ୍ୟ ଜଣାଶୁଣା। କିନ୍ତୁ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରକୁ ଦୀର୍ଘଦିନ ଅଣଦେଖା କରାଯିବା ପରେ ଏବେ ତାଙ୍କର ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ ହୋଇଛି । ପୁଣି ତାଙ୍କ କ୍ୟାରିୟରକୁ ସ୍ୱୀକୃତି ମିଳିଛି। ୟୁପିର ଅନ୍ୟତମ ପ୍ରଭାବଶାଳୀ ଅଧିକାରୀ ଏବଂ ଯୋଗୀ ଆଦିତ୍ୟନାଥଙ୍କ ସହ ଜଡ଼ିତ ୯ଜଣ ଆଇଏଏସ୍ ଅଧିକାରୀଙ୍କ ଦଳ 'ଟିମ୍ ୯'ର ଜଣେ ସଦସ୍ୟ ଭାବରେ ସେହଗଲଙ୍କୁ ବିବେଚନା କରାଯାଉଥିଲା। କିନ୍ତୁ ଅବସର ନେବା ପରେ ଉତ୍ତରପ୍ରଦେଶ ସରକାର ସେହଗଲଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇ ନ ଥିଲା। ଯୋଗୀଙ୍କ ସହ ତାଙ୍କର ବିବାଦ ଥିଲା ବୋଲି ଜଣାପଡୁଥିଲା। କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ ମତରେ ଯୋଗୀଙ୍କ ବିଶ୍ୱସ୍ତ ତାଲିକାରେ ଥିବା ସେହଗଲଙ୍କ ଉପରେ ବର୍ତ୍ତମାନ ମୋଦି ସରକାରଙ୍କ କୃପାଦୃଷ୍ଟି ପଡ଼ିଛି। ୟୁପି ସରକାରଙ୍କ ପାଇଁ ସମସ୍ୟା ନିବାରକ ଭାବେ ରହିଆସିଥିବା ସେହଗଲଙ୍କୁ ବର୍ତ୍ତମାନ ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଜାତୀୟ ନିର୍ବାଚନ ସମୟରେ ମୋଦିଙ୍କ ମିଡିଆ ପରିଚାଳନାରେ ବିଶେଷ ଯୋଗଦାନ ଦେବାକୁ ଦାୟିତ୍ୱ ଦିଆଯାଇଛି।

### ଖାକିରେ ଅସନ୍ତୋଷ

ମଧୁପ କୁମାର ତିୱାରୀ ଦିଲ୍ଲୀର ସ୍ୱତନ୍ତ୍ର ପୋଲିସ କମିଶନର (ଆଇନ ଶୃଙ୍ଖଳା) ଭାବେ ଅବସ୍ଥାପିତ ଥିଲାବେଳେ ଫେବୃଆରୀରେ ଚଣ୍ଡିଗଡ଼ ଡିଜି ଭାବେ ତାଙ୍କୁ ବଦଳି କରାଯାଇଥିଲା। ତେବେ ନିର୍ବାଚନ ତାରିଖ ଘୋଷଣ ହେବାର ଦିନ କେଇଟା ପୂର୍ବରୁ ଡି.ସି. ଶ୍ରୀବାସ୍ତବଙ୍କ ସହ ତାଙ୍କ ବଦଳି ଆଦେଶକୁ ପୁନର୍ବାର ପରିବର୍ତ୍ତନ କରାଯାଇଛି। ଏଭଳି ଆକସ୍ମିକ ଅଦଳବଦଳର କାରଣକୁ ନେଇ ପର୍ଯ୍ୟବେକ୍ଷକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଦିଲ୍ଲୀରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜକୁ ଡିଜିପି ଭାବେ ବଦଳି କରାଯାଇଥିବା ସୁରେନ୍ଦ୍ର ଯାଦବଙ୍କୁ ଏବେ ଚଣ୍ଡିଗଡ଼ର ନୂତନ ଡିଜିପି ଭାବେ ନିଯୁକ୍ତ କରାଯାଇଛି। ସୂତ୍ରରୁ ପ୍ରକାଶ ଯେ, ତିୱାରୀଙ୍କୁ ଦିଲ୍ଲୀରୁ ଚଣ୍ଡିଗଡ଼କୁ ବଦଳି କରାଯିବା ପରେ ଏହାକୁ ବିରୋଧ କରି ସେ ଯୁକ୍ତି ବାଢ଼ିଥିଲେ ଯେ ଦିଲ୍ଲୀରେ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିବାରେ ତାଙ୍କର ଆବଶ୍ୟକତା ରହିଛି ଓ ଏହି ବଦଳିକୁ ରୋକାଯିବା ଦରକାର। ରିପୋର୍ଟ ମୁତାବକ, ତାଙ୍କର ଆବେଦନ ସଫଳ ହେବା ସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବାକୁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ସରକାର ତାଙ୍କ ନିଷ୍ପତ୍ତି ବଦଳାଇବା ପଛରେ ଚଣ୍ଡିଗଡ଼ ମେୟର ନିର୍ବାଚନରେ ହୋଇଥିବା ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ ଅନିଲ ମାସିହଙ୍କ ଭୂମିକାକୁ ନେଇ ବିବାଦ ଥାଇପାରେ ବୋଲି କିଛି କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଏହି ସମୟରେ ଅରୁଣାଚଳ ପ୍ରଦେଶର ବର୍ତ୍ତମାନର ଡିଜି ଦେବେଶ ଶ୍ରୀବାସ୍ତବ, ଯାହାଙ୍କୁ ପୂର୍ବ ବିଜ୍ଞପ୍ତିରେ ଦିଲ୍ଲୀ ପୋଲିସକୁ ବଦଳି ପାଇଁ ଚୟନ କରାଯାଇଥିଲା, ସାମୟିକ ହୋଇଥିଲେ ମଧ୍ୟ ତାଙ୍କ ଦିଲ୍ଲୀ ପୋଷ୍ଟିଂ ସ୍ଥଗିତ ରହିଛି। ଏଭଳି ଆକସ୍ମିକ ବଦଳିଗୁଡ଼ିକ ବିଶେଷକରି ନିର୍ବାଚନ ସମୟରେ ଖାକିରେ କିଛି ଅସନ୍ତୋଷ ସୃଷ୍ଟି କରିଛି।

### ଦୀର୍ଘ ନ୍ୟାୟିକ ଲଢ଼େଇ

ନିକଟରେ ସୁପ୍ରିମକୋର୍ଟ ହରିୟାଣା ଆଇଏଏସ୍ ଅଧିକାରୀ ଅଶୋକ ଖେମ୍‌କାଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍) ଉପରେ ରାୟ ଦେଇଛନ୍ତି। ତେବେ ଅମଲାତନ୍ତ୍ରୀଙ୍କ ମୂଲ୍ୟାୟନ କିଭଳି ହେବ ଓ ଏହା କରିବାକୁ କାହାର ଅଧିକାର ରହିଛି ତାହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଖେମ୍‌କାଙ୍କ ହାୟର ଗ୍ରେଡ୍ ବା ଉଚ୍ଚ ର୍ୟାଙ୍କ୍ ବଜାୟ ରଖିବା ଲାଗି ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟକରି ଆଇଏଏସ୍ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଆକଳନ କରିବାକୁ ବିଶେଷ ବୁଝାମଣା ବା ସହଯୋଗର ଆବଶ୍ୟକତା ଉପରେ ଶୀର୍ଷ ଅଦାଲତ ଯୁକ୍ତି ଉପସ୍ଥାପନ କରିଥିଲେ। ୨୦୧୭ରେ ରିପୋର୍ଟିଂ ଅଥରିଟି ଭାବେ ରାଜ୍ୟ ମୁଖ୍ୟ ସଚିବଙ୍କଠାରୁ ହ୍ୱିସିଲବ୍ଲୋୟର ଖେମ୍‌କା ମୋଟ ୮.୨୨ ଗ୍ରେଡ୍ ପାଇଥିଲେ। ପରେ ସମୀକ୍ଷା ଅଧିକାରୀ ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଖେମ୍‌କାଙ୍କ ଗ୍ରେଡ୍ ୯.୨୨କୁ ବୃଦ୍ଧି କରିଥିଲେ। କିନ୍ତୁ ଡିସେମ୍ବର ୨୦୧୭ରେ ସ୍ୱୀକୃତି ପ୍ରଦାନକାରୀ ଅଧିକାରୀ ଭାବେ ସେତେବେଳର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଖେମ୍‌କାଙ୍କ ଗ୍ରେଡ୍ ୯କୁ ହ୍ରାସ କରିବାରୁ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଖେମ୍‌କା ପ୍ରଥମେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ରେ ଆବେଦନକରି ପ୍ରତିକୂଳ ମନ୍ତବ୍ୟକୁ ହଟାଇବା ଏବଂ ସମୀକ୍ଷା ଅଧିକାରୀଙ୍କ ଦ୍ୱାରା ଗ୍ରେଡ୍ ଏବଂ ଟିପ୍ପଣୀଗୁଡ଼ିକର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ। କିନ୍ତୁ ସିଏଟି ତାଙ୍କ ଆବେଦନକୁ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓ କୋର୍ଟ ସିଏଟିର ନିଷ୍ପତ୍ତିକୁ ରଦ୍ଦକରି ତାଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ ଘଟଣା ଏଇଠି ଶେଷ ହେଲା ନାହିଁ। ସୁପ୍ରିମକୋର୍ଟଙ୍କୁ ଶେଷରେ ହସ୍ତକ୍ଷେପ କରିବାକୁ ପଡ଼ିଲା। ଧାର୍ଯ୍ୟ ୬୦ ଦିନ ମଧ୍ୟରେ ଖେମ୍‌କାଙ୍କ ଆବେଦନର ବିଚାର କରିବା ପାଇଁ ସ୍ୱୀକୃତି ପ୍ରଦାନକାରୀ ଅଧିକାରୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

Email: dilipcherian@gmail.com

# ଧନୀଙ୍କ ପୁଷମାସ: ଦୀର୍ଘ ଆୟୁଷ



ସହଦେବ ସାହୁ

ଗରିବ ପାଇଁ ସବୁ ମହଙ୍ଗା, ଚିକିତ୍ସା ବି। ଦୀର୍ଘ ଜୀବନ ତ ସାତ ସପନ। ଅମରତ୍ୱ ଚିନ୍ତା ସାଧାରଣ ଲୋକ ପାଇଁ ନୁହେଁ, ଖର୍ଚ୍ଚ ବହନ କରିପାରୁଥିବା ଅର୍ବୁଦପତିମାନେ ଯୁବସୁଲଭ ସ୍ୱାସ୍ଥ୍ୟ ଶହେବର୍ଷ ବା ଅଧିକ କାଳ ଉପଭୋଗ କରିପାରିବେ: ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରଗତି ଏହା ସୂଚାଉଛି । ଆମ ପୁରାଣର ଯଯାତିଙ୍କ ପରି ପୁତ୍ର ପୁରୁଠାରୁ ଯୌବନ ମାଗିବାକୁ ପଡ଼ିବ ନାହିଁ। ପୃଥିବୀରେ ଥିବା ୮୫୦ କୋଟି ଲୋକଙ୍କ ଭିତରେ ଏଭଳି କୁବେରଙ୍କ ସଂଖ୍ୟା ୮,୦୦୦ରୁ ବେଶି ନୁହେଁ; ସେମାନଙ୍କ ଭିତରୁ କେତେଜଣ ଯଯାତିଙ୍କ ଭଳି ଦୀର୍ଘ ଯୌବନ ଉପଭୋଗ କରିବାକୁ ଚାହିଁବେ ତାହା ଅନୁମାନସାପେକ୍ଷ! ଔଷଧପତ୍ର ବା ଖାଦ୍ୟଗୁଣ ଉପରେ ନିର୍ଭର ନ କରି ଟେକ୍ନୋଲୋଜି ସାହାଯ୍ୟରେ ଦୀର୍ଘକାଳ ପାଇଁ ସୁସ୍ଥ ଯୌବନ-ସୁଲଭ ଜୀବନ ହାସଲ କରିହେବ।

ଇତିହାସ କହେ, ୧୭୯୬ରେ ପ୍ରଥମେ ଟିକା ତିଆରି (ଇଂଲିଶରେ କଲ୍ଚର ବା ଚାଷ) କରିଥିବା ବିଲାତ ଡାକ୍ତର ଡ. ଏଡ୍‌ୱାର୍ଡ଼ଜେନର ଗୋଟିଏ ୮ ବର୍ଷର ପୁଅ ଉପରେ ଟିକା ଦେଇ ତା'ର ବସନ୍ତ ରୋଗ ନିରୋଧୀ ଶକ୍ତି ବଢ଼ାଇଥିଲେ। ଏବେ ତ ଟିକା ଚିକିତ୍ସାର ଦିଗ୍‌ବଳୟ ବଢ଼ିଗଲାଣି, ଟିକେ ଚିମୁଟିବା ଭଳି ଫୋଡ଼ିଆ ତ କାଟିବ, ଟୋପାଏ ପାଣି ଭିତରେ ଟିକା ପିଇବାର ବ୍ୟବସ୍ଥା ହେଲାଣି – ଯେମିତି ପୋଲିଓ ବୁନ୍ଦା । ମଲା ଜୀବାଣୁ ବଦଳରେ ଗୋଟିଏ କୃତ୍ରିମ ଜୀବ-ରୂପ ଗିଳିବାକୁ କୁହାଯାଇପାରେ, ତାହା ଯଦି ତୁମ ଦେହ ଭିତରେ ପ୍ରବାହିତ ହୋଇ ଯେଉଁ ଯେଉଁ ଜାଗାରେ ରୋଗ ମାଡୁଛି ତାକୁ ନିକାଳିଦେବ କିମ୍ବା ଯେଉଁ କାରଣରୁ ରୋଗ ହେଉଛି ତାକୁ ସୂଚାଇଦେବ ତେବେ ବେଳହୁଁ ସାବଧାନ ହୋଇ ଆମେ ଦେହକୁ ସୁସ୍ଥ ରଖିପାରିବା! ୟୁନିଭର୍ସିଟି ଅଫ୍ ସଦର୍ନ ଡେନ୍‌ମାର୍କ ଓ କେମ୍ପ ଷ୍ଟେଟ୍ ୟୁନିଭର୍ସିଟି (ଆମେରିକା) ଏହି ପ୍ରକାର ଚିକିତ୍ସା ଉପରେ ଗବେଷଣା କରୁଛନ୍ତି । ଡିଏନ୍ଏ ଅଣୁ ବା ପ୍ରୋଟିନ୍ ଅଣୁର ସଙ୍କର ତିଆରିକରି ସେମାନେ ଔଷଧ ଭଳି ବ୍ୟବହାର କରୁଛନ୍ତି। ତାକୁ ଜୀବବିନ୍ଦୁ ବା ବାୟୋବଟ୍ କୁହାଯାଉଛି। ଷ୍ଟାନ୍‌ଫୋର୍ଡର ଜଣେ ମେକାନିକାଲ ଇଞ୍ଜିନିୟର କ୍ଷୁଦ୍ର ବା ଅଣୁ ରୋବୋ (ମିନି ରୋବୋ) ତିଆରି କରିଛନ୍ତି, ଯାହା ଉଭୟଚର ପ୍ରାଣୀ ଭଳି ଦେହ ଭିତରେ ଘୂରି ଘୂରି ରୋଗ ଜନ୍ମୁଥିବା ଜାଗାରେ ପହଞ୍ଚିଯିବ। ଏହାକୁ ନିୟୁତାଂଶ ରୋବୋ-ମିଲି ରୋବୋ ନାମ ଦିଆଯାଇଛି। ଏହି ଆକାରର ଭାଇରସ୍, ବ୍ୟାକ୍ଟେରିଆ ବା ଅନ୍ୟ କିଛି କୋଷ ଆମ ଦେହକୁ ଆକ୍ରମଣ କରିଥାନ୍ତି। ଏହି କୃତ୍ରିମ କ୍ଷୁଦ୍ର ଜୈବରୂପକୁ ବ୍ୟବହାର କରି ଡାକ୍ତରମାନେ ବରାଦିଆ ଟିକା ତିଆରି କରିପାରିବେ। ଏବେ ପେପ୍‌ଟାଇଡ୍ ସାଙ୍ଗରେ ବାୟୋବଟ୍‌କୁ ମିଶାଇ ଡାକ୍ତରମାନେ ପ୍ରୋଟିନ୍ ତିଆରି କରୁଥିବା ଆମିନୋ ଏସିଡ୍‌ର ହାର ତିଆରି କଲେଣି। ଏ ଉଦାହରଣ ଜଣାଉଛି ସମ୍ଭାବନାର ଦିଗ୍‌ବଳୟ କେତେ ବ୍ୟାପିଗଲାଣି! କେବଳ ରୋଗ ଚିହ୍ନିବ ନାହିଁ, ରୋଗ କେଉଁଠୁ ବାହାରୁଛି ଓ କେଉଁ



କ୍ଷୁଦ୍ରାଣୁ ତାକୁ ତିଆରି କରୁଛି ସେଭଳି କ୍ଷୁଦ୍ରାଣୁକୁ ନଷ୍ଟ କରିବାର କ୍ଷମତା ନୂଆ ଟେକ୍ନୋଲୋଜି ଆଣିଲାଣି। ସବୁଠାରୁ ବଡ଼କଥା ହେବ ବ୍ରେନ୍ ଟ୍ୟୁମର ଭିତରେ ଏଭଳି ଔଷଧଭରା କ୍ଷୁଦ୍ର ଟିକା ପହଞ୍ଚା ଯାଇପାରିବ।

ଆଜିକାଲି ଯେଉଁଭଳି କମ୍ପ୍ୟୁଟର ମେମୋରି କ୍ଲାଉଡ୍‌ରେ ରଖାଯାଉଛି ଏହି ବାୟୋବଟ୍ ବା ମିଲି ରୋବୋକୁ ମଣିଷର ବ୍ରେନ୍ ଭିତରେ ରଖିହେବ, ତାହା ମହାକାଶରେ ସମ୍ପର୍କ (କ୍ଲାଉଡ୍ ସୋର୍ସିଂ)ରଖିପାରିବ, ଯେଉଁଠି ଉକ୍ତ ମଣିଷଟି ତାହାର ଇଣ୍ଟେଲିଜେନ୍ସକୁ କୋଟି କୋଟି ଗୁଣ ବଢ଼େଇପାରିବ। ଆମେ ଦିନେ ବ୍ରହ୍ମଜ୍ଞାନୀ (ସାଇବର୍ଗ) ପାଲଟିଯିବା ; ତାହା ସମ୍ଭବ ହେଲେ ଆମେ ଆୟୁଷକୁ ବହୁଗୁଣ ବଢ଼ାଇପାରିବା। କିନ୍ତୁ ରୋବୋ ବି ସ୍ୱଳ୍ପାୟୁ, ବଜାରରେ ମିଳୁଥିବା ରୋବୋ ପ୍ରାୟ ୧୦ ବର୍ଷରୁ ବେଶି ଚାଲେ ନାହିଁ । ଅବଶ୍ୟ ଯନ୍ତ୍ରପାତିର କାର୍ଯ୍ୟକାରିତା ଦିନ ବା ବର୍ଷ ଆକାରରେ ଗଣାଯାଏ ନାହିଁ, କେତେ ସମୟ ବ୍ୟବହାର ହେଉଛି ତା' ଉପରେ ଗଣାଯାଏ, ଯଥା କେତେଥର ସୁଇଚ୍ ଅନ୍ କରୁଛ ତା' ଉପରେ ନିର୍ଭର କରେ ବିଜୁଳି ବଲ୍‌ବର ଆୟୁଷ । ତିଆରି ସମୟରେ କିଛି ଦୋଷ ନ ଥିଲେ ଏଲ୍ଇଡି ବଲ୍‌ବ ୧୦,୦୦୦ ଥର ସୁଇଚ୍ ଅନ୍ ଯାଏ କାମ କରିବ: ଦିନକୁ ୧୦ଥର କରୁଥିଲେ ୧୦୦୦ ଦିନ ବା ପ୍ରାୟ ୩ ବର୍ଷ ଯିବ । ସେହିପରି ରୋବୋଟିଏ ୮୦,୦୦୦ରୁ ଲକ୍ଷେ ଘଣ୍ଟାଯାଏ କାମ କରିବ। ରୋଗ ଲକ୍ଷଣ ସୁରାକ୍ ପାଇଲେ ସନ୍ଧାନୀ ଯନ୍ତ୍ର (ସେନ୍ସର୍) ମିଳି ରୋବୋକୁ ଜଗାଇଦେବ ତ ଆମ ହିସାବରେ ୧୦୦ କି ୨୦୦ ବର୍ଷ କାମ କରିପାରେ ।

ଆଉ ଗୋଟିଏ କଥା ବି ଘଟିଲାଣି। ଜନ୍ ହପ୍‌କିନ୍ସ ୟୁନିଭର୍ସିଟିର ଗବେଷକ ଡ୍ରାଭିଡ୍ ଗ୍ରାସିପ୍ ଏକ ନାନୋ ଇମ୍ପ୍ରିଣ୍ଟ ଲିଥୋଗ୍ରାଫି ଟେକ୍ନୋଲୋଜି କାଢ଼ିଛନ୍ତି, ଯାହା ଜୀବନ୍ତ କୋଷ ବା ତନ୍ତୁ ଉପରେ ସୁନାରେ ଟାଟୁ (ଚିତା କୁଟିବା) କରିପାରିବ। ଏହି ନାନୋ ସ୍କେଲର ଢାଞ୍ଚାକୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଲଗାଇହେବ। ଏମିତି ଏକ ଚିପ୍ ଦେହର କୋଷରେ ମୁଦ୍ରିତ (ଇମ୍ପ୍ରିଣ୍ଟ) କରିପାରିଲେ ମଣିଷ ଦେହର ପ୍ରତ୍ୟେକ କୋଷ କେମିତି କାମ କରୁଛି ତାହା ଡାକ୍ତରମାନେ ଜାଣିପାରିବେ। ଏ ପ୍ରକାରର କୋଷଭିତ୍ତିକ ଚିକିତ୍ସା ରୋଗର ଲକ୍ଷଣ ବାହାରକୁ ଦିଶିବା ପୂର୍ବରୁ ଅର୍ଥାତ୍ କୋଷସ୍ତରରେ ଯାହା ଘଟୁଛି ଜଣାଇଦେବ। କୋଷଟି ଅସ୍ୱାଭାବିକ ହେବା ପୂର୍ବରୁ ତା'ର ମରାମତି ବା ଚିକିତ୍ସା କରିହେବ। ତେଣୁ ଖରାପ କୋଷଟିଏ ବହୁଗୁଣିତ ହେବା ପୂର୍ବରୁ ଓ ଦେହକୁ ତଦନୁଯାୟୀ ରୋଗାକ୍ରାନ୍ତ କରିବା ପୂର୍ବରୁ ତାକୁ ବିନାଶ କରିହେବ ବା ବଦଳାଇହେବ। ଆମେ ନର୍ଦ୍ଦମା ସଫାକଲା ଭଳି: ଶରୀରରୁ ଫ୍ରି ରାଡିକାଲ୍ ଭଳି ମଇଳା ସଫା କରିଦେବ । ଆଉ ଗୋଟିଏ ଉଦ୍ଭାବନ ଆସିଲାଣି: ଡ୍ୟୁକ୍ ୟୁନିଭର୍ସିଟି ଓ ହାର୍ଭାର୍ଡ ମେଡିକାଲ ସ୍କୁଲର ଗବେଷକମାନେ ନୂଆ ରକମର ଥ୍ରି ଡି ପ୍ରିଣ୍ଟ ବାହାର କରିଛନ୍ତି, ତା' ଅଲଟ୍ରାସାଉଣ୍ଡ ତରଙ୍ଗ ବ୍ୟବହାର କରି ଜୀବକୋଷ ସହିପାରୁଥିବା କାଳି ବ୍ୟବହାର କରୁଛି ଓ ଯାହା ଶରୀରର ଖୁବ୍ ଗଭୀର ପ୍ରଦେଶରେ ପ୍ରବେଶକରି ଆୟତନ ଅନୁଯାୟୀ ଥ୍ରି ଡି ପ୍ରିଣ୍ଟ କରୁଛି। ଏହାକୁ ଡିପ୍ ପିନିଟ୍ରେଟିଙ୍ଗ୍ ଆକ୍ୟୁଷ୍ଟିକ୍ ଭଲ୍ୟୁମେଟ୍ରିକ୍ ପ୍ରିଣ୍ଟିଂ (ଡିଭିଏପି) ନାମ ଦିଆଯାଇଛି। ଡିଭିଏପି ଦ୍ୱାରା ଦେହର ତନ୍ତୁ ଭିତରେ, ହାଡ଼ ଭିତରେ ତଥା ଅନ୍ୟ ସୂକ୍ଷ୍ମ ଅଙ୍ଗ ଭିତରେ ନିଖୁଣ ଭାବେ ପହଞ୍ଚିପାରିବ। ଏହି ଗବେଷକ ଦଳ ଗୋଟିଏ ଛେଳିର ହୃଦୟ ଉପରେ ଏପରି ଗବେଷଣା କରି ତା'ର ରକ୍ତକୁ ଅଙ୍ଗଭିତରେ ଏକାଠି କରିପାରିଛନ୍ତି ଓ ଗୋଟିଏ କୁକୁଡ଼ାର ଗୋଡ଼ ହାଡ଼ରେ ଥିବା ତ୍ରୁଟିକୁ ମରାମତି କରିଛନ୍ତି। ଏଥିରେ ଯେଉଁ କାଳି ବ୍ୟବହାର ହେଉଛି ତାକୁ ସୋନୋ ଇଙ୍କ୍ – ହାଇଡ୍ରୋଜେନ୍ କୁହାଯାଉଛି । ଏହା ଧୀରେ ଧୀରେ ଯକୃତ ଭିତରେ ପଶି ଔଷଧ ଭଳି କାମ କରୁଛି। ସର୍ଜରି ଦରକାର ନାହିଁ। ଲକ୍ଷ୍ୟଭେଦୀ ଔଷଧ ଓ ଜିନ୍ ସିକ୍ୟୁଏନ୍‌ସିଂ ଆଗାମୀ ଦିନରେ ଚିକିତ୍ସାର କେନ୍ଦ୍ର ହୋଇପଡ଼ିବ। ୧୭୩୫ରେ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍ କହିଥିଲେ, ଆନ୍ ଆଉନ୍ସ ଅଫ୍ ପ୍ରିଭେନ୍‌ସନ ଇଜ୍ ୱର୍ଥ ଏ ପାଉଣ୍ଡ ଅଫ୍ କିୟୋର (ଭରିଏ ପ୍ରତିଷେଧକ କିଲେ ଚିକିତ୍ସା ସହ ସମାନ)। ଆମେ ସେହି ଯୁଗକୁ ମୁହାଁଇଛେ – ଯେତେବେଳେ ବିଜ୍ଞାନ ବୟସ ବୃଦ୍ଧିକୁ ଓଲଟାଇଦେବ। ସତେଯେପରି ଅମର ହେବାର ଇଚ୍ଛା ଫଳବତୀ ହୋଇଆସୁଛି।

ଟାର୍ଡିଗ୍ରେଡ୍ ବା 'ପାଣିଭାଲୁ' ନାମକ ଏକ କ୍ଷୁଦ୍ର ଅମେରୁଦଣ୍ଡୀ ଜୀବ ଯେଉଁଠି ସେଠି ଯେକୌଣସି ପରିବେଶରେ ବଞ୍ଚିରହିବାର କାରଣ ଖୋଜି ବୈଜ୍ଞାନିକମାନେ ଜାଣିଲେଣି ଯେ ତା' ଶରୀରରେ ଏକ ପାରମାଣବିକ ସନ୍ଧାନୀ (ସେନ୍ସର) ଅଛି, ଯାହା ତାକୁ କହିଦିଏ କେତେବେଳେ ପରିବେଶ ପ୍ରତିକୂଳ ହେଲାଣି, ସେ ସୁପ୍ତ ହୋଇଯାଏ: ୧୧୨ ଡିଗ୍ରୀ ଫାରେନ୍‌ହିଟ୍‌ରୁ ବେଶି ତାପ ଦେଲେ କି ହାଇଡ୍ରୋଜେନ୍ ପେରକ୍ସାଇଡ୍ ତା' ଉପରେ ଢାଳିଦେଲେ ସେ ସୁପ୍ତ ହୋଇଯାଏ, ତା' ଦେହ ଅମ୍ଳଜାନମୁକ୍ତ ଫ୍ରି ରାଡିକାଲ୍ ତିଆରିକରେ, ଯାହା ଖରାପ ପରିସ୍ଥିତିର ସାମ୍ନା କରେ । ଏସବୁ କାମ – ସୁପ୍ତ ହେବା ଓ ଚେଇଁ ଉଠିବା – ସିଷ୍ଟିନ୍ ନାମକ ଆମିନୋଏସିଡ୍ କରିଥାଏ ବୋଲି ବୈଜ୍ଞାନିକମାନେ କହୁଛନ୍ତି । ଟାର୍ଡିଗ୍ରେଡ୍ ଉପରେ ଗବେଷଣା ଚାଲିଛି କିପରି ଭବିଷ୍ୟତର ଦୀର୍ଘକାଳୀନ ମହାକାଶ ଯାତ୍ରାରେ ମଣିଷ ଦରକାର ନ ଥିବା ବେଳେ ସୁପ୍ତ ରହିପାରିବ ଓ ଦରକାର ବେଳେ ଜାଗ୍ରତ ରହିପାରିବ!

sahadevas@yahoo.com

# ସର୍ବତ୍ର ବିଶୃଙ୍ଖଳା



ରାଧାଶ୍ୟାମ ରାଉଳ

ଶୃଙ୍ଖଳା ଅଭାବରୁ ଆଜି ପାରିବାରିକ ଜୀବନରୁ ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ ଜୀବନ ଯାଏ ପ୍ରାୟ ସବୁଠାରେ ବିଶୃଙ୍ଖଳ ଅବସ୍ଥା। କେହି କାହାକୁ ଶୁଣିବାକୁ କି ନିର୍ଦ୍ଦିଷ୍ଟ, ନିର୍ଦ୍ଧାରିତ ନୀତି ନିୟମକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସ୍ୱେଚ୍ଛାଚାରିତା, ଅବ୍ୟବସ୍ଥା, ଅହଙ୍କାର, ଅସହିଷ୍ଣୁତା, ନିୟମଶୂନ୍ୟତା, ଉଚ୍ଛୃଙ୍ଖଳତା, ଅବିମୃଶ୍ୟକାରିତା ସର୍ବତ୍ର କାୟାବିସ୍ତାର କରିଚାଲିଛି।

ଶୃଙ୍ଖଳାଜ୍ଞାନ ପରିବାର ବା ଘରୁ ଆରମ୍ଭ ହୁଏ। ହେଲେ ଆଜିର ସମୟରେ ଘର ଆଉ ଘର ହୋଇ ରହିନାହିଁ। ପାରସ୍ପରିକ ମତ ଓ ମନକୁ ନେଇ ବିରୋଧାଭାସର ଚିତ୍ର ସ୍ପଷ୍ଟ ପ୍ରାୟ ପ୍ରତ୍ୟେକ ପରିବାରରେ। ସ୍ନେହ, ପ୍ରେମ, ଶ୍ରଦ୍ଧା, ସମ୍ମାନ, ଭଲପାଇବା ଏବେ ମିଳିବା ମୁସ୍କିଲ ପରିବାରରୁ। ଉତ୍ତମ ବୁଝାମଣା ରହୁନାହିଁ, ସ୍ୱାମୀ ସ୍ତ୍ରୀ, ବାପା ପୁଅ, ଭାଇ ଭାଇ ମଧ୍ୟରେ। ଅପରପକ୍ଷେ ବିବାଦ, ବିତର୍କ, ଯୁକ୍ତିତର୍କ, ଆରୋପ, ପ୍ରତ୍ୟାରୋପ, ଅଶାନ୍ତି ଦେଖାଦେଉଛି। ନିଜ ଜନ୍ମିତ ପିଲାମାନଙ୍କୁ ଆଦର୍ଶ ଛାଞ୍ଚରେ ପକେଇବାର ପ୍ରଚେଷ୍ଟା ରହୁନାହିଁ ଆଜିର ମାଆ ବାପାଙ୍କ ପାଖରେ ; ଯାହାଫଳରେ ସଫଳ ଅଭିଭାବକତ୍ୱର ଅଭାବରୁ ପରବର୍ତ୍ତୀ ସମୟରେ ପିଲାମାନେ ହେଉଛନ୍ତି, ସ୍ୱେଚ୍ଛାଚାରୀ, ବିଶୃଙ୍ଖଳ, ଉଦ୍‌ଭ୍ରାନ୍ତ, ଅବାଗିଆ, ଜିଦଖୋର୍! ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ପରିସ୍ଥିତି ଉପୁଜିବାବେଳକୁ, ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଦୋଷ ଦିଅନ୍ତି ; 'ପିଲାମାନେ ଠିକ୍ ରାସ୍ତାରେ ନ ଯାଇ ଭୁଲ୍ ରାସ୍ତା ଧରିବା ପାଇଁ ତୁମେ ହିଁ ଦାୟୀ! ହଁ ହଁ ତୁମେ!'

ମାତ୍ରାଧିକ ବିଶୃଙ୍ଖଳାରୁ ପାଠଶାଠ ପଢ଼ି ଉଚ୍ଚଶିକ୍ଷିତ ହୋଇ ଚାକିରିବାକିରି ନ ପାଇ ପୁଅ ଦୋଷ ଦେଉଛି, ନିଜ ମାଆ ବାପାଙ୍କୁ। ସ୍ତ୍ରୀ ବୁଝିପାରୁନାହାନ୍ତି, ସ୍ୱାମୀର ଧୈର୍ଯ୍ୟ, ତ୍ୟାଗ, ସହନଶୀଳତାକୁ। ଅନୁରୂପଭାବରେ ସ୍ୱାମୀ ମଧ୍ୟ ବୁଝିପାରୁନାହାନ୍ତି, ସ୍ତ୍ରୀର ଏସବୁ ଗୁଣକୁ। ପିଲାମାନେ ପଥଭ୍ରଷ୍ଟ ହେବା ଦେଖି ମାଆ ବାପା ପ୍ରବଳ ମାନସିକ ଚାପ ଓ ଅପ୍ରମିତ ଦୁଃଖରେ ମ୍ରିୟମାଣ ହୋଇ ଉଚ୍ଚାରିବାକୁ ବାଧ ହେଉଛନ୍ତି ; ''ସଂସ୍କାର, ସୁଧାର ଦେବାରେ କେଉଁଠି ଭୁଲ୍ ତ୍ରୁଟି ରହିଲା ଯେ, ଦିଅଁ ଗଢୁଗଢୁ ମାଙ୍କଡ଼ ଗଢ଼ି ହୋଇଗଲା! ଆମ ସୁଖମୟ ଦାମ୍ପତ୍ୟରେ ଝଡ଼ ସୃଷ୍ଟି ହେଲା ?''ଏମିତି ଏମିତି ବିବିଧ ତଥ୍ୟରୁ ଯାହା ଜଣାପଡୁଛି,ଏବେ ଅଧିକାଂଶ ପରିବାରରେ ବିଶୃଙ୍ଖଳା ଏମିତି କାୟାବିସ୍ତାର କରିଛି ଯେ, ଯାହାର ପ୍ରଭାବରେ ପରସ୍ପର ମଧ୍ୟରେ ସନ୍ଦେହ, ଶତ୍ରୁତା, ଘୃଣା, ଭୁଲ୍ ବୁଝାମଣା ବଢ଼ିଚାଲିଛି।

ପରିବାରରୁ ଏବେ ସମାଜକୁ ଯିବା। ସମାଜରେ ମଧ୍ୟ ଅନୁରୂପ ଅବସ୍ଥା। ପଡ଼ୋଶୀ ସମ୍ପର୍କରେ ତିକ୍ତତା। ବିଶୃଙ୍ଖଳାରେ ଭରା ସମଗ୍ର ସାମାଜିକ ବ୍ୟବସ୍ଥା। ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାରୁ ସୃଷ୍ଟି ହେଉଛି ଦୁର୍ନୀତି, ଭ୍ରଷ୍ଟାଚାର, ଅପସଂସ୍କୃତି, ଅପରାଧ। ନାହିଁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଶାସନ ବ୍ୟବସ୍ଥା। କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ସମିତି ସଭ୍ୟଙ୍କ ମତ ଓ ବିଚାରକୁ ଅଗ୍ରାହ୍ୟ କରିଦେଇ ପ୍ରିୟାପ୍ରୀତିତୋଷଣ ଓ ଚତୁରେ ଚତୁରେ କୋଳାକୋଳି ନୀତିରେ ନିଷ୍ପତ୍ତି ନିଆଯାଉଛି। ଭାଷାସାହିତ୍ୟ ନାଁରେ ମାତୃଭାଷାର ବିଲୟ,



ବିଲୋପ ଘଟୁଛି। ସଂସ୍କୃତି ନାଁରେ ଅପସଂସ୍କୃତି, ସଂସ୍କାର ନାଁରେ ଅପସଂସ୍କାର, ରାଜନୀତି ଓ ଗଣତନ୍ତ୍ର ନାଁରେ ଦୁର୍ନୀତି, ଅନ୍ୟାୟ ଅପରାଧ, ଧର୍ମ ନାଁରେ ହୀନ ରାଜନୀତି ଧସେଇ ପଶୁଛି।

ସେବାୟତମାନଙ୍କର ଅହଙ୍କାର ଓ ଜିଦ୍ ପାଇଁ ଶ୍ରୀମନ୍ଦିରରେ ବାରମ୍ବାର ଜଗନ୍ନାଥଙ୍କ ନୀତିକାନ୍ତିରେ ଚରମ ବିଶୃଙ୍ଖଳା, ବିଭ୍ରାଟ ଘଟୁଛି। ଫଳସ୍ୱରୂପ ଦିଅଁମାନେ ରହୁଛନ୍ତି ଅନିଦ୍ରା, ଉପବାସ। ଭକ୍ତମାନେ ଦିଅଁମାନଙ୍କର ଦର୍ଶନ ଓ ଆଶୀର୍ବାଦରୁ ବଞ୍ଚିତ ହେଉଛନ୍ତି। ଇଏ ବଡ଼ ଦାରୁଣ ସ୍ଥିତି, ଅଭାବନୀୟ ପରିସ୍ଥିତି।

ସମାଜରେ ବଢ଼ିଚାଲିଛି ଅପହରଣ, ହତ୍ୟା, ଲୁଟତରାଜ ଓ ଗୁଣ୍ଡାରାଜ। ତଦନ୍ତ ପରେ ତଦନ୍ତ ବସୁଛି ହେଲେ ପ୍ରାୟ ସବୁ ତଦନ୍ତ ବାଟବଣା। 'ବହ୍ୱାଡମ୍ବରେ ଲଘୁକ୍ରିୟା' ପ୍ରାୟେ ସବୁ ଚାଲିଛି ସୁପରିକଳ୍ପିତ ପ୍ରାୟୋଜିତ କାର୍ଯ୍ୟକ୍ରମ। ଘଟଣା ଘଟୁଛି ପ୍ରକାରେ, ରିପୋର୍ଟ ଦିଆଯାଉଛି ଅନ୍ୟପ୍ରକାର। ମୋଟାମୋଟି ଭାବରେ, ସତ୍ୟକୁ ଚାପି ଦିଆଯାଉଛି। ତଦନ୍ତର ରିପୋର୍ଟ ପାଇଁ ସୁନ୍ଦର ମନଗଢ଼ା କାହାଣୀ ରଚାଯାଉଛି ; ଯଦ୍ଦ୍ୱାରା ଦୋଷୀ ଅପରାଧୀ ଅଭିଯୁକ୍ତମାନେ ଅନାୟାସରେ ଖସି ଯାଉଥିବା ସ୍ଥଳେ ନିରୀହ, ନିର୍ଦ୍ଦୋଷ ନିରପରାଧମାନେ ଦଣ୍ଡିତ ନିର୍ଯାତିତ, ଅପଦସ୍ଥ ହେଉଛନ୍ତି।

ଏସବୁ ଘଟଣା, ଦୁର୍ଘଟଣା ନିତିପ୍ରତିଦିନ ଘଟୁଛି। ତେଣୁ ଆମେ ଏସବୁ ଜାଣୁଛନ୍ତି, ଦେଖୁଛନ୍ତି, ବୁଝୁଛନ୍ତି ; ଏସବୁର ଉତ୍ସ, ଉତ୍ପତ୍ତି କେଉଁଠି, ଏହା କେମିତି ହେଉଛି ଗତିଶୀଳ,ପୁଣି ଏସବୁର ଶେଷ ପରିଣତି ବା ଫଳାଫଳ କ'ଣ ହେଉଛି! ଏ ସଙ୍କଟ ଓ ସମସ୍ୟାର ସମାଧାନ ପାଇଁ ବ୍ୟକ୍ତିଗତ ଭାବରେ କିଛି ମତ କି ପ୍ରସ୍ତାବ ଦେଲେ କିମ୍ବା କିଛି ଉଦ୍ୟମ କଲେ ସେ ମତ, ପ୍ରସ୍ତାବ ଓ ଉଦ୍ୟମକୁ ସମର୍ଥନ କି ସହଯୋଗ ମିଳେନାହିଁ। ଅଧିକନ୍ତୁ ଅବାଞ୍ଛିତ ଆହ୍ୱାନ ଓ ଅପ୍ରତ୍ୟାଶିତ ବିପଦକୁ ବରଣ କରିବା ସାର ହୁଏ। କାରଣ ଏବେ ସମୟର ସ୍ୱର ; ବିରୋଧ କି ପ୍ରତିବାଦ ନୁହେଁ ବରଂ ସାଲିସ, ମାଲିସ କରି ବଞ୍ଚିବା ଭଲ।

ତେବେ ଏହା ସତ୍ୟ ଯେ, କ୍ରମବର୍ଦ୍ଧିଷ୍ଣୁ ବିଶୃଙ୍ଖଳାକୁ କେହି ଜଣେ ଏକାଏକା ଦମନ କରିପାରିବେ ନାହିଁ। ଏଥିପାଇଁ ପରିବାର, ସମାଜ, ରାଜ୍ୟ, ଦେଶ ; ସବୁ ସ୍ତରରୁ ଐକ୍ୟବଦ୍ଧ ଉଦ୍ୟମ, ସଂଗ୍ରାମର ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରି ବିଶୃଙ୍ଖଳାକାରୀମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ହେଲେ ଆଜ୍ଞା, ବଡ଼ ଦୁଃଖ ଓ ଅବସୋସର ବିଷୟ, ଏ ସମସ୍ୟା ସମାଧାନର କଥା ଓ ପନ୍ଥା ସମ୍ପର୍କରେ କହିବା କାହାକୁ, ଶୁଣିବେ ଅବା କିଏ ? କାରଣ 'ଖଜୁରି ଗଛର କି ଗୁଣ ଗାଇବା, ମୂଳରୁ ପାହାଚ ପାହାଚ' ନ୍ୟାୟରେ ଏବେ ସର୍ବତ୍ର ବିଶୃଙ୍ଖଳା, ବିପର୍ଯ୍ୟସ୍ତ ବିଧିବ୍ୟବସ୍ଥା।

**ମର୍କତ ନଗର, କଟକ**
**ମୋ: ୯୪୩୭୦୯୦୯୮୫**

## ପାଠକ ଶ୍ରେଷ୍ଠ ବିଚାରକ

### ନେତା, ଆପରାଧିକ ମାମଲା ଓ ନିର୍ବାଚନ

ମହାଶୟ,

ଦେଶ ତଥା ରାଜ୍ୟଗୁଡ଼ିକର ବହୁ ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ଭ୍ରଷ୍ଟାଚାର,ଦୁର୍ନୀତି ଓ ବିଦେଶରେ କଳାଟଙ୍କା ଗଚ୍ଛିତ କରିବା ଭଳି ବହୁ ସଙ୍ଗିନ ଆପରାଧିକ ମାମଲା ରହିଥିବା ସତ୍ତ୍ୱେ ସେମାନଙ୍କୁ ସକ୍ରିୟ ରାଜନୀତିରେ ସ୍ଥାନ ଦିଆଯାଉଛି। ତେବେ ନିର୍ବାଚନ ରଣାଙ୍ଗନରେ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରାଇବା ପାଇଁ ଦଳୀୟ ଟିକେଟ ପ୍ରଦାନ କରି ପ୍ରତିଦ୍ୱନ୍ଦ୍ୱିତା କରିବାର ନିଷ୍ପତ୍ତି ସବୁ କେଉଁ ଆଧାରରେ ହିସାବକୁ ନିଆଯିବ ତାହା ପ୍ରଶ୍ନବାଚୀ। ତେଣୁ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ବିରୋଧରେ ଯଦି କୌଣସି ଆପରାଧିକ ମାମଲା ରୁଜୁ କରାଯାଇଥାଏ, ତେବେ ସେମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦଳର ମୁଖ୍ୟ ଅନୁମତି ଦେବା ଉଚିତ ନୁହେଁ। ଏହାକୁ ଜଘନ୍ୟ ଅପରାଧ ଭାବେ ବିବେଚନା କରାଯିବା ଦରକାର ଏବଂ ପ୍ରଣୟନ ହୋଇଥିବା ଆଇନର ଏକ ଅନୁଚ୍ଛେଦ ରହିବା ଉଚିତ୍ । ଏପରି ହେଲେ ନିର୍ବାଚନରେ ହାଇକମାଣ୍ଡମାନେ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ନେତାମାନଙ୍କୁ ଟିକେଟ ପ୍ରଦାନରୁ ବିରତ ରହିବେ। ନେତାମାନଙ୍କ ବିରୋଧରେ ବହୁସଂଖ୍ୟକ ଆପରାଧିକ ମାମଲା ବିଚାରାଧୀନ ରହି ବର୍ଷ ବର୍ଷ ଧରି ପଡ଼ିରହିଥିବାରୁ ସୁପ୍ରିମକୋର୍ଟ ବି ଉଦ୍‌ବେଗ ପ୍ରକାଶ କରିଛନ୍ତି।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | 8 | | | |
| | | 3 | | | 1 | | 4 | |
| | | 7 | | 2 | | | | |
| | 3 | | 7 | 4 | 5 | 6 | 8 | |
| | 7 | | 1 | | | 9 | | |
| 5 | | | | | 2 | 3 | | |
| | | | | | 6 | | | |
| 9 | | 6 | | | 7 | 8 | 3 | |
| | | 5 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 7 | 9 | 1 | 3 | 5 | 2 |
| 7 | 1 | 3 | 8 | 5 | 2 | 9 | 6 | 4 |
| 5 | 9 | 2 | 6 | 4 | 3 | 1 | 8 | 7 |
| 8 | 7 | 6 | 3 | 1 | 4 | 5 | 2 | 9 |
| 4 | 5 | 1 | 9 | 2 | 6 | 7 | 3 | 8 |
| 3 | 2 | 9 | 5 | 7 | 8 | 4 | 1 | 6 |
| 1 | 8 | 7 | 2 | 3 | 9 | 6 | 4 | 5 |
| 2 | 3 | 5 | 4 | 6 | 7 | 8 | 9 | 1 |
| 9 | 6 | 4 | 1 | 8 | 5 | 2 | 7 | 3 |

ଗତକାଲିର ଉତ୍ତର

## ଏଇ ଭାରତରେ

ବନାଗ୍ନି ବିପର୍ଯ୍ୟୟକୁ ରୋକିବା ଲାଗି ଉତ୍ତରାଖଣ୍ଡରେ ଦିଲ୍ଲୀ ଏନ୍‌ସିଆରସ୍ଥିତ ଦି ହନ୍ସ ଫାଉଣ୍ଡେଶନ (ଟିଏଚ୍ଏଫ୍)ର ପ୍ରୟାସ ପ୍ରଶଂସନୀୟ। ଏହାର ମୁଖ୍ୟ ଭୂମିକା ତୁଲାଉଛନ୍ତି ପାଉରି ଗଡ଼ୱାଲ ଜିଲାର ଚୌରା ଗାଁର ୨୧ ବର୍ଷିଆ ପ୍ରୀତମ୍ ସିଂ। ୨୦୨୨ରେ ତାଙ୍କ ଗାଁ ନିକଟସ୍ଥ ଜଙ୍ଗଲରେ ନିଆଁର କ୍ଷୟକ୍ଷତି ଦେଖିବା ପରେ ସେ ଏହାର ପ୍ରତିକାର ପାଇଁ ଗାଁ ଛାଡ଼ି ଆଉ ବାହାରକୁ ଯାଇନାହାନ୍ତି। ସେବେଠାରୁ ଦି ହନ୍ସ ଫାଉଣ୍ଡେଶନ ସହଯୋଗରେ ନିଆଁଲିଭା ପାଇଁ ପ୍ରଥମେ ପ୍ରଶିକ୍ଷଣ ନେବା ପରେ ତାଙ୍କ ନେତୃତ୍ୱରେ ରାଜ୍ୟରେ ଏବେ ତାଙ୍କ ଭଳି ୫,୦୬୬ ଯୁବକ ସାମିଲ ହୋଇସାରିଲେଣି। ପାଉରି ଗଡ଼ୱାଲ, ତେହରି ଗଡ଼ୱାଲ, ଆଲମୋରା ଏବଂ ବାଗେଶ୍ୱର ଜିଲାର ୧୦ଟି ବ୍ଲକର ୧,୦୦୦ ଗାଁରୁ ଏହି ନିଆଁ ଲିଭାଳି ଯୋଦ୍ଧାମାନେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ଉଦ୍ୟମରେ ପାଖାପାଖି ୫୭ ପ୍ରତିଶତ ଜଙ୍ଗଲ ନିଆଁ ହ୍ରାସ ପାଇପାରିଛି। କେବଳ ଏତିକି ନୁହେଁ ଟିଏଚ୍ଏଫ୍ ଦ୍ୱାରା ବନ ପଞ୍ଚାୟତ କମ୍ୟୁନିଟି ଗ୍ରୁପ୍ ଗଠନ କରାଯାଇ ଅଗ୍ନି ପ୍ରତିରୋଧକ ବୃକ୍ଷରୋପଣ କରାଯିବା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ବନାଗ୍ନି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ମାର୍ଚ୍ଚ ୧୯୭୫

- ଭାରତ ମହାସାଗରସ୍ଥିତ ଡିଏଗୋ ଗାର୍ସିଆ ଦ୍ୱୀପରେ ଏକ ବିମାନ ଓ ନୌଘାଟି ନିର୍ମାଣ କରିବାକୁ ଫୋର୍ଡ ସରକାରଙ୍କ ଉଦ୍ୟମ ବିରୋଧରେ ଆମେରିକା ସିନେଟ୍‌ରେ ଏକ ନୂତନ ଅଭିଯାନ ଆରମ୍ଭ।
- ବିହାରର ହଜାରିବାଗ ଅଞ୍ଚଳରେ ଏକ ନୂତନ କୋଇଲା ଖଣିର ସନ୍ଧାନ।

## ଚିରନ୍ତନୀ

ନ ପଡ଼େ ମନେ ଆଜି ଦେହର ଶୋଭା
ନାସାର ନିଃଶ୍ୱାସ ଅଧର-ଜବା
କଟିର ଚାରୁ ଗତି ଭ୍ରୁରୁର ଛାୟା
କପଟହୀନ କଥା ବେଣୀର ମାୟା
କରର ସୁକୋମଳ ପରଶ
ଜୀବନ କଲା ଯେବେ ସରସ
ସେ ଦିନ କଥା ଆଜି ପାସୋର କାହିଁ ହେଲା
ସକଳ କାଳ ଯେବେ କାଟିଲି କରି ହେଳା ?
ନିଭିଚି ସବୁ ମନ୍ଥୁ, ରହିଚି ଯାହା ଲାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି!
-(ଦୁଇଟି କଳା ଆଖି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଭାରତକୁ ଋଣ ସହାୟତା ମାଗିଲା ମାଳଦ୍ୱୀପ**



ମାଲେ: ମାଳଦ୍ୱୀପକୁ ଋଣ ସହାୟତା ପ୍ରଦାନ ଲାଗି ଏହାର ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ଭାରତକୁ ଅନୁରୋଧ କରିଛନ୍ତି। ପୂର୍ବରୁ ଭାରତ ମାଳଦ୍ୱୀପକୁ ୪୦୦.୯ ନିୟୁତ ଡଲାର ଋଣ ଯୋଗାଇଛି। ଭାରତ ବିରୋଧୀ ଆଭିମୁଖ୍ୟ ପରେ ମୁଇଜ୍ଜୁ ସ୍ୱର ବଦଳାଇଛନ୍ତି। ମାଳଦ୍ୱୀପକୁ ସହାୟତା କରିବାରେ ନୂଆଦିଲ୍ଲୀର ମୁଖ୍ୟ ଭୂମିକା ରହିଥିବା ସେ ସ୍ୱୀକାର କରିଛନ୍ତି। ଭାରତ ମାଳଦ୍ୱୀପର ଘନିଷ୍ଠ ବନ୍ଧୁ ହୋଇ ରହିବ ବୋଲି ମୁଇଜ୍ଜୁ କହିବା ସହ ଋଣ ସହାୟତା ଯୋଗାଇଦେବା ଲାଗି ନିବେଦନ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୁବଣୀ ପାଦରେ ସରୁ ଅଳତା**
**କୁଟୁଣୀ ଗୋଡ଼ରେ ବଳା**
**କୁମ୍ଭାରୁଣୀର ସରୁ ସରୁ ରୁଲି**
**ଦେହ ଗୋଟିଯାକ କଳା।**

ଧୋବଣୀ ପାଦରେ ଅଳତା ପିନ୍ଧିଲେ ଲୁଗା କାଚିବା ବେଳେ ତାହା ଧୋଇହୋଇଯାଏ ଏବଂ ଲୁଗାରେ ଅଳତା ଲାଗିଯାଏ। ଧାନ କୁଟୁଥିବା ମହିଳା ଗୋଡ଼ରେ ବଳା ପିନ୍ଧିଲେ ଧାନ କୁଟିବା ବେଳେ ତାହା ଅସୁବିଧା ସୃଷ୍ଟିକରେ। ସେହିପରି ହାଣ୍ଡି ମାଠିଆ ଗଢୁଥିବା କୁମ୍ଭାରୁଣୀ ହାତ ରୁଲି ପିନ୍ଧିବା ବି ତା'ପାଇଁ ଅସୁବିଧାଜନକ। ତେଣୁ ନିର୍ଦ୍ଦିଷ୍ଟ ଜାତି ଓ ସମ୍ପ୍ରଦାୟର ମହିଳା ଯାହା ପିନ୍ଧିବା ତାଙ୍କ ପାଇଁ ଶୋଭା ଦିଏ ନାହିଁ, ତାହା ଏଠାରେ ବର୍ଣ୍ଣନା କରାଯାଇଛି।

**ଧାନ ସେରକ ପାଇଁ ସାଇକି ଗଲି**
**କୁଲାକ ଚାଉଳ କୁକୁରକୁ ଦେଲି।**

ବ୍ୟକ୍ତି ନିଜ ଅଜ୍ଞତା ପାଇଁ ଦୁଃଖ କଷ୍ଟ ପାଇଥାଏ। ଅଯଥାରେ ଅଜସ୍ର ଧନ ନଷ୍ଟ କରି ବାହାରେ ସାମାନ୍ୟ କେତେଟା ଟଙ୍କା ପାଇଁ ହାତ ପତାଉଥିବା ଲୋକର ଚରିତ୍ର ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଶୁକ୍ରବାର ଭାଜପା ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭବେଳେ ଜଣେ ମହିଳା ଆପ୍ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

# ଭାରତୀୟ ନଭୋବିଦ୍ୟା ବିଶାରଦଙ୍କ ନାମରେ ନାମିତ ହେଲା କ୍ଷୁଦ୍ରଗ୍ରହ

**ବେଙ୍ଗାଲୁରୁ, ୨୨।୩**



ପ୍ରଫେସର ଜୟନ୍ତ ମୂର୍ତ୍ତି

ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ (ଆଇଏୟୁ) ଖ୍ୟାତନାମା ଭାରତୀୟ ନଭୋବିଦ୍ୟା ବିଶାରଦ (ଆଷ୍ଟ୍ରୋଫିଜିକିଷ୍ଟ) ପ୍ରଫେସର ଜୟନ୍ତ ମୂର୍ତ୍ତିଙ୍କ ନାମ ଅନୁସାରେ ଏକ କ୍ଷୁଦ୍ର ଗ୍ରହକୁ ନାମିତ କରିଛି। ଅଲ୍‌ଟ୍ରାଭାଓଲେଟ୍ ଆଷ୍ଟ୍ରୋନୋମି ଏବଂ ମହାକାଶ ମିଶନରେ ପ୍ରଫେସର ମୂର୍ତ୍ତିଙ୍କ ଅଗ୍ରଣୀ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ତାଙ୍କୁ ସମ୍ମାନିତ କରାଯାଇଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ (ଆଆଇଏ) ବେଙ୍ଗାଲୁରୁ ପକ୍ଷରୁ କୁହାଯାଇଛି। ପୂର୍ବରୁ ୨୦୦୫ଇଏକ୍ସ୨୯୬ ଭାବେ ଜଣାଶୁଣା କ୍ଷୁଦ୍ରଗ୍ରହ ଏଣିକି (୨୧୫୮୮୪)ଜୟନ୍ତମୂର୍ତ୍ତି ଭାବେ ପରିଚିତ ହେବ। ଏହା ମଙ୍ଗଳ ଏବଂ ବୃହସ୍ପତି ମଝିରେ ରହି ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରିଥାଏ। ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ଥରେ ଘୂରିବାକୁ ଏହାକୁ ୩.୩ ବର୍ଷ ଲାଗିଥାଏ।

# କେଟ୍ ମିଡିଲଟନ୍‌ଙ୍କୁ କ୍ୟାନ୍‌ସର

**ଲଣ୍ଡନ, ୨୨।୩**



ପ୍ରିନ୍ସେସ୍ ଅଫ୍ ୱେଲ୍ସ କେଟ୍ ମିଡିଲଟନ୍‌ଙ୍କୁ କ୍ୟାନ୍‌ସର ହୋଇଥିବା ସେ ଘୋଷଣା କରିଛନ୍ତି। ସେ କେମୋଥେରାପି ଚିକିତ୍ସା ଆରମ୍ଭ କରିଥିବା କହିଛନ୍ତି। ଗତ ଜାନୁଆରୀରେ ତାଙ୍କର ଅସ୍ତ୍ରୋପଚାର ପରେ ପରୀକ୍ଷାରୁ କ୍ୟାନ୍‌ସର ଚିହ୍ନଟ ହୋଇଥିଲା। ସେ ଜନସାଧାରଣଙ୍କୁ ଜଣାଇଦେବା ଏବଂ ଗୁଜବରୁ ବର୍ତ୍ତିବା ଲାଗି ଉକ୍ତ ଖବରକୁ ଶେୟାର କରିଛନ୍ତି। କେଟ୍ କହିଛନ୍ତି, କ୍ୟାନ୍‌ସର ହୋଇଥିବା ଜଣାପଡ଼ିବା ପରେ ୱିଲିୟମ ଓ ମୁଁ ବହୁତ ଡରିଯାଇଥିଲୁ। ମେଡିକାଲ ଟିମ୍‌ର ଉପଦେଶ ଅନୁଯାୟୀ ସେ ପ୍ରତିଶେଧକ କେମୋଥେରାପି ଚିକିତ୍ସାର ପ୍ରାଥମିକ ପର୍ଯ୍ୟାୟରେ ରହିଥିବା କହିଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଂଗ୍ରେସର ଟିକସ ପୁନଃ ସମୀକ୍ଷା ହେବ

## ହାଇକୋର୍ଟରେ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୨।୩ (ପି.ଟି.)**

କଂଗ୍ରେସ ବିରୋଧରେ ଆୟକର ବିଭାଗର ଟିକସ ପୁନଃ ସମୀକ୍ଷା କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ଦଳ ପକ୍ଷରୁ କରାଯାଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ରିଟ୍ ପିଟିଶନକୁ ଖାରଜ କରାଗଲା ବୋଲି ଜଷ୍ଟିସ୍ ଯଶୱନ୍ତ ବର୍ମା ଏବଂ ପୁରୁଷୈନ୍ଦ୍ର କୁମାର କୌରବଙ୍କ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। କଂଗ୍ରେସ ବିରୋଧରେ ଆୟକର ବିଭାଗ ୨୦୧୪–୧୫ରୁ ୨୦୧୬–୧୭ ତିନି ବର୍ଷର ଟିକସ ପୁନଃ ସମୀକ୍ଷା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ଦଳ ପକ୍ଷରୁ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଦଳ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭୀ ହାଜର ହୋଇ ଆୟକର ବିଭାଗ ସର୍ବାଧିକ ୬ ଆକଳନ ବର୍ଷ ପଛକୁ ଯାଇପାରେ ବୋଲି କହିଥିଲେ। ଅନ୍ୟ ପକ୍ଷରେ ଟିକସ କର୍ତ୍ତୃପକ୍ଷ କୌଣସି ବୈଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରି ନ ଥିବା ଆଇଟି ବିଭାଗ ପକ୍ଷରୁ କୁହାଯାଇଥିଲା। ତଥ୍ୟ ପ୍ରମାଣ ଅନୁଯାୟୀ ଦଳ ୫୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆୟକୁ ଦର୍ଶାଇ ନ ଥିବା ଟିକସ ବିଭାଗ କହିଥିଲା। ଗତ ୨୦ ତାରିଖରେ ହାଇକୋର୍ଟ ଉଭୟ ପକ୍ଷର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଥିଲେ। ପୂର୍ବରୁ ଆୟକର ବିଭାଗ କଂଗ୍ରେସଠାରୁ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବକେୟା ଟିକସ ଆଦାୟ ପାଇଁ ନୋଟିସ କରିଥିବାବେଳେ ଆପିଲେଟ୍ ଟ୍ରିବ୍ୟୁନାଲ ଏହା ଉପରେ ସ୍ଥଗିତାଦେଶ ଲଗାଇବାକୁ ମନା କରିଦେଇଥିଲେ। ହାଇକୋର୍ଟ ମଧ୍ୟ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଉପରେ ହସ୍ତକ୍ଷେପ କରି ନ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ମସ୍କୋ ସିଟି ହଲ୍‌ରେ ଗୁଳି

## ୪୦ ମୃତ, ଶତାଧିକ ଆହତ

**ମସ୍କୋ, ୨୨।୩**

ରୁଷିଆ ରାଜଧାନୀ ମସ୍କୋର ଏକ ସିଟି କନ୍‌ସର୍ଟ ହଲ୍‌ରେ ଶୁକ୍ରବାର ଗୁଳିକାଣ୍ଡ ଓ ବୋମାମାଡ଼ ହୋଇଛି। ସେନା ପୋଷାକ ପିନ୍ଧିଥିବା ୫ରୁ ଅଧିକ ଅଟୋମେଟିକ୍ ବନ୍ଧୁକଧାରୀ କ୍ରୋକସ୍ ସିଟି ହଲ୍ ମ୍ୟୁଜିକ୍ ଆଭେନ୍ୟୁରେ ଭିଡ଼ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ୪୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଥିବା କୁହାଯାଉଛି। ଘଟଣାସ୍ଥଳକୁ ୫୦ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ପଠାଯାଇଛି। ବୋମା ବିସ୍ଫୋରଣ ଯୋଗୁ ହଲ୍‌ରେ ନିଆଁ ଲାଗିଯିବାରୁ ସମ୍ପୃକ୍ତ ଅଞ୍ଚଳର ଆକାଶ ଧୂଆଁପୂର୍ଣ୍ଣ ହୋଇଯାଇଛି। ଏହାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ଶପିଙ୍ଗ୍ ସେଣ୍ଟରରେ ଏକ ଦୁଃଖଦ ଘଟଣା ଘଟିଛି ବୋଲି ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ କହିଛନ୍ତି। ସେଠାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଦଙ୍ଗା ନିରୋଧୀ ପୋଲିସକୁ ନିୟୋଜିତ କରାଯାଇଛି।



ମସ୍କୋର କ୍ରୋକସ୍ ସିଟି ହଲ୍‌ରେ ଗୁଳିକାଣ୍ଡ ପରେ ନିଆଁ।

WE ARE HIRING
Archifabs
ARCHIFABS, is an organization in the field of Architectural Fabrications since last 15 years in Bhubaneswar with works related to Facades and surfaces.
ASST. ENGINEER (AE): AutoCAD competent, Knowledge of MS/Aluminium Fabrications etc. conversant with Civil/Mechanical drawings, measurements, Bill of quantities etc. Edu. Qual.: Engg. Diploma/Sc. graduate. Experience: 2-3 years in relevant field. Salary: At par with the industry.
MANAGER ACCOUNTS (MA): Knowledge of Finance, Accounts and practices with GST, TDS, EPF, laws and Tally etc. Edu. Qual.: Commerce Graduate/Postgraduate, MBA – Finance, Inter ICWA etc. Experience: A min. of 4 years in relevant field with all exposure to various departments of Accounts and finance. Salary: As per incumbency.
SALES EXECUTIVE (SE): Techno-Sales and Marketing of building materials in Odisha and adjoining states. Edu. Qual.: MBA in Marketing with at least 2 years of experience in the relevant field. Engg. background will be preferred. Girls (with 2 Wheelers) can also apply.
Please rush in your CVs with reference codes within 7 days to :
rabinbehera100@gmail.com

## ଦାମ ରାଉତଙ୍କ...

ପ୍ରଥମ ପୃଷ୍ଠାରୁ...

ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡିର ବହୁ ନେତା ଓ କର୍ମୀ ଦାମଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ମରଶରୀରକୁ ବିଧାନସଭାକୁ ନିଆଯାଇ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସେଠାରୁ ଦାମଙ୍କ ମରଶରୀରକୁ ପାରାଦୀପ ଏବଂ ତାଙ୍କ ଜନ୍ମସ୍ଥାନ ଏରସମାକୁ ନିଆଯାଇଥିଲା। ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦାମଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦାମଙ୍କ ବିୟୋଗରେ ଶୋକପ୍ରକାଶ କରି କହିଛନ୍ତି ଯେ ଓଡ଼ିଶା ଏବଂ ଦେଶର ଉନ୍ନତି ପାଇଁ ତାଙ୍କ ଅବଦାନ ସ୍ମରଣୀୟ। ରାଷ୍ଟ୍ରପତି ପରିବାର ବର୍ଗଙ୍କ ସହ ଅନୁଗାମୀଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଦାମଙ୍କ ପରଲୋକରେ ରାଜ୍ୟପାଳ ରଘୁବର ଦାସ ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଦାମୋଦର ରାଉତଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଦାମଙ୍କ ଦେହାନ୍ତ ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ କ୍ଷତି। ଲୋକଙ୍କ ସେବା ଲାଗି ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାମଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ସେ ସୋସିଆଲ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଜଣେ ସ୍ପଷ୍ଟବାଦୀ ଓ ଅନୁଭବୀ ରାଜନେତାଙ୍କୁ ହରାଇଲା। ଦାମଙ୍କ ବିୟୋଗରେ ବିଭିନ୍ନ ଦଳର ରାଜନେତା, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ ଶୋକପ୍ରକାଶ କରିଛନ୍ତି।

ଦାମ ବିଧାନସଭାକୁ ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୫ ଥର ଏରସମା ଓ ୨ ଥର ପାରାଦୀପରୁ ନିର୍ବାଚିତ ହୋଇଥିଲେ। ୧୯୭୭ରେ ପ୍ରଥମ ଥର ପାଇଁ ସେ ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୦ରେ ଜନତା ଦଳ ସେକୁଲାରରୁ ସେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ତେବେ ସେ ୧୯୯୫ରେ ପରାଜିତ ହୋଇଥିଲେ। ୨୦୦୦ ମସିହାରୁ କ୍ରମାଗତଭାବେ ବିଜେଡିରୁ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ସରକାରରେ ଦାମ ବିଭିନ୍ନ ବିଭାଗର ମନ୍ତ୍ରୀ ପଦରେ ଥିଲେ। ୨୦୧୭ରେ ବିଜେଡିରୁ ବହିଷ୍କାର ହେବା ପରେ ସେ ଭାଜପାରେ ଯୋଗ ଦେଇଥିଲେ। ୨୦୧୯ରେ ବାଲିକୁଦାରୁ ଭାଜପା ଟିକେଟରୁ ଲଢ଼ି ପରାଜିତ ହୋଇଥିଲେ। ୨୦୨୪ ଜାନୁଆରୀରେ ବିଜେଡି ପକ୍ଷରୁ ତାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଥିଲା।

## ଭାଜପାକୁ ମେଘା ଇଞ୍ଜିନିୟରିଂ...

୩୨୫ କୋଟି ଦେଇଥିଲା। ୨୦୨୩ରେ ଏହି ଦଳକୁ ୧,୬୭୬.୩ କୋଟି ମିଳିଥିବାବେଳେ ମେଘା ଇଞ୍ଜିନିୟରିଂର ଚାନ୍ଦା ୨୯୭ କୋଟି ଏବଂ ଭାରତୀ ଏୟାରଟେଲ୍‌ର ଚାନ୍ଦା ୯୩ କୋଟି ଥିଲା। ଚଳିତ ବର୍ଷ ଭାଜପା ଏନ୍‌କ୍ୟାଶ କରିଥିବା ୨୦୨ କୋଟି ଟଙ୍କାରୁ ଭାରତୀ ଏୟାରଟେଲ୍‌ର ଚାନ୍ଦା ୫୦ କୋଟି ରହିଛି ଏବଂ ରୁଙ୍ଗ୍‌ଟା ଆଣ୍ଡ ସନ୍ସର ୫୦ କୋଟି ରହିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ଗୁରୁବାର ପ୍ରକାଶ କରିଥିବା ଇଲେକ୍ଟୋରାଲ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ଅନୁଯାୟୀ କେନ୍ଦ୍ରର ଶାସକ ଦଳ ଭାଜପା ଏବଂ ଓଡ଼ିଶାର ଶାସକ ଦଳ ବିଜେଡିକୁ ଖଣି ଓ ବୃହତ୍ ଇନ୍‌ଫ୍ରାଷ୍ଟ୍ରକ୍ଚର କମ୍ପାନୀଗୁଡ଼ିକ ବଣ୍ଡ ଜରିଆରେ ସର୍ବାଧିକ ଚାନ୍ଦା ଦେଇଛନ୍ତି। ଏହା ବ୍ୟତୀତ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଆଦି ବିଭିନ୍ନ ରାଜ୍ୟର ଶାସକ ଦଳ ମଧ୍ୟ ଇଲେକ୍ଟୋରାଲ ବଣ୍ଡରୁ ଅଧିକ ଲାଭ ଉଠାଇଥିବା ଜଣାପଡ଼ିଛି। ବୃହତ୍ ଖଣି କମ୍ପାନୀ ବେଦାନ୍ତ ଲିଃ ଭାଜପାକୁ ୨୨୬ କୋଟି ଚାନ୍ଦା ଦେଇଥିବାବେଳେ କଂଗ୍ରେସକୁ ୧୦୪ କୋଟି ଏବଂ ବିଜେଡିକୁ ୪୦ କୋଟି ଦେଇଛି। ଓଡ଼ିଶାର ଲାଞ୍ଜିଗଡ଼ରେ ଆଲୁମିନିୟମ ରିଫାଇନେରି ଚଳାଉଥିବା ବେଦାନ୍ତର ସହଯୋଗୀ କମ୍ପାନୀ ନିୟମଗିରିର ବାୟୁ ଓ ଜଳ ପ୍ରଦୂଷଣ କରିଆସୁଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିଃ ଭାଜପାକୁ ୭୫ କୋଟି ଏବଂ ବିଜେଡିକୁ ୫୪ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦେଇଛି। ଆଲୁମିନିୟମ ଉତ୍ତୋଳନକୁ ନେଇ ଉକ୍ତ କମ୍ପାନୀ ଅତୀତରେ ଜୋରଦାର ବିରୋଧର ସମ୍ମୁଖୀନ ହୋଇଥିଲା। ଓଡ଼ିଶାର ଲୁହାପଥର ମାଇନିଂ କମ୍ପାନୀ ମେସର୍ସ କେ.ଜେ.ଏସ୍. ଆହଲୁୱାଲିଆ ଏବଂ ଖଣି ଓ ଇସ୍ପାତ କମ୍ପାନୀ ରୁଙ୍ଗ୍‌ଟା ଭାଜପାକୁ ବଣ୍ଡ ଜରିଆରେ ଯଥାକ୍ରମେ ୧୪ ଏବଂ ୫୦ କୋଟି ଟଙ୍କା ଦେଇଛନ୍ତି। ଉତ୍ତରାଖଣ୍ଡରେ ଟନେଲ ଓ ରାସ୍ତା ନିର୍ମାଣରେ ନିୟୋଜିତ ଥିବା ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଭାଜପାକୁ ୫୫ କୋଟି ଟଙ୍କା ଚାନ୍ଦା ଦେଇଛି। ଇଲେକ୍ଟୋରାଲ ବଣ୍ଡ କିଣିଥିବା କମ୍ପାନୀ ମଧ୍ୟରୁ ୧୫ଟି ନିଫ୍ଟି୫୦ ଇଣ୍ଡେକ୍ସରେ ତାଲିକାଭୁକ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ଟି କମ୍ପାନୀ ବିଏସ୍‌ଇ ସେନ୍‌ସେକ୍ସରେ ମଧ୍ୟ ତାଲିକାଭୁକ୍ତ ଥିବା ଜଣାପଡ଼ିଛି। ୧୫ଟି ନିଫ୍ଟି ତାଲିକାଭୁକ୍ତ କମ୍ପାନୀ ଇଲେକ୍ଟୋରାଲ ବଣ୍ଡ ଜରିଆରେ ମୋଟ ୬୪୬ କୋଟି ଟଙ୍କା ରାଜନୈତିକ ଦଳଙ୍କୁ ଦେଇଥିବାବେଳେ ସେନ୍‌ସେକ୍ସ ଲିଷ୍ଟେଡ୍ କମ୍ପାନୀ ୩୩୭ କୋଟି ଦେଇଛନ୍ତି। ୧୫ କମ୍ପାନୀରୁ ଭାଜପା ଏକାକୀ ୫୨୧ କୋଟି ପାଇଛି, ଯାହା ଉକ୍ତ କମ୍ପାନୀଗୁଡ଼ିକର ମୋଟ ଚାନ୍ଦାର ୮୧ ପ୍ରତିଶତ।

## ବିଜେଡି-ଭାଜପା ମେଣ୍ଟ...

ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡିଶାରେ ବହୁ କେନ୍ଦ୍ରୀୟ ଯୋଜନା ଲାଗୁ କରାଯାଇ ନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳାଙ୍କ ପ୍ରତି ବହୁ ଅତ୍ୟାଚାର ହେଉଛି। ଦଳ ଏହି ସବୁ ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ। ଭାଜପା ରାଜ୍ୟରେ ସରକାର କରିବ ବୋଲି ତୋମାର ଦୃଢ଼ୋକ୍ତି ଦେଖାଇଛନ୍ତି। ହେଲେ ସେ ମେଣ୍ଟ ହେବ ନାହିଁ ବୋଲି ମଧ୍ୟ ତାଙ୍କ ପ୍ରତିକ୍ରିୟାରେ କହିନାହାନ୍ତି।

ଅନ୍ୟପକ୍ଷରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ରାଜ୍ୟବାସୀଙ୍କ ଆସ୍ଥା ବଳରେ ବିଜେଡି ରାଜ୍ୟର ସେବା କରିବା ସହ ସବୁ କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଆଣିଛି। ବିଜେଡି ସମସ୍ତ ୧୪୭ ବିଧାନସଭା ଏବଂ ୨୧ ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ରାଜ୍ୟବାସୀଙ୍କ ସମର୍ଥନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୩ ଚତୁର୍ଥାଂଶରୁ ଅଧିକ ଆସନରେ ବିଜୟୀ ହେବ। ରାଷ୍ଟ୍ର ଗଠନ ପାଇଁ ସହକାରୀ ସଂଘବାଦ ଓ ରାଷ୍ଟ୍ରନୀତିଜ୍ଞତା ମନୋଭାବ ସହିତ ରାଜ୍ୟବାସୀଙ୍କୁ ସବୁବେଳେ ଆଗଧାଡିରେ ରଖି ସେମାନଙ୍କ କଲ୍ୟାଣ ପାଇଁ ବିଜେଡି ନିଷ୍ପତ୍ତି ନେବ। ନୂତନ ଓ ସଶକ୍ତ ଓଡ଼ିଶା ବିଜେଡିର ଲକ୍ଷ୍ୟ ହେବ। ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାକୁ ହାସଲ କରିବା ଦିଗରେ ଆଗେଇ ଚାଲିଛୁ ବୋଲି ପ୍ରଣବ ଉଲ୍ଲେଖ କରିଛନ୍ତି।

WANTED
Used Car Showroom in Bhubaneswar requires Front Office Executive cum Telecaller, Marketing Professionals with experience in used Car Sales and Purchase of Four Wheeler.
For details contact :
7381091234, 9861194627

COOK REQUIRED
Indian & Chinise Cook
Required for Restaurant at Kesura, Bhubaneswar.
Ph.:7894716207
9437284700

Required
Graduates in Bhubaneswar
Good Odia & Hindi Communication skill.
SALARY + INCENTIVE.
IKONTEL (Software Company)
Office: Esplanade Mall, 6th floor, Rasulgarh
7008230175, 8763191697

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. : CRPD/SCO/2023-24/34 | | |
| --- | --- | --- |
| ପୋଷ୍ଟ ନାମ | ଖାଲି ପଦବୀ | ସମକକ୍ଷ ଗ୍ରେଡ୍ |
| ମୁଖ୍ୟ (କର୍ପୋରେଟ୍ ଯୋଗାଯୋଗ ଏବଂ ମାର୍କେଟିଂ) | 1 | ଟିଇଜିଏସ୍-VII |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।
ସ୍ଥାନ: ମୁମ୍ବାଇ
ତାରିଖ: 20.03.2024
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

Cuttack Central Co-operative Bank Ltd.
Head Office: Nimchouri, Cuttack-753002
Email: ccbho@cuttackccb.co.in
ଆନନ୍ଦର ପର୍ବ ଦୋଳ ପୂର୍ଣ୍ଣିମା ଓ ହୋଲି ଅବସରରେ
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ
ତରଫରୁ ଅବିଭକ୍ତ କଟକ ଜିଲ୍ଲାର
ଅଗଣିତ ଚାଷୀ ଭାଇ ଭଉଣୀ ଓ ଅଂଶୀଦାରମାନଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ।
Happy Holi
Prabhat Chandra Kanungo
President
Cuttack Central Co-operative Bank
Ananta Kumar Samal
Chief Executive Officer
Cuttack Central Co-operative Bank

Exploring the
Right Opportunity?
Be Associated with a renowned MNC
Work from Home • High Income • Work-life Balance
1st Month Training - Chargeable (Meals are Provided)
2nd Month Onwards - Earn Basic + Variable
Who can Join?
• House Wives • Students
• Retired Persons • Employees
• Professionals • Retired Persons
Interview Date : 27th March 2024
Time : 9.30 A.M. to 5.00 P.M.
Interested People Can Contact
9078259459
(Call Between 9.00 A.M. to 6.00 P.M.) to book Interview Slot.
Hurry up - Only 20 Posts available
: OFFICE ADDRESS :
2nd Floor, MM Mart Building, Hi-Tech Chowk, Sundarpada, BBSR - 751002

## ସଂକ୍ଷେପରେ

### ଟ୍ରକ୍‌ରୁ ଡିଜେଲ ଚୋରି, ୨ ଗିରଫ

ଖୁଣ୍ଟୁଣୀ, ୨୨।୩(ସଚ୍ଚିଦାନନ୍ଦ ପଣ୍ଡା)

ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମର ବ୍ରହ୍ମାନନ୍ଦ ବେହେରା ଓ ଚମିଆ ଗ୍ରାମର ସୌମ୍ୟରଞ୍ଜନ ନାୟକ। ଗୁରୁବାର ରାତିରେ ଖୁଣ୍ଟୁଣୀ ଥାନା ନିକଟ ଏକ ଢାବା ପାର୍ଶ୍ୱରେ ଟ୍ରକ ପାର୍କିଂ ହୋଇଥିଲା। ଚାଳକ ଟ୍ରକ୍ ରଖି ଉକ୍ତ ଢାବାରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଟ୍ରକ୍ ତେଲ ଟ୍ୟାଙ୍କରର ତାଲା ଭାଙ୍ଗି ପ୍ରାୟ ୨୫୦ ଲିଟର ଡିଜେଲ ଚୋରି କରିଥିଲେ। ପରେ ସେମାନେ ସେଠାରେ ଥିବା ଅନ୍ୟ ଏକ ଟ୍ରକ କ୍ୟାବିନ ଉପରେ ଡିଜେଲ ଲୁଚାଇ ରଖିଥିଲେ । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୭୧/୨୪) ରୁଜୁ କରିବା ସହ ଉକ୍ତ ଡିଜେଲ ଜବତ କରିଥିଲା।

### ସୋସିଆଲ ମିଡିଆରେ ଆକ୍ଷେପ: ସାଇବର ଥାନାର ଦ୍ୱାରସ୍ଥ ହେଲେ ରୂପାଲି

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ ରୂପାଲି ଲେଙ୍କା ଓ ତାଙ୍କ ସ୍ୱାମୀଙ୍କ ନାଁରେ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲାଯାଇ ମିଥ୍ୟା ଅପପ୍ରଚାର କରାଯାଉଛି। ଏପରି କି ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଆକ୍ଷେପ କରାଯାଉଛି। ଏନେଇ ରୂପାଲି ଶୁକ୍ରବାର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏ ନେଇ ରୂପାଲି କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଦଣ୍ଡ ମିଳିବ ବୋଲି ଆଶା ରହିଛି। ଅପରପକ୍ଷରେ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୨୨।୩(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କହ୍ନେଇପୁର ପଞ୍ଚାୟତ ଅନ୍ତର୍ଗତ ତେଲିଆପଡ଼ା ଗ୍ରାମରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାନନ ସ୍ୱାଇଁ କର୍ତ୍ତା ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପରିଚାଳନା କମିଟିର ଧରଣୀଧର ମହାନ୍ତି, ଶ୍ରୀନିବାସ ବାରିକ, ସନ୍ତୋଷ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ, ଚଣ୍ଡୀ ପ୍ରକାଶ ମହାନ୍ତି, ବବିତା ଦାସ, ଅଶୋକ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁବିଧା ପୋର୍ଟାଲର ଉପଯୋଗ କରିବେ ପ୍ରାର୍ଥୀ

କଟକ,୨୨।୩(କାର୍ତ୍ତିକ ସାହୁ)


ବୈଠକରେ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସହ ଅନ୍ୟମାନେ।

**ନିର୍ବାଚନ ପ୍ରସ୍ତୁତି ବୈଠକ**

- ପ୍ରାର୍ଥୀଙ୍କ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ତାଲିକା ଚୂଡ଼ାନ୍ତ

ଆସନ୍ତା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ସମ୍ଭାବ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ତାଲିକା ଚୂଡ଼ାନ୍ତ କରାଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ୍ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ବ୍ୟବହାର ହେବାକୁ ଥିବା ବିଭିନ୍ନ ସାମଗ୍ରୀର ଦର ଉପରେ ଆଲୋଚନା ହୋଇଥିଲା। ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମ୍ମତି ସହ ଚୂଡ଼ାନ୍ତ ତାଲିକାରେ ଧାର୍ଯ୍ୟଦର ଅପରିବର୍ତ୍ତନୀୟ ବୋଲି ଜଣାପଡିଛି।

ପ୍ରକାଶ ଯେ, ଧାର୍ଯ୍ୟ ହୋଇଥିବା ଦର ତାଲିକା ବିଭିନ୍ନ ବିଭାଗର ଅନୁମୋଦିତ ଦର ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ରାଜନୈତିକ ଦଳଗୁଡିକର ନିର୍ବାଚନୀ ଖର୍ଚ୍ଚର ହିସାବ ଏହି ତାଲିକା ଅନୁଯାୟୀ କରାଯିବ। ପୁନଶ୍ଚ ସୁବିଧା ପୋର୍ଟାଲ ଓ ମୋବାଇଲ ଆପ୍ ଜରିଆରେ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ବିଭିନ୍ନ ପ୍ରକାର ଅନୁମତିପ୍ରାପ୍ତି ତଥା ପ୍ରାର୍ଥିପତ୍ର ଦାଖଲ ନିମନ୍ତେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଜିଲାପାଳ ଭରଦ୍ୱାଜ ବୈଠକରେ ସୂଚିତ କରିଛନ୍ତି। ଏହି ପୋର୍ଟାଲ ଉପଯୋଗ ନିମନ୍ତେ suvidha.eci.gov.inକୁ ଲଗ୍‌ଇନ୍ କରି ବ୍ୟବହାର କରାଯାଇପାରିବ। ସୁବିଧା ପୋର୍ଟାଲ ବ୍ୟବହାର ସଂକ୍ରାନ୍ତରେ ବୈଠକରେ ଏକ ସମ୍ପୂର୍ଣ୍ଣ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶିବ ଟୋପୋ ପ୍ରସ୍ତୁତ ତାଲିକା ସମ୍ବନ୍ଧରେ ସୂଚନା ଦେଇ ପ୍ରତ୍ୟେକ ସମ୍ଭାବ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଦିବ୍ୟଲୋଚନ ମହନ୍ତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ବାଙ୍କୀ ଉପଜିଲାପାଳ ଦେବୀରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, କଟକ ମହାନଗର ନିଗମ ଉପଆୟୁକ୍ତ ସୁମନ୍ତ କୁମାର କର, ଡେପୁଟି କଲେକ୍ଟର ନିଷ୍ଠା ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬ ସପ୍ତାହରେ ସରିବ ଆନନ୍ଦ ହତ୍ୟା ମାମଲାର ତଦନ୍ତ

କଟକ,୨୨।୩ (କାର୍ତ୍ତିକ ସାହୁ)

**ଅଦାଲତ ଅବମାନନାର ଅନ୍ତ ଘଟାଇଲେ ହାଇକୋର୍ଟ**

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ ଆସନ୍ତା ୬ ସପ୍ତାହ ମଧ୍ୟରେ ସରିବ। ଓଡ଼ିଶା ପୋଲିସ୍‌ରେ ଅଧିକାରୀଙ୍କ ଅଭାବ କାରଣରୁ କ୍ରାଇମବ୍ରାଞ୍ଚ ଆଇଜି ଏହି ମାମଲାର ତଦନ୍ତ କରିପାରିବେ ନାହିଁ। କ୍ରାଇମବ୍ରାଞ୍ଚର ୨ ଜଣ ଏସ୍‌ପି ମାମଲାର ତଦନ୍ତ କରିବେ। ଏହି ତଦନ୍ତ ପ୍ରକ୍ରିୟାକୁ ଆଇଜି ତଦାରଖ କରିବେ। ୬ ସପ୍ତାହ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟରେ ଉପସ୍ଥିତ ରହି ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଅଦାଲତ ଅବମାନନା ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟ ୮ ମାସ ପୂର୍ବେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କରାଇବାକୁ ଆଦେଶ ଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଅଦ୍ୟାବଧି ଆରମ୍ଭ କରି ନ ଥିବା ଅଭିଯୋଗ ଆଣି ଆବେଦନକାରୀଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ, ଆନନ୍ଦ ଟପ୍ପୋ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ତାଙ୍କର ଦୁଇ ବନ୍ଧୁଙ୍କ ସହ ରହୁଥିଲେ। ୨୦୨୨ ଫେବୃଆରୀ ୨୮ରେ ଆନନ୍ଦଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ରୁମ୍‌ରୁ ଉଦ୍ଧାର କରି ତାଙ୍କ ବନ୍ଧୁ ମନ୍‌ଜିତ୍ ଟେଟେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କର ଅନ୍ୟତମ ବନ୍ଧୁ ହକି ତାରକା ବୀରେନ୍ଦ୍ର ଲାକ୍ରା ଏ ବିଷୟରେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ଫୋନ୍ କରି ଜଣାଇଥିଲେ। ଏନେଇ ଇନ୍‌ଫୋସିଟି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ଆନନ୍ଦଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ବନ୍ଧନ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ପୋଲିସ ପ୍ରଥମେ ଗ୍ରହଣ କରି ନ ଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଆନନ୍ଦଙ୍କୁ ହତ୍ୟା କରାଯାଇ ନାହିଁ ବରଂ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଦାଲତରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ପୋଲିସ ତଦନ୍ତରେ ଭରସା ନ ପାଇବାରୁ ଆନନ୍ଦଙ୍କ ବାପା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପୋଲିସର ତଦନ୍ତ ପ୍ରକ୍ରିୟାରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଜୁଲାଇ ୫ରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# 'କୀଟ ଚିହ୍ନଟ ପାଇଁ ସହାୟକ ହେବ ଧାନ ଏକ୍ସପର୍ଟ ଆପ୍'



ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୨୨।୩ (କାର୍ତ୍ତିକ ସାହୁ)

**ଇ-ଚାଷୀ ପ୍ରଶିକ୍ଷଣ ଶିବିର**

କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ଅଧୀନ ଫସଲ ସୁରକ୍ଷା ବିଭାଗ ଇ-ଚାଷୀ ପ୍ରକଳ୍ପ ମାଧ୍ୟମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧାନ ଫସଲରେ ବିଭିନ୍ନ ରୋଗ, ପୋକ ଓ ସୂତ୍ରକୃମି (ନେମାଟୋଡ) ଭଳି କୀଟ ଚିହ୍ନଟ କରିବା ପାଇଁ କଟକସ୍ଥିତ ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ହୋଇଛି ଧାନ ଏକ୍ସପର୍ଟ ଆପ୍। କୃଷକମାନେ ଏହି ଆପ୍ ବ୍ୟବହାର କରି ଧାନଚାଷରେ କୀଟ ନିୟନ୍ତ୍ରଣ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଡ୍ରୋନ୍‌ଭିତ୍ତିକ କୀଟନାଶକ ପ୍ରୟୋଗ ଏବଂ ଫସଲ ସୁରକ୍ଷା କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ଅନୁଷ୍ଠାନର ଫାର୍ମରେ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଏମ୍. ଜେ. ବେଗ ଧାନ ଫସଲରେ ଦେଖାଯାଉଥିବା ରୋଗ, ପୋକ ଦ୍ୱାରା ଉତ୍ପନ୍ନ କ୍ଷୟକ୍ଷତିର ଉପଯୁକ୍ତ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକ ସମୟରେ କୀଟ ଓ ରୋଗ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନଙ୍କ ସହ ଯୋଗାଯୋଗ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଡ. ଶ୍ୟାମରଞ୍ଜନ ଦାସମହାପାତ୍ର କୃଷକମାନଙ୍କୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସଂକ୍ରାନ୍ତରେ ସୂଚନା ଦେଇଥିଲେ। କୃଷକମାନେ ସେମାନଙ୍କର କୃଷି ସମ୍ବନ୍ଧୀୟ ଅଭିଜ୍ଞତା ପ୍ରକାଶ କରିଥିଲେ। ବୈଜ୍ଞାନିକ ଡ. ପ୍ରଭୁକାର୍ତ୍ତିକେୟନ, ଡ. ରଘୁ ଏସ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫସଲ ସୁରକ୍ଷା ବିଭାଗର କର୍ମଚାରୀ ଏବଂ ଇ-ଚାଷୀ ପ୍ରକଳ୍ପର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧାନରେ ସମନ୍ୱିତ ରୋଗ, ପୋକ ପରିଚାଳନା ଉପରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ରଣଝଲ୍ଲୀ, ପଲିୟାମ ଏବଂ କୋଶଳାପାଲି ଗ୍ରାମର ୩୦ ଜଣ ପ୍ରଗତିଶୀଳ କୃଷିଜୀବୀ ମହିଳା ଓ କୃଷକ ଅଂଶଗ୍ରହଣ କରିଥିଲେ।

### ଦୋଳ ମେଳଣ

ଚୌଦ୍ୱାର,୨୨।୩(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଓଟିଏମ୍ କଲୋନୀରେ ରାଧାମୋହନଜୀଉଙ୍କ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ରାଧାମୋହନ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ରାଧାମୋହନଜୀଉ ଘରକୁ ଘର ବୁଲି ଭୋଗ ଖାଇବା ପରେ ଓଟିଏମ୍ କଲୋନୀ ପରିକ୍ରମା କରିଥିଲେ। ପରେ ଅଞ୍ଚଳର ଆଉ ୪ଟି ଦୋଳବିମାନ ଦୋଳ ପଡ଼ିଆରେ ପହଞ୍ଚି ମେଳଣ କରିଥିଲେ। ଏହି ଉପଲକ୍ଷେ ୨ଦିନ ଧରି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନ୍‌ସିଲର ବିନୋଦିନୀ ରାଉତରାୟ, ଆଶୁତୋଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ହିମାଂଶୁ ଦାସ ଓ ରଜନୀକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଦୁଇଟି ନାଟକ 'ମାଇଚିଆ ଗୋଖେଇ ସାହୁ' ଓ 'ଦେଇଗଲା ଦାଗ ଅଦିନ ମେଘ' ମଞ୍ଚସ୍ଥ ହୋଇଥିଲା। ଅଶୋକ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କମିଟି ଉପଦେଷ୍ଟା ଲୋକନାଥ ସାହୁ, ଟୁକୁ ପ୍ରଧାନ, ଭାସ୍କର ଚନ୍ଦ୍ର ରାଉତରାୟ, ପ୍ରମୋଦ ଜେନା, ରାଜକିଶୋର ସାମନ୍ତ, ଅଶ୍ୱିନୀ କୁମାର ଜେନା, ଭୀମସେନ ବିଶ୍ୱାଳ, ଶିବବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪୨ ମୌଜାରେ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ


୪୨ ମୌଜା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

କଟକ ସଦର, ୨୨।୩(ସୁଶାନ୍ତ କୁମାର ଜେନା)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ୪୨ ମୌଜା ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିଲା। କେନ୍ଦ୍ରୀୟ ପୋଲିସ ସୁରକ୍ଷା ବଳର ସହକାରୀ କମାଣ୍ଡାଣ୍ଟ ସନ୍ତୋଷ କୁମାର ଏବଂ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ୍ ସୁରକ୍ଷା ବଳ ମୁଖ୍ୟରାସ୍ତାରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ୬ଟି ପଞ୍ଚାୟତର ଭୋଟରଙ୍କ ମନରେ ସୁରକ୍ଷାର ଆସ୍ଥା ଦେବା ପାଇଁ ଏଭଳି କରାଯାଇଥିବା ଥାନା ଅଧିକାରୀ ମହାରଣା କହିଛନ୍ତି।

# ଅଧିକ ବୟସରେ ମାତୃତ୍ୱ ଡାଉନ୍ ସିଣ୍ଡ୍ରୋମ ସମସ୍ୟା ବଢ଼ାଇଥାଏ



ଏମ୍ସ ଭୁବନେଶ୍ୱର ଗୁରୁବାର ଅନୁଷ୍ଠିତ ଡାଉନ୍ ସିଣ୍ଡ୍ରୋମ ଦିବସ।

ଭୁବନେଶ୍ୱର,୨୨।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଏମ୍ସ ଭୁବନେଶ୍ୱର ପେରିନାଟାଲ (ଜନ୍ମ ପୂର୍ବ ଏବଂ ପର ଅବସ୍ଥା) କ୍ଲିନିକ୍ ପକ୍ଷରୁ ପ୍ରତି ମଙ୍ଗଳବାର ଡାଉନ୍ ସିଣ୍ଡ୍ରୋମ ପ୍ରଭାବିତ ଶିଶୁଙ୍କ ମାତାପିତା ଏବଂ ଅନ୍ୟ ଜେନେଟିକ ବ୍ୟାଧି ସମ୍ପର୍କରେ ନିୟମିତ କାଉନ୍‌ସେଲିଂ ପ୍ରଦାନ କରାଯାଉଛି। ଏହି କ୍ଲିନିକ ସ୍ତ୍ରୀ ଏବଂ ପ୍ରସୂତି, ଶିଶୁ, ନବଜାତ ଶିଶୁ, ଶରୀର ରଚନା ଏବଂ ମାନସିକ ବିଭାଗର ବିଶେଷଜ୍ଞଙ୍କୁ ନେଇ ଗଠିତ ହେବା ସହିତ ଲୋକଙ୍କୁ ସେବା ପ୍ରଦାନ କରୁଛି। ସେହିପରି ସାଇଟୋଜେନେଟିକ ଲାବୋରେଟୋରି ଦ୍ୱାରା ମଧ୍ୟ କାରିଓଟାଇପିଂ ମାଧ୍ୟମରେ ଡାଉନ ସିଣ୍ଡ୍ରୋମ ପରି ସାଧାରଣ କ୍ରୋମୋଜୋମଜନିତ ସମସ୍ୟାକୁ ଚିହ୍ନଟ କରିବାରେ ଏମ୍ସ ଭୁବନେଶ୍ୱର ସହାୟକ ହେଉଥିବା ଆନାଟୋମି ବିଭାଗ ମୁଖ୍ୟ ଡ. ମନୀଷା ଆର୍. ଗାଏକ୍ୱାଡ୍ ପ୍ରକାଶ କରିଛନ୍ତି। ଏମ୍ସ ଭୁବନେଶ୍ୱର ଏବଂ ଇନଷ୍ଟିଚ୍ୟୁଟ୍ ଅଫ ହେଲ୍‌ଥ ସାଇନ୍ସ(ସ୍ୱୟଂଶାସିତ) ଚନ୍ଦକା ଭୁବନେଶ୍ୱର ପକ୍ଷରୁ ଗୁରୁବାର ଡାଉନ୍ ସିଣ୍ଡ୍ରୋମ ଦିବସ ଉପଲକ୍ଷେ ଡାଉନ ସିଣ୍ଡ୍ରୋମ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଡ. ଗାଏକ୍ୱାଡ୍ କହିଲେ, ଭାରତରେ ପ୍ରତି ୮୩୦ ଜନ୍ମରେ ଜଣେ ଶିଶୁ ଡାଉନ୍ ସିଣ୍ଡ୍ରୋମ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଏଥିରେ ପ୍ରଭାବିତ ଶିଶୁମାନଙ୍କର ମୁଖମଣ୍ଡଳ ସାଧାରଣତଃ ସମତଳ ହୋଇଥାଏ। ଅଧିକ ବୟସରେ ମାତୃତ୍ୱ ଲାଭ ଡାଉନ ସିଣ୍ଡ୍ରୋମ ସମ୍ଭାବନାକୁ ବଢ଼ାଇଥାଏ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଇଏଚ୍‌ଏସ୍‌ର ନିର୍ଦ୍ଦେଶକ ପ୍ରଫେସର ସତ୍ୟ ନାରାୟଣ ମହାପାତ୍ର କହିଲେ, ସାଧାରଣ ଜିନ୍‌ଗତ ବ୍ୟାଧି ଥିବା ରୋଗୀଙ୍କୁ ଚିହ୍ନଟ, ପ୍ରତିରୋଧ ଏବଂ ଆଜୀବନ ପରିଚାଳନା ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଏନେଇ ଆମ ସମାଜରେ ଥିବା ନକାରାତ୍ମକ ଚିନ୍ତାଧାରାରେ ପରିବର୍ତ୍ତନ ହେବା ଉଚିତ ବୋଲି ସେ କହିଛନ୍ତି। ଏମ୍ସ ଭୁବନେଶ୍ୱର ଆନାଟୋମି ବିଭାଗ ପ୍ରଫେସର୍ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଆଇଏଚଏସର ଡ. ରମ୍ୟା ମୈତ୍ରୀ, ଡ. ଭବାନୀ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ପୁରୁଣା ଭୁବନେଶ୍ୱର,୨୨।୩(ସୁବାସ ଚନ୍ଦ୍ର ପ୍ରଧାନ): ସ୍ଥାନୀୟ ଶ୍ରୀସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାରଦା ବଲ୍ଲଭ ରଥ ପୌରୋହିତ୍ୟ କରିଥିଲେ। କପିଳ ଆଚାର୍ଯ୍ୟ କର୍ତ୍ତା ଏବଂ ଶ୍ରଦ୍ଧାଞ୍ଜଳି ଆଚାର୍ଯ୍ୟ କର୍ତ୍ତ୍ରୀଭାବେ ଦାୟିତ୍ୱ ତୁଲାଇଥିଲେ। ସ୍ୱପ୍ନେଶ୍ୱର ଦେବ ଧର୍ମକ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କମିଟି ମୁଖ୍ୟ ସୁଭାଶିଷ ରଥ ପରିଚାଳନା କରିଥିଲେ। ହେମନ୍ତ ବାରିକ, ସୁକାନ୍ତ ଜେନା, ନିର୍ମଳ ପରିଡ଼ା, ବାସୁଦେବ ସାହୁଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଉପରାଷ୍ଟ୍ରପତିଙ୍କ ସହଧର୍ମିଣୀ

ପୁରୀ,୨୨।୩(ଅଜିତ୍ ମହାନ୍ତି)


ସୁଦେଶ ଧନକର ଓ ତାଙ୍କ ପରିବାରବର୍ଗଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଉଛି।

ଭାରତର ଉପରାଷ୍ଟ୍ରପତି ଜଗ୍‌ଦୀପ ଧନ୍‌କରଙ୍କ ସହଧର୍ମିଣୀ ସୁଦେଶ ଧନ୍‌କର ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନରେ ସୁଦେଶ ଏଠାରେ ପହଞ୍ଚି ପ୍ରଥମେ ପୁରୀ ରାଜଭବନକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ସେ ପରିବାର ଲୋକଙ୍କ ସହିତ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଦେଶଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା। ପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସୁଦେଶ ପ୍ରଥମେ ପ୍ରଭୁ ପତିତପାବନ ଓ ପରେ ବାଇଶପାହାଚକୁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଭିତରବେଢ଼ା ପରିସରରେ ଥିବା ପାର୍ଶ୍ୱଦେବଦେବୀଙ୍କ ସମେତ ମା' ବିମଳା, ମହାଲକ୍ଷ୍ମୀ ଓ ବଟଗଣେଶ ମନ୍ଦିର ଆଦି ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏ ସମ୍ପର୍କରେ ଅବଗତ ହୋଇ ସେ ଖୁସି ପ୍ରକାଶ କରିଥିଲେ। ପରେ ସେ ମନ୍ଦିରରୁ ଫେରିଆସିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ସ୍ୱତନ୍ତ୍ର ଉପହାର ସ୍ୱରୂପ ମହାପ୍ରଭୁଙ୍କ ଫଟୋ, ରଥକାଠ, ରଥ ଦଉଡ଼ି, ଶୁଖିଲି ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

# କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି

କଟକ,୨୨।୩ (କାର୍ତ୍ତିକ ସାହୁ)


ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କ ସହ ମେୟର ସୁବାସ ସିଂ ଆଲୋଚନା କରୁଛନ୍ତି।

- କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ଅଧିକ ତଥ୍ୟ ଦେବାକୁ ନିବେଦନ କଲେ
- ସଂସ୍କୃତି ନିର୍ଦ୍ଦେଶକଙ୍କୁ ଭେଟିଲେ ମେୟର

ଐତିହାସିକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି ପରେ ଏବେ ଉଠିଛି ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି। ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶୁକ୍ରବାର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟର ମାନ୍ୟତା ପ୍ରଦାନ ପାଇଁ ଅଧିକ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ପ୍ରଦାନ କରିବା ନିମନ୍ତେ ମେୟର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଆଲୋଚନାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ମେୟର ଅନୁରୋଧ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗକୁ ଚିଠି ଲେଖି ଅନୁରୋଧ କରିଥିଲେ। ବର୍ତ୍ତମାନର ମେୟର ତଥା ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ୨୦୨୨ ମସିହାରେ ୯ ଜଣ ଏମ୍‌ପିଙ୍କୁ ନେଇ ତତ୍କାଳୀନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମୀନାକ୍ଷୀ ଲେଖିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୨ ମସିହା ବାଲିଯାତ୍ରା ଚାଲିଥିବା ସମୟରେ ସୁଦୂର ଇଣ୍ଡୋନେସିଆର ବାଲି ସହରରୁ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ବାଲିଯାତ୍ରାର ପ୍ରଶଂସା କରିଥିଲେ। ୨୦୨୪ରେ ଏହି ଜାତୀୟ ମାନ୍ୟତା ପାଇଁ ମେୟର ସିଂ ପୁନର୍ବାର ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସଂସ୍କୃତି ବିଭାଗ ଚିଠି ଦ୍ୱାରା କେନ୍ଦ୍ର ଗୃହ ବିଭାଗକୁ ଅନୁରୋଧ କରିବାକୁ ମେୟର ସିଂ ଚିଠି ଲେଖି ଜଣାଇଥିଲେ। ଏଥିସହ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ମଧ୍ୟ ପୁନର୍ବାର ସଂସଦରେ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରସଙ୍ଗ ଉଠାଇଥିଲେ। ଜାତୀୟ ମାନ୍ୟତା ମିଳି ନ ଥିବାବେଳେ ଏବେ ଜାତିସଂଘ କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ ଚିଠି ଲେଖିଛନ୍ତି ମେୟର। ଏ ସମ୍ପର୍କରେ କଟକ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସହ ଆଲୋଚନା କରି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ସାକ୍ଷାତ ସମୟରେ ମେୟର ସିଂଙ୍କ ସମେତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀମଦ୍ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ

ବୋଲଗଡ଼,୨୨।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ତାରେଶ୍ୱର ମହାଦେବଙ୍କ ପୀଠରେ ୯ଦିନ ଧରି ଚାଲିଥିବା ଶ୍ରୀମଦ୍ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ଶୁଭାଧିବାସ ପରେ ଜଳଯାତ୍ରା, ଶ୍ରୀବିଗ୍ରହଙ୍କ ଜୀବନ୍ୟାସ ଅଖଣ୍ଡ ପ୍ରଜ୍ୱଳନ କରାଯାଇଥିଲା। ଏଥିସହିତ ପ୍ରତ୍ୟହ ଅଖଣ୍ଡ ହନୁମାନ ଚାଳିଶା ପାଠ, ଭଜନ ସନ୍ଧ୍ୟା, ନବାହ୍ନ ପାରାୟଣ ଓ ପ୍ରବଚନ ପାରାୟଣ, ସନ୍ଧ୍ୟା ଆଳତି, ଭଜନ, କୀର୍ତ୍ତନ, ବିଶ୍ରାମ ଆଳତି ଆଦି କାର୍ଯ୍ୟକ୍ରମ ହୋଇଥିଲା। ବ୍ୟାସଭାବେ ଭବାନୀ ଶଙ୍କର ମିଶ୍ର, ଆଚାର୍ଯ୍ୟଭାବେ ପଣ୍ଡିତ ରମେଶ ଚନ୍ଦ୍ର କର ଏବଂ କର୍ତ୍ତାଭାବେ ବସନ୍ତ କୁମାର ଦାଶ ଦାୟିତ୍ୱ ତୁଲାଇ ଥିବା ବେଳେ ପ୍ରବଚକମାନେ ପ୍ରତିଦିନ ସନ୍ଧ୍ୟାରେ ଶ୍ରୋତାଙ୍କୁ ପ୍ରବଚନ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଚବିଶ ପ୍ରହର ନାମଯଜ୍ଞ

ଟାଙ୍ଗୀ,୨୨।୩(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମସ୍ଥିତ ଟମ୍ ବାବାଙ୍କ ପୀଠରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୮ ସଂକୀର୍ତ୍ତନ ମଣ୍ଡଳୀ ବାୟା ବାବା ମଣ୍ଡଳୀ, ରଘୁନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ, କରଡ଼ି ମଣ୍ଡଳୀ, ବାରଗାଡିଆ ମଣ୍ଡଳୀ, ଦେଉଳି ମଣ୍ଡଳୀ, ବଉଳାବନ୍ଧ ମଣ୍ଡଳୀ, ଗୋଦାସାହି ମଣ୍ଡଳୀ ପ୍ରମୁଖ ଯୋଗଦେଇଥିଲେ। ଗୋପାଳଜୀ ମହନ୍ତ ପୂଜକଭାବେ ଯୋଗଦେଇ ବିଭିନ୍ନ ସମୟରେ ଆଳତି, ପୂଜାର୍ଚ୍ଚନା ସହିତ ଅଖଣ୍ଡ ନାମ ଜପ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଶୁଭାଧିବାସ ସହିତ ଗ୍ରାମର ଶାନ୍ତି ମୈତ୍ରୀ ଭ୍ରାତୃତ୍ୱଭାବ ନିମନ୍ତେ ଏହି ନାମଯଜ୍ଞ ଦୀର୍ଘ ୭୦ବର୍ଷ ହେବ ହୋଇଆସୁଥିବା ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ବନ୍ଧୁକ ଦାଖଲ କରିବାକୁ ନିର୍ଦ୍ଦେଶ

କୃଷ୍ଣପ୍ରସାଦ,୨୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଲୋକ ସଭା ଓ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ଥିବା ଲାଇସେନ୍ସପ୍ରାପ୍ତ ବନ୍ଧୁକ ଦାଖଲ କରିବାକୁ ଲାଇସେନ୍ସଧାରୀଙ୍କୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ୧୬ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ବେଳେ କେତେଜଣ ବ୍ୟକ୍ତି ଦାଖଲ କରିଥିବା ଜଣାପଡ଼ିଛି। ଦାଖଲ ବନ୍ଧୁକକୁ ଅସ୍ତ୍ରାଗାରରେ ରଖାଯିବ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ବନ୍ଧୁକକୁ ଲାଇସେନ୍ସଧାରୀଙ୍କୁ ଫେରସ୍ତ କରାଯିବ। ଥାନା ଅଞ୍ଚଳର ସୀମାରେଖାରେ ପୋଲିସ ପକ୍ଷରୁ ମଧ୍ୟ ଯାଞ୍ଚ ଆରମ୍ଭ କରାଯାଇଛି। ନିଶାକାରବାର ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହେବା ସହ ନଜରରେ ରଖାଯାଇଛି। ଯେଉଁଠି ବିଶୃଙ୍ଖଳା ହେବ ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।

### ନୂଆଗାଁରେ ପଞ୍ଚଦଣ୍ଡ ମହାମିଳନ ପ୍ରସ୍ତୁତି

କୃଷ୍ଣପ୍ରସାଦ,୨୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ନୂଆଗାଁଠାରେ ଏପ୍ରିଲ ୩ ତାରିଖରେ ପଞ୍ଚଦଣ୍ଡ ମହମିଳନ ପର୍ବ ଅନୁଷ୍ଠିତ ହେବ। ଏନେଇ ଗ୍ରାମ୍ୟ କମିଟି ସଭାପତି ବୁଲାମଣି ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ ବୈଠକରେ ସମସ୍ତ ଠାକୁରଙ୍କ ପ୍ରତିନିଧି ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ପାରିକୁଦ ଗଡ଼ର ଦଣ୍ଡ ଠାକୁର ଗାଦିଶ୍ୱର ଦେବ ଓ ମାର୍ଫତଦାର ପ୍ରଦୀପ କୁମାର ଜେନା ମହାମିଳନ ପର୍ବର ପ୍ରତିନିଧିତ୍ୱ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗ୍ରାମର ସଦସ୍ୟ ଏବଂ ଯୁବକ ସଂଘକୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ ଗ୍ରାମ୍ୟ କମିଟି ସମ୍ପାଦକ ସରୋଜ କୁମାର ତରେଇ, କବିରାଜ ମାଝୀ, ପ୍ରମୋଦ କୁମାର ତରେଇ, ଦିଗମ୍ବର ଜେନା, ଈଶ୍ୱର ଚନ୍ଦ୍ର ମାଝୀ, ଅରୁଣ କୁମାର ଯାଦବଙ୍କ ସମେତ ପଞ୍ଚଶମ୍ଭୁ ମହାମିଳନ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅଲୋଡ଼ା ପଡ଼ିଛି ଡାକବଙ୍ଗଳା

ଗୋପ,୨୨।୩(ଭାରତୀ ଭୂଷଣ ଉପାଧ୍ୟାୟ):



ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳା ବହୁ ପୁରାତନ ହୋଇଥିବାବେଳେ ଏଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭକରି ବହୁ ନେତା ଓ ପ୍ରଶାସକ ରାତ୍ରିଯାପନ କରିଥିଲେ। କିନ୍ତୁ ଏବେ ଏହି ଡାକବଙ୍ଗଳା ସମସ୍ତଙ୍କ ଲାଗି ଅଲୋଡ଼ା ପାଲଟିଛି। ଆବଶ୍ୟକତା ଅନୁସାରେ ଆସବାବପତ୍ରଠାରୁ ଆରମ୍ଭ କରି ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଅତିଥିମାନେ ଫେରୁଥିବା ନେଇ ଅଭିଯୋଗ ହେଉଛି। ପ୍ରକାଶ ଯେ, ବ୍ରିଟିଶ ଅମଳରେ ଏହି ଡାକବଙ୍ଗଳା ନିର୍ମାଣ ହୋଇଥିବା କୁହାଯାଏ। ତେବେ ବିଭାଗୀୟ ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁ ଏହି ପୁରାତନ ଡାକବଙ୍ଗଳା ଭାଙ୍ଗିରୁଜି ଯାଉଛି। ପ୍ରତ୍ୟେକ ବର୍ଷ ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଗତବର୍ଷ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ଦୀର୍ଘ ୬ମାସ ହେବ ଡାକବଙ୍ଗଳାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଅତିଥିମାନେ ଆସି ନିରାଶ ହୋଇ ଫେରୁଛନ୍ତି। ଭୁବନେଶ୍ୱର-କୋଣାର୍କ ରାସ୍ତାର ଗୋପ ରାସ୍ତା କଡ଼ରେ ଏହି ଡାକବଙ୍ଗଳା ଥିବାରୁ ଦୈନନ୍ଦିନ ପୁରୀ, କୋଣାର୍କ ବୁଲି ଯାଉଥିବା ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ସହିତ ଅନ୍ୟାନ୍ୟ ଅତିଥି ଏଠାରେ ରହିବା ପାଇଁ ଆସି ନିରାଶରେ ଫେରୁଥିବା ଜଣାପଡ଼ିଛି। ବିଶେଷକରି ଡାକବଙ୍ଗଳା ଦାୟିତ୍ୱରେ ଥିବା କେୟାର ଟେକର ଜଣଙ୍କ ସ୍ଥାୟୀ କର୍ମଚାରୀ ହୋଇ ନ ଥିବାରୁ ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେଉନାହାନ୍ତି। ଡାକବଙ୍ଗଳାରେ ଆବଶ୍ୟକତା ଅନୁଯାୟୀ ଆସବାବପତ୍ର ରଖିବା ସହିତ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ପାଇଁ ଦାବି ହେଉଛି। ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ସମସ୍ତ ପଦକ୍ଷେପ ନିଆଯିବ ବୋଲି ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି।

**୬ମାସ ଧରି ବିଦ୍ୟୁତ୍ ନାହିଁ, ଫେରୁଛନ୍ତି ଅତିଥି**



ସୁଦେଶ ଧନକର ଓ ତାଙ୍କ ପରିବାରବର୍ଗଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଉଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଉପରାଷ୍ଟ୍ରପତିଙ୍କ ସହଧର୍ମିଣୀ

ପୁରୀ,୨୨।୩(ଅଜିତ୍ ମହାନ୍ତି)

ଭାରତର ଉପରାଷ୍ଟ୍ରପତି ଜଗ୍‌ଦୀପ ଧନ୍‌କରଙ୍କ ସହଧର୍ମିଣୀ ସୁଦେଶ ଧନ୍‌କର ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନରେ ସୁଦେଶ ଏଠାରେ ପହଞ୍ଚି ପ୍ରଥମେ ପୁରୀ ରାଜଭବନକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ସେ ପରିବାର ଲୋକଙ୍କ ସହିତ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଦେଶଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା। ପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସୁଦେଶ ପ୍ରଥମେ ପ୍ରଭୁ ପତିତପାବନ ଓ ପରେ ବାଇଶପାହାଚକୁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଭିତରବେଢ଼ା ପରିସରରେ ଥିବା ପାର୍ଶ୍ୱଦେବଦେବୀଙ୍କ ସମେତ ମା’ ବିମଳା, ମହାଲକ୍ଷ୍ମୀ ଓ ବଟଗଣେଶ ମନ୍ଦିର ଆଦି ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏ ସମ୍ପର୍କରେ ଅବଗତ ହୋଇ ସେ ଖୁସି ପ୍ରକାଶ କରିଥିଲେ। ପରେ ସେ ମନ୍ଦିରରୁ ଫେରିଆସିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ସ୍ୱତନ୍ତ୍ର ଉପହାର ସ୍ୱରୂପ ମହାପ୍ରଭୁଙ୍କ ଫଟୋ, ରଥକାଠ, ରଥ ଦଉଡ଼ି, ଶୁଖିଲି ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

# ସୁନା କାନଫୁଲ ପାଇ ଫେରାଇଲେ ବନବିହାରୀ

ପୁରୀ,୨୨।୩(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ଜଣେ ମହିଳା ଭକ୍ତଙ୍କର ଖସିପଡ଼ିଥିବା ସୁନା କାନଫୁଲ ପାଇ ତାଙ୍କୁ ଜଣେ ଜେଟିପି ଫେରାଇ ଦେଇଛନ୍ତି। ସମ୍ପୃକ୍ତ ଜେଟିପି (ଶ୍ରୀଜଗନ୍ନାଥ ଟେମ୍ପଲ ପୋଲିସ) ହେଲେ ବନବିହାରୀ ସ୍ୱାଇଁ। ଏପରି ସାଧୁତା ପାଇଁ ବନବିହାରୀଙ୍କୁ ସମ୍ପୃକ୍ତ ଭକ୍ତଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, କଟକର ଚୌଦ୍ୱାର ଅଞ୍ଚଳରୁ ଗଣେଶ ରାଉତ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଶୁକ୍ରବାର ସକାଳେ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଦର୍ଶନ ସାରି ବେଢ଼ା ବୁଲିବା ସମୟରେ ଗଣେଶଙ୍କ ସ୍ତ୍ରୀଙ୍କର ଏକ ସୁନାର କାନଫୁଲ କେଉଁଠି ଖସିପଡ଼ିଥିଲା। ସେମାନେ ତାହାକୁ ଖୋଜାଖୋଜି କରି ନ ପାଇବାରୁ ବିବ୍ରତ ଅବସ୍ଥାରେ ରହିଥିଲେ। ତେବେ ଉକ୍ତ କାନଫୁଲଟି ଜଳକ୍ରୀଡ଼ା ମଣ୍ଡପ ପାଖ ମା’ ବିମଳା ମନ୍ଦିର ସମ୍ମୁଖ ଏକାଦଶୀ ମନ୍ଦିର ନିକଟରୁ ଜେଟିପି



ବନବିହାରୀ ପାଇବା ପରେ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଜଣାଇ ଗାରଦ ଅଫିସରେ ଜମା ଦେଇଥିଲେ। କିଛି ସମୟ ପରେ ଖବର ପାଇ ଗଣେଶ ପରିବାର ସହ ଗାରଦ ଅଫିସରେ ପହଞ୍ଚି ତାଙ୍କର କାନଫୁଲ ହଜିଥିବା ବିଷୟ ଜଣାଇଥିଲେ। ସେ ତାଙ୍କ ପାଖରେ ଥିବା ଅନ୍ୟ କାନଫୁଲଟି ଦେଖାଇବା ପରେ ତାହା ମେଳ ଖାଇବାରୁ ତାଙ୍କଠାରୁ ପ୍ରାପ୍ତି ସ୍ୱୀକାର ରସିଦ ଲେଖି ବନବିହାରୀ ଓ ଶ୍ରୀମନ୍ଦିର ପୋଲିସ ପଶ୍ଚିମ ଦ୍ୱାରଠାରେ ତାଙ୍କୁ କାନଫୁଲଟିକୁ ପ୍ରଦାନ କରିଥିଲେ।

# ୬ ସପ୍ତାହରେ ସରିବ ଆନନ୍ଦ ହତ୍ୟା ମାମଲାର ତଦନ୍ତ

କଟକ,୨୨।୩ (କାର୍ତ୍ତିକ ସାହୁ)

**ଅଦାଲତ ଅବମାନନାର ଅନ୍ତ ଘଟାଇଲେ ହାଇକୋର୍ଟ**

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ ଆସନ୍ତା ୬ ସପ୍ତାହ ମଧ୍ୟରେ ସରିବ। ଓଡ଼ିଶା ପୋଲିସ୍‌ରେ ଅଧିକାରୀଙ୍କ ଅଭାବ କାରଣରୁ କ୍ରାଇମବ୍ରାଞ୍ଚ ଆଇଜି ଏହି ମାମଲାର ତଦନ୍ତ କରିପାରିବେ ନାହିଁ। କ୍ରାଇମବ୍ରାଞ୍ଚର ୨ ଜଣ ଏସ୍‌ପି ମାମଲାର ତଦନ୍ତ କରିବେ। ଏହି ତଦନ୍ତ ପ୍ରକ୍ରିୟାକୁ ଆଇଜି ତଦାରଖ କରିବେ। ୬ ସପ୍ତାହ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟରେ ଉପସ୍ଥିତ ରହି ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଅଦାଲତ ଅବମାନନା ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟ ୮ ମାସ ପୂର୍ବେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କରାଇବାକୁ ଆଦେଶ ଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଅଦ୍ୟାବଧି ଆରମ୍ଭ କରି ନ ଥିବା ଅଭିଯୋଗ ଆଣି ଆବେଦନକାରୀଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ, ଆନନ୍ଦ ଟପ୍ପୋ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ତାଙ୍କର ଦୁଇ ବନ୍ଧୁଙ୍କ ସହ ରହୁଥିଲେ। ୨୦୨୨ ଫେବୃଆରୀ ୨୮ରେ ଆନନ୍ଦଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ରୁମ୍‌ରୁ ଉଦ୍ଧାର କରି ତାଙ୍କ ବନ୍ଧୁ ମନ୍‌ଜିତ୍ ଟେଟେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କର ଅନ୍ୟତମ ବନ୍ଧୁ ହକି ତାରକା ବୀରେନ୍ଦ୍ର ଲାକ୍ରା ଏ ବିଷୟରେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ଫୋନ୍ କରି ଜଣାଇଥିଲେ। ଏନେଇ ଇନ୍‌ଫୋସିଟି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ଆନନ୍ଦଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ବନ୍ଧନ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ପୋଲିସ ପ୍ରଥମେ ଗ୍ରହଣ କରି ନ ଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଆନନ୍ଦଙ୍କୁ ହତ୍ୟା କରାଯାଇ ନାହିଁ ବରଂ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଦାଲତରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ପୋଲିସ ତଦନ୍ତରେ ଭରସା ନ ପାଇବାରୁ ଆନନ୍ଦଙ୍କ ବାପା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପୋଲିସର ତଦନ୍ତ ପ୍ରକ୍ରିୟାରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଜୁଲାଇ ୫ରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ସରସ୍ୱତୀ ଶିକ୍ଷାମନ୍ଦିରରେ ଜଳ ଦିବସ

ବାଲିଅନ୍ତା,୨୨।୩(ନୀଳମାଧବ ସାହୁ)

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରରେ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସେଣ୍ଟର ଅଫ୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍‌ର ପ୍ରକଳ୍ପ ଅଧିକାରୀ ରାଜେଶ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ରଙ୍କ ସମେତ ଗୁରୁମା’ ଓ ଗୁରୁଜୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗୁରୁମା ମମତା ସାମଲ ଧନ୍ୟବାଦ ଦେଇଥିଲେ।

### ଜମିଲା ରଘୁନାଥପୁର ଦୋଳ ମେଳନ

ବାରଙ୍ଗ,୨୨।୩(ଲିଙ୍ଗରାଜ ରାଉତ)

ପରମ୍ପରା ଅନୁଯାୟୀ ଶୁକ୍ରବାର ରାତିରେ ରଘୁନାଥପୁର ଗ୍ରାମରେ ଦୋଳ ମେଳନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦଧିବାମନଙ୍କୁ ହରିବୋଲ, ହୁଳହୁଳି ଧ୍ୱନିରେ ମଠରୁ ଦୋଳ ବିମାନକୁ ଅଣାଯାଇଥିଲା। ଏକ ସୁସଜ୍ଜିତ ଦୋଳବିମାନରେ ଠାକୁରଙ୍କୁ ବିରାଜିତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ବାଜା, ଘଣ୍ଟ ଓ ହରିନାମ କୀର୍ତ୍ତନରେ ପ୍ରକମ୍ପିତ ହୋଇଉଠିଥିଲା ଗ୍ରାମ ପରିବେଶ। ପ୍ରଭୁ ଦଧିବାମନ ଘର ଘର ବୁଲି ଭୋଗ ଖାଇଥିଲେ। ରାତିରେ ଗ୍ରାମ ପରିକ୍ରମା କରିସାରିବା ପରେ ଯାତ୍ରାପଡିଆରେ ଠାକୁରଙ୍କୁ ଅବସ୍ଥାପିତ କରାଯାଇଥିଲା।

# ସାଗର ସ୍ନାନ ପାଇଁ ନୀତି ନିର୍ଘଣ୍ଟ



ସାକ୍ଷୀଗୋପାଳ,୨୨।୩(ଭରତ ରାଉତ/ ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁରସ୍ଥିତ ଭାର୍ଗବୀ ନଦୀରେ ଆସନ୍ତା ୬ ତାରିଖରେ ମହାବାରୁଣୀ ବା ସାଗର ସ୍ନାନ ବୁଡ଼ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସତ୍ୟବାଦୀ ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପ୍ସା ରାୟ, ଏଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ, ସାକ୍ଷୀଗୋପାଳ ଦେବୋତ୍ତର ବିଭାଗ ନିରୀକ୍ଷକ, ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜବଲ୍ଲଭ ମିଶ୍ର, ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ମାନେଜିଂ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧିବିଧାନ ଅନୁସାରେ ଦେବନୀତି କରାଯିବା ପାଇଁ ନୀତି ନିର୍ଘଣ୍ଟ କରାଯାଇଥିଲା। ମେଳା ପଡ଼ିଆରେ ନିରବଚ୍ଛିନ୍ନ ବିଦ୍ୟୁତ, ପାନୀୟଜଳ ଯୋଗାଣ, ମେଳା ପଡ଼ିଆ ଯିବା ରାସ୍ତା ମରାମତି, ଅଗ୍ନିଶମ, ପରିମଳ, ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ସାକ୍ଷୀଗୋପାଳର ଏହା ଦ୍ୱିତୀୟ ଗଣପର୍ବ ହୋଇଥିଲେ ମଧ୍ୟ ପ୍ରସ୍ତୁତି ବୈଠକରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇଥିଲା। ବୈଠକ ସମ୍ପର୍କରେ କୋଣସି ସୂଚନା ଦିଆଯାଇ ନ ଥିଲା, ଯାହାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ତାଳପତ୍ର ଚିତ୍ର

ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା)

ପାରମ୍ପରିକ ହସ୍ତକଳା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ‘ସମୃଦ୍ଧି’ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି। ପଟ୍ଟଚିତ୍ର ଓ ତାଳପତ୍ର ଚିତ୍ରକଳା ରାଜ୍ୟର ପାରମ୍ପରିକ ଚିତ୍ରକଳା ହୋଇଥିବାବେଳେ ଏହାର ପ୍ରଚାରପ୍ରସାର କରିବା ଟିପିସିଓଡିଏଲ୍ ଲକ୍ଷ୍ୟ ରହିଛି। ଏନେଇ ମହିଳାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ତାଲିମ ପ୍ରଦାନ ସହ ରୋଜଗାରକ୍ଷମ କରାଇବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନିଂ କମ୍ ସେଲ୍ସ ଗ୍ୟାଲେରି ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାଙ୍କୁ ଟିପିସିଓଡିଏଲ୍ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହାସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ରାଜ୍ୟ ତଥା ଦେଶ ବିଦେଶରେ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଅନ୍‌ଲାଇନ ମାର୍କେଟିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଉତ୍ପାଦ ବିକ୍ରି ହେଉଥିବାବେଳେ କାରବାର ବୃଦ୍ଧି ପାଇଁ କାଲାପୁନାରଥନ ଉତ୍ପାଦକ କମ୍ପାନୀ ସହ ମଧ୍ୟ ଚୁକ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୪୦ଜଣ ମହିଳାଙ୍କୁ ଜାତୀୟ ପୁରସ୍କାର ବିଜେତା ମାଷ୍ଟର ଟ୍ରେନରମାନେ ତାଲିମ ପ୍ରଦାନ କରିଛନ୍ତି। ଏହି ମହିଳାମାନେ କାଲାପୁନାରଥନ ଉତ୍ପାଦକ କମ୍ପାନୀ ସହଯୋଗରେ ଏହି ଚିତ୍ରଗୁଡ଼ିକୁ ବିକ୍ରିକରି ରୋଜଗାର କରିପାରୁଛନ୍ତି। ବର୍ତ୍ତମାନ ୨ଟି ବ୍ୟାଚ୍‌ର ଟ୍ରେନିଂ ଜାରି ରହିଛି। ୧୫ ଦିନିଆ ଟ୍ରେନିଂ ପରେ ମହିଳାମାନେ ନିଜେ ପଟ୍ଟଚିତ୍ର ଓ ତାଳପତ୍ରରେ ଚିତ୍ର କରିବାରେ ସକ୍ଷମ ହେବେ। ୨୦୨୩ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ସମୃଦ୍ଧି ସେଣ୍ଟରଟିରେ ଶତାଧିକ ମହିଳା ଟ୍ରେନିଂ ନେଇ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

# କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି

କଟକ,୨୨।୩ (କାର୍ତ୍ତିକ ସାହୁ)

ଐତିହାସିକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି ପରେ ଏବେ ଉଠିଛି ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି। ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶୁକ୍ରବାର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟର ମାନ୍ୟତା ପ୍ରଦାନ ପାଇଁ ଅଧିକ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ପ୍ରଦାନ କରିବା ନିମନ୍ତେ ମେୟର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଆଲୋଚନାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ମେୟର ଅନୁରୋଧ କରିଥିବା ଜଣାପଡ଼ିଛି।



ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କ ସହ ମେୟର ସୁବାସ ସିଂ ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗକୁ ଚିଠି ଲେଖି ଅନୁରୋଧ କରିଥିଲେ। ବର୍ତ୍ତମାନର ମେୟର ତଥା ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ୨୦୨୨ ମସିହାରେ ୯ ଜଣ ଏମ୍‌ପିଙ୍କୁ ନେଇ ତତ୍କାଳୀନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମୀନାକ୍ଷୀ ଲେଖିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୨ ମସିହା ବାଲିଯାତ୍ରା ଚାଲିଥିବା ସମୟରେ ସୁଦୂର ଇଣ୍ଡୋନେସିଆର ବାଲି ସହରରୁ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ବାଲିଯାତ୍ରାର ପ୍ରଶଂସା କରିଥିଲେ। ୨୦୨୪ରେ ଏହି ଜାତୀୟ ମାନ୍ୟତା ପାଇଁ ମେୟର ସିଂ ପୁନର୍ବାର ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସଂସ୍କୃତି ବିଭାଗ ଚିଠି ଦ୍ୱାରା କେନ୍ଦ୍ର ଗୃହ ବିଭାଗକୁ ଅନୁରୋଧ କରିବାକୁ ମେୟର ସିଂ ଚିଠି ଲେଖି ଜଣାଇଥିଲେ।

- କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ଅଧିକ ତଥ୍ୟ ଦେବାକୁ ନିବେଦନ କଲେ
- ସଂସ୍କୃତି ନିର୍ଦ୍ଦେଶକଙ୍କୁ ଭେଟିଲେ ମେୟର

ଏଥିସହ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ମଧ୍ୟ ପୁନର୍ବାର ସଂସଦରେ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରସଙ୍ଗ ଉଠାଇଥିଲେ। ଜାତୀୟ ମାନ୍ୟତା ମିଳି ନ ଥିବାବେଳେ ଏବେ ଜାତିସଂଘ କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ ଚିଠି ଲେଖିଛନ୍ତି ମେୟର। ଏ ସମ୍ପର୍କରେ କଟକ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସହ ଆଲୋଚନା କରି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ସାକ୍ଷାତ ସମୟରେ ମେୟର ସିଂଙ୍କ ସମେତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୬ ସପ୍ତାହରେ ସରିବ ଆନନ୍ଦ ହତ୍ୟା ମାମଲାର ତଦନ୍ତ

କଟକ,୨୨।୩ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ ଆସନ୍ତା ୬ ସପ୍ତାହ ମଧ୍ୟରେ ସରିବ। ଓଡ଼ିଶା ପୋଲିସ୍‌ରେ ଅଧିକାରୀଙ୍କ ଅଭାବ କାରଣରୁ କ୍ରାଇମବ୍ରାଞ୍ଚ ଆଇଜି ଏହି ମାମଲାର ତଦନ୍ତ କରିପାରିବେ ନାହିଁ। କ୍ରାଇମବ୍ରାଞ୍ଚର ୨ ଜଣ ଏସ୍‌ପି ମାମଲାର ତଦନ୍ତ କରିବେ। ଏହି ତଦନ୍ତ ପ୍ରକ୍ରିୟାକୁ ଆଇଜି ତଦାରଖ କରିବେ। ୬ ସପ୍ତାହ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟରେ ଉପସ୍ଥିତ ରହି ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଅଦାଲତ ଅବମାନନା ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟ ୮ ମାସ ପୂର୍ବେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କରାଇବାକୁ ଆଦେଶ ଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଅଦ୍ୟାବଧି ଆରମ୍ଭ କରି ନ ଥିବା ଅଭିଯୋଗ ଆଣି ଆବେଦନକାରୀଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା।

### ବ୍ରହ୍ମଗିରିରୁ ଉମାକାନ୍ତ, ସତ୍ୟବାଦୀରୁ ସଞ୍ଜୟ ଲଢ଼ିବେ

ପୁରୀ,୨୨।୩(ଅଜିତ୍ ମହାନ୍ତି)

ସତ୍ୟବାଦୀ ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ସିଟ ଅଦଳବଦଳକୁ ନେଇ ଥିବା ବିବାଦର ପୂର୍ଣ୍ଣଛେଦ ପଡ଼ିଛି। ସତ୍ୟବାଦୀରୁ ବିଜେଡି ଟିକେଟ୍‌ରୁ ସଞ୍ଜୟ ଦାସବର୍ମା ଓ ବ୍ରହ୍ମଗିରି ଆସନରୁ ଉମାକାନ୍ତ ସାମନ୍ତରାୟ ନିର୍ବାଚନ ଲଢ଼ିବା ନେଇ ସ୍ପଷ୍ଟ ହୋଇଛି। ଯାହାକୁ ଶୁକ୍ରବର ବିଜେଡିର ବୈଠକରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ଗୁରୁବାର ପୁରୀ ସଂସଦୀୟ କ୍ଷେତ୍ରର ଆଶାୟୀ ନେତାମାନେ ଏକାଠି ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଜିଲା ସଭାପତି ଦିବାକର ପାତ୍ର ସୂଚନା ଦେଇ କହିଥିଲେ କି କେଉଁ ନେତା କେଉଁ ଆସନରୁ ଲଢ଼ିବେ ତାହା ଫାଇନାଲ ହୋଇଯାଇଛି। ସତ୍ୟବାଦୀରୁ ସଂଜୟ ଓ ବ୍ରହ୍ମଗିରୀରୁ ଉମାନ୍‌କାନ୍ତ ଲଢ଼ିବେ ବୋଲି ସୂଚନା ଦେଇଥିଲେ। ତେବେ ଶୁକ୍ରବାର ପୁରୀ ଠାରେ ବିଜୁ ଜନତା ଦଳର ପ୍ରମୁଖ ନେତୃମଣ୍ଡଳୀମାନଙ୍କୁ ଏକ ଗୁପ୍ତ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ବିଜେଡିସଭାପତିଦିବାକର ପାତ୍ର, ବିଜେଡିର ପୁରୀ ଲୋକସଭା ସମ୍ଭାବ୍ୟ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର କର୍ମୀ ଓ ସମର୍ଥକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଖୁଣ୍ଟିଆ ମତଦେଇ କହିଥିଲେ କି ପୁରୀ ସାଂସଦ ଭାବରେ ଅରୂପ ପଟ୍ଟନାୟକ ପ୍ରାର୍ଥ ହେବା ସହ ସତ୍ୟବାଦୀରୁ ସଂଜୟ ଦାସବର୍ମା ଓ ବ୍ରହ୍ମଗିରିରୁ ଉମାକାନ୍ତ ସାମନ୍ତରାୟ ପ୍ରାର୍ଥୀ ହେବାକୁ ଯାଉଛନ୍ତି। ତେଣୁ ସମସ୍ତେ ମିଶି ବିଜେଡି କର୍ମୀମାନଙ୍କୁ ବିଜୟ କରିବାରେ ସହାୟକ କରନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ କରିବା ଲାଗି ସମସ୍ତ ବିଜେଡି କର୍ମୀଙ୍କୁ ଆହ୍ୱନ ଦେଇଥିଲେ । ବୈଠକରେ ସତ୍ୟବାଦୀ ବ୍ଲକ ଓ କଣାସ ବ୍ଲକ ଅଞ୍ଚଳର ବିଜେଡି କର୍ମୀ, ଯୁବ ଓ ଛାତ୍ର ନେତାଙ୍କୁ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି । ତେବେ ଆଗାମୀ ନିର୍ବାଚନରେ ସତ୍ୟବାଦୀରେ ସଂଜୟଙ୍କୁ ଉମାଙ୍କ ସମର୍ଥକ ଓ ବ୍ରହ୍ମଗିରିରେ ସଂଜୟଙ୍କ ସମର୍ଥକ ଉମାଙ୍କୁ ଜିତାଇବା ପାଇଁ ସହମତି ପ୍ରକାଶ କରିଥିବା ସୂଚନା ମିଳିଛି। ଏହା ଏକ ବନ୍ଧୁ ମିଳନ ବୋଲି କର୍ମୀମାନେ କହିଛନ୍ତି। ସେହିପରି ଦୀର୍ଘମାସ ହେବ ଆସନ ଅଦଳବଦଳ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା ତାହା ଆଜି ସ୍ପଷ୍ଟ ହୋଇଛି। ଦୁଇଟି ଯାକ ଆସନରେ ବିଜେଡି ବିଜୟ ଲାଭ କରିବ ବୋଲି କର୍ମୀମାନେ ମତ ପ୍ରକାଶ କରିଛନ୍ତି। ତେବେ ଦଳ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଭାବରେ ପ୍ରାର୍ଥୀ ଘୋଷଣା କରାଯାଇନାହିଁ।

### ସମାଜସେବୀଙ୍କ ପରଲୋକ

କଣାସ, ୨୨।୩(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତ ପନାକ୍ଷୀରି ଗ୍ରାମର ସମାଜସେବୀ ଜମ୍ବେଶ୍ୱର ମହାପାତ୍ରଙ୍କ ଗୁରୁବାର ମଧ୍ୟରାତ୍ରରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ମେଳାପି ଓ ଧର୍ମପରାୟଣ ବ୍ୟକ୍ତି ରୂପେ ଜଣାଶୁଣା ଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅଲୋଡ଼ା ପଡ଼ିଛି ଡାକବଙ୍ଗଳା

ଗୋପ,୨୨।୩(ଭାରତୀ ଭୂଷଣ ଉପାଧ୍ୟାୟ):



ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳା ବହୁ ପୁରାତନ ହୋଇଥିବାବେଳେ ଏଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭକରି ବହୁ ନେତା ଓ ପ୍ରଶାସକ ରାତ୍ରିଯାପନ କରିଥିଲେ। କିନ୍ତୁ ଏବେ ଏହି ଡାକବଙ୍ଗଳା ସମସ୍ତଙ୍କ ଲାଗି ଅଲୋଡ଼ା ପାଲଟିଛି। ଆବଶ୍ୟକତା ଅନୁସାରେ ଆସବାବପତ୍ରଠାରୁ ଆରମ୍ଭ କରି ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଅତିଥିମାନେ ଫେରୁଥିବା ନେଇ ଅଭିଯୋଗ ହେଉଛି। ପ୍ରକାଶ ଯେ, ବ୍ରିଟିଶ ଅମଳରେ ଏହି ଡାକବଙ୍ଗଳା ନିର୍ମାଣ ହୋଇଥିବା କୁହାଯାଏ। ତେବେ ବିଭାଗୀୟ ଯନ୍ତ୍ରୀମାନଙ୍କ ଅବହେଳା ଯୋଗୁ ଏହି ପୁରାତନ ଡାକବଙ୍ଗଳା ଭାଙ୍ଗିରୁଜି ଯାଉଛି। ପ୍ରତ୍ୟେକ ବର୍ଷ ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଗତବର୍ଷ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ଦୀର୍ଘ ୬ମାସ ହେବ ଡାକବଙ୍ଗଳାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଅତିଥିମାନେ ଆସି ନିରାଶ ହୋଇ ଫେରୁଛନ୍ତି। ଭୁବନେଶ୍ୱର-କୋଣାର୍କ ରାସ୍ତାର ଗୋପ ରାସ୍ତା କଡ଼ରେ ଏହି ଡାକବଙ୍ଗଳା ଥିବାରୁ ଦୈନନ୍ଦିନ ପୁରୀ, କୋଣାର୍କ ବୁଲି ଯାଉଥିବା ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ସହିତ

### ୬ମାସ ଧରି ବିଦ୍ୟୁତ୍ ନାହିଁ, ଫେରୁଛନ୍ତି ଅତିଥି

ଅନ୍ୟାନ୍ୟ ଅତିଥି ଏଠାରେ ରହିବା ପାଇଁ ଆସି ନିରାଶରେ ଫେରୁଥିବା ଜଣାପଡ଼ିଛି। ବିଶେଷକରି ଡାକବଙ୍ଗଳା ଦାୟିତ୍ୱରେ ଥିବା କେୟାର ଟେକର ଜଣଙ୍କ ସ୍ଥାୟୀ କର୍ମଚାରୀ ହୋଇ ନ ଥିବାରୁ ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେଉନାହାନ୍ତି। ଡାକବଙ୍ଗଳାରେ ଆବଶ୍ୟକତା ଅନୁଯାୟୀ ଆସବାବପତ୍ର ରଖିବା ସହିତ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ପାଇଁ ଦାବି ହେଉଛି। ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ସମସ୍ତ ପଦକ୍ଷେପ ନିଆଯିବ ବୋଲି ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି।



ଦୋଳପୂର୍ଣ୍ଣିମା ପାଇଁ ଶୁକ୍ରବାର ଦୋଳବେଦିରେ ଦରଜି କାରିଗର ଚାନ୍ଦୁଆ ପ୍ରସ୍ତୁତ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଦାମୋଦର ରାଉତଙ୍କ ଶେଷକୃତ୍ୟ ସମ୍ପନ୍ନ



ସମ୍ବିତ ରାଉତ ମୁଖାଗ୍ନି ଦେଉଛନ୍ତି ।

ପୁରୀ, ୨୨।୩(ଅଜିତ୍ ମହାନ୍ତି)

ବିଜେଡିର ବରିଷ୍ଠ ନେତା ଡା. ଦାମୋଦର ରାଉତଙ୍କ ଶେଷକୃତ୍ୟ ଶୁକ୍ରବାର ରାତିରେ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ସ୍ୱର୍ଗତ ରାଉତଙ୍କ ପୁତ୍ର ତଥା ବିଧାୟକ ସମ୍ବିତ ରାଉତ ମୁଖାଗ୍ନି ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ, ଉପଜିଲାପାଳ, ଏସ୍‌ପି, ସିଟି ଡିଏସପିଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଜେଡି ନେତା ତଥା ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ୱର୍ଗତ ରାଉତଙ୍କ ପରିବାର ଲୋକ, ଆତ୍ମୀୟ ସ୍ୱଜନ, ଜଗତସିଂହପୁର ଜିଲା ନିର୍ବାଚନମଣ୍ଡଳୀରର କର୍ମୀ, ନେତା ଓ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ରାତ୍ରି ପ୍ରାୟ ୧୧ଟା ୩୫ ମିନିଟ୍‌ରେ ମୁଖାଗ୍ନି ଦିଆଯାଇଥିଲା। ଏହି ସମୟରେ ଦାମୋଦର ରାଉତ ଅମର ରହେ ଧ୍ୱନୀରେ ସ୍ୱର୍ଗଦ୍ୱାର ପ୍ରକମ୍ପିତ ହୋଇଉଠିଥିଲା।

### ନୂଆଗାଁରେ ପଞ୍ଚଦଣ୍ଡ ମହାମିଳନ ପ୍ରସ୍ତୁତି

କୃଷ୍ଣପ୍ରସାଦ,୨୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ନୂଆଗାଁଠାରେ ଏପ୍ରିଲ ୩ ତାରିଖରେ ପଞ୍ଚଦଣ୍ଡ ମହମିଳନ ପର୍ବ ଅନୁଷ୍ଠିତ ହେବ। ଏନେଇ ଗ୍ରାମ୍ୟ କମିଟି ସଭାପତି ବୁଲାମଣି ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ ବୈଠକରେ ସମସ୍ତ ଠାକୁରଙ୍କ ପ୍ରତିନିଧି ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ପାରିକୁଦ ଗଡ଼ର ଦଣ୍ଡ ଠାକୁର ଗାଦିଶ୍ୱର ଦେବ ଓ ମାର୍ଫତଦାର ପ୍ରଦୀପ କୁମାର ଜେନା ମହାମିଳନ ପର୍ବର ପ୍ରତିନିଧିତ୍ୱ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗ୍ରାମର ସଦସ୍ୟ ଏବଂ ଯୁବକ ସଂଘକୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ବୈଠକରେ ଗ୍ରାମ୍ୟ କମିଟି ସମ୍ପାଦକ ସରୋଜ କୁମାର ତରେଇ, କବିରାଜ ମାଝୀ, ପ୍ରମୋଦ କୁମାର ତରେଇ, ଦିଗମ୍ବର ଜେନା, ଈଶ୍ୱର ଚନ୍ଦ୍ର ମାଝୀ, ଅରୁଣ କୁମାର ଯାଦବଙ୍କ ସମେତ ପଞ୍ଚଶମ୍ଭୁ ମହାମିଳନ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପୂର୍ବତନ ଜିଲା ପରିଷଦ ସଭ୍ୟ ସୁବାସ ପରିଡ଼ାଙ୍କ ପରଲୋକ

ଗୋପ/ଯୋଗେଶ୍ୱରପୁର,୨୨।୩ (ଭାରତୀ ଭୂଷଣ ଉପାଧ୍ୟାୟ/ ରଶ୍ମିରଞ୍ଜନ ସାହୁ):



ଗୋପ ବ୍ଲକ ୧୩ ନମ୍ବର ଜିଲା ପରିଷଦର ପୂର୍ବତନ ସଭ୍ୟ ତଥା ଗୋପ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ସୁବାସ ଚନ୍ଦ୍ର ପରିଡା (୭୭)ଙ୍କର ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ପ୍ରକାଶ ଯେ, ସୁବାସଙ୍କ ଘର ଗୋପ ବ୍ଲକ ବୀରତୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ମନାପଡା ଗ୍ରାମରେ ହୋଇଥିବାବେଳେ ସେ ଜଣେ ଉତ୍ତମ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ଗୋପ ବ୍ଲକ ଶିକ୍ଷକ ସଂଘର ସଭାପତି ରହିବା ସହ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଜିଲା ପରିଷଦ ସଭ୍ୟ ଭାବେ ୧୩ ନମ୍ବର ଜୋନ୍‌ରୁ ନିର୍ବାଚିତ ହୋଇଥିଲେ। ସେ ପଲ୍ଲୀ ବଜାର ସଭାପତି ରହିବା ସହିତ ବିଭିନ୍ନ ସଂଗଠନ ସହ ସମ୍ପୃକ୍ତ ଥିଲେ। କିଛିଦିନ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖ ର । ପ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କର ଦେହାନ୍ତ ଖବର ମିଳିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତା ଶେଷଦର୍ଶନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଭାଇ ତଥା ଗୋପ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡାଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ପରିଡାଙ୍କ ମରଶରୀରକୁ ଶନିବାର ସକାଳେ ନିଜ ଗାଁ ମନାପଡ଼ାକୁ ଶୋଭାଯାତ୍ରାରେ ଅଣାଯାଇ ଗାଁ ଶଶ୍ମାନରେ ଦାହ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ପୁରୀ, ୨୨।୩(ଅଜିତ୍ ମହାନ୍ତି)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକ୍‌ର ଉତ୍ତରଣା ସାଇ ଶିଶୁ ଯତ୍ନ ଅନୁଷ୍ଠାନରୁ ଅନ୍ତେବାସୀଙ୍କୁ ସ୍ଥାନାନ୍ତର ଘଟଣାରେ ଶତାଧିକ ଗ୍ରାମବାସୀ ଓ ଦ୍ରୌପଦୀ ମହିଳା ସମିତର ସଦସ୍ୟାମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିନା ନୋଟିସରେ ଅନ୍ତେବାସୀଙ୍କୁ ସ୍ଥାନାନ୍ତରଣ କରାଯାଇଥିବା ନେଇ ଗ୍ରାମବାସୀ ଓ ମହିଳା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ୧୯୭୮ରେ ନରସିଂହ ହୋତା ବହୁ କଷ୍ଟ, ଶ୍ରମ ସ୍ୱୀକାର କରି ୫ ଜଣ ଅନାଥ ପିଲାଙ୍କୁ ନେଇ କୁଡିଆ ଘରେ ଏହି ବାଳାଶ୍ରମକୁ ଗଠନ କରିଥିଲେ। ୪୫ବର୍ଷ ମଧ୍ୟରେ ବାଳାଶ୍ରମ ଆଜି ମହା ଦ୍ରୁମରେ ପରିଣତ ହୋଇଛି। ଆଶ୍ରମଟି ସାଧାରଣରେ ନୁରି ହୋତା ଆଶ୍ରମ ନାଁରେ ପରିଚିତ। ଆଶ୍ରମ ନିକଟରେ ସ୍କୁଲ ଓ ହସ୍ପିଟାଲ ରହିଛି। ତେବେ ତରବରିଆ ଭାବେ ବିନା ନୋଟିସରେ ଚନ୍ଦନପୁର ଥାନା ପୋଲିସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଚାଇଲ୍ଡ ଲାଇନ୍ ସମସ୍ତ ପିଲାଙ୍କୁ ଉକ୍ତ ଆଶ୍ରମରୁ ଉତ୍କଳ ବାଳାଶ୍ରମକୁ ନେଇଯାଇଛନ୍ତି। ସେହିପରି ହୋତାଙ୍କ ନାଁରେ ମିଥ୍ୟା ଅଭିଯୋଗ ଅଣାଯାଇଥିବାରୁ ଗ୍ରାମବାସୀ ଏହାର ପ୍ରତିବାଦ କରିଛନ୍ତି। ପିଲାଙ୍କୁ ପୁଣି ଆଶ୍ରମକୁ ଫେରାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଅପରପକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସିଡବ୍ଲୁସି ଯାହା ଅବଜରଭେଶନ ଥିଲା, ତାହାର ତଥ୍ୟକୁ ନେଇ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଘଟଣାର ତଦନ୍ତ ସହ ଉଚିତ୍ ପଦକ୍ଷେପ ନିଆଯିବ।




ବାଳାଶ୍ରମ ଖୋଲିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଦ୍ରୌପଦୀ ମହିଳା ସମିତିର ସଦସ୍ୟା ଏବଂ ଗ୍ରାମବାସୀ ।

### ବିଜେଡିର କର୍ମୀ ସମ୍ମିଳନୀ

ବେଗୁନିଆ,୨୨।୩(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଦଳୀୟ କର୍ମୀମାନଙ୍କୁ ନେଇ ଶୁକ୍ରବାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ଆୟୋଜିତ ଉକ୍ତ ସମ୍ମିଳନୀରେ ସହ ପର୍ଯ୍ୟବେକ୍ଷକ ସୁଭ୍ରାଂଶୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବେଗୁନିଆ ବ୍ଲକର ୨୧ ଏବଂ ବୋଲଗଡ ବ୍ଲକର ୧୯ଟି ପଞ୍ଚାୟତର ପୁରାତନ ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ଏମାନଙ୍କ ସହ ଜିଲାପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଏବଂ ସମିତି ସଭ୍ୟମାନେ ସାମିଲ ଥିଲେ। ଆସନ୍ତା ସାଧାରଣ ନିର୍ବାଚନ ରଣାଙ୍ଗନରେ କିପରି ଦଳ ସଫଳତା ହାସଲ କରିବ ସେ ନେଇ ଆଲୋଚନା କରାଯାଇଛି।

## ବିଜେଡିକୁ ଅଧିକ ସଙ୍ଗଠିତ କରିବାକୁ ଆହ୍ୱାନ



ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

ନିମାପଡ଼ା, ୨୨।୩(ରଞ୍ଜନ ପଟ୍ଟନାୟକ):

ତୃଣମୂଳ ସ୍ତରରୁ ବିଜେଡିକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା, ୬ଷ୍ଠଥର ନିମନ୍ତେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା, ୪ର୍ଥ ଥର ପାଇଁ ନିମାପଡାରେ ଶଙ୍ଖ ଚିହ୍ନକୁ ଜିତାଇବା ପାଇଁ ବିଧାୟକ ସମୀର ରଞ୍ଜନ ଦାଶ ଶୁକ୍ରବାର ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବାହ୍ନରେ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନିମାପଡ଼ା ଏନ୍‌ଏସି ଏବଂ ପଞ୍ଚାୟତସ୍ତରୀୟ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ବିଧାୟକ ଦାଶ ଏହା କହିଛନ୍ତି। ବୈଠକରେ ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସତ୍ୟଜିତ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ପୂର୍ବତନ ନଗରପାଳ ସନାତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ବିଦ୍ୟାଳୟରେ ଉପଲବ୍ଧି ସର୍ବେକ୍ଷଣ

କଣାସ, ୨୨।୩(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟନରତ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଉପଲବ୍ଧିର ଆକଳନ ପାଇଁ ଚିହ୍ନଟ ବିଦ୍ୟାଳୟଗୁଡିକରେ ଉପଲବ୍ଧି ସର୍ବେକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର କଣାସ ବ୍ଲକର ୧୦ଟି ସାମ୍ପୁଲ ବିଦ୍ୟାଳୟରେ ୨ୟ, ୪ର୍ଥ ଓ ୭ମ ଶ୍ରେଣୀରେ ପଢୁଥିବା ୨୦ଜଣ ଲେଖାଏ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଉପଲବ୍ଧିର ସର୍ବେକ୍ଷଣ କରାଯାଇଥିଲା। ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କଣାସ, ଅଁଳାଯୋଡି ପ୍ରାଥମିକ ବିଦ୍ୟାଳୟ, ସାହୁପଡ଼ା ପ୍ରାଥମିକ ବିଦ୍ୟାଳୟ, ଶ୍ରୀମକୁନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଶ୍ୱମ୍ଭର ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ, ଗଡ଼ବଳଭଦ୍ରପୁର ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ, ପାଇକମରା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ ଓ ଜାଗୁଳାଇପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ସର୍ବେକ୍ଷଣକୁ ପୁରୀ ଡିଆଇଇଟି ଏବଂ ସତ୍ୟବାଦୀ ଓ ପିପିଲି ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ରତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏହି ସର୍ବେକ୍ଷଣରେ ବ୍ଲକ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ବ୍ଲକର ସାଧନକେନ୍ଦ୍ର ସଂଯୋଜକମାନେ ଏଥିରେ ସହଯୋଗ କରିଥିଲେ।



ବୈଠକରେ ଶିକ୍ଷକ ଓ ଅନ୍ୟମାନେ ।

## ଜୀବନର ଭାବନା ଉପରେ ପର୍ଯ୍ୟବସିତ 'ଏମିତି କୁହାଯାଏ'

### ୧୪ତମ ଜାତୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପୁରୀ, ୨୨।୩(ଅଜିତ୍ ମହାନ୍ତି)

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ୧୪ତମ ଜାତୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶୁକ୍ରବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ 'ଏମିତି କୁହାଯାଏ' ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ କବିତିଲକ୍ ଆର୍ତ୍ତତ୍ରାଣ ଶତପଥି, ଅଭିନେତା ଗୋପ ପ୍ରତିହାରୀ, ସମାଜସେବୀ ନିହାରିକା ତ୍ରିପାଠୀ, ଚନ୍ଦ୍ରଶେଖର ମିଶ୍ର, ବିଜୟ କୁମାର ସାହୁ, ଭରତ ଚନ୍ଦ୍ର ନାୟକ, ଅଭିନ୍ନ ରାଉତରାୟ, ଦୀପନିତ ଦାସ୍ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ହରିହର ମହାପାତ୍ର ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଜୀବନରେଖା ନାଟ୍ୟ ସଂସ୍ଥା, ଭୁବନେଶ୍ୱର ପକ୍ଷରୁ ନାଟକ ଏମିତି କୁହାଯାଏ ମଞ୍ଚସ୍ଥ ହୋଇଥିଲା। ନାଟକର ନାଟ୍ୟକାର ମାନବ କୌଲ୍ ରହିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ରୋହନ ଯାଦବ। ଏମିତି କୁହାଯାଏ ଏକ ସମକାଳ ନାଟକ। ଚାରିପାଖରେ ଏମିତି ଅନେକ କିଛି କଥା ବା କାହାଣୀ ଅଛି ଯାହାର ଉତ୍ପତ୍ତି ସମ୍ବନ୍ଧରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ, ଆମେ ତାକୁ ଆପଣେଇ ନେଇଛୁ କାହିଁକି ନା - କାହିଁକି, କିଏ, କାହାକୁ କୋଉ ଢଙ୍ଗରେ କିଛି କହିବ ତାର ନିର୍ଦ୍ଦିଷ୍ଟ କିଛି ଢଙ୍ଗ ବାଗ ବା ଦିଗ ନାହିଁ। ହେଲେ, ଏମିତି କୁହାଯାଏ। ନାଟକଟିର କାହାଣୀ ରେଳ ଷ୍ଟେଶନର ପୃଷ୍ଠଭୂମିରୁ ଆରମ୍ଭ ହୋଇ ଭିନ୍ନ ଭିନ୍ନ କ୍ଷୁଦ୍ର କାହାଣୀ ମାଧ୍ୟମରେ ଜୀବନର ପ୍ରତିଟି ଭାବନା- ପ୍ରେମ, ଉଦାସୀନତା, ମାନସିକ ଅସ୍ଥିରତା ଆଦିକୁ ଅତି ସରଳ ଢଙ୍ଗରେ ନାଟକ ମାଧ୍ୟମରେ ଦର୍ଶକଙ୍କ ସାମ୍ନାରେ ମଞ୍ଚସ୍ଥ ହୋଇଥିଲା। ପ୍ରେମ କାହାଣୀର ଶେଷ କ'ଣ ସବୁବେଳେ ସୁଖାନ୍ତ ହେବ ? ଏଇଟା କଣ ନିହାତି ଜରୁରୀ ? ମୃତ୍ୟୁ ଭଳି ଗୋଟେ ଗଭୀର ସତ୍ୟକୁ ନେଇ କ'ଣ କେବେ ବାଣିଜ୍ୟ କରାଯାଇପରେ, ଯଦି ହଁ ତାହେଲେ କେମିତି, କ'ଣ ହେବ ତାର ଲାଭ ଆଉ କ୍ଷତିର ପରିମାପ ? କାଉ ଆଉ ପାରା ଭିତରେ କିଏ ଶ୍ରେଷ୍ଠ ତା'ର ତୁଳନା କରିବା କେତେଦୂର ଠିକ୍ ? ଏମିତି କିଛି ବିବାଦୀୟ ପ୍ରଶ୍ନ ଗୁଡ଼ିକୁ ନେଇ କାହାଣୀଗୁଡିକ ପରସ୍ପର ସହ ଯୋଡ଼ି ହୋଇ ନିଜ ଗନ୍ତବ୍ୟସ୍ଥଳରେ ସଫଳ ଭାବେ ପହଞ୍ଚିଛନ୍ତି, ଆଉ ଶେଷରେ ସମସ୍ତେ କହୁଛନ୍ତି 'ଏମିତି କୁହାଯାଏ'। ଶେଷରେ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ନାଟକ 'ଏମିତି କୁହାଯାଏ' ର ଏକ ଦୃଶ୍ୟ ।

## ସଂକ୍ଷେପରେ

### ଟ୍ରକ୍‌ରୁ ଡିଜେଲ ଚୋରି, ୨ ଗିରଫ

ଖୁଣ୍ଟୁଣୀ, ୨୨।୩(ସଚ୍ଚିଦାନନ୍ଦ ପଣ୍ଡା)

ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମର ବ୍ରହ୍ମାନନ୍ଦ ବେହେରା ଓ ଚମିଆ ଗ୍ରାମର ସୌମ୍ୟରଞ୍ଜନ ନାୟକ। ଗୁରୁବାର ରାତିରେ ଖୁଣ୍ଟୁଣୀ ଥାନା ନିକଟ ଏକ ଢାବା ପାର୍ଶ୍ୱରେ ଟ୍ରକ ପାର୍କିଂ ହୋଇଥିଲା। ଚାଳକ ଟ୍ରକ୍ ରଖି ଉକ୍ତ ଢାବାରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଟ୍ରକ୍ ତେଲ ଟ୍ୟାଙ୍କରର ତାଲା ଭାଙ୍ଗି ପ୍ରାୟ ୨୫୦ ଲିଟର ଡିଜେଲ ଚୋରି କରିଥିଲେ। ପରେ ସେମାନେ ସେଠାରେ ଥିବା ଅନ୍ୟ ଏକ ଟ୍ରକ କ୍ୟାବିନ ଉପରେ ଡିଜେଲ ଲୁଚାଇ ରଖିଥିଲେ । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୭୧/୨୪) ରୁଜୁ କରିବା ସହ ଉକ୍ତ ଡିଜେଲ ଜବତ କରିଥିଲା।

### ସୋସିଆଲ ମିଡିଆରେ ଆକ୍ଷେପ: ସାଇବର ଥାନାର ଦ୍ୱାରସ୍ଥ ହେଲେ ରୂପାଲି

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ ରୂପାଲି ଲେଙ୍କା ଓ ତାଙ୍କ ସ୍ୱାମୀଙ୍କ ନାଁରେ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲାଯାଇ ମିଥ୍ୟା ଅପପ୍ରଚାର କରାଯାଉଛି। ଏପରି କି ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଆକ୍ଷେପ କରାଯାଉଛି। ଏନେଇ ରୂପାଲି ଶୁକ୍ରବାର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏ ନେଇ ରୂପାଲି କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଦଣ୍ଡ ମିଳିବ ବୋଲି ଆଶା ରହିଛି। ଅପରପକ୍ଷରେ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୨୨।୩(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କନ୍ହେଇପୁର ପଞ୍ଚାୟତ ଅନ୍ତର୍ଗତ ତେଲିଆପଡ଼ା ଗ୍ରାମରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାନନ ସ୍ୱାଇଁ କର୍ତ୍ତା ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପରିଚାଳନା କମିଟିରେ ଧରଣୀଧର ମହାନ୍ତି, ଶ୍ରୀନିବାସ ବାରିକ, ସନ୍ତୋଷ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ, ଚଣ୍ଡୀ ପ୍ରକାଶ ମହାନ୍ତି, ବବିତା ଦାସ, ଅଶୋକ କୁମାର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁବିଧା ପୋର୍ଟାଲର ଉପଯୋଗ କରିବେ ପ୍ରାର୍ଥୀ

କଟକ,୨୨।୩(କାର୍ତ୍ତିକ ସାହୁ)



ବୈଠକରେ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସହ ଅନ୍ୟମାନେ।

**ନିର୍ବାଚନ ପ୍ରସ୍ତୁତି ବୈଠକ**

■ପ୍ରାର୍ଥୀଙ୍କ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ତାଲିକା ଚୂଡ଼ାନ୍ତ

ଆସନ୍ତା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ସମ୍ଭାବ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ତାଲିକା ଚୂଡ଼ାନ୍ତ କରାଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ୍ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ବ୍ୟବହାର ହେବାକୁ ଥିବା ବିଭିନ୍ନ ସାମଗ୍ରୀର ଦର ଉପରେ ଆଲୋଚନା ହୋଇଥିଲା। ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମ୍ମତି ସହ ଚୂଡାନ୍ତ ତାଲିକାରେ ଧାର୍ଯ୍ୟଦର ଅପରିବର୍ତ୍ତନୀୟ ବୋଲି ଜଣାପଡିଛି।

ପ୍ରକାଶ ଯେ, ଧାର୍ଯ୍ୟ ହୋଇଥିବା ଦର ତାଲିକା ବିଭିନ୍ନ ବିଭାଗର ଅନୁମୋଦିତ ଦର ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ରାଜନୈତିକ ଦଳଗୁଡିକର ନିର୍ବାଚନୀ ଖର୍ଚ୍ଚର ହିସାବ ଏହି ତାଲିକା ଅନୁଯାୟୀ କରାଯିବ। ପୁନଶ୍ଚ ସୁବିଧା ପୋର୍ଟାଲ ଓ ମୋବାଇଲ ଆପ୍ ଜରିଆରେ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ବିଭିନ୍ନ ପ୍ରକାର ଅନୁମତିପ୍ରାପ୍ତି ତଥା ପ୍ରାର୍ଥିପତ୍ର ଦାଖଲ ନିମନ୍ତେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ଜିଲାପାଳ ଭରଦ୍ୱାଜ ବୈଠକରେ ସୂଚିତ କରିଛନ୍ତି। ଏହି ପୋର୍ଟାଲ ଉପଯୋଗ ନିମନ୍ତେ sub-idha.eci.gov.inକୁ ଲଗ୍‌ଇନ୍ କରି ବ୍ୟବହାର କରାଯାଇପାରିବ। ସୁବିଧା ପୋର୍ଟାଲ ବ୍ୟବହାର ସଂକ୍ରାନ୍ତରେ ବୈଠକରେ ଏକ ସମ୍ପୂର୍ଣ୍ଣ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶିବ ଟୋପୋ ପ୍ରସ୍ତୁତ ତାଲିକା ସମ୍ବନ୍ଧରେ ସୂଚନା ଦେଇ ପ୍ରତ୍ୟେକ ସମ୍ଭାବ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ (ଉନ୍ନୟନ) ଦିବ୍ୟଲୋଚନ ମହନ୍ତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ବାଙ୍କୀ ଉପଜିଲାପାଳ ଦେବୀରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, କଟକ ମହାନଗର ନିଗମ ଉପଆୟୁକ୍ତ ସୁମନ୍ତ କୁମାର କର, ଡେପୁଟି କଲେକ୍ଟର ନିଷ୍ଠା ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬ ସପ୍ତାହରେ ସରିବ ଆନନ୍ଦ ହତ୍ୟା ମାମଲାର ତଦନ୍ତ

କଟକ,୨୨।୩ (କାର୍ତ୍ତିକ ସାହୁ)

**ଅଦାଲତ ଅବମାନନାର ଅନ୍ତ ଘଟାଇଲେ ହାଇକୋର୍ଟ**

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ତଦନ୍ତ ଆସନ୍ତା ୬ ସପ୍ତାହ ମଧ୍ୟରେ ସରିବ। ଓଡ଼ିଶା ପୋଲିସ୍‌ରେ ଅଧିକାରୀଙ୍କ ଅଭାବ କାରଣରୁ କ୍ରାଇମବ୍ରାଞ୍ଚ ଆଇଜି ଏହି ମାମଲାର ତଦନ୍ତ କରିପାରିବେ ନାହିଁ। କ୍ରାଇମବ୍ରାଞ୍ଚର ୨ ଜଣ ଏସ୍‌ପି ମାମଲାର ତଦନ୍ତ କରିବେ। ଏହି ତଦନ୍ତ ପ୍ରକ୍ରିୟାକୁ ଆଇଜି ତଦାରଖ କରିବେ। ୬ ସପ୍ତାହ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍‌ ଜେନେରାଲ ହାଇକୋର୍ଟରେ ଉପସ୍ଥିତ ରହି ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଅଦାଲତ ଅବମାନନା ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟ ୮ ମାସ ପୂର୍ବେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିଷ୍ଠ ଅଧିକାରୀଙ୍କ ଦ୍ୱାରା କରାଇବାକୁ ଆଦେଶ ଦେଇଥିଲେ। ହେଲେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଅଦ୍ୟାବଧି ଆରମ୍ଭ କରି ନ ଥିବା ଅଭିଯୋଗ ଆଣି ଆବେଦନକାରୀଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ, ଆନନ୍ଦ ଟପ୍ପୋ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ତାଙ୍କର ଦୁଇ ବନ୍ଧୁଙ୍କ ସହ ରହୁଥିଲେ। ୨୦୨୨ ଫେବୃଆରୀ ୨୮ରେ ଆନନ୍ଦଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ରୁମ୍‌ରୁ ଉଦ୍ଧାର କରି ତାଙ୍କ ବନ୍ଧୁ ମନ୍‌ଜିତ୍ ଟେଟେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କର ଅନ୍ୟତମ ବନ୍ଧୁ ହକି ତାରକା ବୀରେନ୍ଦ୍ର ଲାକ୍ରା ଏ ବିଷୟରେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ଫୋନ୍ କରି ଜଣାଇଥିଲେ। ଏନେଇ ଇନ୍‌ଫୋସିଟି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ଆନନ୍ଦଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ବନ୍ଧନ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ପୋଲିସ ପ୍ରଥମେ ଗ୍ରହଣ କରି ନ ଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଆନନ୍ଦଙ୍କୁ ହତ୍ୟା କରାଯାଇ ନାହିଁ ବରଂ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଦାଲତରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ପୋଲିସ ତଦନ୍ତରେ ଭରସା ନ ପାଇବାରୁ ଆନନ୍ଦଙ୍କ ବାପା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପୋଲିସର ତଦନ୍ତ ପ୍ରକ୍ରିୟାରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଜୁଲାଇ ୫ରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# 'କୀଟ ଚିହ୍ନଟ ପାଇଁ ସହାୟକ ହେବ ଧାନ ଏକ୍ସପର୍ଟ ଆପ୍'




ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୨୨।୩ (କାର୍ତ୍ତିକ ସାହୁ)

**ଇ-ଚାଷୀ ପ୍ରଶିକ୍ଷଣ ଶିବିର**

କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ଅଧୀନ ଫସଲ ସୁରକ୍ଷା ବିଭାଗ ଇ-ଚାଷୀ ପ୍ରକଳ୍ପ ମାଧ୍ୟମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧାନ ଫସଲରେ ବିଭିନ୍ନ ରୋଗ, ପୋକ ଓ ସୂତ୍ରକୃମି (ନେମାଟୋଡ) ଭଳି କୀଟ ଚିହ୍ନଟ କରିବା ପାଇଁ କଟକସ୍ଥିତ ଏନ୍‌ଆର୍‌ଆର୍‌ଆଇ ଦ୍ୱାରା ବିକଶିତ ହୋଇଛି ଧାନ ଏକ୍ସପର୍ଟ ଆପ୍। କୃଷକମାନେ ଏହି ଆପ୍ ବ୍ୟବହାର କରି ଧାନଚାଷରେ କୀଟ ନିୟନ୍ତ୍ରଣ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଡ୍ରୋନ୍‌ଭିତ୍ତିକ କୀଟନାଶକ ପ୍ରୟୋଗ ଏବଂ ଫସଲ ସୁରକ୍ଷା କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ଅନୁଷ୍ଠାନର ଫାର୍ମରେ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଏମ୍. ଜେ. ବେଗ ଧାନ ଫସଲରେ ଦେଖାଯାଉଥିବା ରୋଗ, ପୋକ ଦ୍ୱାରା ଉତ୍ପନ୍ନ କ୍ଷୟକ୍ଷତିର ଉପଯୁକ୍ତ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆବଶ୍ୟକ ସମୟରେ କୀଟ ଓ ରୋଗ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନଙ୍କ ସହ ଯୋଗାଯୋଗ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଡ. ଶ୍ୟାମରଞ୍ଜନ ଦାସମହାପାତ୍ର କୃଷକମାନଙ୍କୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସଂକ୍ରାନ୍ତରେ ସୂଚନା ଦେଇଥିଲେ। କୃଷକମାନେ ସେମାନଙ୍କର କୃଷି ସମ୍ବନ୍ଧୀୟ ଅଭିଜ୍ଞତା ପ୍ରକାଶ କରିଥିଲେ। ବୈଜ୍ଞାନିକ ଡ. ପ୍ରଭୁକାର୍ଥିକେୟନ, ଡ. ରଘୁ ଏସ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫସଲ ସୁରକ୍ଷା ବିଭାଗର କର୍ମଚାରୀ ଏବଂ ଇ-ଚାଷୀ ପ୍ରକଳ୍ପର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧାନରେ ସମନ୍ୱିତ ରୋଗ, ପୋକ ପରିଚାଳନା ଉପରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ରଣଝଲ୍ଲୀ, ପଲିୟାମ ଏବଂ କୋଶଳାପାଲି ଗ୍ରାମର ୩୦ ଜଣ ପ୍ରଗତିଶୀଳ କୃଷିଜୀବୀ ମହିଳା ଓ କୃଷକ ଅଂଶଗ୍ରହଣ କରିଥିଲେ।

### ଦୋଳ ମେଳଣ

ଚୌଦ୍ୱାର,୨୨।୩(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଓଟିଏମ୍ କଲୋନୀରେ ରାଧାମୋହନଜୀଉଙ୍କ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ରାଧାମୋହନ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ରାଧାମୋହନଜୀଉ ଘରକୁ ଘର ବୁଲି ଭୋଗ ଖାଇବା ପରେ ଓଟିଏମ୍ କଲୋନୀ ପରିକ୍ରମା କରିଥିଲେ। ପରେ ଅଞ୍ଚଳର ଆଉ ୪ଟି ଦୋଳବିମାନ ଦୋଳ ପଡ଼ିଆରେ ପହଞ୍ଚି ମେଳଣ କରିଥିଲେ। ଏହି ଉପଲକ୍ଷେ ୨ଦିନ ଧରି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନ୍‌ସିଲର ବିନୋଦିନୀ ରାଉତରାୟ, ଆଶୁତୋଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ହିମାଂଶୁ ଦାସ ଓ ରଜନୀକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଦୁଇଟି ନାଟକ 'ମାଇଚିଆ ଗୋଖେଇ ସାହୁ' ଓ 'ଦେଇଗଲା ଦାଗ ଅଦିନ ମେଘ' ମଞ୍ଚସ୍ଥ ହୋଇଥିଲା। ଅଶୋକ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କମିଟି ଉପଦେଷ୍ଟା ଲୋକନାଥ ସାହୁ, ଟୁକୁ ପ୍ରଧାନ, ଭାସ୍କର ଚନ୍ଦ୍ର ରାଉତରାୟ, ପ୍ରମୋଦ ଜେନା, ରାଜକିଶୋର ସାମନ୍ତ, ଅଶ୍ୱିନୀ କୁମାର ଜେନା, ଭୀମସେନ ବିଶ୍ୱାଳ, ଶିବବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୨ ମୌଜାରେ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



୪୨ ମୌଜା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

କଟକ ସଦର, ୨୨।୩(ସୁଶାନ୍ତ କୁମାର ଜେନା)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ୪୨ ମୌଜା ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିଲା। କେନ୍ଦ୍ରୀୟ ପୋଲିସ ସୁରକ୍ଷା ବଳର ସହକାରୀ କମାଣ୍ଡାଣ୍ଟ ସନ୍ତୋଷ କୁମାର ଏବଂ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ୍ ସୁରକ୍ଷା ବଳ ମୁଖ୍ୟରାସ୍ତାରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ୬ଟି ପଞ୍ଚାୟତର ଭୋଟରଙ୍କ ମନରେ ସୁରକ୍ଷାର ଆସ୍ଥା ଦେବା ପାଇଁ ଏଭଳି କରାଯାଇଥିବା ଥାନା ଅଧିକାରୀ ମହାରଣା କହିଛନ୍ତି।

# ଜମିବାଡ଼ି କାଗଜପତ୍ର ଯାଞ୍ଚରେ ଅବହେଳା

କଟକ ସଦର, ୨୨।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ୫-ଟି ସ୍ୱତନ୍ତ୍ର ଅନୁଦାନରେ ନିର୍ମାଣଭିତ୍ତିକ କାର୍ଯ୍ୟ ଚାଲିଛି। ଅଧିକାଂଶ କାର୍ଯ୍ୟ ପୂର୍ତ୍ତ, ଜଙ୍ଗଲ, ଜଳସେଚନ ବିଭାଗ ଜମି ଓ ବ୍ୟକ୍ତିଗତ ଜାଗାରେ କରାଯାଉଥିବା ଅଭିଯୋଗ ହେଉଛି। କାରଣ ବ୍ଲକ ପ୍ରଶାସନ ସମ୍ପୃକ୍ତ ବିଭାଗର ଅନୁମତି ନେଇ ନ ଥିବା ଜଣାପଡିଛି। ବ୍ୟକ୍ତିଗତ ଜାଗାରେ କରାଯାଇଥିବା ନିର୍ମାଣ ମଧ୍ୟ ଭବିଷ୍ୟତରେ ଗ୍ରାମବାସୀଙ୍କ ବ୍ୟବହାରରେ ନ ଆସିବା ଆଶଙ୍କା ପ୍ରକାଶ ପାଇଛି। କାରଣ ସବୁ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ କାଗଜପତ୍ର ଯାଞ୍ଚ କରିବାରେ ବ୍ଲକ ପ୍ରଶାସନ ଅବହେଳା କରୁଥିବା କୁହାଯାଉଛି। ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସମସ୍ତ କାମ ବିଭାଗୀୟ ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ରହିଛି। ଫାଇଲରେ ଥିବା ଜମିଜମା ରେକର୍ଡ ଅନୁଯାୟୀ ନିର୍ମାଣ କରାଯାଉଛି କି ନାହିଁ ତାହାର ଯାଞ୍ଚ ଯନ୍ତ୍ରୀମାନେ କରିପାରୁ ନାହାନ୍ତି ବୋଲି ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ ସ୍ୱୀକାର କରିଛନ୍ତି। ଫଳରେ କାମ ଆରମ୍ଭ ପୂର୍ବରୁ ସଂଗୃହୀତ ଜମିଜମା କାଗଜପତ୍ର କାମରେ ନ ଲାଗି ଅଳିଆ ଗଦାରେ ପଡ଼ିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି

କଟକ,୨୨।୩ (କାର୍ତ୍ତିକ ସାହୁ)



ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କ ସହ ମେୟର ସୁବାସ ସିଂ ଆଲୋଚନା କରୁଛନ୍ତି।

■କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ଅଧିକ ତଥ୍ୟ ଦେବାକୁ ନିବେଦନ କଲେ

■ସଂସ୍କୃତି ନିର୍ଦ୍ଦେଶକଙ୍କୁ ଭେଟିଲେ ମେୟର

ଐତିହାସିକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି ପରେ ଏବେ ଉଠିଛି ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି। ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶୁକ୍ରବାର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟର ମାନ୍ୟତା ପ୍ରଦାନ ପାଇଁ ଅଧିକ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ପ୍ରଦାନ କରିବା ନିମନ୍ତେ ମେୟର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଆଲୋଚନାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ମେୟର ଅନୁରୋଧ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗକୁ ଚିଠି ଲେଖି ଅନୁରୋଧ କରିଥିଲେ। ବର୍ତ୍ତମାନର ମେୟର ତଥା ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ୨୦୨୨ ମସିହାରେ ୯ ଜଣ ଏମ୍‌ପିଙ୍କୁ ନେଇ ତତ୍କାଳୀନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମୀନାକ୍ଷୀ ଲେଖିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୨ ମସିହା ବାଲିଯାତ୍ରା ଚାଲିଥିବା ସମୟରେ ସୁଦୂର ଇଣ୍ଡୋନେସିଆର ବାଲି ସହରରୁ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ବାଲିଯାତ୍ରାର ପ୍ରଶଂସା କରିଥିଲେ। ୨୦୨୪ରେ ଏହି ଜାତୀୟ ମାନ୍ୟତା ପାଇଁ ମେୟର ସିଂ ପୁନର୍ବାର ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସଂସ୍କୃତି ବିଭାଗ ଚିଠି ଦ୍ୱାରା କେନ୍ଦ୍ର ଗୃହ ବିଭାଗକୁ ଅନୁରୋଧ କରିବାକୁ ମେୟର ସିଂ ଚିଠି ଲେଖି ଜଣାଇଥିଲେ। ଏଥିସହ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ମଧ୍ୟ ପୁନର୍ବାର ସଂସଦରେ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରସଙ୍ଗ ଉଠାଇଥିଲେ। ଜାତୀୟ ମାନ୍ୟତା ମିଳି ନ ଥିବାବେଳେ ଏବେ ଜାତିସଂଘ କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ ଚିଠି ଲେଖିଛନ୍ତି ମେୟର। ଏ ସମ୍ପର୍କରେ କଟକ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସହ ଆଲୋଚନା କରି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ସାକ୍ଷାତ ସମୟରେ ମେୟର ସିଂଙ୍କ ସମେତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ଜଳ ଦିବସ ଅବସରରେ ଶୁକ୍ରବାର କଟକ ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ଜଳ ସଂରକ୍ଷଣ ସଚେତନତା ଶୋଭାଯାତ୍ରା।



କଟକ ବାଲିଯାତ୍ରା ଉପର ପଡିଆରେ ଚାଲିଥିବା କଟକ ବୈଶାଖୀ ବାଣିଜ୍ୟ ମେଳାରେ ଶୁକ୍ରବାର ଯୁବତୀମାନେ ସାମଗ୍ରୀ କିଣୁଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ଶିକ୍ଷାମନ୍ଦିରରେ ଜଳ ଦିବସ

ବାଲିଅନ୍ତା,୨୨।୩(ନୀଳମାଧବ ସାହୁ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରରେ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସେଣ୍ଟର ଅଫ୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍‌ର ପ୍ରକଳ୍ପ ଅଧିକାରୀ ରାଜେଶ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ରଙ୍କ ସମେତ ଗୁରୁମା' ଓ ଗୁରୁଜୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗୁରୁମା ମମତା ସାମଲ ଧନ୍ୟବାଦ ଦେଇଥିଲେ।

### କ୍ୟାପିଟାଲ ହସ୍ପିଟାଲରୁ ଅଟୋ ଚାଳକ ଗିରଫ

#### ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ନେବାବେଳେ ଧରାପଡିଲେ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା): କ୍ୟାପିଟାଲ ହସ୍ପିଟାଲରୁ ଜଣେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ପ୍ରଲୋଭିତ କରି ଘରୋଇ ହସ୍ପିଟାଲକୁ ନେଉଥିବାବେଳେ ଜଣେ ଦଲାଲଙ୍କୁ କମିଶନରେଟ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୬ ରେ ରହୁଥିବା ଗଞ୍ଜାମର ଜିତେନ୍ଦ୍ର ଚୌଧୁରୀ। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ ଜଣେ ଅଟୋ ଚାଳକ ହୋଇଥିବା ବେଳେ ସେ ବିଭିନ୍ନ ସମୟରେ କ୍ୟାପିଟାଲ ହସ୍ପିଟାଲକୁ ରୋଗୀ ନେବା ଆଣିବା କରିବା ସହ କାଜୁଆଲ୍‌ଟି ନିକଟରେ ଉପସ୍ଥିତ ରହି ରୋଗୀଙ୍କୁ ପ୍ରବର୍ତ୍ତାଇ ଘରୋଇ ହସ୍ପିଟାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ନେଇ ଠକୁଥିବା ପୋଲିସ ଜାଣିବାକୁ ପାଇଛି। ଏହାସହ ଅଭିଯୁକ୍ତ ଜଣେ ରୋଗୀଙ୍କୁ ଏକ ଟେଷ୍ଟ ପାଇଁ କ୍ୟାପିଟାଲ ହସ୍ପିଟାଲରୁ ରେଫର କରି ଘରୋଇ ହସ୍ପିଟାଲକୁ ନେଉଥିବାବେଳେ ସେଠାରେ ସାଦା ପୋଷାକରେ ଥିବା ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ।

### ଚୋରି ମାମଲା: ଶେଖ୍ ମୁସ୍ତାକିନ୍‌ଙ୍କୁ ୬ ମାସ ଜେଲଦଣ୍ଡ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା): ଏକ ଚୋରି ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ କୋର୍ଟ (୩)ରେ ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ଶୁଣାଣି କରି ଅଭିଯୁକ୍ତ ଶେଖ୍ ମୁସ୍ତାକିନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି। ଘଟଣା ଅନୁଯାୟୀ, ଅଭିଯୋଗକାରୀ ସଞ୍ଜୟ କୁମାର ସାହୁ ଗତ ଜାନୁୟାରୀ ୨୧ରେ ନିଜ ଅଟୋକୁ ଶହୀଦନଗର ଥାନା ଅନ୍ତର୍ଗତ ଭେଟେରିନାରି ହସ୍ପିଟାଲ ନିକଟରେ ପାର୍କିଂ କରି ଏକ ଦୋକାନକୁ ଚା' ପିଇବାକୁ ଯାଇଥିଲେ। ଅଭିଯୁକ୍ତ ଏହାର ସୁଯୋଗ ନେଇ ସଞ୍ଜୟଙ୍କ ଅଟୋରୁ ବ୍ୟାଟେରୀ ଚୋରି କରି ଫେରାର ହେଉଥିବା ବେଳେ ସଞ୍ଜୟ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ମାମଲା ନଂ.୨୭/୨୦୨୪ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ ଏବଂ ସରୋଜ କୁମାର ସ୍ୱାଇଁ ପରିଚାଳନା କରୁଥିଲେ।

### ଜମିଲା ରଘୁନାଥପୁର ଦୋଳ ମେଳନ

ବାରଙ୍ଗ,୨୨।୩(ଲିଙ୍ଗରାଜ ରାଉତ): ପରମ୍ପରା ଅନୁଯାୟୀ ଶୁକ୍ରବାର ରାତିରେ ରଘୁନାଥପୁର ଗ୍ରାମରେ ଦୋଳ ମେଳନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦଧିବାମନଙ୍କୁ ହରିବୋଲ, ହୁଳହୁଳି ଧ୍ୱନିରେ ମଠରୁ ଦୋଳ ବିମାନକୁ ଅଣାଯାଇଥିଲା। ଏକ ସୁସଜ୍ଜିତ ଦୋଳବିମାନରେ ଠାକୁରଙ୍କୁ ବିରାଜିତ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ବାଜା, ଘଣ୍ଟ ଓ ହରିନାମ କୀର୍ତ୍ତନରେ ପ୍ରକମ୍ପିତ ହୋଇଉଠିଥିଲା ଗ୍ରାମ ପରିବେଶ। ପ୍ରଭୁ ଦଧିବାମନ ଘର ଘର ବୁଲି ଭୋଗ ଖାଇଥିଲେ। ରାତିରେ ଗ୍ରାମ ପରିକ୍ରମା କରିସାରିବା ପରେ ଯାତ୍ରାପଡିଆରେ ଠାକୁରଙ୍କୁ ଅବସ୍ଥାପିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନନ୍ଦନକାନନ ଥାନା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଜଳ ସମ୍ପଦର ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)



ବିଶ୍ୱ ଜଳ ଦିବସ ପାଳନ ଅବସରରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ଜଳ ସମ୍ପଦ ବିଭାଗର ଅଧିକାରୀମାନେ।

ଚଳିତ ବର୍ଷ ବିଶ୍ୱ ଜଳଦିବସ ପାଳନର ବାର୍ତ୍ତା ରହିଛି 'ଶାନ୍ତି ପାଇଁ ଜଳ', ଯେଉଁଥିରେ ବିଶ୍ୱର ସ୍ଥିରତା ଏବଂ ସମୃଦ୍ଧିରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୃଦ୍ଧି ଏବଂ ବିଶ୍ୱ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଆମର ସବୁଠାରୁ ମୂଲ୍ୟବାନ 'ଜଳ ସମ୍ପଦ'ର ସୁରକ୍ଷା ଓ ସଂରକ୍ଷଣ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଓଡ଼ିଶା ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଶୁକ୍ରବାର ବିଭାଗ ସମ୍ମିଳନୀ କକ୍ଷରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଳର କ୍ରମାଗତ ଆବଶ୍ୟକତା ବୃଦ୍ଧି ଓ ଏହାର ଦକ୍ଷ ବ୍ୟବହାରରେ ବିଭାଗ କିପରି ଯୋଗଦାନ ଦେଉଛି, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗ ପକ୍ଷରୁ ନିଆଯାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମେତ ବିଭିନ୍ନ ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ଜଳର ସଠିକ ଓ ସମାନ ବଣ୍ଟନ ଉପରେ ଆଲୋଚନା ହୋଇଥିଲା। ଜଳର ସଂରକ୍ଷଣ-ପୁନଃବ୍ୟବହାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଫସଲର ବିବିଧୀକରଣ ପୂର୍ବକ ସମାନ ଜମିରୁ ବର୍ଷରେ ଏକାଧିକ ଫସଲ କରାଯିବା, ଦକ୍ଷ ଜଳ ବ୍ୟବହାର ପାଇଁ ଜ୍ଞାନକୌଶଳ ପ୍ରୟୋଗ, ସମାନତା ଏବଂ ନ୍ୟାୟସଙ୍ଗତ ଭାବରେ ଜଳପରିଚାଳନା, ଏଥିରେ ମହିଳାମାନଙ୍କର ଦାୟିତ୍ୱ ଓ ନେତୃତ୍ୱ ଏବଂ ଜଳ ବଣ୍ଟନରେ ଥିବା ମତଭେଦକୁ ଆପୋସ ଭାବରେ ସମାଧାନ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ଜଳ ସମସ୍ୟା ସାମାଜିକ ଶାନ୍ତି ଭଙ୍ଗର କାରଣ ସାଜୁଛି

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ପୃଥିବୀର ବିଭିନ୍ନ ସ୍ଥାନରେ କ୍ରମଶଃ ଜଳାଭାବ ଏତେ ଉତ୍କଟ ରୂପ ଧାରଣ କରୁଛି ଯେ, ଜଳର ଆବଶ୍ୟକ ପରିମାଣରେ ଉପଲବ୍ଧି ଏବଂ ସୁବଣ୍ଟନ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଯାହାକି ସାମାଜିକ ଶାନ୍ତି ଭଙ୍ଗର ଏକ କାରଣ ପାଲଟିଛି। ଉଭୟ ଅନ୍ତଃରାଷ୍ଟ୍ରୀୟ ଏବଂ ରାଷ୍ଟ୍ରୀୟସ୍ତରରେ ଜଳ ବଣ୍ଟନକୁ ନେଇ ଅନେକ ବିବାଦର ସୂତ୍ରପାତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବିଶ୍ୱ ଜଳ ଦିବସ ପାଳନର ପ୍ରସଙ୍ଗ ରହିଛି 'ଶାନ୍ତି ନିମନ୍ତେ ଜଳ'। ବର୍ଦ୍ଧିତ ପ୍ରଦୂଷଣ, ବିଶ୍ୱ ତାପମାତ୍ରାର ବୃଦ୍ଧି, ଜଳବାୟୁର ପରିବର୍ତ୍ତନ ଏବଂ ଜୈବବିବିଧତାର ଅବକ୍ଷୟ ପରିପ୍ରେକ୍ଷୀରେ ଏହି ସମସ୍ୟା କ୍ରମେ ଅଧିକ ଗମ୍ଭୀର ରୂପ ଧାରଣ କରୁଛି। ବିଶ୍ୱର ୩୦୦କୋଟିରୁ ଅଧିକ ଲୋକ ଅନ୍ତଃରାଷ୍ଟ୍ରୀୟ ଜଳ ଉତ୍ସ ଉପରେ ନିର୍ଭରଶୀଳ ଥିଲାବେଳେ ମାତ୍ର ସେମାନଙ୍କ ମଧ୍ୟରୁ କେବଳ ୨୪ଟି ଅଂଶୀଦାର ରାଷ୍ଟ୍ରଙ୍କ ମଧ୍ୟରେ ଜଳ ଚୁକ୍ତି କାର୍ଯ୍ୟକାରୀ ହେଉଛି ବୋଲି ମତ ପ୍ରକାଶ ପାଇଛି। ଶୁକ୍ରବାର ଓଡ଼ିଶା ପରିବେଶ ସମିତି ଆନୁକୂଲ୍ୟରେ ୟୁନିଟ -୮ସ୍ଥିତ ଡିଏଭି ସ୍କୁଲରେ ବିଶ୍ୱ ଜଳ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ବିଶେଷଜ୍ଞମାନେ ଏହା କହିଛନ୍ତି। ସ୍କୁଲର ଅଧ୍ୟକ୍ଷା ଇପ୍ସିତା ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜଳ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିବେଶ ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳ ସହିତ ଜୀବଜଗତର ନିବିଡ଼ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ପରିବେଶ ବିଶେଷଜ୍ଞ ଡ. ଜୟକୃଷ୍ଣ ପାଣିଗ୍ରାହୀ ବିଶ୍ୱ ଦୃଶ୍ୟପଟ୍ଟରେ ମଧୁର ଜଳର ଉପଲବ୍ଧି କିପରି ହ୍ରାସ ପାଇଛି ଏବଂ ଜଳ ଉତ୍ସସବୁ କିପରି ପ୍ରଦୂଷଣର ଶିକାର ହେଉଛି ତାହା ବର୍ଣ୍ଣନା କରିଥିଲେ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜଳର ସୁବଣ୍ଟନ ଓ ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ ଉପରେ ଗୁରୁତ୍ୱ ଦେଇଥିଲେ। ଯୁଗ୍ମ-ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଳ ଉପରେ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ କରିଥିଲେ। ବିଜେତାମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସାଇଲକ୍ଷ୍ମୀ କୁଣ୍ଡୁ ଓ ଏଲ. କୋମୁନି ଏବଂ ଶିକ୍ଷକ ପ୍ରସନ୍ନ କୁମାର ଧଳ ଓ ରାଜନ ଦାସ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର ମାଉସୀମା ଛକସ୍ଥିତ ୟୁରୋ ସ୍ମାର୍ଟ ପ୍ଲେ ସ୍କୁଲର ପିଲାମାନେ ପରସ୍ପରକୁ ଫଗୁ ବୋଳି ଆଗୁଆ ହୋଲି ପାଳନ କରୁଛନ୍ତି।

## 'ସରଳାର ଚିଠି'ରେ ନାରୀ ଜୀବନର କଥା



ଭୁବନେଶ୍ୱର,୨୨।୩(ଶର୍ମିଷ୍ଠା ପାଣିଗ୍ରାହୀ)

**ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ 'ଅସୀମ ବସୁ ସମ୍ମାନ'**

ସ୍ତ୍ରୀ ଲୋକଟିଏ କେବେ ବି କାହା ସହ ସାଲିସ କରିବା ଉଚିତ ନୁହେଁ। ପୁଣି ନିଜ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ତ କେବେ ବି ସମ୍ଭବ ନୁହେଁ। ସ୍ତ୍ରୀଲୋକଟିଏ ପ୍ରେମର ଗୀତ ଗାଇଲେ ପୃଥିବୀର ବଗିଚାରେ ଲାଲ ଗୋଲାପ ଫୁଟେ, ବେଦନାଭରା କଥା କହିଲେ କଳା ରଙ୍ଗର ଗୋଲାପ ଫୁଟେ, ସୁଖର ଗପ କହିଲେ ଧଳା ଗୋଲାପ ଫୁଟେ। ସ୍ତ୍ରୀଲୋକଟିଏ ନିଜ ଜୀବନର ଅନେକ ଛୋଟ ବଡ଼ ଖୁସି ଓ ଦୁଃଖ ସବୁକୁ ନିଜ ଭିତରେ ଲୁଚାଇ ରଖିଥାଏ । ସେସବୁ ନିଜ ଭିତରୁ କାଢି ପାରେନା କି ତାକୁ ନିଜ ଭିତରେ କବର ଦେଇ ପାରେନା। ସେ ଝୁମୁରି ହେଉ, ସରଳା ହେଉ ଅବା ସୁଜାତା। ନିଜ ଛାତି ଭିତରେ ସ୍ତ୍ରୀଲୋକଟିଏ କେଉଁଠି ନା କେଉଁଠି ରୁମାଲଟିଏ, ମୁଦିଟିଏ ଛୁପାଇ ରଖି ଥାଏ। ଆଉ ଝୁରି ହେଉ ଥାଏ। ନାରୀ ଜୀବନର ଏପରି କିଛି କଥାକୁ ନେଇ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ସରଳାର ଚିଠି' ମଞ୍ଚସ୍ଥ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଉତ୍ତର ପୁରୁଷର ନାଟକ ପରିକ୍ରମାର ଶୁକ୍ରବାର ଉଦ୍‌ଯାପନ ଅବସରରେ ଏହି ନାଟକ ପରିବେଷିତ ହୋଇଥିଲା। ଏହାର ନାଟ୍ୟରୂପ, ଅଭିକଳ୍ପ ଓ ନିର୍ଦ୍ଦେଶନା ଦେଇଥିଲେ ଦେବଦତ୍ତ ପତି। ଅଭିନୟରେ ଡ. ପ୍ରସନ୍ନ ମିଶ୍ର, ଗୌରବ, ଅମିତ୍, ସଂଗ୍ରାମ, କ୍ରିଷ୍ଟା, ଚନ୍ଦନ, ରୁପଶ୍ରୀ, ଅଞ୍ଜଳୀ, ଧରିତ୍ରୀ, ପ୍ରତିମା,ଶ୍ୱେତା, କ୍ରିଷ୍ଟା ତୁଳସୀ ଓ ଭାସ୍ୱତୀ ରହିଥିଲେ। ଏହି ଅବସରରେ ନାଟ୍ୟକାର ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ 'ଅସୀମ ବସୁ ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଗାଳ୍ପିକା ବିୟୋତପ୍ରଜ୍ଞା ତ୍ରିପାଠୀ, କଥାକାର ଗୌରହରି ଦାସ, ସାମ୍ବାଦିକା ସୌମ୍ୟା ପରିଡ଼ା, ଅନୁଷ୍ଠାନର ଉପସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଲିକଙ୍କୁ ଠକି ଗିରଫ ହେଲେ ମ୍ୟାନେଜର

ଭୁବନେଶ୍ୱର,୨୨।୩
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ମାଲିକଙ୍କୁ ଠକିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ବ୍ରହ୍ମପୁର ବଡ଼ ବଜାର ଥାନା ପ୍ରେମ ନଗରର ଶୁଭ୍ରାଂଶୁ ଭୂଷଣ ମିଶ୍ର (୪୦) । ସୂଚନା ଅନୁସାରେ, ଅଭିଯୋଗକାରୀ ପ୍ରଭାକର ମହାପାତ୍ର କୋଲଥିଆରେ ରହି ବ୍ୟବସାୟ କରନ୍ତି । ଶୁଭ୍ରାଂଶୁ ୨୦୧୦ରେ ପ୍ରଭାକରଙ୍କ ଯୋଗାଯୋଗରେ ଆସିଥିଲେ । ଏହାପରେ ପ୍ରଭାକରଙ୍କ ଫ୍ୟାକ୍ଟ୍ରିରେ ମ୍ୟାନେଜର ଭାବେ ଶୁଭ୍ରାଂଶୁ କାମ କରିବା ସହ ତାଙ୍କ ଘରର ସବୁ କାମ ବୁଝୁଥିଲେ । ସେପଟେ ପ୍ରଭାକର ବ୍ୟବସାୟ ବୃଦ୍ଧି ପାଇଁ ଆଣିଥିବା ଋଣର କିସ୍ତି ଶୁଝି ପାରି ନ ଥିଲେ । ତେଣୁ ସେ ଜଟଣୀ ପଦନପୁର ମୌଜାରେ ଥିବ କିଛି ପ୍ଲଟ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାର ସୁଯୋଗ ନେଇ ଶୁଭ୍ରାଂଶୁ ତା'ର ଜଣେ ପରିଚିତ ଲୋକଙ୍କୁ ଆଣି ଗ୍ରାହକ ଭାବେ ପ୍ରଭାକରଙ୍କ ସହିତ ପରିଚିତ କରାଇଥିଲେ। ସେହି ପ୍ଲଟ ବିକ୍ରି ନିମନ୍ତେ ଧାର୍ଯ୍ୟ ହୋଇଥିବା ସମୁଦାୟ ୪୨ ଲକ୍ଷ ୨୪ ହଜାର ଟଙ୍କାର ଗ୍ୟାରେଣ୍ଟର ପଡ଼ିଥିଲେ । ଶୁଭ୍ରାଂଶୁ ଗ୍ୟାରେଣ୍ଟର ଭାବରେ ୨୫ ଲକ୍ଷ ଟଙ୍କାର ୩ଟି ଚେକ ପ୍ରଭାକରଙ୍କୁ ଦେବା ସହିତ ଜମି ପଞ୍ଜୀକରଣର ୨୪ ଘଣ୍ଟା ମଧ୍ୟରେ ବାକି ୧୭ ଲକ୍ଷ ୨୪ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରଭାକର ତାଙ୍କ କଥାରେ ବିଶ୍ୱାସ କରି ଜଟଣୀ ସବ୍ ରେଜିଷ୍ଟ୍ରାର ଅଫିସକୁ ଯାଇ ଶୁଭ୍ରାଂଶୁ କହିବା ମୁତାବକ ତାଙ୍କ ପରିଚିତ ବ୍ୟକ୍ତିଙ୍କ ନାମରେ ଜମି ପଞ୍ଜୀକରଣ କରାଇଥିଲେ । ଏହା ପରେ ଟଙ୍କା ମାଗିବାରୁ ଶୁଭ୍ରାଂଶୁ ବିଭିନ୍ନ ପ୍ରକାର ଧମକ ଦେବା ସହ ବାଧ୍ୟରେ ପ୍ରଭାକରଙ୍କୁ ଚେକ୍ ଦେଇଥିଲେ । ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ଚେକଗୁଡ଼ିକ ମଧ୍ୟ ବ୍ୟାଙ୍କ ଦ୍ୱାରା ବାଉନ୍ସ ହୋଇଯାଇଥିଲା । ଠକେଇର ଶିକାର ହେବା ଜାଣିବା ପରେ ପ୍ରଭାକର ଥାନାରେ ଅଭିଯୋଗ କରିଥିଲେ ।

## ଫେରାର ନାବାଳକ ସମେତ ୪ ଧରାପଡ଼ିଲେ

ଭୁବନେଶ୍ୱର,୨୨।୩
(ସୂର୍ଯ୍ୟକାନ୍ତ ବେହେରା)

**ତ୍ରିକୋଣୀୟ ପ୍ରେମକୁ ନେଇ ଯୁବକଙ୍କୁ ହତ୍ୟା ଘଟଣା**

ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଲକ୍ଷ୍ମୀସାଗର ଥାନା ଚମ୍ପା ପୋଖରୀ ନିକଟରେ ରହୁଥିବା ଭଦ୍ରକର ଅଞ୍ଜନ ବେହେରା(୨୫)ଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ସାଙ୍ଗ ଗୌତମଙ୍କୁ ବଞ୍ଚାଇବାକୁ ଯାଇ ସେ ହତ୍ୟାର ଶିକାର ହୋଇଥିଲେ। ଏହି ମାମଲାରେ ଫେରାର ଥିବା ଜଣେ ନାବାଳକଙ୍କ ସମେତ ୪ ଜଣଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ କଟକରୁ ଧରିଛି। ନାବାଳକଙ୍କୁ ବାଳ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବାବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳର ସ୍ୱୟାଂସୁ ସାହୁ, ଗଞ୍ଜାମ କବି ସୂର୍ଯ୍ୟନଗର ଥାନା ଅଞ୍ଚଳର ଟୁକୁଲି ଜେନା ଓ ପାଟପୁରା ଅଞ୍ଚଳର ସମୀର ଜେନା। ସେମାନଙ୍କଠାରୁ ଗୋଟିଏ ସ୍କୁଟି ଜବତ ହୋଇଛି। ତେବେ ଏହି ଘଟଣାରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତ କାହ୍ନା ପ୍ରଧାନ ଓରଫ ପିଙ୍କୁ ଓ ତାଙ୍କ ପ୍ରେମିକା ନୀହାରିକା ଦାସଙ୍କୁ ୧୮ ତାରିଖରେ କୋର୍ଟ ଚାଲାଣ କରିସାରିଛି ପୋଲିସ। ଅଭିଯୁକ୍ତ ପିଙ୍କୁ , ପ୍ରେମିକା ନୀହାରିକା ଓ ୪ ସହଯୋଗୀ ୧୫ ତାରିଖ ବିଳମ୍ବିତ ରାତିରେ ଚିନ୍ତାମଣିଶ୍ୱର ଚମ୍ପା ପୋଖରୀ ନିକଟରେ ଅଞ୍ଜନ ଓ ସାଙ୍ଗ ଗୌତମଙ୍କୁ ଖଣ୍ଡାରେ ହାଣିବାକୁ ଗୋଡ଼ାଇଥିଲେ। ଗୌତମ ବର୍ତ୍ତିଯାଇଥିବାବେଳେ ପିଙ୍କୁ ଗୋଡ଼ାଇ ଗୋଡ଼ାଇ ଅଞ୍ଜନଙ୍କୁ ଖଣ୍ଡାରେ ହାଣିଥିଲେ। ଫଳରେ ତାଙ୍କ କାନ୍ଧ ଓ ଶରୀରରେ ଗଭୀର ଆଘାତ ଲାଗିଥିଲା। ଅଧିକ ରକ୍ତସ୍ରାବ ଯୋଗୁ ଅଞ୍ଜନଙ୍କର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତ ଅଞ୍ଜନଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୋଲିସ ଆଇପିସି ଦଫା ୩୦୨,୧୨୦(ବି)ରେ ରୁଜୁ ମାମଲା (ନଂ ୧୬୪/୨୪) ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଫିଲ୍ମ ଦେଖି ଶ୍ରୀରାମ ପଣ୍ଡାଙ୍କୁ ମନେ ପକାଇଲେ ଦର୍ଶକ

ଭୁବନେଶ୍ୱର,୨୨।୩(ଶର୍ମିଷ୍ଠା ପାଣିଗ୍ରାହୀ)

'ରକ୍ତ ଗୋଲାପେ ମୁଁ ଯାଯାବର, ସିନ୍ଦୂର ବିନ୍ଦୁ ଆଉ ଶଙ୍ଖା ସିନ୍ଦୂର'। ଏହି ଜବରଦସ୍ତ ଡାଇଲଗ ସହ ୯୦ଦଶକର ଓଲିଉଡର ପ୍ରସିଦ୍ଧ ନାୟକ ଶ୍ରୀରାମ ପଣ୍ଡାଙ୍କ ଉପସ୍ଥିତିକୁ ଦୋହରାଇଥିଲା ଚଳଚ୍ଚିତ୍ର 'ଯାଯାବର ୨.୦'। ଶୁକ୍ରବାର ରାଜ୍ୟର ୨୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ଏହି ଫିଲ୍ମ। ୨ଜଣ ଅଜଣା ବ୍ୟକ୍ତିଙ୍କୁ ନେଇ ଆରମ୍ଭ ହୁଏ କାହାଣୀ। ଟ୍ୟାକ୍ସିର ଡ୍ରାଇଭର ତଥା ପାର୍ଟ ଟାଇମ୍ କିଲର୍ ଜଗତ ପଣ୍ଡା ନିଜର ପାସେଞ୍ଜର ଭାବେ ଭେଟନ୍ତି ସତ୍ୟକୁ। ଯିଏ ନିଜ ପ୍ରେମିକା ଓ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ଥିବା ଖରାପ ସମ୍ପର୍କ ଜାଣିବା ପରେ ଉଭୟଙ୍କୁ ମାରି ଦିଅନ୍ତି। ସତ୍ୟ ନିଜକୁ ଦୋଷୀ ଭାବି ଜଗତଙ୍କୁ ତାଙ୍କ ଜୀବନ ନେବା ପାଇଁ ଟଙ୍କା ଦିଅନ୍ତି। ଜଗତ ଜୀବନ ନେବା ଆଗରୁ ଏକ ରୋମାଞ୍ଚ ଯାତ୍ରାରେ କାହାଣୀ ଆଗକୁ ବଢ଼ିଚାଲେ। ଜଗତ ଶ୍ରୀରାମ ପଣ୍ଡାଙ୍କୁ ଖୁବ୍ ଭଲ ପାଆନ୍ତି। ତୁମକୁ କିଏ ଭଲ ଲାଗେ ଶ୍ରୀରାମ ପଣ୍ଡା ନା ଉତ୍ତମ ମହାନ୍ତି ତାଙ୍କର ଏହି ଡାଇଲାଗ ଦର୍ଶକଙ୍କୁ ବେଶ୍ ଭଲ ଲାଗିଥିଲା। ସେହିପରି ଦେଖ ଖବର ରଖ ନଜର, ହିସାବ ନିକାଶ, ଜୋରଦାର ମୁଲକ ତାର ଭଳି ଶ୍ରୀରାମ ପଣ୍ଡାଙ୍କ ଫିଲ୍ମ ଶୀର୍ଷକ ସହ ଜଗତଙ୍କ ଅଭିନୟ ବହୁତ ଭଲ ଥିଲା। ରାତି ଯେତେ ବଢ଼ି ଚାଲୁଥାଏ ସତ୍ୟ ଓ ଜଗତର ଘନିଷ୍ଠତା ସେତେ ବଢୁଥାଏ। ତେବେ ଜଗତ ସତ୍ୟକୁ ମାରିଛନ୍ତି କି ଆଉ କିଛି ଘଟଣା ଘଟିଛି ଏଭଳି କିଛି କାହାଣୀକୁ ନେଇ ଫିଲ୍ମ ପ୍ରସ୍ତୁତ। ଅଭିଷେକ ସ୍ୱାଇଁ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଛନ୍ତି। ଅଭିନୟରେ ଦେବେଶ ରଞ୍ଜନ, ପ୍ରସନ୍ନଜିତ ମହାପାତ୍ର, ସୋନାଲି ଶର୍ମିଷ୍ଠା, ଶ୍ୱେତା ଆଚାର୍ଯ୍ୟ, ଚୌଧୁରୀ ବିକାଶ ଦାସ, ବିଏମ୍ ବୈଶାଳୀ ପ୍ରମୁଖ ଅଭିନୟ କରିଛନ୍ତି।

## ପ୍ରଶାସନିକ ସେବା ପରୀକ୍ଷା ପାଇଁ ଆପ୍ଟିପ୍ଲସ୍‌ର ସ୍ୱତନ୍ତ୍ର କୋର୍ସ



ଭୁବନେଶ୍ୱର,୨୨।୩
(ଅନୁରାଧା ମହାରଣା)

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଓ ଓଡ଼ିଶା ପ୍ରଶାସନିକ ପରୀକ୍ଷାକୁ ନଜରରେ ରଖି ଆପ୍ଟିପ୍ଲସ୍ ଏକାଡେମୀ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଏନ୍‌ସିଇଆର୍‌ଟିର ଅତିରିକ୍ତ ପାଠ୍ୟକ୍ରମ ସହିତ ଇଣ୍ଟିଗ୍ରେଟେଡ୍ ଫାଉଣ୍ଡେସନ୍ କୋର୍ସ ଦିଆଯିବାର ବ୍ୟବସ୍ଥା କରାଯାଇଛି। ୨ ମାସ ଅବଧିର ଏହି ପାଠ୍ୟକ୍ରମରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଶାସନିକ ସେବା ପରୀକ୍ଷାର ପାଠ୍ୟଖସଡ଼ା ଅନୁଯାୟୀ ସମସ୍ତ ଆବଶ୍ୟକ ବିଷୟବସ୍ତୁକୁ ଏଥିରେ ସାମିଲ କରାଯାଇଛି। ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ ସହ ପାଠ୍ୟୋପକରଣ ଯୋଗାଇଦିଆଯାଉଛି। ଛାତ୍ରୀଛାତ୍ରଙ୍କ ପାଇଁ ଟେଷ୍ଟ ସିରିଜ୍‌ଠାରୁ ଆରମ୍ଭ କରି ଶ୍ରେଣୀଗୃହ ଶିକ୍ଷାଦାନର ବନ୍ଦୋବସ୍ତ କରାଯାଇଛି। ଏଠାରେ ଲାଇବ୍ରେରି ସୁବିଧା ମଧ୍ୟ ରହିଛି। ସୂଚନା ଥାଉ କି, ଓଏଏସ୍-୨୦୨୧ରେ ର୍‍ୟାଙ୍କ ୨, ୫, ୭, ୧୩, ୧୪ ଆଦି ର୍‍ୟାଙ୍କ ସହ ଆପ୍ଟିପ୍ଲସ୍ ଏକାଡେମୀର ଅନେକ ଛାତ୍ରୀଛାତ୍ର ସଫଳତା ପାଇଥିଲେ। ସେହିଭଳି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା-୨୦୨୨ରେ ମଧ୍ୟ ସର୍ବଭାରତୀୟସ୍ତରରେ ୧୫୦ରୁ ଅଧିକ ଆପ୍ଟିପ୍ଲସର ଛାତ୍ରୀଛାତ୍ର ସଫଳତା ପାଇଥିଲେ। ବର୍ତ୍ତମାନ ଅନୁଷ୍ଠାନରେ ନୂତନ ବ୍ୟାଚ୍ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ସୂଚନା ଦିଆଯାଇଛି।

## ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ତାଳପତ୍ର ଚିତ୍ର

**ଟିପିସିଓଡିଏଲ୍‌ର 'ସମୃଦ୍ଧି'**

ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା)




ସମୃଦ୍ଧି ପ୍ରକଳ୍ପ ଅଧୀନରେ ତାଳପତ୍ର ଚିତ୍ର ତିଆରି ପାଇଁ ପ୍ରଶିକ୍ଷଣ ନେଉଥିବା ମହିଳାମାନେ।

ପାରମ୍ପରିକ ହସ୍ତକଳା ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ 'ସମୃଦ୍ଧି' ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି। ପଟ୍ଟଚିତ୍ର ଓ ତାଳପତ୍ର ଚିତ୍ରକଳା ରାଜ୍ୟର ପାରମ୍ପରିକ ଚିତ୍ରକଳା ହୋଇଥିବାବେଳେ ଏହାର ପ୍ରଚାରପ୍ରସାର କରିବା ଟିପିସିଓଡିଏଲ୍ ଲକ୍ଷ୍ୟ ରହିଛି। ଏନେଇ ମହିଳାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ତାଲିମ ପ୍ରଦାନ ସହ ରୋଜଗାରକ୍ଷମ କରାଇବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନିଂ କମ୍ ସେଲ୍ସ ଗ୍ୟାଲେରି ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାଙ୍କୁ ଟିପିସିଓଡିଏଲ୍ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହାସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ରାଜ୍ୟ ତଥା ଦେଶ ବିଦେଶରେ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଅନ୍‌ଲାଇନ ମାର୍କେଟିଂ ପ୍ଲାଟ୍‌ଫର୍ମ ମାଧ୍ୟମରେ ଉତ୍ପାଦ ବିକ୍ରି ହେଉଥିବାବେଳେ କାରବାର ବୃଦ୍ଧି ପାଇଁ କାଲାପୁନାରଥନ ଉତ୍ପାଦକ କମ୍ପାନୀ ସହ ମଧ୍ୟ ଚୁକ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୪୦ଜଣ ମହିଳାଙ୍କୁ ଜାତୀୟ ପୁରସ୍କାର ବିଜେତା ମାଷ୍ଟର ଟ୍ରେନରମାନେ ତାଲିମ ପ୍ରଦାନ କରିଛନ୍ତି। ଏହି ମହିଳାମାନେ କାଲାପୁନାରଥନ ଉତ୍ପାଦକ କମ୍ପାନୀ ସହଯୋଗରେ ଏହି ଚିତ୍ରଗୁଡିକୁ ବିକ୍ରିକରି ରୋଜଗାର କରିପାରୁଛନ୍ତି। ବର୍ତ୍ତମାନ ୨ଟି ବ୍ୟାଚ୍‌ର ଟ୍ରେନିଂ ଜାରି ରହିଛି। ୧୫ ଦିନିଆ ଟ୍ରେନିଂ ପରେ ମହିଳାମାନେ ନିଜେ ପଟ୍ଟଚିତ୍ର ଓ ତାଳପତ୍ରରେ ଚିତ୍ର କରିବାରେ ସକ୍ଷମ ହେବେ। ୨୦୨୩ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ସମୃଦ୍ଧି ସେଣ୍ଟରଟିରେ ଶତାଧିକ ମହିଳା ଟ୍ରେନିଂ ନେଇ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## ସଂକ୍ଷେପରେ

### ପ୍ରଦୀପ୍ତ କୁମାର ଦାସ ହେଲେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ



ନିଶ୍ଚିନ୍ତକୋଇଲି, ୨୨।୩
(ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବନେତା ପ୍ରଦୀପ୍ତ କୁମାର ଦାସଙ୍କୁ ପ୍ରଦେଶ କଂଗ୍ରେସ କମିଟିରେ ସାଧାରଣ ସମ୍ପାଦକଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କର୍ମୀମାନେ ଖୁସିବ୍ୟକ୍ତ କରିଛନ୍ତି। ଦାସଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବାରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଜି, ଏଆଇସିସି ସଭାପତି ମଲିକାର୍ଜୁନ ଖାଡଗେ, ରାହୁଲ ଗାନ୍ଧୀଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଦିଲୀପ କୁମାର ରାଉତ, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ ସଦାମ, ପୂର୍ବତନ ସରପଞ୍ଚ ବିଜୟ କୁମାର ବେଉରିଆ,କୃତଜ୍ଞତା ଜ୍ଞାପନ କରିଛନ୍ତି।

### ମହାପ୍ରଭୁଙ୍କୁ ଦର୍ଶନ କଲେ ଉପରାଷ୍ଟ୍ରପତିଙ୍କ ସହଧର୍ମିଣୀ

ପୁରୀ,୨୨।୩ (ଅଜିତ୍ ମହାନ୍ତି)

ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନ୍‌କରଙ୍କ ସହଧର୍ମିଣୀ ସୁଦେଶ ଧନ୍‌କର ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନରେ ସୁଦେଶ ଏଠାରେ ପହଞ୍ଚି ପ୍ରଥମେ ପୁରୀ ରାଜଭବନକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ସେ ପରିବାର ଲୋକଙ୍କ ସହିତ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଦେଶଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା। ପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସୁଦେଶ ପ୍ରଥମେ ପ୍ରଭୁ ପତିତପାବନ ଓ ପରେ ବାଇଶପାହାଚକୁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଭିତରବେଢ଼ା ପରିସରରେ ଥିବା ପାର୍ଶ୍ୱଦେବଦେବୀଙ୍କ ସମେତ ମା' ବିମଳା, ମହାଲକ୍ଷ୍ମୀ ଓ ବଟଗଣେଶ ମନ୍ଦିର ଆଦି ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏ ସମ୍ପର୍କରେ ଅବଗତ ହୋଇ ସେ ଖୁସି ପ୍ରକାଶ କରିଥିଲେ। ପରେ ସେ ମନ୍ଦିରରୁ ଫେରିଆସିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ସ୍ୱତନ୍ତ୍ର ଉପହାର ସ୍ୱରୂପ ମହାପ୍ରଭୁଙ୍କ ଫଟୋ, ରଥକାଠ, ରଥ ଦଉଡ଼ି, ଶୁଖିଲି ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

# ବିନା ସୂଚନା ଫଳକରେ ରାସ୍ତା ନିର୍ମାଣରୁ ବିବାଦ

- କାମ ବନ୍ଦ କଲେ ଲୋକେ
- ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ
- ସ୍ଥାୟିତ୍ୱକୁ ନେଇ ଆଶଙ୍କା

ନିଶ୍ଚିନ୍ତକୋଇଲି, ୨୨।୩
(ଅଶୋକ କୁମାର ମହାପାତ୍ର)



ସାନ୍ତପୁର ଗ୍ରାମପଞ୍ଚାୟତ ଦଳେଇ ସାହିଠାରୁ ସ୍ୱାଇଁ ସାହି ପର୍ଯ୍ୟନ୍ତ ରାସ୍ତା ଢଳେଇ କରାଯାଉଛି।

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଏକ ବିଚିତ୍ର ନୀତି ପଦାରେ ପଡିଛି। ବିନା ସୂଚନା ଫଳକରେ ଢଳେଇ ରାସ୍ତା ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମବାସୀ ଏହାର ତଦନ୍ତ ଦାବି କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସାନ୍ତପୁର ଗ୍ରାମପଞ୍ଚାୟତ ଦଳେଇ ସାହିଠାରୁ ସ୍ୱାଇଁ ସାହି ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯିବା ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଅଧିକାରୀଙ୍କ ନାମରେ ଏନେଇ କାର୍ଯ୍ୟାଦେଶ ଦିଆଯାଇ ଥିଲା। ଏହି ରାସ୍ତା ତିଆରି ନିମନ୍ତେ କୌଣସି ସୂଚନାଫଳକ ଦିଆ ନ ଯାଇ ଲୋକଙ୍କୁ ଅନ୍ଧାର ଘରରେ ରଖାଯାଇଥିବା ଅଭିଯୋଗ ହୋଇଛି। ରାସ୍ତାଟି କେଉଁ ଯୋଜନାରେ ଓ କେତେଟଙ୍କା ଅଟକଳ ବ୍ୟୟରେ ନିର୍ମାଣ କରାଯାଇଛି ସେ ସମ୍ପର୍କରେ କୌଣସି ସୂଚନା ଦିଆ ନ ଯାଇ ନ ଥିବାରୁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଏହି ଘଟଣାକୁ ନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଓ କଥା କଟାକଟି ହୋଇଥିଲା। ଲୋକେ କାମକୁ ବନ୍ଦ କରାଇ ଦେଇଥିଲେ। ଅପରପକ୍ଷରେ ଏହି ପଞ୍ଚାୟତ ଦାୟିତ୍ୱରେ ନ ଥିବା ବିଭାଗୀୟ ଯନ୍ତ୍ରୀ ନବଚାରୀ ବୈରୀ ଗଞ୍ଜନ ଦଳବେହେରା ଘଟଣାସ୍ଥଳରେ ପହଞ୍ଚିବା ଯୋଗୁ ଉତ୍ତେଜନା ବଢ଼ିଥିଲା। ତେବେ ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାୟୀ କରାଯାଉ ନ ଥିଲା ବେଳେ ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ରଙ୍କୁ ପଚାରିବାରୁ ବିନାଫଳକରେ କୌଣସି ସରକାରୀ କାର୍ଯ୍ୟ କରାଯିବା ଅନୁଚିତ। ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

କଟକ,୨୨।୩ (କାର୍ତ୍ତିକ ସାହୁ)

## ଗଞ୍ଜେଇ ଚୋରା ଚାଲାଣ ମାମଲା

ଗଞ୍ଜେଇ ଚୋରା ଚାଲାଣ ମାମଲାରେ କଟକ ଦ୍ୱିତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ଲକ୍ଷେ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସୋନାରପୁର ଥାନା ଅନ୍ତର୍ଗତ ନିଶ୍ଚିନ୍ତପୁରର ମାନିକ ଅଲି ଶେଖ୍।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅଗଷ୍ଟ ୭ରେ ଓଏମ୍‌ପି ଓଭରବ୍ରିଜ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଟିମ୍ ଜାଣିବାକୁ ପାଇଥିଲା। ଅବକାରୀ ଗୋଇନ୍ଦା ୟୁନିଟ୍-୨ର ସବ୍‌ଇନ୍‌ସପେକ୍ଟର ଏସ୍.ଆର୍. ସିଂହ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଓଏମ୍‌ପି ଛକରେ ଯାନବାହନ ଯାଞ୍ଚ କରିଥିଲା। ସେଥିମଧ୍ୟରୁ ଏକ କାର(ନଂ.ଡବ୍ଲ୍ୟୁବି୦୪ଜି-୫୦୯୯) ଯାଞ୍ଚବେଳେ ସିଟ୍ ତଳଭାଗରୁ ୩ଟି ପ୍ୟାକେଟ ମିଳିଥିଲା। ଉକ୍ତ ପ୍ୟାକେଟ୍‌ଗୁଡ଼ିକରେ ୮୧ କିଲୋ ଗଞ୍ଜେଇ ରହିଥିଲା। ଉକ୍ତ ଗଞ୍ଜେଇ କନ୍ଧମାଳରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଅବକାରୀ ବିଭାଗ ଅଭିଯୁକ୍ତ ଚାଳକ ଶେଖ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କଟକ ଦ୍ୱିତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ମାମଲାର ବିଚାର ହୋଇଥିଲା। ଦ୍ୱିତୀୟ ଅତିରିକ୍ତ ଜିଲା ସେସନ୍ସ ଜଜ ସ୍ରୋତସ୍ୱିନୀ କର ୩ ଜଣ ସାକ୍ଷୀ ଓ ୧୧ଟି ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦେବାଶିଷ ସାମନ୍ତରାୟ ମାମଲା ପରିଚାଳନା କରିଥିବାବେଳେ ବିଶ୍ୱଜିତ୍ ବରାଳ ସହଯୋଗ କରିଥିଲେ।

# ଫାଇନାଲରେ ବାପୁଜୀ ଫୁଟ୍‌ବଲ ଆସୋସିଏଶନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଓ ଅନ୍ୟମାନେ।

ବଡ଼ମ୍ବା,୨୨।୩ (ମାୟାଧର ମଲ୍ଲିକ)

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବାପୁଜୀ ଫୁଟବଲ ଆସୋସିଏଶନ, ଶଙ୍ଖାମେରୀ ଆନୁକୂଲ୍ୟରେ ସ୍ଥାନୀୟ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ବାପୁଜୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାପୁଜୀ ଫୁଟ୍‌ବଲ୍ ଆସୋସିଏଶନ୍ ଶଙ୍ଖାମେରୀ, ବଡ଼ମ୍ବା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ବାପୁଜୀ ଫୁଟ୍‌ବଲ ଆସୋସିଏଶନ ଓ କରଡ଼ାପଲ୍ଲୀ, ଟିଗିରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ବାପୁଜୀ ଫୁଟବଲ୍ ଟିମ୍ କରଡ଼ାପଲ୍ଲୀ ଦଳକୁ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଛି।

ଏଥିରେ ମୁଖ୍ୟ ଅତିଥିଭାବେ ଶଙ୍ଖାମେରୀ ଗ୍ରାମର ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିମ୍‌ଭାବେ ପୂର୍ବତନ ସରପଞ୍ଚ ଫକୀର ସେଠୀ ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ସକ୍ଲିନ ଆଶ୍ରଫ ମ୍ୟାଚ ପରିଚାଳନା କରିଥିଲେ। ରାଜେଶ ଜେନା ଓ ଶକ୍ତି ପ୍ରସାଦ ମହାପାତ୍ର ଲାଇନରେ ସହଯୋଗ କରିଥିଲେ। ଆସନ୍ତା ସୋମବାର ଆୟୋଜକ ବାପୁଜୀ ଫୁଟବଲ ଆସୋସିଏଶନ, ଶଙ୍ଖାମେରୀ ବଡ଼ମ୍ବା ଓ କରଡ଼ାପଲ୍ଲୀ ଟିଗିରିଆ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# କୁଜଙ୍ଗର ପୂର୍ବତନ ଆର୍‌ଆଇ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

କଟକ,୨୨।୩ (କାର୍ତ୍ତିକ ସାହୁ)

ଜଗତସିଂହପୁର ଜିଲା କୁଜଙ୍ଗ ସର୍କଲର ପୂର୍ବତନ ତଥା ଅବସରପ୍ରାପ୍ତ ଆର୍‌ଆଇ ସୁବାସ ଚନ୍ଦ୍ର ଦାସ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଦାସଙ୍କ ବିରୋଧରେ ରୁଜୁ ଏକ ଲାଞ୍ଚ ମାମଲାର ବିଚାର କରି ଶୁକ୍ରବାର ଅଦାଲତ ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ପୂର୍ବତନ ଆର୍‌ଆଇ ଦାସ ଜଣେ ବ୍ୟକ୍ତିଙ୍କ ଜମି କିସମ ପରିବର୍ତ୍ତନ ମାମଲାରେ ଜମିପଟ୍ଟା ଇସ୍ୟୁ କରିବା ପାଇଁ ୮ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଫଳରେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୨୦୧୮ ଜାନୁଆରୀ ୧୭ ତାରିଖରେ ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ରାୟ ପ୍ରକାଶ ପରେ ଭିଜିଲାନ୍ସ ତାଙ୍କର ପେନ୍‌ସନ୍ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଯିବ ବୋଲି ଜଣାପଡିଛି।

# ସୁନା କାନଫୁଲ ପାଇ ଫେରାଇଲେ ବନବିହାରୀ



ପୁରୀ,୨୨।୩ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ଜଣେ ମହିଳା ଭକ୍ତଙ୍କର ଖସିପଡ଼ିଥିବା ସୁନା କାନଫୁଲ ପାଇ ତାଙ୍କୁ ଜଣେ ଜେଟିପି ଫେରାଇ ଦେଇଛନ୍ତି। ସମ୍ପୃକ୍ତ ଜେଟିପି (ଶ୍ରୀଜଗନ୍ନାଥ ଟେମ୍ପଲ ପୋଲିସ) ହେଲେ ବନବିହାରୀ ସ୍ୱାଇଁ। ଏପରି ସାଧୁତା ପାଇଁ ବନବିହାରୀଙ୍କୁ ସମ୍ପୃକ୍ତ ଭକ୍ତଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, କଟକର ଚୌଦ୍ୱାର ଅଞ୍ଚଳରୁ ଗଣେଶ ରାଉତ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଶୁକ୍ରବାର ସକାଳେ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଦର୍ଶନ ସାରି ବେଢ଼ା ବୁଲିବା ସମୟରେ ଗଣେଶଙ୍କ ସ୍ତ୍ରୀଙ୍କର ଏକ ସୁନାର କାନଫୁଲ କେଉଁଠି ଖସିପଡ଼ିଥିଲା। ସେମାନେ ତାହାକୁ ଖୋଜାଖୋଜି କରି ନ ପାଇବାରୁ ବିବ୍ରତ ଅବସ୍ଥାରେ ରହିଥିଲେ। ତେବେ ଉକ୍ତ କାନଫୁଲଟି ଜଳକ୍ରୀଡ଼ା ମଣ୍ଡପ ପାଖ ମା' ବିମଳା ମନ୍ଦିର ସମ୍ମୁଖ ଏକାଦଶୀ ମନ୍ଦିର ନିକଟରୁ ଜେଟିପି ବନବିହାରୀ ପାଇବା ପରେ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଜଣାଇ ଗାରଦ ଅଫିସରେ ଜମା ଦେଇଥିଲେ। କିଛି ସମୟ ପରେ ଖବର ପାଇ ଗଣେଶ ପରିବାର ସହ ଗାରଦ ଅଫିସରେ ପହଞ୍ଚି ତାଙ୍କର କାନଫୁଲ ହଜିଥିବା ବିଷୟ ଜଣାଇଥିଲେ। ସେ ତାଙ୍କ ପାଖରେ ଥିବା ଅନ୍ୟ କାନଫୁଲଟି ଦେଖାଇବା ପରେ ତାହା ମେଳ ଖାଇବାରୁ ତାଙ୍କଠାରୁ ପ୍ରାପ୍ତି ସ୍ୱୀକାର ରସିଦ ଲେଖି ବନବିହାରୀ ଓ ଶ୍ରୀମନ୍ଦିର ପୋଲିସ ପଶ୍ଚିମ ଦ୍ୱାରଠାରେ ତାଙ୍କୁ କାନଫୁଲଟିକୁ ପ୍ରଦାନ କରିଥିଲେ।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ବିଭାଗୀୟ ଯନ୍ତ୍ରୀ

ନିଶ୍ଚିନ୍ତକୋଇଲି,୨୨।୩
(ଅଶୋକ କୁମାର ମହାପାତ୍ର)

- ବିଡିଓଙ୍କ ନିର୍ଦ୍ଦେଶକୁ ଅବମାନନା
- ୨ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି ବ୍ଲକର ଜଣେ ବିଭାଗୀୟ ଯନ୍ତ୍ରୀ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ବଦଳି ହୋଇ ଆସିଥିବା ସହକାରୀ ଯନ୍ତ୍ରୀ ନିରାଶରେ ବସିଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକର ତତ୍କାଳୀନ ବିଡିଓ ଧର୍ମରଞ୍ଜନ ପଣ୍ଡା ତାଙ୍କ ଚିଠି (ନଂ ୩୭୯/୨-୨-୨୪) ନିଶ୍ଚିନ୍ତକୋଇଲି ବ୍ଲକର ଯନ୍ତ୍ରୀ ନବଚାରୀ ବୈରୀ ଗଞ୍ଜନ ଦଳବେହେରାଙ୍କୁ ନତକାଇ,ନଗସପୁର, ଜଇରାମପୁର, କେଣ୍ଟାଲୋ ପଞ୍ଚାୟତ ଦାୟିତ୍ୱ ଦେଇଥିଲେ। ଇତିମଧ୍ୟରେ ଦେଢମାସ ବିତିବାକୁ ବସିଲାଣି। ମାତ୍ର ଦଳବେହେରା ତିଳକଣା,ସାନ୍ତପୁର ପଞ୍ଚାୟତ ଦାୟିତ୍ୱ ଏପର୍ଯ୍ୟନ୍ତ ରହସ୍ୟ ଜନକଭାବେ ହସ୍ତାନ୍ତର କରୁ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ , ଏହି ଦୁଇଟି ପଞ୍ଚାୟତ ଦାୟିତ୍ୱ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ସେନାପତିଙ୍କୁ ଦିଆଯାଇଛି। ସେ ନିକଟରେ ବାଙ୍କି ବ୍ଲକରୁ ବଦଳୀ ହୋଇ ନିଶ୍ଚିନ୍ତକୋଇଲି ବ୍ଲକକୁ ଆସିଛନ୍ତି। ମାତ୍ର ଦାୟିତ୍ୱ ହସ୍ତାନ୍ତର ହୋଇ ନ ଥିବାରୁ ଖାଲି ବସିଛନ୍ତି। ଫଳରେ ୨ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କଟକ ଜିଲାପାଳ ତୁରନ୍ତ ଏହି ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶତାୟୁ ମହିଳାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୨୨।୩(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମର ଶତାୟୁ ବୃଦ୍ଧା ସଖି ମହାନ୍ତି ପରଲୋକ ଘଟିଛି। ତାଙ୍କୁ ୧୦୪ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ପ୍ରଭାତ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସମିତି ସଭ୍ୟ ବିଶ୍ୱନାଥ ନାୟକ, ଯୁବ ସମାଜସେବୀ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# କତା କଣ୍ଢେଇ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି,୨୨।୩
(ଅଶୋକ କୁମାର ମହାପାତ୍ର)

ରାଜ୍ୟ ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ୬ ମାସିଆ କତା କଣ୍ଢେଇ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣାଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ କଟକ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତି ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କତା କଣ୍ଢେଇ ତିଆରି ଓ କତା ଶିଳ୍ପ ସ୍ଥାପନରେ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ମନୋଜ କୁମାର ମହାପାତ୍ର, ସାଲେପୁର ବ୍ଲକ ଶିଳ୍ପ ବିକାଶ ଅଧିକାରୀ ରଞ୍ଜିତା ମହନ୍ତ, ଜିଲା ଦୀପା ଟିମ୍‌ର ସଂଯୋଜିକା ସ୍ୱପ୍ନା ଦାସ, ପରିବାର ସଭାପତି ତଥା ଖବରଦାତା ବଲ୍ଲଭଚରଣ ପଲେଇ, ପ୍ରଶିକ୍ଷିକା ସୌଦାମିନୀ ପତି, ସ୍ନେହଶ୍ରୀ ମହନ୍ତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷୟିତ୍ରୀ ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମାମିନା ଭୋଇ, ମିନତି ଦାସ ଓ ଶୈଳବାଳା ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥି ଜଣେ ମହିଳାଙ୍କୁ ସମ୍ମାନିତ କରୁଛନ୍ତି।

# ଗୋଟିଏ ପ୍ରକଳ୍ପ, ୨ ସୂଚନାଫଳକ

ନିଶ୍ଚିନ୍ତକୋଇଲି, ୨୨।୩
(ଅଶୋକ କୁମାର ମହାପାତ୍ର)





ଗୋଟିଏ ପ୍ରକଳ୍ପ ପାଇଁ ଲଗାଯାଇଥିବା ଦୁଇଟି ଭିନ୍ନ ସୂଚନା ଫଳକ।

## କେନ୍ଦୁପାଟଣା ପଞ୍ଚାୟତରେ ଦୁର୍ନୀତିର ଗନ୍ଧ

- ପ୍ରକଳ୍ପ ନିର୍ମାଣରେ ପୁରୁଣା ଇଟା ବ୍ୟବହାର କରାଯାଇଛି
- ଗୋଟିଏ ପ୍ରକଳ୍ପକୁ ଭିନ୍ନ ଭିନ୍ନ ପଞ୍ଚାୟତ ନାମରେ ନାମକରଣ କରାଯାଇଥିବା ଅଭିଯୋଗ

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଏକ ବିଚିତ୍ର ନୀତି ପଦାରେ ପଡିଛି। ଏହି ବ୍ଲକର କେନ୍ଦୁପାଟଣା ଗ୍ରାମପଞ୍ଚାୟତରେ ଦୁର୍ନୀତି ହେଉଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପଞ୍ଚାୟତରେ ଗୋଟିଏ ପ୍ରକଳ୍ପ ନିମନ୍ତେ ୨ଟି ସୂଚନ୍‌ଫଳକ ଦିଆଯାଇ ଅର୍ଥ ଲୁଟ ନିମନ୍ତେ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତ ଅଧୀନରେ ରାଉତାରାଣୀ କମ୍ୟୁନିଟି ସେଣ୍ଟର ରହିଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏହି କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷରେ ୨ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିବାର ସୂଚନା ଫଳକରେ ଦର୍ଶାଯାଇଛି। ତେବେ ପ୍ରକଳ୍ପଟି କେନ୍ଦୁପାଟଣା ପଞ୍ଚାୟତର ବଡରାଉତପଟି ଗ୍ରାମରେ ହୋଇଥିଲାବେଳେ ପ୍ରଶାସନ ତରଫରୁ ଏହାକୁ ବରାଦୋ ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମ ବୋଲି ଉଲ୍ଲେଖ କରାଯାଇଛି। ଏନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବିଭାଗ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା ବେଳେ ନାମକୁ ମାତ୍ର ପ୍ରକଳ୍ପ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଏହି ପ୍ରକଳ୍ପ ନିର୍ମାଣରେ ପୁରୁଣା ଇଟା ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟ ଗତ ଜାନୁଆରୀ ୧୦ରୁ ଆରମ୍ଭ ହୋଇଛି।

ସେହିପରି ଏହି ସ୍ଥାନରେ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଉତାଣୀ କମ୍ୟୁନିଟ ସେଣ୍ଟର ନିର୍ମାଣ ନିମନ୍ତେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଅନ୍ୟ ଏକ ସୂଚନାଫଳକରେ ଦର୍ଶାଯାଇଛି। ବିଭାଗୀୟ ନାମରେ ୨ଟିଯାକ କାର୍ଯ୍ୟାଦେଶ ରହିଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟ ଗତ ୨୦୨୩ ନଭେମ୍ବର ୧୭ରୁ ଆରମ୍ଭ ହୋଇଛି। ଗୋଟିଏ ପ୍ରକଳ୍ପକୁ ଭିନ୍ନ ଭିନ୍ନ ପଞ୍ଚାୟତ ନାମରେ ନାମକରଣ କରାଯାଇ ଅର୍ଥ ଲୁଟ୍ ନିମନ୍ତେ ମସୁଧା ଚାଲିଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆମ ପ୍ରତିନିଧି ବରାଦୋ ସରପଞ୍ଚ ଦୀପ୍ତିମୟୀ ବରାଳଙ୍କୁ ପଚାରିବାରୁ ଏହି ପ୍ରକଳ୍ପ ତାଙ୍କ ପଞ୍ଚାୟତର ନୁହେଁ ବୋଲି କହିଥିଲେ। ତେବେ ଏଭଳି ସୂଚନାଫଳକ କିଭଳି ଦିଆଗଲା ସେ ନେଇ ସେ ବିସ୍ମୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ଯନ୍ତ୍ରୀ ବନ୍ୟା ମହାନ୍ତିଙ୍କ ମୋବାଇଲରେ ଯୋଗାଯୋଗ କରିଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ।

## ସଂକ୍ଷେପରେ

### ଲୁହାରଡ୍ ଜବତ, ୫ ଗିରଫ

ନିରାକାରପୁର,୨୨।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଗୃହ ନିର୍ମାଣ ପାଇଁ ଥିବା ସାମଗ୍ରୀ ଚୋରି ଅଭିଯୋଗରେ ନିରାକାରପୁର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ପଦ୍ମପୁର ଗ୍ରାମର ନେପାଳୀ ଓରଫ ସତ୍ୟ ନାରାୟଣ ତ୍ରିପାଠୀ, ରାଉଳହଜର ଅମି ଓରଫ ଅମର ପ୍ରଧାନ, ମଞ୍ଜାରିଆ ଗ୍ରାମର ଗାଣ୍ଡୁ ଓରଫ ମହେଶ୍ୱର ଭୋଇ, ଖଜୁରିପଡା ମୁସଲିମସାହିର ଆଜା ଓରଫ ଆଜାଦ ସାହୁ ଏବଂ କାଳିଆ ଓରଫ କିଶୋର ପ୍ରଧାନ। ଏମାନଙ୍କ ନିକଟରୁ ଲୁହାରଡ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୮୩/୨୪)ରୁଜୁ ହୋଇଛି ବୋଲି ଏସ୍ଆଇ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଚିତ୍ରକୂଟ ପାହାଡ଼ ନିକଟ ନନପଡା ସାହିର ଉର୍ବଶୀ ପ୍ରଧାନ ଘର ନିର୍ମାଣ ନିମନ୍ତେ ବିଭିନ୍ନ ସାମଗ୍ରୀ ରଖିଥିଲେ। ହେଲେ କେହି ଦୁର୍ବୃତ୍ତ ତାଙ୍କର ସାମଗ୍ରୀ ନେଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ତଦନ୍ତ ଚଳାଇ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ବିଜେଡିର କର୍ମୀ ସମ୍ମିଳନୀ

ବେଗୁନିଆ,୨୨।୩(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଦଳୀୟ କର୍ମୀମାନଙ୍କୁ ନେଇ ଶୁକ୍ରବାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ଆୟୋଜିତ ଉକ୍ତ ସମ୍ମିଳନୀରେ ସହ ପର୍ଯ୍ୟବେକ୍ଷକ ସୁଭ୍ରାଂଶୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବେଗୁନିଆ ବ୍ଲକର ୨୧ ଏବଂ ବୋଲଗଡ ବ୍ଲକର ୧୯ଟି ପଞ୍ଚାୟତର ପୁରାତନ ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ଏମାନଙ୍କ ସହ ଜିଲାପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଏବଂ ସମିତି ସଭ୍ୟମାନେ ସାମିଲ ଥିଲେ। ଆସନ୍ତା ସାଧାରଣ ନିର୍ବାଚନ ରଣାଙ୍ଗନରେ କିପରି ଦଳ ସଫଳତା ହାସଲ କରିବ ସେ ନେଇ ଆଲୋଚନା କରାଯାଇଛି।

### ଜମି ମ୍ୟୁଟେଶନ ପଟ୍ଟା ପାଇଁ ଧାରଣା

ବେଗୁନିଆ,୨୨।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ତହସିଲ ଅନ୍ତର୍ଗତ ବାଘମାରୀ ଗ୍ରାମର ସୁରେନ୍ଦ୍ର ପଣ୍ଡା। ସେ ଜମି ମ୍ୟୁଟେଶନ ପଟ୍ଟା ପାଇବାକୁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ୧୫ମାସ ହେବ ପଟ୍ଟା ମିଳିବା ଆଶାରେ ସୁରେନ୍ଦ୍ର ତହସିଲ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ନିରାଶ ହେବା ପରେ ସେ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତହସିଲଦାର ତାପସ ବିଶିଙ୍କ ପ୍ରତିଶ୍ରୁତି ପରେ ସୁରେନ୍ଦ୍ର ଧାରଣାରୁ ହଟିଯାଇଥିଲେ। ବାଘମାରୀ ମୌଜାରେ ମ୍ୟୁଟେଶନ ପଟ୍ଟା ପାଇବା ପାଇଁ ସୁରେନ୍ଦ୍ର ଆବେଦନ କରିଥିଲେ। ହେଲେ ଆବେଦନ ପରଠାରୁ ୩ଜଣ ତହସିଲଦାରଙ୍କ ମଧ୍ୟ ବଦଳି ହୋଇଯାଇଥିଲେ ମଧ୍ୟ ସେ ପଟ୍ଟା ପାଇନାହାନ୍ତି। ତହସିଲଦାର ବିଶି କହିଛନ୍ତି, ସୁରେନ୍ଦ୍ର ପଟ୍ଟା ପାଇବା ପାଇଁ ଆଇନ ଅନୁଯାୟୀ ପ୍ରକ୍ରିୟା ଜାରି ରହିଛି।

# ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ

■ ବିଶୃଙ୍ଖଳିତ କଏଦୀ ହେବେ ସ୍ଥାନାନ୍ତର

■ ଜିଲା ସୁରକ୍ଷା, ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

ଖୋର୍ଦ୍ଧା,୨୨।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜେଲ ଭିତରୁ ନିଶା କାରବାର ଡିଲ୍ ହେଉଥିବା ବେଳେ ଗତ ୧୬ତାରିଖରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ଗୋଟିଏ ଗୋଷ୍ଠୀ ପ୍ରକାଶ ନାୟକ ନାମକ ଜଣେ କଏଦୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଜେଲକୁ ନିଶା ବେପାରୀ ସୁରକ୍ଷିତ ସ୍ଥାନ ବୋଲି ଧରିନେଇଛନ୍ତି। କଡ଼ା ସୁରକ୍ଷା ଥିବା ସତ୍ତ୍ୱେ ଜେଲ ଭିତରକୁ କିପରି ମୋବାଇଲ ଆସୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ପୂର୍ବେ ପୋଲିସ ଜେଲ ଭିତରୁ ୯ଟି ମୋବାଇଲ ଜବତ କରିଥିବା ବେଳେ ଜେଲ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ। ବାରମ୍ବାର ଜେଲ ଭିତରୁ ମୋବାଇଲ ଜବତ ହେବା ଏବଂ ବ୍ରାଉନସୁଗାର ଡିଲ୍ ନେଇ ପୋଲିସ ସୂଚନା ଦେଉଥିବା ବେଳେ କାହିଁକି ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଗୁରୁବାର ଜେଲ ଡିଆଇଜି ଅନସୂୟା ଜେନା ଓ ବ୍ରହ୍ମପୁର ମଣ୍ଡଳ କାରଗାର ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ଜେଲରେ ପହଞ୍ଚି ତଦନ୍ତ କରିଥିଲେ। ଡିଆଇଜି ଜେଲ ଭିତରେ ସେଲକୁ ସେଲ ବୁଲି କଏଦୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ଜେରା କରିଛନ୍ତି। ବିଶେଷକରି ଜେଲ ଭିତରେ ନିଶା କାରବାର, ମୋବାଇଲ ପ୍ରବେଶ ଏବଂ ଗ୍ୟାଙ୍ଗୱାର ନେଇ ପଚରାଉଚରା କରିଥିଲେ। ଜେଲ ଭିତରକୁ କିପରି ମୋବାଇଲ ଆସୁଛି, ଏହା ପଛରେ କେଉଁମାନଙ୍କ ହାତ ରହୁଛି ତାହାର ଖୋଳତାଡ଼ କରିଛନ୍ତି। ଏ ସମ୍ପର୍କରେ ଡିଆଇଜି ଖୁବ୍‌ଶୀଘ୍ର ଡିଜିଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଏହା ପରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଜେଲରେ ନିୟମିତ ବିଶୃଙ୍ଖଳା ସୃଷ୍ଟି କରୁଥିବା କେତେଜଣ କଏଦୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ଏମାନଙ୍କ ସଂଖ୍ୟା ୧୫ରୁ ଊର୍ଦ୍ଧ୍ୱ ରହିଥିବା ଏବଂ ଏମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ ଜେଲ ଡିଜିଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଏନେଇ ଜେଲ ଅଧୀକ୍ଷକ ରାଉତ କହିଛନ୍ତି, ଖୋର୍ଦ୍ଧା ଜିଲା କାରାଗାର ୨୫୮ କଏଦୀଙ୍କ ପାଇଁ ବ୍ୟବସ୍ଥା ରହିଥିବା ବେଳେ ବର୍ତ୍ତମାନ ୨୯୫ଜଣ ଅଛନ୍ତି। ସେଥିରୁ ୯୫ ନିଶା କାରବାର ସହ ସମ୍ପୃକ୍ତ କଏଦୀ ଅଛନ୍ତି। ନିୟମିତ ସେଲ୍ ଯାଞ୍ଚ କରାଯାଉଛି। ଜିଲା ସୁରକ୍ଷା ବ୍ୟବସ୍ଥାକୁ ଖଣ୍ଡନ କରିଛନ୍ତି। ସେହିପରି ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଜେଲରେ କଏଦୀଙ୍କୁ ଆକ୍ରମଣ ଘଟଣାର ତଦନ୍ତ କରାଯାଇଛି। ଏଥିରେ ସମ୍ପୃକ୍ତ କଏଦୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।




# ମାମଲା ପ୍ରତ୍ୟାହାର ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ ଧଳାପଥର ଆର୍‌ଆଇ ସର୍କଲ ଅନ୍ତର୍ଗତ ଠଣାପଲୀ ଗ୍ରାମରେ ସରକାରୀ ଜମି ଜବରଦଖଲ ନେଇ ବିବାଦ ଲାଗିରହିଛି। ଏହାକୁ ଉଚ୍ଛେଦ ନେଇ ସ୍ୱର ଉତ୍ତୋଳନ କରୁଥିବା ୫୧ଜଣ ଗ୍ରାମବାସୀଙ୍କ ବିରୋଧରେ ପୋଲିସ ୧୦ଟି ଦଫା ଲଗାଇ ଏକ ମାମଲା କରିଛି। ତେବେ ଲୋକଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ପାଇଁ ଶୁକ୍ରବାର ଗ୍ରାମର ଏକାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପ୍ରକାରେ, ଏହି ଗ୍ରାମରେ ଥିବା ଜବରଦଖଲ ଜମି ଉଚ୍ଛେଦ ପାଇଁ କେତେଜଣ ଗ୍ରାମବାସୀ ଗତ ବର୍ଷଠାରୁ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ତେବେ ପ୍ରତିଶ୍ରୁତି ମିଳୁଛି, ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପଟେ ସରକାରୀ ଜମି ଉଚ୍ଛେଦ ଲାଗି ଲଢେଇ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ପୋଲିସ ବିଭିନ୍ନ ଦଫା ଲଗାଇ ମାମଲା ରୁଜୁ କରିଛି। ପୋଲିସ ଗିରଫ ଭୟରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନରେ ଲୁଚିଛପି ରହୁଛନ୍ତି। ଜବରଦଖଲ ଉଚ୍ଛେଦ ସହ ଲୋକଙ୍କ ବିରୋଧରେ ହୋଇଥିବା ମାମଲାକୁ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଗ୍ରାମର ଫକୀର ପ୍ରଧାନ, ବଳରାମ ମହାପାତ୍ର, ଭାଗୀରଥି ଦାସ, କୃଷ୍ଣ ଚମ୍ପତି, ବାସୁଦେବ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବୀନ୍ଦ୍ରନାଥ ମହାପାତ୍ର, ମାଗୁଣି ଚରଣ ହୋତା, ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଶ୍ରୀଲୋକନାଥଙ୍କ ପୀଠରେ ବିଶ୍ୱକଲ୍ୟାଣ ମହାଯଜ୍ଞ ଉପଲକ୍ଷେ ଅନୁଷ୍ଠିତ କଳସ ଯାତ୍ରାରେ ସାମିଲ ହୋଇଥିବା ମାନସିକଧାରୀ।

### ବିଶ୍ୱକଲ୍ୟାଣ ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା

ନିରାକାରପୁର,୨୨।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ଅନ୍ତର୍ଗତ ବାଲିଗାଡ଼ିଆ ଓ ଜଙ୍କିଆ ଗ୍ରାମରେ ଥିବା ଶ୍ରୀଲୋକନାଥଙ୍କ ପୀଠରେ ୩୨ତମ ବାର୍ଷିକ ବିଶ୍ୱକଲ୍ୟାଣ ମହାଯଜ୍ଞ ଉପଲକ୍ଷେ ଶୁକ୍ରବାର କଳସଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ଶୁଭାଧିବାସରେ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ମନ୍ଦାକିନୀ ନଦୀରୁ ପାଣି ଉଠାଇ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ବେଦପାଠ ସହ ହରିବୋଲ, ହୁଳହୁଳିରେ ଯଜ୍ଞ ମଣ୍ଡପରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆସନ୍ତା ୨୫ତାରିଖରେ ପୂର୍ଣ୍ଣାହୁତି ଦିବସ ପାଳିତ ହେବ। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯୋଗଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

# ସଡ଼କ ସୁରକ୍ଷା ପାଇଁ ଶପଥ

ନିରାକାରପୁର,୨୨।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ ବିକାଶ ଦ୍ୱାରା କେନ୍ଦ୍ର ସରକରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସହାୟତା ଓ ସ୍ଥାନୀୟ ଆର୍ଯ୍ୟବିହାର ଠାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାର ବିଭିନ୍ନ ସ୍ଥାନରେ ପ୍ରଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରାଯାଇଥିଲା। ଏଥିସହ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଗାଡି ଚାଳକଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଭୁତି ଭୂଷଣ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସଭା ପରିଚାଳନା କରିଥିଲେ। ଶିକ୍ଷାବିତ୍ ସନ୍ତୋଷ କୁମାର କର ଅତିଥିଭାବେ ଯୋଗଦେଇ ସଡକ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁଷ୍ପାଞ୍ଜଳି ପଟ୍ଟନାୟକ, ସୌନ୍ଦର୍ଯ୍ୟା ଶ୍ରୀଚନ୍ଦନ, ଧରିତ୍ରୀ ବେହେରା, ସୁଜାତା ସାମନ୍ତରାୟ, ଜିତେନ୍ଦ୍ର କୁମାର ପୃଷ୍ଟି, ସର୍ବେଶ୍ୱର ବେହେରା, କିଶୋର ଚନ୍ଦ୍ର ସୁନ୍ଦରାୟ, ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ପାଇଁ ଶପଥ କରାଯାଉଛି।

### ଅବକାରୀ ଚଢ଼ାଉ,୩ ଗିରଫ

ବେଗୁନିଆ,୨୨।୩(ହର ପ୍ରସନ୍ନ ପଣ୍ଡା)

ବେଆଇନଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ବେଗୁନିଆ ଅବକାରୀ ଥାନା ପୋଲିସ ୨ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୌଡ଼ପାଟଣା ଗ୍ରାମର ପ୍ରଦୀପ ସେଠ୍, କୁଶପଲ୍ଲା ଗ୍ରାମର ଇନ୍ଦୁଲତା ନାୟକ ଏବଂ ଚକାପଦା ଗ୍ରାମର ପ୍ରଭାତୀ ନାୟକ। ଏମାନଙ୍କ ନିକଟରୁ ମୋଟ୍ ୪୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଏସ୍ଆଇ ଏନ୍.ଜାଗିନ ରାଓଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ମିଳିତଭାବେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏନେଇ ଅବକାରୀ ଥାନାରେ ପୃଥକ୍‌ଭାବେ ୩ଟି ମାମଲା (ନଂ.୨୪୦, ୨୪୧, ୨୪୨/୨୪)ରୁଜୁ ହୋଇଛି।

# ଗଞ୍ଜେଇ ଜବତ, ୨ମହିଳା ଗିରଫ

ଖୋର୍ଦ୍ଧା,୨୨।୩ (ପ୍ରଭାତ ପାଣିଗ୍ରାହୀ)

ବ୍ରାଉନ୍‌ସୁଗାର ପରେ ଖୋର୍ଦ୍ଧାରେ ଗଞ୍ଜେଇ କାରବାର ବଢି ଚାଲିଛି। ବେପାରୀମାନେ ବସ୍‌ରେ ଗଞ୍ଜେଇ ବାହାରକୁ ଚାଲାଣ କରୁଛନ୍ତି। ତେବେ ଏହି କାରବାରରେ ମହିଳାଙ୍କୁ ନିୟୋଜିତ କରାଯାଉଛି। ଶୁକ୍ରବାର ନୂଆ ବସଷ୍ଟାଣ୍ଡ ନିକଟରୁ ଅବକାରୀ ପୋଲିସ ୯କେଜି ଗଞ୍ଜେଇ ଜବତ କରିଥିବା ବେଳେ ୨ଜଣ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଅଞ୍ଚଳର ଶ୍ରଦ୍ଧାଞ୍ଜଳି ଦିଗଲ (୩୦) ଓ ନମିତା ଦିଗଲ (୪୪)। ସୂଚନା ମୁତାବକ, ଏକ ଯାତ୍ରୀବାହୀ ବସ୍‌ରେ ଶ୍ରଦ୍ଧାଞ୍ଜଳି ଓ ନମିତା ଗଞ୍ଜେଇ ଧରି ଆସି ନୂଆବସଷ୍ଟାଣ୍ଡରେ ଓହ୍ଲାଇଥିଲେ। ଏଠାରେ ଅନ୍ୟ ଏକ ବସ୍‌କୁ ଅପେକ୍ଷା କରିଥିଲେ। ଖବରପାଇ ଅବକାରୀ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଶ୍ରଦ୍ଧାଞ୍ଜଳିଙ୍କଠାରୁ ୪ କେଜି ଏବଂ ନମିତାଙ୍କଠାରୁ ୫କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଦୁଇଟି ମାମଲା ରୁଜୁ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ଭୋଗ ଖାଇଲେ ନୀଳକଣ୍ଠେଶ୍ୱର



ଜଟଣୀ,୨୨।୩(ରବୀନ୍ଦ୍ରନାଥ ମହାକୁଡ଼)

ଦୋଳ ପୂର୍ଣ୍ଣମୀ ପୂର୍ବରୁ ଚଳଚଞ୍ଚଳ ହୋଇଉଠିଛି ଗାଁ ପରିବେଶ। ବିଭିନ୍ନ ମଠ, ମନ୍ଦିରର ଠାକୁର ଦୋଳ ବିମାନରେ ବିରାଜିତ ହୋଇ ଗ୍ରାମ ପରିକ୍ରମା କରିବା ସହ ଭୋଗ ଲାଗି ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜଟଣୀ ବ୍ଲକ ଅଧୀନ ମୁଣ୍ଡଳ ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଦେବ ଦୋଳ ବିମାନରେ ବସି ଘର ଘର ବୁଲି ଭୋଗ ଖାଇଛନ୍ତି। ପ୍ରଭୁଙ୍କ ବିମାନ ଆଗରେ ଘଣ୍ଟ ଘଣ୍ଟା, ନାମ ସଂକୀର୍ତ୍ତନ, ଢୋଲ ବଜାଇ ଭକ୍ତମାନେ ବିମାନକୁ ଗ୍ରାମ ପରିକ୍ରମା କରାଇଥିଲେ। ଜାମୁକୋଳି, ମୁଣ୍ଡଳ, ନୂଆଗାଁ, ବ୍ରହ୍ମକୁଣ୍ଡଳ ଆଦି ଗ୍ରାମରେ ଭୋଗ ଖାଇଥିଲେ।

# ରାସ୍ତା ଅବରୋଧକରି ଘର ନିର୍ମାଣକୁ ବିରୋଧ

ଗମ୍ଭାରୀମୁଣ୍ଡା,୨୨।୩ (ଦିଲୀପ ସ୍ୱାଇଁ)

ଗ୍ରାମ ରାସ୍ତା ଅବରୋଧ କରି ଘର ନିର୍ମାଣ କରିବାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ବାଣପୁର ବ୍ଲକ ଆୟଉପୁର ଗ୍ରାମର ଜଣେ ବ୍ୟକ୍ତି ବେଆଇନଭାବେ ଗ୍ରାମ ରାସ୍ତାକୁ ଅବରୋଧ କରି ଘର ନିର୍ମାଣ କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରିବାରେ ଲୋକେ ହଇରାଣ ହେଉଛନ୍ତି। ଏପରିକି ଚାରିଚକିଆ ଯାନ ଗ୍ରାମକୁ ପ୍ରବେଶ କରିପାରୁନାହିଁ। ଏନେଇ ଗ୍ରାମବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାସ୍ତାକୁ ଅବରୋଧ କରିଥିବା ସ୍ଥାନକୁ ଭାଙ୍ଗିବାକୁ କହିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ଅବରୋଧକୁ ହଟାଇବା ପାଇଁ ଗ୍ରାମବାସୀ ଶୁକ୍ରବାର ଅତିରିକ୍ତ ତହସିଲଦାର ସାହୀନ ନାଜଙ୍କୁ ନିବେଦନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଅତିରିକ୍ତ ତହସିଲଦାର ନାଜ କହିଛନ୍ତି, ଆର୍‌ଆଇ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପରେ ଆଇନଗତ ପଦକ୍ଷେପ ନିଆଯିବ।

# ଟାଙ୍ଗୀ ପୋଲିସର ନିର୍ବାଚନୀ ପ୍ରସ୍ତୁତି ବୈଠକ

ଟାଙ୍ଗୀ,୨୨।୩(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ସମସ୍ତ ବୁଥ୍‌ରେ ଅବାଧ, ମୁକ୍ତ ମତଦାନ ଓ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଶୁକ୍ରବାର ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଥାନା ଅନ୍ତର୍ଗତ ଖୋର୍ଦ୍ଧା, ଚିଲିକା ନିର୍ବାଚନମଣ୍ଡଳୀର ୧୨୧ଟି ମତଦାନ କେନ୍ଦ୍ର ରହିଛି। ଆଗାମୀ ସାଧାରଣ ନିର୍ବାଚନରେ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ଟାଙ୍ଗୀ ଥାନା, ଭୂଷଣ୍ଡପୁର ଫାଣ୍ଡି, କୁହୁଡିଫାଣ୍ଡିର ସମସ୍ତ ସବ୍ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ହାବିଲଦାର, କନଷ୍ଟେବଲ, ହୋମଗାର୍ଡ ଉପସ୍ଥିତ ଥିଲେ। ଯଦି କୌଣସି ପୋଲିସ କର୍ମଚାରୀ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରନ୍ତି, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି କହିଛନ୍ତି। ଖୋର୍ଦ୍ଧା ଡିଏସ୍‌ପି ଯୁଗଳ କିଶୋର ମଲିକଙ୍କ ତତ୍ତ୍ୱାବଧାନରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଭୂଷଣ୍ଡପୁର ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ବିନୋଦ କୁମାର ପରିଡା, କୁହୁଡି ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜା ଫାଇଟର, ଫିଲ୍ଡ ଫାଇଟର ବିଜୟୀ



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

### ବୋଲଗଡ଼ ପ୍ରିମିୟର ଲଗ୍

ବୋଲଗଡ଼,୨୨।୩(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ)ର ଦଶମ ସଂସ୍କରଣର ଶୁକ୍ରବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ରାଜା ଫାଇଟର ଓ ରାନୀ ବ୍ଲାଷ୍ଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାନୀ ବ୍ଲାଷ୍ଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ଉଇକେଟ ବିନିମୟରେ ୧୦୬ରନ ସଂଗ୍ରହ କରିଥିଲା। ଜବାବରେ ରାଜା ଫାଇଟର ଟିମ୍ ୮ଓଭରରେ ୨ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରି ବିଜୟୀ ହୋଇଛି। ସୁଦର୍ଶନ ବାରିକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶାନ୍ତନୁ ମହାପାତ୍ର ଓ ବଣ୍ଟି ପଲେଇ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଆର୍ମି ଇଲେଭେନ ଓ ଫିଲ୍ଡ ଫାଇଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆର୍ମି ଇଲେଭେନ ଟିମ୍ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଟିମ୍ ୯.୧ ଓଭରରେ ୩ ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ସୌଭାଗ୍ୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତପୁ ବାରିକ ଓ ମାନସ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡ୍ଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ, ଛମ୍ପା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଫାଇନାଲରେ ପାଇକ ଫାଇଟର୍ସ

### କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୨୨।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ମା'ବଘେଇ କ୍ରିକେଟ ଖେଳପଡ଼ିଆରେ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ପାଇକ ଫାଇଟର୍ସ ଓ ବଦମାସ ଏକାଦଶ ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ପାଇକ ଫାଇଟର୍ସ ଟିମ୍ ବ୍ୟାଟିଂ କରି ୧୫ଓଭରରେ ୭ଉଇକେଟ ବିନିମୟରେ ୧୫୦ରନ ସଂଗ୍ରହ କରିଥିଲା। ଜବାବରେ ବଦମାସ ଏକାଦଶ ଟିମ୍ ୧୩.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରିଥିଲା। ଫଳରେ ପାଇକ ଫାଇଟର୍ସ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଇଶାନ୍ତ ମାର୍ଥା ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଓ ଶ୍ରଦ୍ଧାନନ୍ଦ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ସୁଶାନ୍ତ ସୁନ୍ଦରାୟ ଓ ରାଜେଶ ସୁବୁଦ୍ଧି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ କୈଳାସ ଶ୍ରୀଚନ୍ଦନ, ବିଭୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ଗୋପୀନାଥ ମହାରଥି, ଦିଲୀପ ସାହୁ, ମଦନମୋହନ ସ୍ୱାଇଁ, ରବିନାରାୟଣ ସୁବୁଦ୍ଧି, ନୃସିଂହ ଶ୍ରୀଚନ୍ଦନ, ତାରାପ୍ରସାଦ ପାଲଟାସିଂହ, ଦିଲୀପ ସିଂ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୩।୨୦୨୪

| | |
|---|---|
| ୩,୮୩,୭୪୩ ଟଙ୍କା | |
| ସୁନା | ୩୩.୩୦୦ ଗ୍ରାମ |
| ରୁପା | ୨୯.୫୦୦ ଗ୍ରାମ |

# ‘ପେଡ୍ ନିଉଜ୍ ଉପରେ ରହିବ ନଜର’

ପୁରୀ,୨୨।୩(ଅଜିତ୍ ମହାନ୍ତି)

ଚଳିତ ସାଧାରଣ ନିର୍ବାଚନରେ ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଜିଲାରେ ମିଡିଆ ସାର୍ଟିଫିକେଶନ ଓ ମନିଟରିଂ କମିଟି (ଏମ୍‌ସିଏମ୍‌ସି) କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ଏମ୍‌ସିଏମ୍‌ସିର ଅଧ୍ୟକ୍ଷ ଜିଲାପାଳ ଥିବାବେଳେ ସଦସ୍ୟ ଭାବେ ଉପଜିଲାପାଳ, ଅତିରିକ୍ତ ଉପଜିଲାପାଳ, ବରିଷ୍ଠ ନାଗରିକ ତଥା ମିଡିଆ ପରାମର୍ଶଦାତା ମାନସ ରଞ୍ଜନ ମହାପାତ୍ର, ସୋସିଆଲ ମିଡିଆ ଏକ୍ସପର୍ଟ ନୃସିଂହ ଚରଣ ପାଣିଗ୍ରାହୀ ରହିଛନ୍ତି। ସେହିପରି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମେମ୍ବର ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଛନ୍ତି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ପ୍ରସାର ପାଇଁ ଏମ୍‌ସିଏମ୍‌ସିରୁ ସଂପୃକ୍ତ ପ୍ରଚାର ଉପଯୋଗୀ ତଥ୍ୟକୁ ପ୍ରମାଣୀକୃତ ବା ସାର୍ଟିଫିକେଶନ କରିବା ଜରୁରୀ ବୋଲି ମତ ଦେଇଛନ୍ତି। ଜିଲା ସ୍ତରର ଏମ୍‌ସିଏମ୍‌ସି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପୁରୀଠାରେ କାର୍ଯ୍ୟ କରୁଛି। ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ପ୍ରଚାର ତଥ୍ୟ, ବିଜ୍ଞାପନ ବା ଲେଖା, ଅଡିଓ କ୍ଲିପିଂ, ଭିଡିଓ କ୍ଲିପିଂ ଇତ୍ୟାଦି ଏମ୍‌ସିଏମ୍‌ସିରେ ଆବେଦନ ସହ ଦାଖଲ କରିବେ। ଏମ୍‌ସିଏମ୍‌ସି ଏହାକୁ ଅନୁଧାନ କରିବା ସହ ଉପଯୁକ୍ତ ସଂଶୋଧନ ପରେ ପ୍ରଚାର ପ୍ରସାର ପାଇଁ ଅନୁମତି ଦେବେ। ଏହା ଅନୁମୋଦିତ ହେବା ପରେ ସଂପୃକ୍ତ ବିଜ୍ଞାପନଟିର ମୁଦ୍ରିତ, ଅଡିଓ ବା ଭିଡିଓର ଅବିକଳ କପିକୁ ପ୍ରାର୍ଥୀ ଏମ୍‌ସିଏମ୍‌ସିରେ ଦାଖଲ କରିବେ। ଏହା ପୁନଃ ଅନୁଧାନ ପରେ ବ୍ୟବହାର ପାଇଁ ଅନୁମତି ଦିଆଯିବ ଓ ଏହାର ଆନୁଷଙ୍ଗିକ ଖର୍ଚ୍ଚ ତଦାରଖ ଟିମ ଉଲ୍ଲେଖ କରିବେ। ଅନୁମୋଦିତ ବିଜ୍ଞାପନର ପ୍ରକାଶକ, ମୁଦ୍ରଣକାରୀ, ପ୍ରସ୍ତୁତକର୍ତ୍ତାଙ୍କ ନାମ ଠିକଣା ଓ ପ୍ରସ୍ତୁତ ସଂଖ୍ୟା ଉଲ୍ଲେଖ ରହିବା ବାଧ୍ୟତାମୂଳକ। ନିର୍ବାଚନରେ ପୋଷ୍ଟର ବା ପାମ୍ପଲେଟ ମୁଦ୍ରଣ କରିବାକୁ ଚାହୁଁଥିଲେ ସେଥିରେ ମୁଦ୍ରଣକାରୀ ସଂସ୍ଥାର ପରିଚୟ ଥିବା ସତ୍ୟପାଠ, ତାଙ୍କର ସ୍ୱାକ୍ଷର ଏବଂ ସେହି ସତ୍ୟପାଠକୁ ସମର୍ଥନ କରୁଥିବା ଦୁଇଜଣ ବ୍ୟକ୍ତି ଯେଉଁମାନେ କି ମୁଦ୍ରଣକାରୀଙ୍କୁ ଜାଣିଥିବେ ତାଙ୍କ ପ୍ରତିସ୍ୱାକ୍ଷର ରହିବା ଆବଶ୍ୟକ। ଏହା ମୁଦ୍ରିତ ହେବା ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ସତ୍ୟପାଠର ନକଲ ସହିତ ଦସ୍ତାବିଜର ଏକକିତା ନକଲ ମୁଦ୍ରଣକାରୀ ସଂସ୍ଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବା ଆବଶ୍ୟକ। ନିୟମାବଳୀର ଖିଲାପକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷରେ ପେଡ୍ ନ୍ୟୁଜ ବା ସରୋଗେଟ ନ୍ୟୁଜକୁ ଅନୁଧାନ ସହ ପ୍ରାର୍ଥୀ ଓ ସମ୍ପୃକ୍ତ ନ୍ୟୁଜ ଏଜେନ୍ସିକୁ ନୋଟିସ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ବାଚନ କମିଶନ ଏମ୍‌ସିଏମ୍‌ସିର ଏହି ତଦାରଖ କାର୍ଯ୍ୟକୁ ପ୍ରତ୍ୟେକ ଦିନ ଜାରି ରଖିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ନିର୍ବାଚନରେ ଏହାର ନିରୀକ୍ଷଣ ପାଇଁ ଡେପୁଟି କଲେକ୍ଟର ସାଧାରଣ ବିବିଧ ବିଭାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେଣୁ ପ୍ରାର୍ଥୀମାନେ ବିଜ୍ଞାପନ ପ୍ରକାଶନ ପୂର୍ବରୁ ଏମ୍‌ସିଏମ୍‌ସିର ସହାୟତା ନେବା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ପେଡ୍ ଓ ସରୋଗେଟ ନ୍ୟୁଜ ସମ୍ପର୍କରେ ସଚେତନ ହୋଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।



ସୁଦେଶ ଧନକର ଓ ତାଙ୍କ ପରିବାରବର୍ଗଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଉଛି।

## ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ




ଅତିଥିଙ୍କ ଗହଣରେ ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ ।

ପୁରୀ, ୨୨।୩( ଅଜିତ୍ ମହାନ୍ତି)

ସାଂସ୍କୃତିକ ଅନୁଷ୍ଠାନ ‘ସୁଧା’ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ଶୁକ୍ରବାର ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟା ସଂଘମିତ୍ରା ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଗୋବିନ୍ଦଦାସ ଘୋଷ, ନିମନ୍ତ୍ରିତ ଅତିଥି ରୂପେ ବିଦ୍ୟାଳୟର ସମ୍ପାଦକ ଓ ପରିଚାଳନା କମିଟି ମୁଖ୍ୟ ହରେରାମକୃଷ୍ଣ ଜେନା ଯୋଗଦେଇ ସମାଜ ସଂସ୍କାରକ ମହର୍ଷି ଦୟାନନ୍ଦଙ୍କ ତ୍ୟାଗପୂତ ଜୀବନ, କୁସଂସ୍କାର ଉଚ୍ଛେଦ ଏବଂ ନାରୀଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଧା ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

## ୬ ଗ୍ରାମରେ ନାହିଁ ପିଇବା ପାଣି ସୁବିଧା

ଯୋଗେଶ୍ୱରପୁର, ୨୨।୩
(ରଶ୍ମିରଞ୍ଜନ ସାହୁ):

ରାଜ୍ୟ ସରକାର ବସୁଧା ଯୋଜନାରେ ପ୍ରତି ବ୍ଲକର ସମସ୍ତ ପଞ୍ଚାୟତରେ ପାନୀୟଜଳ ସୁବିଧା ଯୋଗାଉ ଦେଉଛନ୍ତି। ତେବେ ଏଥିରୁ ପୁରୀ ଜିଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ୬ଟି ଗ୍ରାମ ବଞ୍ଚିତ ହୋଇଛି। କରୁଆଳ, ପାଞ୍ଚଣା, କରମଗା, ବରିମୁଣ୍ଡ, ଅଲଣା, କଳାବୁଦା ଗ୍ରାମରେ ୩ ହଜାର ଲୋକ ପାଇପ୍ ଯୋଗେ ପିଇବା ପାଣି ପାଇପାରୁନାହାନ୍ତି। ଏହିସବୁ ଗ୍ରାମର ଲୋକଙ୍କ ପାଇଁ ବସୁଧା ଯୋଜନା ସ୍ୱପ୍ନ ପାଲଟିଛି। ଏ ଦିଗରେ ୫-ଟି ଅଧ୍ୟକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଅସ୍ତରଙ୍ଗ ଥାନା ପରିଦର୍ଶନ କଲେ ଅତିରିକ୍ତ ଏସ୍‌ପି

ଅସ୍ତରଙ୍ଗ, ୨୨।୩(ପ୍ରଦୀପ୍ତ କୁମାର ଦୀକ୍ଷିତ): ପୁରୀ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି ଶୁକ୍ରବାର ସନ୍ଧ୍ୟାରେ ଅସ୍ତରଙ୍ଗ ଥାନା ପରିଦର୍ଶନରେ ଆସି ସାଧାରଣ ନିର୍ବାଚନ ପୂର୍ବରୁ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ନିମାପଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ରାଜନୈତିକ ଦୃଷ୍ଟିକୋଣରୁ କାକଟପୁର ନିର୍ବାଚନମଣ୍ଡଳୀ ଅଧୀନ ଅସ୍ତରଙ୍ଗ ବ୍ଲକ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ପୋଲିସ ଏଠାରେ ସଜାଗ ରହିବା ସହିତ ନିର୍ବାଚନ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରିବା ଏବଂ ଆଇନଶୃଙ୍ଖଳା ରକ୍ଷା ଦିଗରେ ଯତ୍ନବାନ ହେବା ପାଇଁ ପୋଲିସ କର୍ମଚାରୀମାନଙ୍କୁ ଅତିରିକ୍ତ ଏସ୍‌ପି ପରାମର୍ଶ ଦେଇଥିଲେ।

### ଖାଉଟି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପିପିଲି, ୨୨।୩(ଦୁର୍ଗାମାଧବ ମିଶ୍ର)

ଖାଦ୍ୟ ଓ ଯୋଗାଣ ବିଭାଗ, ଜିଲା ଓଜନ ମାପ କାର୍ଯ୍ୟାଳୟ ସହାୟତାରେ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ଆକ୍ସନ ଆଣ୍ଡ ରିସର୍ଚ୍ଚ ପୁରୀ ଆୟୋଜନରେ ଏକ ବ୍ଲକସ୍ତରୀୟ ଖାଉଟି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଡେଲାଙ୍ଗ ବ୍ଲକର ଇନ୍ଦୁପୁର ଗୋପବନ୍ଧୁ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଜନ ମାପ ବିଭାଗର ନିୟନ୍ତ୍ରିକା ପ୍ରଗତି ନାୟକ ଅଧ୍ୟକ୍ଷତା କରିଥିଲେ। ସହକାରୀ ନିୟନ୍ତ୍ରକ ଓଜନ ମାପ ବିଭାଗର ଅକ୍ଷୟ ଭୋଇ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇସାର ସମ୍ପାଦକ ଅଶୋକ କୁମାର ପେଣ୍ଡୋଇ, ସଂଯୋଜକ ପବିତ୍ର କୁମାର ପଣ୍ଡା, ସିଆର୍‌ସିସି ରାସବିହାରୀ ପ୍ରଧାନ, ଆଇଇଭି ରଶ୍ମିତା କୁମାରୀ ଜେନା, ସଭାପତି ଆଲୋକ କୁମାର ସ୍ୱାଇଁ, ସମାଜସେବୀ ବାସୁଦେବ ପ୍ରଧାନ, ପ୍ରକାଶ ଭୋଳ ଅତିଥି ଭାବେ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ୧୯୮୬ ଓ ୨୦୧୯ ସମ୍ବନ୍ଧିତ ଆଇନର ନିୟମ, ଦ୍ରବ୍ୟ ଓ ସେବା, ଓଜନ ମାପ ସମ୍ବନ୍ଧରେ ମହିଳାମାନଙ୍କୁ ସଚେତନ କରାଇଥିଲେ। ମାପ ଓ ଓଜନ ସମ୍ପର୍କିତ ଅଭିଯୋଗ ନିମନ୍ତେ www.pdsodisha govt.in ରେ ଜଣାଇପାରିବେ ବୋଲି ସମସ୍ତଙ୍କୁ ସୂଚନା ଦିଆଯାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଉପରାଷ୍ଟ୍ରପତିଙ୍କ ସହଧର୍ମିଣୀ

ପୁରୀ,୨୨।୩(ଅଜିତ୍ ମହାନ୍ତି)

ଭାରତର ଉପରାଷ୍ଟ୍ରପତି ଜଗ୍‌ଦୀପ ଧନ୍‌କରଙ୍କ ସହଧର୍ମିଣୀ ସୁଦେଶ ଧନ୍‌କର ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନରେ ସୁଦେଶ ଏଠାରେ ପହଞ୍ଚି ପ୍ରଥମେ ପୁରୀ ରାଜଭବନକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ସେ ପରିବାର ଲୋକଙ୍କ ସହିତ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଦେଶଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା। ପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସୁଦେଶ ପ୍ରଥମେ ପ୍ରଭୁ ପତିତପାବନ ଓ ପରେ ବାଇଶପାହାଚକୁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଭିତରବେଢ଼ା ପରିସରରେ ଥିବା ପାର୍ଶ୍ୱଦେବଦେବୀଙ୍କ ସମେତ ମା’ ବିମଳା, ମହାଲକ୍ଷ୍ମୀ ଓ ବଟଗଣେଶ ମନ୍ଦିର ଆଦି ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏ ସମ୍ପର୍କରେ ଅବଗତ ହୋଇ ସେ ଖୁସି ପ୍ରକାଶ କରିଥିଲେ। ପରେ ସେ ମନ୍ଦିରରୁ ଫେରିଆସିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ସ୍ୱତନ୍ତ୍ର ଉପହାର ସ୍ୱରୂପ ମହାପ୍ରଭୁଙ୍କ ଫଟୋ, ରଥକାଠ, ରଥ ଦଉଡ଼ି, ଶୁଖିଲି ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା।

## ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁ ଜଳ ନିଷ୍କାସନରେ ବାଧା

କାକଟପୁର,୨୨।୩(ଶୁଭଦର୍ଶନ ମିଶ୍ର):

କାକଟପୁର ତହସିଲ ଅଧୀନ ପ୍ରାଚୀ ଓ କାଦୁଆ ନଦୀରେ ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ସେହିପରି କେତେକ ସ୍ଥାନରେ ନଈ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳିଛି। ଘେରିରେ ରାସାୟନିକ ଔଷଧ ପ୍ରୟୋଗ କରାଯାଉଥିବାରୁ ନଦୀପାଣି ଦୂଷିତ ହେଉଛି। ଫଳରେ ଚର୍ମରୋଗ ବ୍ୟାପୁଛି। ପ୍ରାଚୀ ଓ କାଦୁଆ ନଦୀ ମୁହାଣ ପର୍ଯ୍ୟନ୍ତ ଶତାଧିକ ଏକର ଜମିର ନଦୀପଠାରେ ଚିଙ୍ଗୁଡ଼ି ଘେରି କରାଯାଇଛି। ଚୋରାରେ କିରୋସିନ ସଂଗ୍ରହ କରି ପମ୍ପସେଟ୍ ଚଲାଉଥିବାରୁ ବାୟୁମଣ୍ଡଳ ଦୂଷିତ ହୋଇପଡୁଛି। ଏନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁନାହିଁ। ଗତବର୍ଷ ବେଆଇନ ଚିଙ୍ଗୁଡ଼ି ଘେରି ଯୋଗୁ ପ୍ରାଚୀ ଓ କାଦୁଆରୁ ବର୍ଷାଦିନେ ଜଳ ନିଷ୍କାସନ ହୋଇପାରୁ ନ ଥିବା ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ପତ୍ର ଲେଖାଯାଇଥିଲା। ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବନ୍ଧୁକ ଦାଖଲ କରିବାକୁ ନିର୍ଦ୍ଦେଶ

କୃଷ୍ଣପ୍ରସାଦ,୨୨।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଲୋକ ସଭା ଓ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ଥିବା ଲାଇସେନ୍ସପ୍ରାପ୍ତ ବନ୍ଧୁକ ଦାଖଲ କରିବାକୁ ଲାଇସେନ୍ସଧାରୀଙ୍କୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ୧୭ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ବେଳେ କେତେଜଣ ବ୍ୟକ୍ତି ଦାଖଲ କରିଥିବା ଜଣାପଡ଼ିଛି। ଦାଖଲ ବନ୍ଧୁକକୁ ଅସ୍ତ୍ରାଗାରରେ ରଖାଯିବ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ବନ୍ଧୁକକୁ ଲାଇସେନ୍ସଧାରୀଙ୍କୁ ଫେରସ୍ତ କରାଯିବ। ଥାନା ଅଞ୍ଚଳର ସୀମାରେଖାରେ ପୋଲିସ ପକ୍ଷରୁ ମଧ୍ୟ ଯାଞ୍ଚ ଆରମ୍ଭ କରାଯାଇଛି। ନିଶାକାରବାର ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହେବା ସହ ନଜରରେ ରଖାଯାଇଛି। ଯେଉଁଠି ବିଶୃଙ୍ଖଳା ହେବ ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।

## ‘ବିଶ୍ୱ ପାଇଁ ଜଳ ଏକାନ୍ତ ଅପରିହାର୍ଯ୍ୟ’

ପୁରୀ ୨୨।୩(ଅଜିତ୍ ମହାନ୍ତି)

ସମତା ସାହିତ୍ୟ ସମିତି ପୁରୀ ପକ୍ଷରୁ ଶୁକ୍ରବାର ସୁନାମଣିଅଣ୍ଣୁ ପାଠାଗାରଠାରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଚରାଚର ବିଶ୍ୱ ପାଇଁ ଜଳ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଜୀବନ ଧାରଣ ପାଇଁ ଜଳ ବିନା ଗତି ନାହିଁ। ପୃଥିବୀର ଅନେକ ସ୍ଥାନରେ ଲୋକେ ସ୍ୱଚ୍ଛ ପାନୀୟଜଳ ପାଇଁ ସଂଘର୍ଷରତ ଥିବାବେଳେ ବହୁ ନଦୀ, ହ୍ରଦ ଶୁଖି ଗଲାଣି। ଜଳ ପାଇଁ ତୃତୀୟ ବିଶ୍ୱଯୁଦ୍ଧ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ବିଶ୍ୱରେ ଶତକଡା ୧୫ ଭାଗ ମଧୁର ପାନୀୟ ଜଳ, ଯାହା ବିଶ୍ୱର ୮୦୦ କୋଟି ଲୋକଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଶିବସୁନ୍ଦର ମିଶ୍ର ଓ ସଭାପତି ପ୍ରତିଭା ତ୍ରିପାଠୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଇନଜୀବୀ ରାଜେଶ କୁମାର ମହାନ୍ତି, ସାମାଜିକ କର୍ମୀ ଅମୀୟ କୁମାର ମିଶ୍ର, ଭବାନୀ ମିଶ୍ର, ଶାଶ୍ୱତୀ ମହାପାତ୍ର, ଭବାନୀ ପ୍ରସାଦ ବଳିୟାରସିଂ, ସ୍ମିତା ପାତ୍ର, ନାରାୟଣ ଚନ୍ଦ୍ର ସିଂହ, ଅଧ୍ୟାପକ ସହଦେବ ସାହୁ, ଅନୁକୂଳ ଚନ୍ଦ୍ର ସେଠୀ, ରାଜେଶ ବେହେରା, ଜିତୁ ଭୋଇ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ତପନ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ସାଗର ସ୍ନାନ ପାଇଁ ନୀତି ନିର୍ଘଣ୍ଟ



ସାଗର ସ୍ନାନ ପାଇଁ ପ୍ରସ୍ତୁତି ନେଇ ଆଲୋଚନା ଚାଲିଛି ।

ସାକ୍ଷୀଗୋପାଳ,୨୨।୩(ଭରତ ରାଉତ/ ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁରସ୍ଥିତ ଭାର୍ଗବୀ ନଦୀରେ ଆସନ୍ତା ୬ ତାରିଖରେ ମହାବାରୁଣୀ ବା ସାଗର ସ୍ନାନ ବୁଡ଼ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସତ୍ୟବାଦୀ ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପ୍ସା ରାୟ, ଏଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ, ସାକ୍ଷୀଗୋପାଳ ଦେବୋତ୍ତର ବିଭାଗ ନିରୀକ୍ଷକ, ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜବଲ୍ଲଭ ମିଶ୍ର, ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ମାନେଜିଂ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧିବିଧାନ ଅନୁସାରେ ଦେବନୀତି କରାଯିବା ପାଇଁ ନୀତି ନିର୍ଘଣ୍ଟ କରାଯାଇଥିଲା। ମେଳା ପଡ଼ିଆରେ ନିରବଚ୍ଛିନ୍ନ ବିଦ୍ୟୁତ, ପାନୀୟଜଳ ଯୋଗାଣ, ମେଳା ପଡ଼ିଆ ଯିବା ରାସ୍ତା ମରାମତି, ଅଗ୍ନିଶମ, ପରିମଳ, ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ସାକ୍ଷୀଗୋପାଳର ଏହା ଦ୍ୱିତୀୟ ଗଣପର୍ବ ହୋଇଥିଲେ ମଧ୍ୟ ପ୍ରସ୍ତୁତି ବୈଠକରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇଥିଲା। ବୈଠକ ସମ୍ପର୍କରେ କୋଣସି ସୂଚନା ଦିଆଯାଇ ନ ଥିଲା, ଯାହାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ସୁନା କାନଫୁଲ ପାଇ ଫେରାଇଲେ ବନବିହାରୀ

### ଶ୍ରୀମନ୍ଦିର ଜେଟିପିଙ୍କ ସାଧୁତା

ପୁରୀ,୨୨।୩(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ଜଣେ ମହିଳା ଭକ୍ତଙ୍କର ଖସିପଡ଼ିଥିବା ସୁନା କାନଫୁଲ ପାଇ ତାଙ୍କୁ ଜଣେ ଜେଟିପି ଫେରାଇ ଦେଇଛନ୍ତି। ସମ୍ପୃକ୍ତ ଜେଟିପି (ଶ୍ରୀଜଗନ୍ନାଥ ଟେମ୍ପଲ ପୋଲିସ) ହେଲେ ବନବିହାରୀ ସ୍ୱାଇଁ। ଏପରି ସାଧୁତା ପାଇଁ ବନବିହାରୀଙ୍କୁ ସମ୍ପୃକ୍ତ ଭକ୍ତଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, କଟକର ଚୌଦ୍ୱାର ଅଞ୍ଚଳରୁ ଗଣେଶ ରାଉତ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଶୁକ୍ରବାର ସକାଳେ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ଦର୍ଶନ ସାରି ବେଢ଼ା ବୁଲିବା ସମୟରେ ଗଣେଶଙ୍କ ସ୍ତ୍ରୀଙ୍କର ଏକ ସୁନାର କାନଫୁଲ କେଉଁଠି ଖସିପଡ଼ିଥିଲା। ସେମାନେ ତାହାକୁ ଖୋଜାଖୋଜି କରି ନ ପାଇବାରୁ ବିବ୍ରତ ଅବସ୍ଥାରେ ରହିଥିଲେ। ତେବେ ଉକ୍ତ କାନଫୁଲଟି ଜଳକ୍ରୀଡ଼ା ମଣ୍ଡପ ପାଖ ମା’ ବିମଳା ମନ୍ଦିର ସମ୍ମୁଖ ଏକାଦଶୀ ମନ୍ଦିର ନିକଟରୁ ଜେଟିପି ବନବିହାରୀ ପାଇବା ପରେ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଜଣାଇ ଗାରଦ ଅଫିସରେ ଜମା ଦେଇଥିଲେ। କିଛି ସମୟ ପରେ ଖବର ପାଇ ଗଣେଶ ପରିବାର ସହ ଗାରଦ ଅଫିସରେ ପହଞ୍ଚି ତାଙ୍କର କାନଫୁଲ ହଜିଥିବା ବିଷୟ ଜଣାଇଥିଲେ। ସେ ତାଙ୍କ ପାଖରେ ଥିବା ଅନ୍ୟ କାନଫୁଲଟି ଦେଖାଇବା ପରେ ତାହା ମେଳ ଖାଇବାରୁ ତାଙ୍କଠାରୁ ପ୍ରାପ୍ତି ସ୍ୱୀକାର ରସିଦ ଲେଖି ବନବିହାରୀ ଓ ଶ୍ରୀମନ୍ଦିର ପୋଲିସ ପଶ୍ଚିମ ଦ୍ୱାରଠାରେ ତାଙ୍କୁ କାନଫୁଲଟିକୁ ପ୍ରଦାନ କରିଥିଲେ।



# ରାତି ୯ଟା ୩୦ ପରେ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ

- ସର୍ବସାଧାରଣ ସ୍ଥାନରୁ ହଟିଲା ବ୍ୟାନର, ପୋଷ୍ଟର
- ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଡେଲାଙ୍ଗ,୨୨।୩(ରଶ୍ମିରଞ୍ଜନ ପ୍ରଧାନ):

ରାଜ୍ୟରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ଏନେଇ ଡେଲାଙ୍ଗ ବ୍ଲକ ଓ ତହସିଲ ପ୍ରଶାସନ ସମେତ ପୋଲିସ ତତ୍ପରତା ଦେଖାଇଛି। ବ୍ଲକର ଡେଲାଙ୍ଗ ଷ୍ଟେଶନ ବଜାର, ହାଟ ବଜାର, କଲ୍ୟାଣପୁର ବଜାର, ଘୋରଡିଆ ବଜାର, ଇନ୍ଦିପୁର ବଜାର ସମେତ ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ପୂର୍ବରୁ ଲଗାଯାଇଥିବା ବିଭିନ୍ନ ଦଳୀୟ ଚିହ୍ନଥିବା ପତାକା, ହୋର୍ଡିଂ, ବ୍ୟାନର ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଶୁଭେଚ୍ଛା ବାର୍ତ୍ତା ଥିବା ପୋଷ୍ଟର ଉଚ୍ଛେଦ କରିବା ଆରମ୍ଭ ହୋଇଛି। ଡେଲାଙ୍ଗ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କ ନେତୃତ୍ୱରେ ଡେଲାଙ୍ଗ ପୋଲିସ ଷ୍ଟାଫ ମିଳିତ ଭାବେ ବିଭିନ୍ନ ସ୍ଥାନରୁ ଏହି ବ୍ୟାନର ପୋଷ୍ଟର ଉଚ୍ଛେଦ କରିଛନ୍ତି। ସେହିପରି ଡେଲାଙ୍ଗ ଥାନା ଅଞ୍ଚଳରେ ଡେଲାଙ୍ଗ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପିପିଲି ଏସଡିପିଓ ବିରଞ୍ଚିନାରାୟଣ ପତି, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୭୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ପୁରୁଷ ଓ ମହିଳା ପୋଲିସ ବାହିନୀ ଡେଲାଙ୍ଗ ଷ୍ଟେଶନ ବଜାର ବେରବୋଇ ବଜାର, ଡେଲାଙ୍ଗ ହାଟ ବଜାର, ଘୋରଡିଆ ବଜାର, କୁଆପଦା, ଜଗଦଳପୁର,ସାଉରିଆ, ଘନିପୁର ପ୍ରଭୃତି ବିଭିନ୍ନ ବଜାର ଓ ଛକ ସ୍ଥାନ ଏବଂ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରିବା ସହିତ ସମସ୍ତ ଦୋକାନ ବଜାର ରାତି ୯.୩୦ ପରେ ବନ୍ଦ ରଖିବା ଓ ପୋଲିସ ଆଇନ ୩୦ ଧାରା ଲାଗୁ କରାଯାଇଥିବା ସମ୍ପର୍କରେ ଅବଗତ କରାଇଥିଲେ ।



# ମାରୁତି କର୍ପୋରେଟ କୋଠାରେ ଅଗ୍ନିକାଣ୍ଡ

## ୪ ଷ୍ଟୋର୍‌ର ବହୁକୋଟିର ସମ୍ପତ୍ତି ଜଳିଗଲା

- ୩ ଅଗ୍ନିଶମ କେନ୍ଦ୍ରର ୩୦ କର୍ମଚାରୀ, ଫାୟାର ଫୋର୍ସ ନିୟୋଜିତ
- ୪ ଘଣ୍ଟା ପରେ ଆୟତ୍ତ ହେଲା ନିଆଁ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା)






ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ କିଟ୍ ଛକ ନିକଟରେ ଥିବା ମାରୁତି ଇଷ୍ଟେଟ କର୍ପୋରେଟ ହାଉସ୍ କୋଠାରେ ଶୁକ୍ରବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ କୋଠାର ଚତୁର୍ଥ ମହଲାରେ ଥିବା ଦୁଇ ଜୋତା ଗୋଦାମ, ଗୋଟିଏ ଘଣ୍ଟା ଶୋ'ରୁମ୍‌ର ଷ୍ଟକ ସହିତ ପତଞ୍ଜଳି ଷ୍ଟୋର୍ ଜଳିଯାଇଛି। ତେବେ ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ନିଆଁ ଆୟତ୍ତ କରିବାକୁ ୪ ଅଗ୍ନିଶମ କେନ୍ଦ୍ରର ୬ଟି ଟିମ୍‌କୁ ୪ ଘଣ୍ଟା ଲାଗିଥିଲା। ତେବେ ସବୁ ଷ୍ଟୋର୍‌ରେ ଦହନୀୟ ସାମଗ୍ରୀ ଭର୍ତ୍ତି ହୋଇ ରହିଥିବାରୁ ନିଆଁ ସହ ପ୍ରବଳ ଧୂଆଁ ହୋଇଥିଲା। ଫଳରେ ଉଦ୍ଧାର ଓ ନିଆଁ ଦମନ କରିବାକୁ ଅଗ୍ନିଶମ ବାହିନୀକୁ ନାକେଦମ୍ ହେବାକୁ ପଡିଥିଲା। ଏଥିପାଇଁ ୩ ଦମକଳ ଗାଡି, ସ୍କାଏ ଲିଫ୍ଟ ନିୟୋଜିତ ହୋଇଥିବାବେଳେ ନିଆଁ ଲିଭାଇବାକୁ ଫୋମ୍, ପାଣି ବ୍ୟବହାର କରିବାକୁ ପଡିଥିଲା। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡି ନ ଥିବା ବେଳେ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏଥିରେ ବହୁ କୋଟିର ସମ୍ପତ୍ତି ଜଳିଯାଇଥିବା ଆକଳନ କରାଯାଉଛି।

ସୂଚନାନୁସାରେ, ଉକ୍ତ କର୍ପୋରେଟ ହାଉସ କୋଠାଟି ୪ ମହଲା ବିଶିଷ୍ଟ ହୋଇଥିବା ବେଳେ ଅପରାହ୍ନ ସାଢେ ୪ଟାରେ ୪ର୍ଥ ମହଲାରୁ ହଠାତ ପ୍ରବଳ ଧୂଆଁ ବାହାରିଥିଲା। ଏହାପରେ ସେଠାରେ ଥିବା କର୍ମଚାରୀମାନେ ଧୂଆଁ କେଉଁଠୁ ବାହାରୁଛି ତାହାର ସନ୍ଧାନ କରୁଥିବାବେଳେ ନିଆଁ ହୁତୁ ହୁତୁ ହୋଇ ଜଳିବା ସହ ଚାରିଆଡକୁ ବ୍ୟାପିବାକୁ ଲାଗିଥିଲା। ଫଳରେ ସେଠାରେ ଥିବା ବିଭିନ୍ନ ଷ୍ଟୋର୍‌ରେ କାମ କରୁଥିବା କର୍ମଚାରୀ ଓ ଅନ୍ୟମାନେ ଜୀବନ ବିକଳରେ ଦୌଡି ବାହାରକୁ ପଳାଇ ଆସି ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ପ୍ରଥମେ ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ରର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଫୋମ୍ କେମିକାଲ ଓ ପାଣି ଛିଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲା। ହେଲେ ବହୁ ଉଚ୍ଚରେ ନିଆଁ ଲାଗିଥିବାରୁ ଆୟତ୍ତ କରିବା ସହଜ ହୋଇ ନ ଥିଲା। ଏହାପରେ ଆଉ ୩ଟି ଦମକଳ ଗାଡି ସହ ମଞ୍ଚେଶ୍ୱର, କଳ୍ପନା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ, ଷ୍ଟ୍ରାକିଂ ଫାୟାର ଫୋର୍ସଙ୍କୁ ମିଶାଇ ପ୍ରାୟ ୩୦ କର୍ମଚାରୀ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। କେତେଜଣ କର୍ମଚାରୀ କୋଠା ଭିତରକୁ ଅକ୍ସିଜେନ ସହାୟତାରେ ପ୍ରବେଶ କରିଥିବାବେଳେ ଅନ୍ୟମାନେ ସ୍କାଏ ଲିଫ୍ଟ ସାହାଯ୍ୟରେ ଅତି ନିକଟରୁ ନିଆଁ ଉପରେ ପାଣି ପକାଇଥିଲେ। ବହୁ ଉଦ୍ୟମ ପରେ ପରେ ସନ୍ଧ୍ୟା ୭ଟା ବେଳକୁ ନିଆଁ ଆୟତ୍ତକୁ ଆସିଥିଲା। ତେବେ ଭିତରେ ନିଆଁ କୁହୁଳୁଥିଲେ ମଧ୍ୟ ଅଗ୍ନିଶମ ବାହିନୀ ତାହାକୁ ସମ୍ପୂର୍ଣ୍ଣ ଲିଭାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା।




ଆର୍ଥ ଆୱାର ସମ୍ପର୍କିତ ସଚେତନତା ବାର୍ତ୍ତା ନେଇ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଘରୋଇ ସ୍କୁଲରେ ନିଃଶୁଳ୍କ ଶିକ୍ଷା ପାଇଁ ଲଟେରି ଉଠାଣ

## ୧୭,୨୩୫ ଛାତ୍ରୀଛାତ୍ର ଚୟନ, ୨୭ରୁ ନାମଲେଖା

### ଏପ୍ରିଲ ୧୦ରୁ ୨୪ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

ଭୁବନେଶ୍ୱର, ୨୨।୩(ଅସମାପିକା ସାହୁ)

ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଅଧୀନରେ ଆର୍ଥିକ ଅନଗ୍ରସର ପିଲାମାନେ ଘରୋଇ ସ୍କୁଲରେ ନିଃଶୁଳ୍କ ଶିକ୍ଷା ପାଇଁ ଶୁକ୍ରବାର ଲଟେରି ଉଠାଣ ହୋଇଛି। ୧୭,୨୩୫ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀମାନେ ତାଲିକା ପ୍ରଦାନ କରିବେ। ଛାତ୍ରୀଛାତ୍ରମାନେ ଆସନ୍ତା ୨୭ ତାରିଖରୁ ଏପ୍ରିଲ ୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବିଦ୍ୟାଳୟରେ ନାମ ଲେଖାଇପାରିବେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସୂଚନାନୁଯାୟୀ, ଆର୍‌ଟିଇରେ ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲରେ ଗତ ଫେବୃଆରୀ ୨୨ରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମୋଟ ୩,୩୩୧ ଘରୋଇ ସ୍କୁଲର ୪୧,୩୩୩ ସିଟ୍‌ରେ ନାମଲେଖା ପାଇଁ ଆବେଦନ ହୋଇଥିଲା। ଏଥିପାଇଁ ସମୁଦାୟ ୩୦,୪୨୩ଟି ଆବେଦନପତ୍ର ଗ୍ରହଣ ହୋଇଥିଲା। ବିଇଓମାନେ ଆବେଦନପତ୍ର ଗୁଡ଼ିକୁ ଯାଞ୍ଚ କରିବା ପରେ ୨୩,୨୨୮ଟି ଆବେଦନକୁ ଯୋଗ୍ୟ ବିବେଚିତ କରିଥିଲେ। ତନ୍ମଧ୍ୟରୁ ୧୭,୨୩୫ ଛାତ୍ରୀଛାତ୍ର ଲଟେରି ମାଧ୍ୟମରେ ନାମଲେଖା ପାଇଁ ଚୟନ ହୋଇଛନ୍ତି। ଏହି ପ୍ରକ୍ରିୟା ସରିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଛାତ୍ରୀଛାତ୍ର www.rteparadarshi.odisha.gov.in ୱେବ୍‌ସାଇଟରେ ଆବେଦନ କରିପାରିବେ। ଏପ୍ରିଲ ୧୦ରୁ ୨୪ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ ଓ ଯାଞ୍ଚ ପ୍ରକ୍ରିୟା କରାଯିବ। ୨୬ ତାରିଖରେ ଲଟେରି ଉଠାଣ ଓ ୨୯ ତାରିଖରୁ ନାମଲେଖା ଆରମ୍ଭ ହେବ। ସମସ୍ତ ପ୍ରକ୍ରିୟା ମେ' ୧୫ ମଧ୍ୟରେ ସାରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

### ଝାରପଡ଼ା ଜେଲ ମାରପିଟ, ନିଶାଦ୍ରବ୍ୟ ଜବତ ଘଟଣାରେ କାର୍ଯ୍ୟାନୁଷ୍ଠାନ

# ୱାର୍ଡର ନିଲମ୍ବିତ, ଚିଫ୍ ୱାର୍ଡରଙ୍କୁ ବଦଳି

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା)




ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରୁ ନିଶାଦ୍ରବ୍ୟ ସହ ବେଆଇନ ସାମଗ୍ରୀ ଜବତ ହେବା ଓ ବିଚାରାଧୀନ କଏଦୀଙ୍କ ମଧ୍ୟରେ ମାର୍‌ପିଟ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। କାର୍ଯ୍ୟରେ ଅବହେଳା ପାଇଁ ୱାର୍ଡର ପ୍ରଭାତ କୁମାର ମହାରଣାଙ୍କୁ ନିଲମ୍ବନ କରାଯାଇଥିବାବେଳେ ଚିଫ୍ ୱାର୍ଡର ମଙ୍ଗୁଳି ସେଠୀଙ୍କୁ ନିମାପଡ଼ା ସବ୍‌ଜେଲକୁ ବଦଳି କରାଯାଇଛି। ଝାରପଡ଼ା ଜେଲ୍‌ରେ ଢିଲା ସୁରକ୍ଷା ବ୍ୟବସ୍ଥା, ଅପରାଧୀ ଗୋଷ୍ଠୀଙ୍କ ରାଜ୍ ଓ କଏଦୀଙ୍କ ସହ କର୍ମଚାରୀଙ୍କ ମଧୁର ସମ୍ପର୍କକୁ ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲାବେଳେ ଜେଲ୍ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ଗଞ୍ଜେଇ, ଚିଲମ, ସିଗାରେଟ୍ ବିଡି ଭଳି ବେଆଇନ ସାମଗ୍ରୀ ମିଳିବା ପରେ ଜେଲ୍ ଡିଜି ଅମିତ୍ ମୋହନ ପ୍ରସାଦ ଘଟଣାକୁ ଗୁରୁତ୍ୱ ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜେଲ ଡିଆଇଜି ଅନସୂୟା ଜେନା ଓ ବ୍ରହ୍ମପୁର ମଣ୍ଡଳର ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ଜେଲକୁ ଯାଇ ତନାଘନା କରିଥିଲେ। ବିଭାଗୀୟ ତଦନ୍ତ ପରେ ୨ ୱାର୍ଡର କାର୍ଯ୍ୟରେ ଅବହେଳା କରିଥିବା ଜଣାପଡିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ନିଲମ୍ବିତ ହୋଇଥିବା ୱାର୍ଡର ପ୍ରଭାତ ହାଇସିକ୍ୟୁରିଟି ସେଲ୍ ଦାୟିତ୍ୱରେ ଥିବା ସତ୍ତ୍ୱେ ବିଚାରାଧୀନ ଅନ୍ତେବାସୀ ଚକରା ବାରିକଙ୍କୁ ଅନୁକମ୍ପା ଦେଖାଇଥିଲେ। ଏପରିକି ତାଙ୍କ ଉପରେ ନଜର ନ ରଖି ଖୋଲା ଛାଡିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଛି। ସେହିପରି ନିମାପଡ଼ାକୁ ବଦଳି ହୋଇଥିବା ଚିଫ୍ ୱାର୍ଡର ମଙ୍ଗୁଳି ନାଇଟ୍ ଡ୍ୟୁଟିରେ ଥିବା ସମୟରେ ମାର୍‌ପିଟ ଘଟଣା ଘଟିବା ସହ ନିଶାଦ୍ରବ୍ୟ ମିଳିଥିଲା। ସିସିଟିଭି ଫୁଟେଜ ଯାଞ୍ଚରୁ ସେ ଆଡ୍‌ମିନିଷ୍ଟ୍ରେଟିଭ୍ ଗ୍ରାଉଣ୍ଡ୍ ଏବଂ ଡ୍ୟୁଟିରେ ଅବହେଳା କରିଥିବା ନେଇ ତଦନ୍ତକାରୀ ଅଧିକାରୀ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜେଲ ଡିଜି କହିଛନ୍ତି। ଏହାସହ ଆଗାମୀ ଦିନରେ ଜେଲରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ନେଇ ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗତ ୧୭ ତାରିଖ ଅପରାହ୍ନରେ ସାମାନ୍ୟ କଥାକୁ ନେଇ ଜେଲରେ ବିଚାରାଧୀନ କଏଦୀ ଚକ୍ରଧର ବାରିକ, ଜଗନ୍ନାଥ ମହାନ୍ତି ଓ ପାପୁନ ମାଝି ରବିବାର ଅପରାହ୍ନରେ ଜେଲ କ୍ୟାଣ୍ଟିନରୁ ଆସୁଥିବାବେଳେ ଶମ୍ଭୁନାଥ ବାରିକଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ଚକରା ଗ୍ୟାଙ୍ଗର ସମସ୍ତେ ମିଳିତ ଭାବରେ ଶମ୍ଭୁନାଥଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଘଟଣା ପ୍ରଘଟ ହେବା ପରେ ନିଶା କାରବାରକୁ ନେଇ ଏହି ଘଟଣା ଘଟିଥିବା ଚର୍ଚ୍ଚା ହୋଇଥିଲା। ତେବେ ୨୦ ତାରିଖରେ ଡିସିପିଙ୍କ ନେତୃତ୍ୱରେ କମିଶନରେଟ ପୋଲିସର ଏକ ଟିମ୍ ଜେଲକୁ ଯାଇ ଛାନଭିନ୍ କରିବା ସମୟରେ ଜେଲ୍‌ର କମନ ଏରିଆରୁ ଗଞ୍ଜେଇ, ଚିଲମ ସହ ଖଇନି, ବିଡି, ସିଗାରେଟ୍ ଭଳି ମାଦକ ଦ୍ରବ୍ୟ ମିଳିଥିଲା।

### ଅନ୍ୟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ

ଝାରପଡା ଜେଲରୁ କମିଶନରେଟ ପୋଲିସ ଯାଞ୍ଚ କରି ଗଞ୍ଜେଇ, ଚିଲମ ସହ ମାଦକଦ୍ରବ୍ୟ ଜବତ କରିବା ପରେ ଜେଲରେ ନିଶା କାରବାର କେମିତି ଜୋରସାର ହେଉଥିଲା ତାହା ସ୍ପଷ୍ଟ ହୋଇଛି। ଜେଲ୍‌ର ଅଧିକ୍ଷ, ଜେଲର, ସବ୍‌ଜେଲରଙ୍କ ଜାଣତରେ ଏହି ନିଶା କାରବାର ହେଉଥିବା କୁହାଯାଉଥିବାବେଳେ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବଡ ଅଫିସରଙ୍କୁ ସୁରକ୍ଷା ଦିଆଯାଉଥିବା ଚର୍ଚ୍ଚା ହେଉଛି। ତେଣୁ ନିଶା ସାମଗ୍ରୀ କିଭଳି ଜେଲ ପରିସରକୁ ଯାଉଛି, କିଏ ହାତ ଗୁଞ୍ଜା ନେଉଛି ତାହାର ଖୁଲାସା କରାଯାଇ ସମ୍ପୃକ୍ତ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନା ତଳିଆ କର୍ମଚାରୀଙ୍କୁ ବଳି ପକାଇ ବଡ଼ ଅଧିକାରୀ ଖସିଯିବେ ସେନେଇ ଆଲୋଚନା ଚାଲିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନୁ



@ ଆଶିଷ



@ ସ୍ୱାଗତିକା



@ ସାଇ



@ ସୁଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନଠାରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଶେଷଦର୍ଶନ କରି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।





ଏଜି ଛକଠାରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ସହ ଅନ୍ୟମାନେ ଏବଂ ବିଧାନସଭା ପରିସରରେ ମନ୍ତ୍ରୀ ଓ ନେତାମାନେ ଦାମୋଦର ରାଉତଙ୍କ ଶେଷ ଦର୍ଶନ କରୁଛନ୍ତି।

# ଆର୍ଥିକ ସ୍ଥିତିର ସମୀକ୍ଷା କଲେ ଶକ୍ତିକାନ୍ତ

## ଆର୍‌ବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ବୈଠକ

ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା)


ଶକ୍ତିକାନ୍ତ ଦାସ

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆର୍‌ବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋର୍ଡ ପକ୍ଷରୁ ବିଶ୍ୱ ତଥା ଘରୋଇ ଆର୍ଥିକ ସ୍ଥିତିର ସମୀକ୍ଷା କରାଯାଇଥିଲା। ବୈଠକରେ ଭୌଗୋଳିକ, ରାଜନୈତିକ ଆହ୍ୱାନ ସହ ବିଶ୍ୱ ଆର୍ଥିକ ବଜାରରେ ଅଶାନ୍ତି ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି କହିଛି, ଆର୍‌ବିଆଇର କେନ୍ଦ୍ରୀୟ ବୋର୍ଡର ୬୦୭ତମ ବୈଠକ ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଆର୍‌ବିଆଇ ଗଭର୍ନର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୋର୍ଡ ଘରୋଇ ଅର୍ଥନୈତିକ ପରିସ୍ଥିତି ଏବଂ ବିଶ୍ୱବ୍ୟାପୀ ଦୃଷ୍ଟିକୋଣର ସମୀକ୍ଷା କରିଛି। ବୈଠକରେ ଆର୍‌ବିଆଇ ବୋର୍ଡ ଭୌଗୋଳିକ, ରାଜନୈତିକ ବିକାଶ ସହ ବିଶ୍ୱ ଆର୍ଥିକ ବଜାରରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଆର୍ଥିକ ବର୍ଷ ୨୦୨୩-୨୪ ଆର୍ଥିକ ବର୍ଷରେ ଡିଜିଟାଲ ପେମେଣ୍ଟରେ ଅଗ୍ରଗତି ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଉପଭୋକ୍ତା ଶିକ୍ଷା ତଥା ସଚେତନତା ଅଭିଯାନରେ ଆର୍‌ବିଆଇ ବୋର୍ଡ ସମୀକ୍ଷା କରିଛି। ଆର୍‌ବିଆଇ ବୋର୍ଡ ୨୦୨୪-୨୫ ହିସାବ ବର୍ଷ ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ବଜେଟକୁ ଅନୁମୋଦନ କରିଛି। ଗୋଟିଏପଟେ ତୃତୀୟ ତ୍ରୈମାସିକରେ ଭାରତର ଜିଡିପି ୮.୪ ପ୍ରତିଶତ ଥିବା ପରିସଂଖ୍ୟାନ ମନ୍ତ୍ରଣାଳୟ ତଥ୍ୟ ପ୍ରକାଶ କରିଥିବାବେଳେ ଅନ୍ୟପଟେ ଏହି ବୈଠକ ଅନୁଷ୍ଠିତ ହୋଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜିଡିପି ୭.୬ ପ୍ରତିଶତ ଆକଳନ କରାଯାଇଛି। ଜିଡିପି ତଥ୍ୟ ପ୍ରକାଶ ପାଇବା ପରେ ଅନେକ ରେଟିଂ ଏଜେନ୍ସି ଏବଂ ଅନୁଷ୍ଠାନ ଚଳିତ ଆର୍ଥିକ ବର୍ଷ ବ୍ୟତୀତ ୨୦୨୪-୨୫ ପାଇଁ ଭାରତର ଜିଡିପି ଆକଳନ ବୃଦ୍ଧି କରିଛନ୍ତି। ୨୦୨୪ କ୍ୟାଲେଣ୍ଡର ବର୍ଷରେ ଭାରତର ଜିଡିପି ୬.୮ ପ୍ରତିଶତ ହୋଇପାରେ, ଯାହା ପୂର୍ବରୁ ୬.୧ ପ୍ରତିଶତ ବୋଲି ଆକଳନ କରାଯାଇଥିଲା। ଆର୍‌ବିଆଇ ପାଇଁ ଏହା ଏକ ସନ୍ତୋଷର ବିଷୟ ଯେ, ଫେବୃଆରୀ ୨୦୨୪ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତ ହୋଇଛି। ସୂଚନା ଥାଉକି, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୁଦ୍ରାନୀତି କମିଟିର ପ୍ରଥମ ବୈଠକ ୩ ରୁ ୫ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏପ୍ରିଲ ୫ରେ ଏହି ନୀତି ଘୋଷଣା କରାଯିବ। ୨୦୨୪ରେ ୩ଥର ସୁଧ ହାର ହ୍ରାସ କରିବାକୁ ଫେଡ୍ ରିଜର୍ଭ ସୂଚିତ କରିଛି। ଏହା ପରେ ଅନୁମାନ କରାଯାଉଛି ଯେ କ୍ୟାଲେଣ୍ଡର ବର୍ଷର ଦ୍ୱିତୀୟାର୍ଦ୍ଧରେ ଯଦି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ପାଖାପାଖି ରହିଲେ ଆର୍‌ବିଆଇ ରଣ ଶସ୍ତା କରିପାରେ।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୨।୩

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୯୧ (୧୯୦.୭୫) ପଏଣ୍ଟ ବଢି ୭୨,୮୩୨(୭୨,୮୩୧.୯୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୮୫(୮୪.୮୦) ପଏଣ୍ଟ ବୃଦ୍ଧି ଘଟି ୨୨,୦୯୭(୨୨,୦୯୬.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ମୁକେଶଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର




ଭୁବନେଶ୍ୱର,୨୨।୩

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଧୀରୁଭାଇ ଅମ୍ବାନୀଙ୍କୁ ନିକଟରେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ବିଶେଷକରି ଭାରତୀୟ ଟେଲିକମ୍ ଶିଳ୍ପରେ ଉଲ୍ଲେଖନୀୟ ସଫଳତା ଓ ଅତୁଳନୀୟ ଅବଦାନ ପାଇଁ ମୁକେଶଙ୍କୁ ଭଏସ୍ ଆଣ୍ଡ ଡାଟା ପକ୍ଷରୁ ଏଭଳି ଏକ ସମ୍ମାନଜନକ ଲାଇଫ୍ ଟାଇମ୍ ଆଚିଭମେଣ୍ଟ (ଜୀବନବ୍ୟାପୀ ସାଧନା) ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ପୁରସ୍କାର ସମାରୋହ ଉତ୍ସବରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ପ୍ରେସିଡେଣ୍ଟ ମାଥ୍ୟୁ ଓମେନ୍‌ଙ୍କୁ ବର୍ଷ ୨୦୨୩ ପାଇଁ ପାଥ୍‌ବ୍ରେକର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ଦେଶରେ ଟେକ୍ନୋଲୋଜି କ୍ଷେତ୍ରର ବିକାଶ ଦିଗରେ ୫ଜିର ଦ୍ରୁତ ପ୍ରଚଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଓମେନ୍‌ଙ୍କୁ ଏହି ପୁରସ୍କାର ମିଳିଛି।

ଏ ନେଇ ମାଥ୍ୟୁ ଓମେନ୍ କହିଛନ୍ତି, ଭଏସ୍ ଆଣ୍ଡ ଡାଟା ପକ୍ଷରୁ ମୁକେଶ ଅମ୍ବାନୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିବାରୁ ଆମେ ଗର୍ବ ଅନୁଭବ କରୁଛୁ। ଏପରିକି ତାଙ୍କ (ଅମ୍ବାନୀ) ବଳିଷ୍ଠ ନେତୃତ୍ୱରେ କମ୍ପାନୀ ଟେଲିକମ୍, ରିଟେଲ, ମିଡିଆ ଏବଂ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ଅନ୍ତର୍ଭୁକ୍ତୀକରଣ ଜରିଆରେ ଏସବୁକୁ ସମସ୍ତଙ୍କ ପାଇଁ ସହଜ ଲଭ୍ୟ କରିଛି। ଆଜିର ଡିଜିଟାଲ ଦୁନିଆରେ ଭାରତର ଭୂମିକା ବୈପ୍ଳବିକ ହେବ। ଏକ ଶିଳ୍ପ ଏବଂ ରାଷ୍ଟ୍ର ଭାବେ ଆମର ଅବଦାନ ଅତୁଳନୀୟ ହେବ ଏବଂ ଏହା ସମସ୍ତ ଭାରତୀୟଙ୍କ ପାଇଁ ଅଧିକ ସମାନତା ଏବଂ ଦୀର୍ଘସ୍ଥାୟୀ ଭବିଷ୍ୟତର ପଥ ପ୍ରଶସ୍ତ କରିବ।

ପୁରସ୍କାର ଗ୍ରହଣ କରିବା ଅବସରରେ ଟେକ୍ନୋଲୋଜି ଅଗ୍ରଗତିକୁ ତ୍ୱରାନ୍ୱିତ କରିବାରେ ସହଭାଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପସ୍ଥାପିତ କରିବା ସହିତ ଟେଲିକମ୍ ଶିଳ୍ପ ସହ ଜଡ଼ିତ ନୀରଜ ମିଲ ଏବଂ ଗୋପାଳ ଭିଟ୍ଟଲଙ୍କୁ ଓମେନ୍ ଅଭିନନ୍ଦନ ଜଣାଇଛନ୍ତି। ନୀରଜ ମିଲ ଓ ଗୋପାଳ ଭିଟ୍ଟଲଙ୍କ ସହ ମିଳିତ ଭାବେ ମାଥ୍ୟୁ ଓମେନ୍‌ଙ୍କୁ ପାଥ୍‌ବ୍ରେକର ଅଫ୍ ଦି ଇୟର ପୁରସ୍କାର ମିଳିଛି। ଉଲ୍ଲେଖଯୋଗ୍ୟ, ଭଏସ୍ ଆଣ୍ଡ ଡାଟା ଆୱାର୍ଡ ସମାରୋହ ଉତ୍ସବରେ ରିଲାଏନ୍ସ ଜିଓକୁ ନେଟ୍‌ୱର୍କ ଭିତ୍ତିଭୂମି, ବହୁଭାଷୀ ଇଣ୍ଟରନେଟ, କମ୍ୟୁନିକେଶନ ପ୍ଲାଟ୍‌ଫର୍ମ, ବିଜ୍‌ନେସ୍ ପ୍ରୋସେସ୍ ଇନୋଭେଶନ,ନେଟ୍‌ୱର୍କ ସର୍ଭିସେସ୍ ଏବଂ ଆଇଓଟି ସମେତ ବିଭିନ୍ନ ବର୍ଗରେ ଆଉ ୬ଟି ପୁରସ୍କାର ମିଳିଛି।

# ଏଚ୍ଏମ୍ଏସ୍ଆଇର ନୂତନ ମୋବାଇଲ ଆପ୍

ଭୁବନେଶ୍ୱର,୨୨।୩

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ମୋବାଇଲ ଆପ୍ 'ସ୍ମାର୍ଟ ୱାର୍କଶପ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଶିଳ୍ପର ପ୍ରଥମ ନବସୃଜନ ସ୍ମାର୍ଟ ୱାର୍କଶପ୍ ମୋବାଇଲ ଆପ୍‌କୁ ନିକଟରେ ଉନ୍ମୋଚନ କରାଯାଇଛି। ଉକ୍ତ ଆପ୍ ଜରିଆରେ ଗ୍ରାହକମାନେ ଗାଡ଼ିର ସର୍ଭିସ୍ ଅଗ୍ରଗତି ବିଷୟରେ ବାସ୍ତବ ସମୟ ସୂଚନା ପାଇପାରିବେ। ସେହିଭଳି ଗ୍ରାହକମାନଙ୍କୁ ସୁବିଧା ଓ ସ୍ୱଚ୍ଛତା ପ୍ରଦାନ କରିବାରେ ଏଚ୍ଏମ୍ଏସ୍ଆଇର ପ୍ରତିବଦ୍ଧତାକୁ ଏହା ଦୋହରାଉଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସେଲ୍ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟି ଓ ନବସୃଜନ ବୃଦ୍ଧି ପାଇଁ ଆମ ପ୍ରତିବଦ୍ଧତା ଆମକୁ 'ସ୍ମାର୍ଟ ୱାର୍କଶପ୍' ମୋବାଇଲ ଆପ୍ ବିକଶିତ କରିବାକୁ ପ୍ରେରଣା ଦେଇଛି। ଏହି ବୈପ୍ଳବିକ ଉପକରଣ କେବଳ ସ୍ୱଚ୍ଛତା ପ୍ରଦାନ କରିବ ନାହିଁ ବରଂ ଆମ ମୂଲ୍ୟବାନ ଗ୍ରାହକଙ୍କ ପାଇଁ ଏକ ଅସୁବିଧାମୁକ୍ତ ଅନୁଭୂତି ମଧ୍ୟ ସୁନିଶ୍ଚିତ କରିବ। ଏହି ଆପ୍ଲିକେଶନର ଶୁଭାରମ୍ଭ ଏହାର ଗ୍ରାହକଙ୍କ ସୁବିଧା ପାଇଁ ପ୍ରଯୁକ୍ତିର ଉପଯୋଗ କରିବା ପାଇଁ ଏଚ୍ଏମ୍ଏସ୍ଆଇର ସମର୍ପଣର ପ୍ରମାଣ। ଉଲ୍ଲେଖଯୋଗ୍ୟ, ସ୍ମାର୍ଟ ୱାର୍କଶପ୍' ଆପ୍ ଜରିଆରେ ଗ୍ରାହକମାନେ ବର୍ତ୍ତମାନ ଗୋଟିଏ ଏସ୍ଏମ୍ଏସ୍ ଲିଙ୍କ୍ ଜରିଆରେ ନିଜ ଗାଡ଼ିର ସର୍ଭିସ୍ ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟକୁ ଟ୍ରାକ୍ କରିବାର କ୍ଷମତା ରଖିଛନ୍ତି। ସର୍ଭିସ୍ ସେଣ୍ଟରଗୁଡ଼ିକରେ ଗ୍ରାହକଙ୍କ ଗାଡି ଭର୍ତ୍ତି ହେବା, ମରାମତି ହେବା ଏବଂ ଗାଡ଼ି ବାହାରିବାଠାରୁ ଆରମ୍ଭକରି ବିଭିନ୍ନ ପର୍ଯ୍ୟାୟ ଦେଇ ଯାଇଥାଏ।

# କେନ୍‌ଷ୍ଟାରର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୨।୩ (ଅଭୟ ଦାଶ)



ଦେଶର ପ୍ରମୁଖ ଗୃହୋପଯୋଗୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ତଥା କେନ୍‌ଷ୍ଟାରର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ମାସିକିଆ ସ୍ୱତନ୍ତ୍ର ଅଭିଯାନ 'କ୍ୟାମ୍ପେନିଂ ଭ୍ୟାନ୍'ର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ୍ ପକ୍ଷରୁ ୨ଟି ପ୍ରଦର୍ଶନୀଭିତ୍ତିକ ଭ୍ୟାନ୍‌ର ଉନ୍ମୋଚନ କରାଯାଇଛି। ବିଶେଷକରି ଉକ୍ତ ଭ୍ୟାନ୍‌ରେ ବ୍ରାଣ୍ଡର ନୂତନ ଉତ୍ପାଦ 'କୁଲର ଏବଂ ୱାଶିଂ ମେଶିନ' ସଂଯୋଗ ହୋଇଛି। ଏହା ଉଭୟ କମ୍ପାନୀର ଆଭିମୁଖ୍ୟ ଓ ଉତ୍ପାଦକୁ ପ୍ରଦର୍ଶିତ କରାଇବ ବୋଲି ବ୍ରାଣ୍ଡ୍ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଭୁବନେଶ୍ୱରର ଶହୀଦନଗର ଏବଂ ପଟିଆଠାରେ ଏକ ସ୍ୱତନ୍ତ୍ର ଶୁଭାରମ୍ଭ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କେନ୍‌ଷ୍ଟାରର ଆଞ୍ଚଳିକ ମୁଖ୍ୟ (ଇଷ୍ଟ) ଚିତ୍ତରଞ୍ଜନ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍‌ଷ୍ଟାର ଓଡ଼ିଶା ୟୁନିଟ୍‌ର ଶାଖା ପରିଚାଳକ (ବିଏମ୍) ରଞ୍ଜନ ପରିଡାଙ୍କ ସମେତ ବ୍ରାଣ୍ଡ୍ ପାର୍ଟନର ଶ୍ୟାମ ଅଗ୍ରୱାଲ, ସନ୍ତୋଷ କୁମାର ସାହୁ, ନିବାସ ମହାପାତ୍ର ଏବଂ ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ଅଭିଯାନ ୨୦୨୪ ଏପ୍ରିଲ ୨୦ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଜାରି ରହିବ। ବିଶେଷ କରି କମ୍ପାନୀର ୨ଟି ସ୍ୱତନ୍ତ୍ର ଭ୍ୟାନ୍‌ରେ ବ୍ରାଣ୍ଡର କୁଲର ଏବଂ ୱାଶିଂ ମେଶିନ ସୁଜ୍ଜିତ ହୋଇ ରହିଥିବାବେଳେ ଉକ୍ତ ଭ୍ୟାନ୍ ୩୦ ଦିନରେ ୩୦ ଜିଲାର ପ୍ରମୁଖ ବଜାର, ଜନଗହଳିପୂର୍ଣ୍ଣ ଅଞ୍ଚଳ ସହିତ କମ୍ପାନୀର ଡିଷ୍ଟ୍ରିବ୍ୟୁଟର୍ସ ଓ ରିଟେଲ ଆଉଟ୍‌ଲେଟ ଦେଇ ଅତିକ୍ରମ କରିବ। ଏପରିକି କମ୍ପାନୀର ଅଭିଜ୍ଞ କର୍ମଚାରୀମାନେ ବ୍ରାଣ୍ଡର ନୂତନ ଉତ୍ପାଦ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବା ସହ ଉତ୍ପାଦର ଗୁଣବତ୍ତା ଓ ସୁବିଧା ଆଦି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-12-2023

**କାର୍ଯ୍ୟର ନାମ :** 36 ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ POH ସମୟରେ LHB AC କୋଚ୍‌ଗୁଡ଼ିକର LHB ପ୍ୟାଣ୍ଟ୍ରି କାର ଏବଂ କମ୍ପୋଜିଟ୍/ମିନି ପ୍ୟାଣ୍ଟ୍ରି ଆଇଟମ୍‌ଗୁଡ଼ିକରେ ସମସ୍ତ ପ୍ୟାଣ୍ଟ୍ରି ଆଇଟମ୍‌ଗୁଡ଼ିକର ମରାମତି ଏବଂ ଓଭରହାଲିଙ୍ଗ୍ ।

**ବିଜ୍ଞାପିତ ମୂଲ୍ୟ(₹):** 49,24,293.56, EMD(₹) : 98,500.00, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.03.2024ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.04.2024ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ,
ରେଳ ଡବା ମରାମତି କାରଖାନା,
ମଞ୍ଚେଶ୍ୱର

PR-1201/O/23-24

# ଜେଏସ୍ଏଲ୍‌କୁ କର୍ପୋରେଟ୍ ଗଭର୍ନାନ୍ସ ଆୱାର୍ଡ

ଭୁବନେଶ୍ୱର,୨୨।୩




ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'କର୍ପୋରେଟ୍ ଗଭର୍ନାନ୍ସ ଆୱାର୍ଡ' ଦିଆଯାଇଛି। ବିଶେଷ କରି ଶିଳ୍ପ ସଙ୍ଗଠନ ମଧ୍ୟରେ ସ୍ୱଚ୍ଛ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ 'କର୍ପୋରେଟ ଗଭର୍ନାନ୍ସ' ବର୍ଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ପକ୍ଷରୁ ସମ୍ମାନଜନକ କର୍ପୋରେଟ ଗଭର୍ନାନ୍ସ ଏବଂ ସଷ୍ଟେନେବିଲିଟି ଭିଜନ ପୁରସ୍କାର-୨୦୨୪ରେ ଜେଏସ୍ଏଲ୍‌କୁ ସମ୍ମାନିତ କରାଯାଇଛି। ଏପରିକି କମ୍ପାନୀର ଫ୍ଲାଗ୍‌ଶିପ୍ ପଦକ୍ଷେପ ମାଧ୍ୟମରେ ଆଇସିସି ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି ଦିଗରେ ଉଦ୍ୟମ ପାଇଁ ଭାରତ ବ୍ୟବସାୟକୁ ସ୍ୱୀକୃତି ଦେଇଛି।

ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏମ୍.ନାଗରାଜୁ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଧ୍ୟ ନାଗରାଜୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ହେଡ୍ (ଏଲ୍ ଆଣ୍ଡ ସିଏସ୍) ନଭନିତ ରଘୁଭନସି କମ୍ପାନୀ ପକ୍ଷରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ହେଡ୍ (ଏଲ୍ ଆଣ୍ଡ ସିଏସ୍) ନଭନିତ ରଘୁଭନସି କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ସ୍ଥାୟୀ ବ୍ୟବସାୟ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତାକୁ ସ୍ୱୀକାର କରିଥିବାରୁ ଆମେ ଆଇସିସିକୁ ଧନ୍ୟବାଦ ଦେଉଛୁ। ସେହିଭଳି ଆମେ ବିଶ୍ୱାସ କରୁ ଯେ ଉତ୍ତମ ଶାସନ ହେଉଛି ଏକ ସଫଳ ଏବଂ ସ୍ଥାୟୀ ବ୍ୟବସାୟର ମୂଳଦୁଆ ଏବଂ ଆମର ସମସ୍ତ କାର୍ଯ୍ୟରେ ଅଖଣ୍ଡତା ଏବଂ ସ୍ୱଚ୍ଛତାର ସର୍ବୋଚ୍ଚ ମାନ୍ୟତା ପାଇଁ ଆମେ ପ୍ରତିବଦ୍ଧ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଟାଇଟନ ଏସ୍‌ବିଆଇ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୨।୩

ଦେଶର ୨ ପ୍ରମୁଖ ଘରୋଇ ସଂସ୍ଥା ଏସ୍‌ବିଆଇ କାର୍ଡ ଏବଂ ଟାଇଟନର ମିଳିତ ସହଭାଗିତାରେ 'ଟାଇଟାନ ଏସ୍‌ବିଆଇ କାର୍ଡ'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଏହି ଧରଣର ଏକମାତ୍ର ଶପିଙ୍ଗ୍ କ୍ରେଡିଟ କାର୍ଡ ଗ୍ରାହକଙ୍କର ଆକାଂକ୍ଷୀ ଖର୍ଚ୍ଚଆବଶ୍ୟକତା ପ୍ରତି ଧ୍ୟାନଦେବାକୁ ଡିଜାଇନ କରାଯାଇଛି। ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଅଭିଜିତ ଚକ୍ରବର୍ତ୍ତୀ କହିଥିଲେ,ଆକାଂକ୍ଷୀ ଜୀବନଶୈଳୀ ଏବଂ ଉତ୍ପାଦଗୁଡିକ ନିମନ୍ତେ ଭାରତୀୟ ଗ୍ରାହକଙ୍କର ବର୍ଦ୍ଧିତ ପ୍ରବୃତ୍ତି ରହୁଛି। ଆମେ ଏକ ସ୍ପେଶାଲାଇଜ୍‌ଡ କ୍ରେଡିଟ କାର୍ଡ ଟାଇଟନ ଏସ୍‌ବିଆଇ କାର୍ଡ ପ୍ରଚଳନ କରିବା ନେଇ ଆନନ୍ଦିତ ଅଛୁ, ଯାହା ଆମ ଗ୍ରାହକଙ୍କର ଜୀବନଶୈଳୀ ଆଧାରିତ ଖର୍ଚ୍ଚ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଛି। ଟାଇଟନ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ସି.କେ.ଭେଙ୍କଟରମଣ କହିଥିଲେ, ଭାରତ ତୃତୀୟ ସର୍ବବୃହତ୍ ଉପଭୋକ୍ତା ବଜାର ହେବା ପଥରେ ଅଗ୍ରସର ହେଉଛି ।

**THE ASKA CO-OPERATIVE SUGAR INDUSTRIES LTD.**
P.O.:Nuagam (Aska)-761111, Dist-Ganjam, State-Odisha
Email id:askasugar@yahoo.co.in
GSTIN:21AAAAT5989L1ZO

L.No.(Pur.) /256/ Dt.21.3.2024
2056

**CANCELLATION OF QUOTATION CALL NOTICE**

The Aska Cooperative Sugar Industries Ltd., at Nuagam, Aska Quotation Call Notice No. (Pur), 1882, Dt.15.02.2024, No.1881, Dt.15.02.2024. For detail please visit our website:www.askasugar.com.

**Sd./- Managing Director**

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଏନ୍ଆଇଇସି, ମୈତ୍ରୀ ବିହାର ଓ ଓମ ଗାର୍ଡେନ ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଏବଂ ଗୋଡିବାରି, ଓମ କଟେଜ ଓ କଣ୍ଟାବାଡ଼ ଅଞ୍ଚଳରେ ସକାଳ ୯.୩୦ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ସେହିପରି ୟୁନିଟ -୪ ମାର୍କେଟ ଓ ଏମ୍ଏଲ୍ଏ କଲୋନୀ ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ମାଳି କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା ଓ ଭକ୍ତମଧୁ ନଗର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଏବଂ ମଙ୍ଗରାଜ ପଏଣ୍ଟ ଅଞ୍ଚଳରେ ଅପରାହ୍ନ ୩.୫୩ ଘଟିକାରୁ ସନ୍ଧ୍ୟା ୬.୫୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡ଼ିଏଲ**

# ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ

ଭୁବନେଶ୍ୱର,୨୨।୩




ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ବା ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ (ଓଡ଼ିଶା ଅପରେଶନ)ରେ ମଧ୍ୟ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ବିଶେଷକରି କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆଦି ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ ସହ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଏଏମ୍ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେଶନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ସୁରକ୍ଷା ପତାକା ଉତ୍ତୋଳନ ସହ ସପ୍ତାହବ୍ୟାପୀ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ପରିବେଶ, ସାମାଜିକ ଏବଂ ଶାସନ (ଇଏସ୍‌ଜି) ଉତ୍କର୍ଷ ପାଇଁ ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନଦେବା ଉକ୍ତ କାର୍ଯ୍ୟକ୍ରମର ମୂଳ ବିଷୟବସ୍ତୁ ରହିଥିଲା ଏବଂ ଏହା ସହ କର୍ମକ୍ଷେତ୍ରରେ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ଏପରିକି ପ୍ରଶାସନର ସୁରକ୍ଷା ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମର ଆରମ୍ଭ ସହ କାରଖାନା ପରିସରରେ ଏକ ରାଲିର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଏଏମ୍ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେଶନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତି, ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆମର ପ୍ରାଥମିକତା ହୋଇଥିଲାବେଳେ ଏଏମ୍ଏନ୍ଏସ୍ ଇଣ୍ଡିଆ କାରଖାନାର କର୍ମଚାରୀ ଏବଂ ଶ୍ରମିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସ୍ଥିତିର ଏକ ଆଦର୍ଶସ୍ତର ସ୍ଥିର କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ବିଭିନ୍ନ ଆଚରଣ ଭିତ୍ତିକ ଅଧିବେଶନ, କ୍ରସ୍ ସପ ଫ୍ଲୋର ଅଡିଟ୍ ଏବଂ ସର୍ବୋତ୍ତମ ସୁରକ୍ଷାକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପୁରସ୍କାର ଏବଂ ସ୍ୱୀକୃତି ପ୍ରଦାନ କରି ଆମେ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାରେ ସାମଗ୍ରିକ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛୁ। ଏହି ଅବସରରେ ପେଲେଟ ପ୍ଲାଣ୍ଟ ହେଡ୍ ୟୁଏସ୍ଆର୍ ରାଜୁ, ପାୱାର ପ୍ଲାଣ୍ଟ ହେଡ୍ ସରୋଜ ପଟ୍ଟନାୟକ ଏବଂ ହେଡ୍-ଅପରେଶନ୍ସ ସି. ଏ. ହରିପ୍ରସାଦ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଦଳ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମୁଖ୍ୟ ସଞ୍ଜୀବ ମୁଦୁଲି ସ୍ୱାସ୍ଥ୍ୟ ଏବଂ ନିରାପତ୍ତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କର୍ମକ୍ଷେତ୍ରକୁ ସୁସ୍ଥ ଏବଂ ନିରାପଦ କରିବାରେ କର୍ମଚାରୀମାନଙ୍କୁ ଦାୟିତ୍ୱ ଗ୍ରହଣ କରିବା ସହ ପରସ୍ପରକୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ।

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. : 1732 / PSC, Dt : 21.03.2024**
**(DR-IV)(2PF-01-2023-24)**

No.D-275:It is for information of all concerned that, the written Examination for recruitment to the post of **Veterinary Assistant Surgeon / Additional Veterinary Assistant Surgeon**, pursuant to Advertisement No. 24 of 2023-24 will be held on 28.04.2024 (Sunday) in two session i.e. 1st session from **09.30 A.M. to 12.00 Noon (12.50 P.M. for PwD candidates)** and 2nd session from **02.00 P.M. to 04.30 P.M. (05.20 P.M. for PwD candidates)** at Cuttack zone.

The detailed programme of examination along with name of examination centre will be notified shortly. The candidates are advised to visit the website of the Commission (www.opsc.gov.in) regularly for further information in this regard.

OIPR-12002/11/0191/2324 **Sd./-Secretary**

**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
O.A. No. 406 of 2023

State Bank of India, Stressed Assets Recovery Branch (SARB), Madhupatna, Cuttack, Represented through its Assistant General Manager .... Applicant

-And-

Ms. Madhusmita Mohanty .... Defendant

To,
Mrs. Madhusmita Mohanty, D/o- Amarendra Mohanty, At/PO: Bhanpur, PS: Cuttack Sadar, Dist.: Cuttack, PIN-753011.

SUMMONS BY PAPER PUBLICATION

FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in **OA No. 406 of 2023** in the Court of the Debts Recovery Tribunal, Orissa, at Cuttack for a recovery of **Rs.23,48,559.00** only together with current and future interest, costs and other relief's. The above-mentioned defendants are therefore hereby directed to appear before this Tribunal in person or through an Advocate or duly authorised agent, in support of their defense to show cause within **30 days** from the publication or on **2nd day of May, 2024 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **8th day of March, 2024.**

Sd/- (Nikhila Ranjan Pati)
Registrar
Debts Recovery Tribunal

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR - 7, C.D.A, CUTTACK, ODISHA**
**O.A. No. 577 OF 2023**

Bank of India, Gopalpur Branch ...Applicant

Versus

Sukanta Charan sethy & Others ... Defendant(s)

To
1. Sukanta Charan Sethy,
2. Basanta Kumar Sethy,
3. Bishanta Charan Sethy,
4. Hemanta Kumar Sethy,
   All are sons of Late Bishnu sethy
5. Mamita Sethy,
   W/o: Late Prasant Ku Sethy,
6. Soumya Ranjan Sethy (Minor),
   S/o: Late Prasant Ku Sethy,
7. Miss Meghana Priyadarsini Sethy (Minor),
   D/o: Late Prasant Ku Sethy,
   (Defendants No.: 6 & 7 represented through their mother guardian defendant No.: 5 Mamita Sethy)

All are At: Elamapur, P.O.: Ramakrishnapur, P.S.: Salipur, Cuttack, Odisha-754201.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 577 of 2023** in the court of the debts of recovery Tribunal, Cuttack for recovery of **Rs. 23,80,871/-** only together with current and future interest, cost and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **dt 26.04.2024 at 10.30 a.m.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **20th day of March, 2024.**

Sd/- (Nikhila Ranjan Pati)
REGISTRAR

# ପାଟଶାଣୀଙ୍କୁ ରଘୁ ସମର୍ଥକଙ୍କ ବିରୋଧ

## ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା, ୨୨।୩ (ପ୍ରଭାତ ପାଣିଗ୍ରାହୀ)

ଆଗାମୀ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀରେ ଶାସକ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ସ୍ତରରେ ସମର୍ଥକଙ୍କ ସହ ଶକ୍ତି ପ୍ରଦର୍ଶନରେ ଲାଗିପଡ଼ିଛନ୍ତି। ଏପରିକି ଶୁକ୍ରବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ଭାଜପା ଏକାକୀ ଲଢ଼ିବ ବୋଲି କହିବା ପରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଦଳ ପ୍ରସ୍ତୁତ ଥିବା କହିଛନ୍ତି। ବବିଙ୍କ ମତ ଜାଣିବା ପରେ ବିଜେଡି ଆଶାୟୀମାନେ ଉତ୍ସାହିତ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଉଛି।

ନିକଟରେ ନବୀନ ନିବାସରେ ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ର ପାଇଁ ଦଳୀୟ ଆଶାୟୀ ପ୍ରାର୍ଥୀ ଯୋଗ ଦେଇଥିଲେ। ଏଥିରେ ଦଳରୁ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଓ ବରିଷ୍ଠ ନେତା ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରସନ୍ନ ଚିଲିକାରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିବା ସ୍ଥିର ହୋଇଥିବା ଚର୍ଚ୍ଚା ହେବା ପରେ ଦଳରେ ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପ୍ରସନ୍ନଙ୍କ ଜନ୍ମସ୍ଥାନ ଚିଲିକା ଅଞ୍ଚଳ ହୋଇଥିବା ବେଳେ ତାଙ୍କ କର୍ମଭୂମି ଖୋର୍ଦ୍ଧା ଏବଂ ଭୁବନେଶ୍ୱର ରହିଛି। ସେ ଖୋର୍ଦ୍ଧାରୁ କ୍ରମାଗତ ୪ଥର ବିଧାୟକ ରହିଥିବା ବେଳେ ଏକାଧିକ ଥର ଭୁବନେଶ୍ୱର ଏମ୍‌ପି ରହିଥିଲେ। ଚିଲିକା ନିର୍ବାଚନମଣ୍ଡଳୀରେ ତାଙ୍କର କୌଣସି ଭୂମିକା ନ ଥିବା ବେଳେ ଏଠାରୁ ତାଙ୍କର ପ୍ରାର୍ଥିତ୍ୱକୁ ନେଇ ଦଳୀୟ ମହଲରେ ଅସନ୍ତୋଷ ଦେଖାଦେଇଛି। ୨୦୧୯ରେ ଏଠାରୁ ପ୍ରଶାନ୍ତ ଜଗଦେବ ବିଜୟୀ ହୋଇଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ତାଙ୍କ ବ୍ୟବହାର ଖରାପ ହେବାରୁ କେବଳ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ନୁହେଁ, ସାରା ଓଡ଼ିଶାରେ ସେ ନିନ୍ଦିତ ହୋଇଥିଲେ। ଏଭଳି ସ୍ଥଳେ ଦଳ ତା'ର ଭୁଲ ସୁଧାରି ଚଳିତ ବର୍ଷ ଯୁବ ନେତୃତ୍ୱକୁ ସ୍ଥାନ ଦେଉ ବୋଲି ଦାବି ହେଲାଣି। ଦଳ ଚାହିଁଲେ ଏଠାରୁ ସେ ଲଢ଼ିବେ ବୋଲି ପ୍ରସନ୍ନ ଗଣମାଧ୍ୟମ ଆଗରେ କହିଛନ୍ତି। ହେଲେ ତାଙ୍କ ପ୍ରାର୍ଥିତ୍ୱ ପ୍ରତି ଦଳୀୟ ବିରୋଧ ବଢୁଥିବାରୁ ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡି କର୍ମୀଙ୍କ ମଧ୍ୟରେ ଭିନ୍ନ ବାତାବରଣ ସୃଷ୍ଟି ହୋଇଛି। ପୁଣି ଚିଲିକାରୁ ପ୍ରସନ୍ନଙ୍କ ନାଁ ଉଠିବା ପରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ସମର୍ଥକମାନେ ଦଳୀୟ ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଦୀର୍ଘ ବର୍ଷ ଧରି ସେ ନିଜର ସଙ୍ଗଠନ ବଢ଼ାଇ ଚାଲିଥିବା ବେଳେ ଦଳ ଟିକେଟ ନ ଦେଲେ ତାଙ୍କ ଆଗାମୀ ରଣନୀତି କ'ଣ ହେବ ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ତେବେ ସେ ଏବେବି ଶୀର୍ଷ ନେତୃତ୍ୱଙ୍କ ଉପରେ ଭରସା ରଖିଥିବା କହୁଛନ୍ତି।


ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରୁ ଆସିଥିବା ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ସମର୍ଥକମାନେ ଶଙ୍ଖ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଶଙ୍ଖ ଭବନ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର, ୨୨।୩(ଅନିଲ ଦାସ)

ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କୁ ଚିଲିକା ନିର୍ବାଚନମଣ୍ଡଳୀରୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେବା ପରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନିଦ ହଜିଯାଇଛି। ଶୁକ୍ରବାର ଶଙ୍ଖଭବନ ସମ୍ମୁଖରେ ରଘୁଙ୍କ ସମର୍ଥକମାନେ ପାଟଶାଣୀଙ୍କୁ ପ୍ରାର୍ଥୀ ନ କରିବା ପାଇଁ ନିବେଦନ କରିଛନ୍ତି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ମିଶିବା ପରେ ସେହି ନିର୍ବାଚନମଣ୍ଡଳୀରେ ବିଜେଡି ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ପ୍ରସନ୍ନଙ୍କୁ ଚିଲିକାରୁ ପ୍ରାର୍ଥୀ କରିବା ପାଇଁ ସଙ୍କେତ ମିଳିଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏସବୁ ଦେଖି ରଘୁଙ୍କ ବହୁ ସମର୍ଥକ ଚିଲିକାରୁ ଭୁବନେଶ୍ୱର ଆସି ଶଙ୍ଖଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ପୁଞ୍ଜିପତିଙ୍କୁ ରାଜ୍ୟ ସମ୍ପତ୍ତି ଟେକିଦେଇଛି ବିଜେଡି: କଂଗ୍ରେସ

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

ବିଜେଡି ଭାରତବର୍ଷର ୫ମ ବୃହତମ ଆଞ୍ଚଳିକ ଦଳ ହିସାବରେ ୧୦୧୯.୫ କୋଟି ଟଙ୍କାର ରାଜନୈତିକ ଚାନ୍ଦା ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଥିବା ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଦୀର୍ଘ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କୁ ଭୁଆଁ ବୁଲାଉଥିବା ବିଜେଡିର ଅସଲ ମୁଖା ବର୍ତ୍ତମାନ ଖୋଲିଯାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଉପେକ୍ଷାକରି ପୁଞ୍ଜିପତିଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକିଦେଇ ଅନେକ ହଜାର କୋଟି ଟଙ୍କାର ରାଜନୈତିକ ପାଣ୍ଠି ବିଜେଡି ବଢ଼ାଇ ଚାଲିଛି ବୋଲି ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟି(ଏଆଇସିସି) ଗଣମାଧ୍ୟମ ବିଭାଗ ସଂଯୋଜିକା ବବିତା ଶର୍ମା କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ବବିତା କହିଛନ୍ତି, ଭାଜପା ଜୋରଜୁଲମ କରି ରାଜନୈତିକ ପାଣ୍ଠି ଆଦାୟ କରୁଥିବା ଦଳ। ଏଥିପାଇଁ ଇଡି, ସିବିଆଇ ଏବଂ ଆଇଟିକୁ ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀଙ୍କ ବିରୋଧରେ ଲଗାଇ ତାଙ୍କୁ ଭୟଭୀତ କରି ଭାଜପା ୬ ବର୍ଷରେ ୮ ହଜାର ୨୫୨ କୋଟି ଟଙ୍କାର ରାଜନୈତିକ ପାଣ୍ଠି ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଜେଡି ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ଭାରତବର୍ଷର ରାଜନୈତିକ ଚାନ୍ଦା ପାଇଥିବା ୫ମ ବୃହତମ ଦଳ। ଏହି ଚାନ୍ଦା ୨୦୧୮ ଜୁଲାଇରୁ ୨୦୨୪ ଫେବୃଆରୀ ମଧ୍ୟରେ ବିଜେଡି ବିଭିନ୍ନ ଖଣି କମ୍ପାନୀ ଏବଂ ଷ୍ଟିଲ କମ୍ପାନୀଠାରୁ ପାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଜେଡି କେବଳ ଖଣି ଓ ଷ୍ଟିଲ୍ କମ୍ପାନୀ ନୁହେଁ, ବରଂ କୋଲକାତାର ୨ଟି ମଦ ବ୍ୟବସାୟ କରୁଥିବା କମ୍ପାନୀଠାରୁ ମଧ୍ୟ ନିର୍ବାଚନୀ ବଣ୍ଡ ଆଦାୟ କରିଛି। ଏହାର ସ୍ପଷ୍ଟୀକରଣ ବିଜେଡି ନେତୃବୃନ୍ଦ ରାଜ୍ୟବାସୀଙ୍କ ସମ୍ମୁଖରେ ରଖନ୍ତୁ ବୋଲି ବବିତା କହିଛନ୍ତି।

# ପିସିସି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହେଲେ ପ୍ରଦୀପ

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

କଂଗ୍ରେସର ଆଗଧାଡ଼ିର କର୍ମୀ ପ୍ରଦୀପ ମହାପାତ୍ରଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସାଧାରଣ ସମ୍ପାଦକ ଭାବେ ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିଯୁକ୍ତ କରିଛି। ପ୍ରଦୀପ ତାଙ୍କର ଏହି ନବ ନିଯୁକ୍ତି ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ମହାପାତ୍ର ଅଧିକ କ୍ରୀୟାଶିଳ ହୋଇ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସେବା କରିବା ସହ ଦଳର କାର୍ଯ୍ୟରେ ନିଜକୁ ଅଧିକ ନିୟୋଜିତ ରଖିବେ ବୋଲି କହିଛନ୍ତି। ଏହାସହ ସବୁ ବର୍ଗର ଲୋକଙ୍କ ନ୍ୟାୟ ପାଇଁ ଲଢେଇ ଜାରି ରଖିବା ସହ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ ବୋଲି ସେ ନିଜ ପ୍ରତିକ୍ରିୟରେ କହିଛନ୍ତି।

# ଏକାଠି ହେଲେ ଧ୍ରୁବ, ଅଂଶୁମାନ

ରାଜନଗର, ୨୨।୩
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ସମନ୍ୱୟ ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ଫେବୃଆରୀ ୧୪ରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଫେବୃଆରୀ ୧୬ରେ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ସାମିଲ ହୋଇଥିଲେ ମଧ୍ୟ ସେ ରାଜନଗର ଆଜି ଯାଏ ଆସିନାହାନ୍ତି। ବିଜେଡି କର୍ମୀ ଓ ଅଂଶୁମାନଙ୍କ ସମର୍ଥକଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଆକ୍ଷେପ ପ୍ରତିଆକ୍ଷେପ ଜାରି ରହିଥିଲା। ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ସମନ୍ୱୟ ବୈଠକ ବସିଥିଲା। ଏଥିରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ। ଏଥିରେ ରାଜନଗର ବିଜେଡି କର୍ମୀ ଓ ଦଳରେ ସାମିଲ ହୋଇଥିବା ଅଂଶୁମାନଙ୍କ ସମର୍ଥକ ଥିଲେ। ବୈଠକରେ ଉଭୟ ଧ୍ରୁବ ଓ ଅଂଶୁମାନ ଚଳିତ ନିର୍ବାଚନରେ ପ୍ରାର୍ଥୀ ହେଉଛନ୍ତି। ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ଦଳର ହାଇକମାଣ୍ଡ ଗ୍ରୀନ ସିଗ୍‌ନାଲ ଦେଇ ସାରିଛନ୍ତି। ଧ୍ରୁବ ରାଜନଗର ପାଇଁ ଓ ଅଂଶୁମାନ ସଂସଦୀୟ କ୍ଷେତ୍ର ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ନେତା ସ୍ପଷ୍ଟ କରିଥିଲେ। ଏଥିସହ ଆସନ୍ତା ୨୭ ତାରିଖରେ ରାଜନଗରରେ ସମ୍ବର୍ଦ୍ଧନା ସଭା ପରେ ସଂସଦୀୟ କ୍ଷେତ୍ରରେ ଅଂଶୁମାନ ବୁଲିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଉଭୟ କର୍ମୀ ଦଳର ଶୃଙ୍ଖଳା ମଧ୍ୟରେ କାମ କରିବେ। କେହି କାହା ବିରୋଧରେ ସୋସିଆଲ ମିଡିଆରେ ଆକ୍ଷେପ ପ୍ରତିଆକ୍ଷେପ କରିବେ ନାହିଁ। ରାଜନଗର ବ୍ଲକର ମହିଁଷାସୁରଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ।

ସମନ୍ୱୟ ବୈଠକରେ ଅଂଶୁମାନ ଓ ଧ୍ରୁବ ପରସ୍ପରକୁ ମିଠା ଖୁଆଇଥିବା ଏବଂ ଯୋଗ ଦେଇଥିବା ଛାମୁଆ କର୍ମୀମାନେ ମଧ୍ୟ ମିଠା ଖାଇ ଏକ ହୋଇ କାମ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିରେ ବେଗୁନିଆର ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ଚନ୍ଦ୍ର ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।


ଶଙ୍ଖ ଭବନରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଧ୍ରୁବ ସାହୁ ଓ ଅଂଶୁମାନ ମହାନ୍ତି ପାଖାପାଖି ବସିଛନ୍ତି।

# ନବୀନ କହିଲେ ବୁଥ୍‌ସ୍ତରରୁ ପ୍ରସ୍ତୁତି କର

ଭୁବନେଶ୍ୱର, ୨୨।୩(ଅନିଲ ଦାସ)

**ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଲୋକ ସଭା କ୍ଷେତ୍ରର ସମୀକ୍ଷା**

- ଯୋଗଦେଲେ ୨୧ ବିଧାନସଭା ନିର୍ବାଚନମଣ୍ଡଳୀର ନେତା, ବିଧାୟକ
- ତାଳମେଳ ରଖି କାମ କରିବାକୁ ୫-ଟି ଅଧ୍ୟକ୍ଷଙ୍କ ପରାମର୍ଶ

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ପାଇଥିବା ସଫଳତାକୁ ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ପୁନରାବୃତ୍ତି କରିବ। ୨୦୧୯ ଲୋକ ସଭା ନିର୍ବାଚନରେ ହରାଇଥିବା ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ଲୋକ ସଭା ଆସନକୁ ଦଖଲ ସହ ଏହି ୩ ଲୋକ ସଭା କ୍ଷେତ୍ର ଅଧୀନ ସମସ୍ତ ୨୧ ବିଧାନସଭା ଆସନରେ ବିଜୟ ନିମନ୍ତେ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହା ଅଧୀନ ସମସ୍ତ ବିଧାନସଭା କ୍ଷେତ୍ରରେ ଦଳର ସ୍ଥିତି, ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ଦଳୀୟ ନେତା, ପର୍ଯ୍ୟବେକ୍ଷକଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ନବୀନ ନିବାସରେ ପହଞ୍ଚିଥିଲେ ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଓ ୨୧ଟି ବିଧାନସଭା ଅଞ୍ଚଳର ଦଳୀୟ ନେତା। ଏହି ବୈଠକରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିଲେ। ପ୍ରଥମେ ବରଗଡ଼, ପରବର୍ତ୍ତୀ ପର୍ଯ୍ୟାୟରେ କଳାହାଣ୍ଡି ଓ ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ସାଙ୍ଗଠନିକ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜଣ ଜଣ କରି ପର୍ଯ୍ୟବେକ୍ଷକ, ବିଧାୟକ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ଥର ଆମ ଉପରେ ଜନତାଙ୍କ ଆଶା ଓ ଭରସା ବୃଦ୍ଧି ପାଉଛି। ସାଧାରଣ ଲୋକଙ୍କ ପାଇଁ ସରକାର ପ୍ରତିବଦ୍ଧ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟ ପ୍ରତ୍ୟେକ ଲୋକଙ୍କୁ ଖୁସି ଆଣି ଦେଇଛି ଓ '୫-ଟି' ଉପକ୍ରମ ରାଜ୍ୟବାସୀଙ୍କ ଜୀବନକୁ ପ୍ରଭାବିତ କରିଛି। ଲୋକଙ୍କ ମତ ଆଧାରରେ ସରକାର ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଗାମୀ ୧୦ ବର୍ଷ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ନୂଆ ଏବଂ ସଶକ୍ତ ଓଡ଼ିଶା ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ନିବିଡ଼ କରିବାକୁ ହେବ। ତେଣୁ କାଳବିଳମ୍ବ ନ କରି ନିଜ ନିଜ ଅଞ୍ଚଳର ବୁଥ୍‌ସ୍ତରରେ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ପ୍ରସ୍ତୁତି, ରଣନୀତି ନିର୍ଦ୍ଧାରଣ ଓ କ୍ଷେତ୍ର ସ୍ତର କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ନବୀନ ନିବାସ ଓ ଶଙ୍ଖ ଭବନରେ ମନିଟରିଂ ବା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଲୋକ ସଭା ଓ ବିଧାନସଭା କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ପର୍ଯ୍ୟବେକ୍ଷକମାନେ ପ୍ରତି ସନ୍ଧ୍ୟାରେ ଏହି ନିୟନ୍ତ୍ରଣ କକ୍ଷକୁ ସିଧାସଳଖ ରିପୋର୍ଟ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ରାଜ୍ୟର ନବ ରୂପାନ୍ତର ନିମନ୍ତେ ପଣ କରିଛନ୍ତି। ଓଡ଼ିଶାକୁ ସମୃଦ୍ଧିର ଶୀର୍ଷରେ ପହଞ୍ଚାଇବା ସହ ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ନିଜ ପରିବାର ସଦସ୍ୟ ମନେକରି କାର୍ଯ୍ୟ କରିଛନ୍ତି। ତାଙ୍କ ସ୍ୱପ୍ନର ଓଡ଼ିଶା ଗଠନ ନିମନ୍ତେ ଆମେମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଏବଂ ଆଗାମୀ ନିର୍ବାଚନରେ ଦଳର ବିଜୟ ପତାକା ଉଡ଼ାଇବା ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ସେ କହିଛନ୍ତି। ବୈଠକରେ ଏମ୍‌ପି ସୁଜିତ କୁମାର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଦିବ୍ୟଶଙ୍କର ମିଶ୍ର, ଭୂପିନ୍ଦର ସିଂହ, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟଙ୍କ ସହ ସମସ୍ତ ବିଧାୟକ ଓ ନେତା ଉପସ୍ଥିତ ଥିଲେ।


ଶଙ୍ଖ ଭବନ ଆଗରେ ଦଳୀୟ ନେତାଙ୍କ ଆଲୋଚନା।

# ପ୍ରଭାବ ଦେଖାଇବାକୁ ଆଶାୟୀଙ୍କ କସରତ

## ବୀରମହାରାଜପୁର ବିଧାନସଭା କ୍ଷେତ୍ର

ଅମରପାଲି, ୨୨।୩ (ପୀତାମ୍ବର ସାହୁ)


ପଦ୍ମନାଭ ବେହେରା


ନାରାୟଣ ଲୁହା


ଇଂ ରଘୁନାଥ ଜଗଦଲା


ଆନନ୍ଦ ବାରିକ


ବିନୋଦ ପାତ୍ର


ପ୍ରଦୀପ ସେଠୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନସଭା କ୍ଷେତ୍ରରେ ଆଶାୟୀ ପ୍ରାର୍ଥୀମାନେ ଦଳୀୟ ଟିକେଟ ପାଇଁ କସରତ ଆରମ୍ଭ କଲେଣି। ନିଜ ଢଙ୍ଗରେ ଦଳୀୟ ହାଇକମାଣ୍ଡଙ୍କ ନିକଟରେ ନିଜ ଅଞ୍ଚଳରେ ଥିବା ପ୍ରଭାବ ଦେଖାଇବାରେ ଏମାନେ ବ୍ୟସ୍ତ। ବିଜେଡି-ଭାଜପା ମେଣ୍ଟ ଆଶା ମଉଳିବାର ସଙ୍କେତ ମିଳିବା ପରେ ଏବେ ସବୁ ଦଳରେ ପ୍ରାର୍ଥୀ ଚୟନ ଲାଗି ଉତ୍ସୁକତା ବଢ଼ି ଯାଇଥିବା ଲକ୍ଷ୍ୟ କରାଯାଉଛି।

ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକ ଏବଂ ବିନିକା ଏନ୍‌ଏସିକୁ ନେଇ ଗଠିତ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ। ଏହା ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରେ କେବଳ ବିନିକା ଏନ୍‌ଏସି ଥିବା ବେଳେ ଏବେ ବୀରମହାରାଜପୁର ସମେତ ଉଲୁଣ୍ଡା ଓ ସୁବଳୟାକୁ ମଧ୍ୟ ଏନ୍‌ଏସି ଘୋଷଣା କରାଯାଇଛି। ଏହିସବୁ ଦୃଷ୍ଟିରୁ ଏବେ ଏଠାକାର ରାଜନୈତିକ ପାଣିପାଗ ବେଶ ଉଷ୍ମ ରହିଛି। ବୀରମହାରାଜପୁର ବିଧାନସଭା କ୍ଷେତ୍ର ବିଜେଡିର ଗଡ଼ ବୋଲି କୁହାଯାଏ। ଏଠାରୁ ବିଜେଡି କ୍ରମାଗତ ୨୪ ବର୍ଷ ଧରି ଜିତି ନିଜର ସ୍ଥିତି ଜାହିର କରିଛି। ପଦ୍ମନାଭ ବେହେରା କ୍ରମାଗତ ତିନି ଥର ଏଠାରୁ ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ସେ ଦଳୀୟ ଟିକେଟ ପାଇଁ ଆଶାୟୀ ଅଛନ୍ତି। ତେବେ ବିଗତ ନିର୍ବାଚନଗୁଡ଼ିକରେ ପଦ୍ମନାଭଙ୍କ ଏକାନ୍ତ ଅନୁଗତ ଥିବା ବର୍ତ୍ତମାନର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶାୟୀ ରହିଛନ୍ତି। ସେ ଗାଁ ଗାଁ ବୁଲି ସଙ୍ଗଠନ କରିବା ସହ ବିଭିନ୍ନ ସମୟରେ ସମାବେଶ ଓ ରାଜନୈତିକ ଶୋଭାଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ବିଜେଡିରେ ପଦ୍ମନାଭ ଓ ନାରାୟଣ ପ୍ରମୁଖ ଦାବିଦାର ରହିଛନ୍ତି। ଯଦି ମହିଳାଙ୍କୁ ପ୍ରାର୍ଥୀ କରାଯାଏ, ତେବେ ଏହି ଦୌଡ଼ରେ ବିଧାୟକ ପଦ୍ମନାଭ ବେହେରାଙ୍କ ଧର୍ମ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଓ ବର୍ତ୍ତମାନର ଜଟେସିଂହା ସମିତି ସଭ୍ୟା ରଶ୍ମିତା ପାଣ୍ଡେଙ୍କ ନାମ ଚର୍ଚ୍ଚାରେ ରହିଛି। ଏହା ସହିତ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ତଥା ନାରାୟଣ ଲୁହାଙ୍କ ଧର୍ମ ପତ୍ନୀ ଶାନ୍ତି ଲୁହା ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି।

ଅନୁରୂପଭାବେ ଭାଜପାରେ ମଧ୍ୟ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ରଘୁନାଥ ଜଗଦଲା। ଚଳିତ ଥର ସେ ମଧ୍ୟ ପ୍ରସ୍ତୁତି ଚଳାଇଛନ୍ତି। ତାଙ୍କ ସହ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ୨୦୧୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ଆନନ୍ଦ ବାରିକଙ୍କ ନାମ ଟିକେଟ ଦୌଡ଼ରେ ରହିଛି। ଉଭୟେ ବିଭିନ୍ନ ଗ୍ରାମକୁ ଯାଇ ସଙ୍ଗଠନ କରିବା ସହିତ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରୁଥିବା ଦେଖିବାକୁ ମିଳୁଛି। ଏହା ସହିତ ଆରଏସ୍‌ଏସ୍‌ର ସକ୍ରିୟ ସଦସ୍ୟ ଥିବା ମହେନ୍ଦ୍ର ମହାଲିକ ମଧ୍ୟ ଆଶାୟୀ ଥିବା ଜଣାପଡ଼ିଛି। ସେ କିଛି ଦିନ ପୂର୍ବେ ଶିକ୍ଷକ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଭିନ୍ନ ସଙ୍ଗଠନ ଓ ସାଧାରଣ ଲୋକଙ୍କ ସହିତ ମିଶୁଥିବା ଦେଖିବାକୁ ମିଳୁଛି। ଏମାନଙ୍କ ବ୍ୟତୀତ ଇଂ. ଆଶ୍ରୟ ମହାନନ୍ଦ, ବଳରାମ ସୁନା, ପ୍ରଶାନ୍ତ ଦଣ୍ଡସେନା, ଇଂ. ବାବୁଲୁ ବିଶି ମଧ୍ୟ ଭାଜପା ଟିକେଟ ପାଇଁ ଆଶାୟୀ ଥିବା ଜଣାପଡ଼ିଛି। ଏଇ ନିକଟରେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ରଷି ପଟେଲ ମଧ୍ୟ ପ୍ରାର୍ଥୀ ଦୌଡ଼ରେ ଥିବା ଆଲୋଚନା ହେଉଛି।

ଏହି ଦୁଇ ଦଳ ସହିତ କଂଗ୍ରେସ ଦଳରେ ମଧ୍ୟ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ସୋନପୁରର ପୂର୍ବତନ ବିଧାୟକ ତଥା ୨୦୦୯ ଓ ୨୦୧୯ରେ ବୀରମହାରାଜପୁର ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବା ବିନୋଦ ପାତ୍ର ଆଶାୟୀ ରହିଛନ୍ତି। କଂଗ୍ରେସ ଏସ୍‌ସି ସେଲ୍ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସେଠୀ ଓ ଭୋଳାନାଥ ସାଗର ମଧ୍ୟ ଟିକେଟ ଲବିରେ ଧାଇଁଛନ୍ତି। ତେବେ ତିନି ପ୍ରମୁଖ ଦଳରେ ଏକାଧିକ ଆଶାୟୀ ପ୍ରାର୍ଥୀ ଥିବା ବେଳେ କେଉଁ ଦଳ କାହାକୁ ଭରସା କରି ପ୍ରାର୍ଥୀ କରିବ ସେନେଇ ସମସ୍ତଙ୍କ ନଜର ରହିଛି।

# ଭାଜପାରେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ

ଭୁବନେଶ୍ୱର, ୨୨।୩(ସୁନିତ୍ ମିଶ୍ର)

କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମଧ୍ୟ ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା ସରୋଜକାନ୍ତ ସାହୁ ଏବଂ ପ୍ରଭାତୀ ମଲିକ, ପ୍ରିୟବ୍ରତ ମିଶ୍ର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ ନେତୃବୃନ୍ଦ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଏହି ଅବସରରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାଜପା ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇଚାଲିଛି। ଓଡ଼ିଶାରେ ଛାୟା ସରକାରର ଶାସନ ଚାଲିଛି ଏବଂ ଏହା ବିତାଡ଼ିତ ହେବା ଦରକାର। ଆସନ୍ତା ଦିନରେ ଓଡ଼ିଶାରେ ମଧ୍ୟ ଏହା ନିଶ୍ଚିତ ପ୍ରତିଫଳିତ ହେବ। ରାଜ୍ୟରେ ଭାଜପା ହିଁ ଏକମାତ୍ର ବିକଳ୍ପ। ଏହି ମିଶ୍ରଣ ପର୍ବ ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବ। ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ସମସ୍ତ ବର୍ଗର ଲୋକେ ଭାଜପାକୁ ଆପଣାଉଛନ୍ତି। ୮୯୮୦୮୦୮୦୮୦ ନମ୍ବରରେ ଡାଏଲ କରି ଭାଜପାର ସଦସ୍ୟ ହୁଅନ୍ତୁ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକଙ୍କୁ ସ୍ୱାଗତ କରାଯାଉଛି।

# ମୁଁ ନଥିବାବେଳେ

**ଗଳ୍ପ**

**ବିପ୍ଳବ**

ହେଲ୍‌ପରଟି ଦୁଲ୍‌ଦୁଲ୍ କରି ବସ୍ ଡୋର୍‌ଟିକୁ ବାମ ହାତରେ ପିଟି ଚାଲୁଥିଲା ଆଉ ଜୋର୍‌ରେ ଚିଲୋଉଥିଲା ବରୀ, ବରୀ...।

ବସ୍‌ଟି ଆସ୍ତେ ଆସ୍ତେ ଗଡୁଥିଲା। ଲାଗୁଥିଲା ଯେମିତି ଷ୍ଟାର୍ଟ ହୋଇନାହିଁ, କେବଳ ଦୁଇ ତିନି ଜଣ ଲୋକ ଶରୀରର ସମସ୍ତ ବଳ ଖଟେଇ ବସ୍‌ଟିକୁ ଠେଲିବାକୁ ଚେଷ୍ଟାକରି ବ୍ୟର୍ଥ ହେଉଛନ୍ତି! ଅଚାନକ କ'ଣ ହେଲା କେଜାଣି, କାଳିଶି ଲାଗିଲା ପରି ଗାଡ଼ିଟି ଝାଙ୍କିହେଇ ଅନିୟନ୍ତ୍ରିତ ବେଗରେ ଆଗକୁ ମାଡ଼ିଚାଲିଲା ଆଉ ସାମ୍‌ନାରେ ରାସ୍ତା ଅତିକ୍ରମ କରୁଥିବା ସ୍ତ୍ରୀ ଲୋକଟିକୁ ଧକ୍କା ଦେଲା। ତା' ମୁଣ୍ଡର ବାଉଁଶ ଝୁଡ଼ିଟି ଖସିପଡ଼ି ଷ୍ଟିଲ ବାସନଗୁଡ଼ିକ ରାସ୍ତାସାରା ବିଞ୍ଚି ହୋଇଗଲା। ଭାଗ୍ୟ ଭଲ, ତା' କୋଳରୁ ଛୋଟ ଛୁଆଟି ଦୂରକୁ ଛିଟିକି ପଡ଼ିଲା। କେହି ଜଣେ ସାହସ ସଞ୍ଚୟକରି ତା' ପାଖକୁ ଯାଉ ନଥିଲେ ଅନ୍ତତଃପକ୍ଷେ ପରଖିବାକୁ ସେ ଜୀବିତ ନା ମୃତ। ହେଲ୍‌ପରର ଡୋର୍‌ବାଡ଼ିଆ ଆଉ ଶୁଭୁ ନ ଥିଲା। କଣ୍ଡକ୍ଟରର 'ଟିକେଟ ନିଅ ଟିକେଟ ନିଅ' ଆଉ ଶୁଭୁ ନଥିଲା। ଡ୍ରାଇଭର, କଣ୍ଡକ୍ଟର ଆଉ ହେଲ୍‌ପର ତିନିହେଁ ଚତୁରତାର ସହ ଭିଡ଼ ଭିତରେ ମିଳେଇ ଯାଇଥିଲେ। ଭୟାତୁର ଯାତ୍ରୀମାନେ ନିଜ ନିଜ ସୁରକ୍ଷା କଥା ଚିନ୍ତା କରି ଦୁଲ୍‌ଦାଲ୍ ବସ୍ ଭିତରୁ ଡେଇଁ ଚାଲି ଯାଉଥିଲେ।

ବସ୍‌ଟି ରାସ୍ତା ମଝିରେ ସେମିତି ଠିଆ ହୋଇଥିଲା। ତା'ର ଡାହାଣ ପାଖ ଆଗ ଚକ ରକ୍ତସ୍ନାନ କରିସାରିଥିଲା। ଅବୋଧ ଶିଶୁଟି ରୋଡ଼ ଡିଭାଇଡର ପାଖରେ ରାହାଧରି କାନ୍ଦୁଥିଲା। ତାକୁ ଭୂଇଁରୁ ଟେକି ବୋଧ ଦେବାକୁ କେହି ଜଣେ ବି ଆଗ୍ରହୀ ନ ଥିଲେ। ମୋ' ଆଖି ଆଗରେ ଏଇ ଭୟାନକ ଦୁର୍ଘଟଣା ଘଟିଗଲା ଆଉ ଗୋଟିଏ ହରର୍ ସିନେମାର ଦୃଶ୍ୟ ଦେଖିବା ପରି ମୁଁ ଶିହରି ଉଠିଲି।

ଆଚ୍ଛା ମରିବାର ଠିକ୍ ଗୋଟିଏ ସେକେଣ୍ଡ ଆଗରୁ ସ୍ତ୍ରୀଲୋକଟି କ'ଣ ଭାବୁଥିବ? କେତେ ସ୍ୱପ୍ନ ମନରେ ଥାକ ଥାକ କରି ଖଞ୍ଜି ନ ଥିବ! ହେଲେ କ'ଣ ହେଇଗଲା ଆଖି ପିଛୁଳାକେ! ତା'ର ସମସ୍ତ ସ୍ୱପ୍ନ ଗୋଟିଏ ମୁହୂର୍ତ୍ତରେ କେଇ ବୁନ୍ଦା ରକ୍ତ ହୋଇ ରାସ୍ତାରେ ବହିଗଲା ଯେମିତି! ସମସ୍ତଙ୍କ ଜୀବନରେ ମୃତ୍ୟୁ କ'ଣ ଏମିତି ଆକସ୍ମିକ ଆଉ ଅସ୍ୱାଭାବିକ ଭାବରେ ଆସି ପହଞ୍ଚିଯାଏ!

ଆଜିଯାଏଁ ଅର୍ଜିଥିବା ଟଙ୍କାକୁ ଏକାଠି କରି ସ୍ତ୍ରୀ ଲୋକଟିର ନିଶ୍ଚୟ କେଉଁଠି ନା କେଉଁଠି ବାସୋପଯୋଗୀ ପ୍ଲଟ୍‌ଟିଏ ରାସ୍ତା କଡ଼ରେ କିଣିଥିବ। ଘରବାରି କିସମ ନ ହୋଇଥିଲେ ବି କୋଉ ଆର୍.ଆଇ.କୁ ହାତଗୁଞ୍ଜା ଦେଇ କିସମ ବଦଳେଇଥିବ। ସେଇଠି ମାଙ୍କଡ଼ା ପଥରର ବାଉଣ୍ଡାରି ବୁଲେଇ ତା' ଭିତରେ ଭଲ ଘର ଦି' ବଖରା କରିବାର ସ୍ୱପ୍ନ ନିଶ୍ଚୟ ଦେଖିଥିବ। ଘର କହିଲେ ଗୋଟିଏ ଶୋଇବା ଘର, ଗୋଟିଏ ବୈଠକ ଘର, ଗୋଟିଏ ରୋଷେଇ ଘର, ଗୋଟିଏ ଠାକୁର ଘର ଆଉ ଗୋଟିଏ ଗାଧୁଆ ଘର ସଂଲଗ୍ନ ପାଇଖାନା। ଯଦି ତା'ର ଦୁଇଟି ପୁଅ ଥିବେ, ତେବେ ଗୋଟିଏ ବଦଳରେ ଦୁଇଟା ଶୋଇବା ଘର ନିହାତି ଲୋଡ଼ା। ଘର ସାମ୍‌ନାରେ ଦୁଇଟି ରୁମ୍ ବାହାରକରି ଦୋକାନ ଘର ପାଇଁ ହୁଏତ ଚିନ୍ତା କରିଥିବ। କାରଣ ବୃତ୍ତିଗତ ଜୀବନରୁ ଅବ୍ୟାହତି ନେଇ ନିଜ ପାଇଁ କିଛି ରୋଜଗାର କରିହେବ। ଜୀବନର ଅନ୍ତିମ କାଳରେ ନିଜେ ବୋର୍ ବି ହେବନି କି ପରିବାର ଉପରେ ବୋଝ ବି ହେବନି।

ଆରେ ମୁଁ କ'ଣ ସବୁ ଭାବିଯାଉଛି। ସ୍ତ୍ରୀ ଲୋକ କଥା ଭାବୁଚି ନା ନିଜ କଥା ସବୁ ଭାବୁଚି? ଆମ୍ବୁଲାନ୍ସ ଆସି କେତେବେଳେ ସେଇ ସ୍ତ୍ରୀ ଲୋକଟିକୁ ନେଇଗଲାଣି। କାନ୍ଦୁଥିବା ପିଲାଟା ମଧ୍ୟ ସେଠି ଆଉ ଦିଶୁନି। ପୋଲିସ ଗାଡ଼ି ରାସ୍ତାର ଗୋଟେ କଡ଼କୁ ଠିଆ ହୋଇଛି। ଗାଡ଼ି ଚଳାଚଳ ସ୍ୱାଭାବିକ ହେଲାଣି ବୋଧେ!

ଧୋବେଇପୁର ଡାକରେ ମୁଁ ନିଜ ପୂର୍ବ ସ୍ଥିତିକୁ ଫେରିଲି ଆଉ ସୁନା ପିଲାଟିଏ ପରି ବସ୍ ଭିତରେ ଯାଇ ବସିଲି। ସେଇ ସ୍ତ୍ରୀ ଲୋକ ଆଉ ତା' ଛୋଟ ଛୁଆର କାନ୍ଦୁରା ମୁହଁ ମୋ' ଆଖି ଆଗରେ ବାରମ୍ବାର ଭାସି ଉଠିଲା। ସେଇ ଦୃଶ୍ୟଠୁଁ ମୁଁ ନିଜକୁ ଅଲଗାକରି ପାରୁ ନ ଥିଲି। ସ୍ତ୍ରୀ ଲୋକଟି ନିଶ୍ଚୟ କେଉଁ ଅଜଣା ଅଞ୍ଚଳର। ତା'ର ଏଇ ସହରରେ କେହି ଚିହ୍ନା ଜଣାନାହାନ୍ତି। ଚିହ୍ନା ଥିଲେ ହୁଏତ ବସ୍‌ଟିରେ କେହି କ୍ରୋଧବଶତଃ ନିଆଁ ଲଗେଇଥା'ନ୍ତା ନହେଲେ ଟାୟାର୍ ଜାଳି ରାସ୍ତା ଅବରୋଧ କରି ପ୍ରତିବାଦ କରିଥା'ନ୍ତା। ମାତ୍ର ସେମିତି କିଛି ଘଟିଲା ନାହିଁ। କେତେ ଭାଗ୍ୟହୀନା ସତରେ ସେ!

ପର ମୁହୂର୍ତ୍ତରେ ଆଉ ଗୋଟେ କଥା ଚିନ୍ତା କରି ମୁଁ ଚମକି ପଡ଼ିଲି। ସ୍ତ୍ରୀ ଲୋକ ବଦଳରେ ଯଦି ଗାଡ଼ିଟି ମୋ' ଦେହରେ ପିଟି ହୋଇଥାଆନ୍ତା!

ମୋ' ଦେହ ଥରି ଉଠିଲା।

ଏତେବେଳକୁ ମୁଁ ଆଉ ନଥା'ନ୍ତି। ରାତ୍ରି ପାଖରେ ମୋ' ମୃତ୍ୟୁର ଖବର ପହଞ୍ଚି ସାରନ୍ତାଣି। ଭୋ ଭୋ କାନ୍ଦରେ ଗାଁ କମ୍ପୁଥାଆନ୍ତା। ଲୋକେ ସବୁ ଆହା ଆହା କରିଥାନ୍ତେ। ପୁଅଟା ନିହାତି ସାନ। ପଞ୍ଚମରେ ପଢ଼େ। ସେ କ'ଣ ଜାଣେ ଜନ୍ମ ମୃତ୍ୟୁ ବିଷୟରେ। ଯଦି ବା ଜାଣିପାରିଲା, ତେବେ ତା'ର ବା ସ୍ମୃତିଶକ୍ତି କେତେ! ସେ ବଡ଼ ହୋଇ ନିଶ୍ଚୟ ଦିନେ ମୋତେ ଭୁଲି ଯାଇଥା'ନ୍ତା। ତାକୁ ଭଲ ସ୍କୁଲରେ ପଢ଼େଇ ଡାକ୍ତରଟିଏ କରିବାର ସମସ୍ତ ସ୍ୱପ୍ନ ମୋର ବ୍ୟର୍ଥ ହୋଇଥାଆନ୍ତା ନିଶ୍ଚୟ। ମୋ' ମୃତ୍ୟୁରେ ଯିଏ ସବୁଠୁଁ ବେଶି ଖୁସି ହୋଇଥାଆନ୍ତା ସେ ହେଉଚି ଗୋବର୍ଦ୍ଧନ। ମୋ' ସାନ ଭାଇ, ଯାହାକୁ ବାପାଙ୍କ ଶୁଦ୍ଧିଘର ବାସି ଭିନ୍ନେ କରିଦେଇଛି। କେତେ ଆଉ ବସେଇକି ଖୁଆଇ ଥାଆନ୍ତି? ଚବିଶ ବର୍ଷର ଭେଣ୍ଡା। କାମ ଧନ୍ଦା କିଛି ନାହିଁ। ଭବିଷ୍ୟତ ଚିନ୍ତା ଅର୍ଥ ବି ନାହିଁ। ତାକୁ ଭିନ୍ନେ କରି ମୁଁ କ'ଣ ଭୁଲ୍ ନିଷ୍ପତ୍ତି ନେଇଚି? କେବେ ନୁହେଁ। ଅତଏବ ମୋର ଅକାଳ ମୃତ୍ୟୁ ତା' ପାଇଁ ସୁଖକର ଖବର ହେବା ଅସମ୍ଭବ ନୁହେଁ। ସେ ଯେମିତି ହେଲେ ରାତ୍ରିକୁ ଫସେଇ ଦ୍ବିତୀୟ ହେବାକୁ ଲାଳସା ରଖିଥା'ନ୍ତା। କାରଣ ରାତ୍ରି ଦେଖିବାକୁ ଖୁବ୍ ସୁନ୍ଦରୀ। ରାସ୍ତା କଡ଼ରେ କିଣା ହୋଇଥିବା ତିନୋଟି ପ୍ଲଟ୍ ହିଁ ତା' ନାମରେ ଅଛି। ଅବଶ୍ୟ ଗୋବର୍ଦ୍ଧନ ସେମିତି ପିଲା ନୁହେଁ, ସେ ତା' ଭାଉଜକୁ ମା' ଦୃଷ୍ଟିରେ ଦେଖେ। ହେଲେ ବର୍ତ୍ତମାନ ସମୟରେ ଭାଉଜକୁ ମା' ଦୃଷ୍ଟିରେ କେତେ ଜ'ଣ ଦେଖୁଛନ୍ତି!

ମୁଁ ନଥିବା ବେଳେ ରାତ୍ରିକୁ ଚାକିରି ମିଳିବାରେ ଅସୁବିଧା ହେବନି। ରାତ୍ରି ଅପରୂପ ସୌନ୍ଦର୍ଯ୍ୟର ଅଧିକାରିଣୀ। ବେଶ୍ ଗୁଣର ବି। ଆଜିକାଲି ଗୁଣ କିଏ ଖୋଜୁଛି ଯେ! ତିରିଶ ବର୍ଷରେ ବୈଧବ୍ୟ ଯନ୍ତ୍ରଣା ସହି ସେ କ'ଣ ସାରା ଜୀବନ ତାକୁ ଝୁରି ହେଇ ବଞ୍ଚିବ!

ହେଡ୍ କ୍ଲର୍କ ଜେନାବାବୁ ଭାରି ରସିକ। ସେ ବି ଜାଣେ ରାତ୍ରି ନାମରେ ଥିବା ପ୍ଲଟ ବିଷୟରେ। ତାକୁ ସେ କ'ଣ ଛାଡ଼ିଥାନ୍ତେ?

ପ୍ରମୋଶନ ଲୋଭ ଦେଖେଇ ତାକୁ କୋଉଠୁ କୁଆଡ଼େ ଟାଣି ନେଇଥାନ୍ତେ ହିସାବ ନାହିଁ। ନୂଆ ଚାକିରି, ନୂଆ ପ୍ଲଟ୍, ସୁନ୍ଦର ଚେହେରା ଏ ସବୁ ରାତ୍ରି ଜୀବନକୁ ରଙ୍ଗିନ କରି ଗଢ଼ି ତୋଳିବା ଅସମ୍ଭବ ନୁହେଁ। ଗରିବ ଲୋକଙ୍କ ତଣ୍ଟି ଚିପି, ଅନାବାଦୀ, ଗୋଚର, ଜଙ୍ଗଲ ଜମିର କିସମ ବଦଳେଇ ମୁଁ ଯେଉଁ କଳା ଟଙ୍କା ଅର୍ଜି ପ୍ଲଟ୍ ସବୁ କିଣି ଘର ତୋଳିବାର ସ୍ୱପ୍ନ ଦେଖିଚି କ'ଣ ହେବ ସେ ସବୁର ଭାଗ୍ୟ। ତାକୁ ଭୂତ ଖାଇଯିବେ। ଜୀବନରେ ଏତେ ଚାପ ନେଇ, ଶତ୍ରୁ କିଣି, ପାପ ଅର୍ଜି କି ଲାଭ ପାଇଲି ମୁଁ? ସବୁ ଦିନେ ଏଇଠି ରହିଯିବ କେବଳ ମୋତେ ଛାଡ଼ି। କେତେ ଭଲହୁଅନ୍ତା ମୁଁ ଥାଇ ନଥିବା ପରି ଅବଶିଷ୍ଟ ଜୀବନ ବଞ୍ଚିଲେ, ଅନ୍ତତଃପକ୍ଷେ କିଛି ଲୋକଙ୍କ ହୃଦୟରେ ତ କିଛି ଦିନ ବଞ୍ଚି ରହନ୍ତି!

କଣ୍ଡକ୍ଟର ଡାକ ଛାଡ଼ିଲା

ଧୋବେଇପୁର କିଏ ଅଛ ସିଟ୍ ଛାଡ଼।

ବସ୍ ରହିଲା।

ମୁଁ ଚୁପ୍‌ଚାପ୍ ଓହ୍ଲେଇ ପଡ଼ିଲି।

ବଟିଆ ପାନ ଦୋକାନରୁ ପାନ ଦି' ଖଣ୍ଡ ପାଇଁ ବରାଦ ଦେଇ ସିଗାରେଟ୍ ଖଣ୍ଡେ ଆଣି ନିଆଁ ଲଗେଇଲି। ପାଖରେ ଥିବା ବିଶ୍ରାମାଗାର ଭିତରୁ କାହାର ପାଟି ଶୁଭୁଥିଲା।

ଗୋବର୍ଦ୍ଧନ ତ!

ତାକୁ ଭିନ୍ନେ କରିଦେବା ପରଠୁଁ ସେ ନିଶା ପାଣି ଅଭ୍ୟାସ କରୁଛି। ଲୋକେ କହୁଥିଲେ, ମୁଁ ଶୁଣିଥିଲି ମାତ୍ର ପ୍ରତ୍ୟକ୍ଷରେ ଦେଖି ନଥିଲି। ମୋର କ'ଣ ହେଲା କେଜାଣି!

ଅଧାଜଳା ସିଗାରେଟ୍‌କୁ ତଳେ ପକାଇ ଦଳିଦେଲି। ବିଶ୍ରାମାଗାର ଭିତରକୁ ଦୌଡ଼ି ଗଲି। ଗୋବର୍ଦ୍ଧନ ମୋତେ ଦେଖି ଗୋଟିଏ କୋଣକୁ ଯାକି ହୋଇଗଲା ଆଉ ଭୟରେ କରପତ୍ର ଯୋଡ଼ି କହିଲା– ଭାଇ ଭୋକ ହେଲା, ସହି ପାରିଲିନି। ତମେ ଗାଁରେ ନାହଁ ଭାବି ପି' ଦେଇଚି। ଆଉ ଭୁଲ୍ କରିବିନି।

ଗୋବର୍ଦ୍ଧନକୁ ନିଜ କୋଳରେ ଭିଡ଼ି ଧରିଲି। ପକେଟ୍‌ରୁ ନିଜ ରୁମାଲ କାଢ଼ି ତା' ମୁହଁ ପୋଛିଲି– ତୋ'ର ଏଇ ଦଶା ପାଇଁ ମୁଁ ଦାୟୀ।

ମୁଁ ତମ ସାନ ଭାଇ ନୁହଁ ବଡ଼ ପୁଅ, ମୋ' ଦୋଷ ଧରିବନି। ସବୁ ଜମି ତମ ନାଁରେ କରିଦିଅ, ଯୋଉଠି କହିବ ସେଇଠି ମୁଁ ସାଇନ୍ କରିଦେବି। ମୁଁ ତ କେତେବେଳେ ବାଟରେ ଘାଟରେ ପଡ଼ିମରିଯିବି। ମଦୁଆଟେ ମୁଁ।

ମୋ' ଆଖି ଭର୍ତ୍ତି ହେଇଗଲା ଲୁଣି ପାଣିରେ। ମୁଁ ତାକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରିଲି– ହଁ ତୁ ମୋ' ପୋରୁହାଁ ପୁଅ, ମୋ' ପାଖରେ ସାରା ଜୀବନ ରହିବୁ, କଥା ଦେ' ମୁଁ ମଲେ ତୁ ହିଁ ମୁଖାଗ୍ନି ଦେବୁ।'

ମୋ: ୯୪୩୭୪୬୮୦୧୬



## ପୁସ୍ତକ ପରିଚୟ

### ଓହଳ




**କବି:** ରମେଶ ପତି
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଯାଜପୁର-୭
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ. ୨୦୦/-

ମୋଟ ୪୬ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ଅଧିକାଂଶ କବିତାରେ କବି ବଞ୍ଚିତ ମଣିଷର କଷଣ ଓ ପେଷଣର ଚିତ୍ର ଆଙ୍କି ବସନ୍ତି। ଏସବୁ ଚିତ୍ର ଓଡ଼ିଆ ଭାଷାର ସାଂସ୍କୃତିକ ମୌଳିକତାକୁ ବିସ୍ମୃତ ନ ହୋଇ ରୂପ ପାଏ ପ୍ରାୟ କବିତାରେ। ରାଜନୀତିର ପ୍ରବଞ୍ଚନା, ନିମ୍ନବର୍ଗର ମଣିଷଙ୍କ ହତାଶା, ବ୍ୟକ୍ତିର ବେଦନାମଥିତ ନିଭୃତି, ଅଙ୍ଗେ ନିଭେଇଥିବା ଚଉପାଶର ଚିତ୍ର ବହୁ କବିତାରେ ଜୀବନ୍ତ ହୋଇଉଠେ। ଯଥା: ୧. ''ଶେଷରେ/ ବିଦେଶୀ ମୁଦ୍ରାକୁ ଆଶ୍ରାକରି/ ଖୋଦ୍ ରାଜା ଝୁଲୁଥିବେ।/ ଯେଉଁଦିନ ଶେଷ ଓହଳଟି/ ଆପଣାଛାଏଁ ଛିଣ୍ଡିଯିବ ଏଠି.../ ସେଦିନ ଆମ ଦେଶ/ ଆଉ ଆମର ହେଇ ନ ଥିବ।'' (ଓହଳ, ପୃ:୧୦), ୨. ''ମୁଣ୍ଡ ଟିକେ ଗୁଞ୍ଜିବାକୁ ସେମାନେ/ ଖୋଜୁଛଂତି ଛାତ,/ ଆଉ ଗୋଡ଼ ଟିକେ ଭିଡ଼ିବାକୁ/ ଦୁଇ ପାଦ ଭୂଇଁ।/ ହେଲେ ସେସବୁ/ ସେମାନଙ୍କ ଭାଗ୍ୟେ ଲେଖା ନାଇଁ।'' (କଂକାଳ ମଣିଷ, ପୃ: ୩୩)। ସାନ ଭଉଣୀର ବାହାଘର ଖର୍ଚ୍ଚ ତୁଲାଇବାକୁ ଘରଡିହ ବଦଳରେ ଟଙ୍କା ଦେଉଥିବା ମଧୁ ସାହୁକାରଠୁଁ ପଡ଼ୋଶୀ ଦେଶର ବର୍ବର ତାଲିବାନ୍‌ଙ୍କଯାଏଁ କବିଙ୍କ ଦୃଷ୍ଟି ଲମ୍ବିଥାଏ। ସ୍ଥାନୀୟତାରେ ଥାଏ ଚେର, ଅଥଚ ଡାଳପତ୍ର ମେଲିଥାଏ ଦେଶ ଦେଶାନ୍ତର। ପ୍ରଚ୍ଛଦ ଲେଖରେ କୁହାଯାଇଛି: ସତ୍ୟ, ଶୃଙ୍ଖଳା ଓ ସୌନ୍ଦର୍ଯ୍ୟର କବି ରମେଶ। ତାଙ୍କ କବିତାର ପ୍ରସଙ୍ଗ ଯଦିଓ ସମସମୟର ସମାଜ, ତେବେ ପୀଡ଼ିତ ମାନବ ପ୍ରତି ସଂବେଦନାରେ ନିବଦ୍ଧ ଥାଏ କବିଙ୍କର ସୃଜନ-ପ୍ରତିବଦ୍ଧତା। 'ଓହଳ' ଓଡ଼ିଆ କବିତାର ସାରଣୀରେ ଯେ ଏକ ସଫଳ ସଂଯୋଗ-ଏହା ବିଶ୍ୱାସର ସହ କହିହୁଏ।

### ଗଗନେନ୍ଦ୍ର ଗାଥା




**ସମ୍ପାଦନା:** ଗୌରାଙ୍ଗ ଚରଣ ଦାସ, ଅସିତ୍ ମହାନ୍ତି, କୃଷ୍ଣଚନ୍ଦ୍ର ପ୍ରଧାନ
**ପ୍ରକାଶକ:** ବିଦ୍ୟାପୁରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ. ୧୫୦/-

୧୯୪୦ରେ ଜନ୍ମିତ ଗଗନେନ୍ଦ୍ର ନାଥ ଦାଶଙ୍କର ତିରୋଧାନ ହୁଏ ୨୦୨୨ରେ। ତାଙ୍କ ତିରୋଧାନର ବର୍ଷପୂର୍ତ୍ତି ଅବକାଶରେ ପ୍ରକାଶ ପାଇଛି ଆଲୋଚ୍ୟ ପୁସ୍ତକ 'ଗଗନେନ୍ଦ୍ର ଗାଥା' ୨୦୨୩ରେ। ଏଥିରେ ଗବେଷକ ପ୍ରଫେସର ଦାଶଙ୍କ ଜୀବନୀ ଓ କୃତିର ସବିଶେଷ ବିଶ୍ଳେଷଣ କରାଯାଇଛି। ଗଗନେନ୍ଦ୍ର ଗାଥା, ଜୀବନ ଓ ସୃଜନ, ଓଡ଼ିଶା ଇତିହାସକୁ ତାଙ୍କର ଅବଦାନ, ଗବେଷଣାରେ ତାଙ୍କ ସତ୍ୟସନ୍ଧତା, ନିର୍ବାଚିତ ପ୍ରବନ୍ଧ ସଂକଳନର ମୂଲ୍ୟାୟନ, ସମାଲୋଚକ ଭାବେ ଲେଖକଙ୍କର ପୁନଃଆକଳନ, ବ୍ୟକ୍ତିତ୍ୱ ବିଶ୍ଳେଷଣ, ଭାଷାବିଜ୍ଞାନୀ ଭାବେ ଗଗନେନ୍ଦ୍ରଙ୍କ ବିରଳ କୃତିତ୍ୱ, ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଜାତୀୟତା ଅଧ୍ୟୟନରେ ଗବେଷକ ଦାଶଙ୍କ ବିଶେଷତ୍ୱ ଆଦି ପ୍ରସଙ୍ଗରେ କୃଷ୍ଣଚନ୍ଦ୍ର ପ୍ରଧାନ, ଲଲାଟେନ୍ଦୁ ଦାସ ମହାପାତ୍ର, ବୀରେନ୍ଦ୍ର ନାୟକ, ହରପ୍ରସାଦ ମିଶ୍ର, ପ୍ରମୋଦ କୁମାର ପରିଡ଼ା, ଦୀପ୍ତିରଞ୍ଜନ ପଟ୍ଟନାୟକ, ଇନ୍ଦ୍ରମଣି ସାହୁ, ସଦାନନ୍ଦ ନାୟକ, ରଞ୍ଜନ କୁମାର ଦାସ, କୈଳାସ ଚନ୍ଦ୍ର ଦାଶ, ପୁଣ୍ୟଶ୍ଳୋକ ଦାଶ ଓ ସୁମନ୍ୟୁ ଶତପଥୀ ପ୍ରମୁଖ ତଥ୍ୟନିଷ୍ଠ ଆଲୋଚନା କରିଛନ୍ତି। ଆମ ସମୟରେ ଯଦି ଜଣେ ଉଚ୍ଚାଭିଳାଷହୀନ ସାହିତ୍ୟସେବକଙ୍କୁ ଆମେ ଖୋଜିବସିବା, ତେବେ ଅବଧାରିତ ଭାବେ ସେ ହିଁ ହେବେ ଗବେଷକ ଗଗନେନ୍ଦ୍ର ନାଥ ଦାଶ। 'ଜନଶ୍ରୁତି କାଞ୍ଚିକାବେରୀ'ଠୁଁ ଆରମ୍ଭକରି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଗବେଷଣା ଓ ଓଡ଼ିଆ ଜାତୀୟତାର ସ୍ୱରୂପ ନିର୍ଣ୍ଣୟ କ୍ଷେତ୍ରରେ ଗଗନେନ୍ଦ୍ରଙ୍କ କାଳଜୟୀ ଅବଦାନକୁ ସଂକ୍ଷେପରେ ସର୍ବସମ୍ମୁଖକୁ ଆଣିବାରେ ସଂକଳିତ ଗ୍ରନ୍ଥଟି ନାନା ଭାବେ ସହାୟକ ମନେହୁଏ। ପୁସ୍ତକର ବହୁଳ ଆଦୃତି ଅବଧାରିତ। ଗଗନେନ୍ଦ୍ରଙ୍କୁ ଚିହ୍ନେଇବା ଓ ଚିହ୍ନିବାରେ ଏହି ସମୟୋଚିତ ଉଦ୍ୟମଟି ପ୍ରଶଂସନୀୟ।

## କବିତା

### ନୀଳ ଯମୁନା

ସେନାପତି ପ୍ରଦ୍ୟୁମ୍ନ କେଶରୀ

ଯମୁନାରୁ
ନା ଜୀବନରୁ ଅତଡ଼ା ଖସୁଛି?

ଯାହା ନିରବରେ
ଛାତି ଭିତରୁ ଖସିପଡ଼ିଲା
ତାହା କ'ଣ ଥିଲା?

କଳିଜାର ଟୁକୁଡ଼ା
ନା କିଛି କାନ୍ଦର ମଉଳା ପାଖୁଡ଼ା?

ଛେଉଣ୍ଡ ମନର ଛିଣ୍ଡା ହସର ଚେହେରା
କେବେ କାହା ଆଖିରେ ପଡ଼େନି।

ସମସ୍ତେ ଭାବନ୍ତି,
କାନ୍ଦ ଗୋଟେ ଜାରଜ ଛୁଆ
ଅକାରଣେ ସବୁରି ଠେଇଁ ଲଗାଏ ଦାଗ
ଟିକେ ଟିକେ ଅଭାବ କଷ୍ଟରେ
ଲୁହର ବନ୍ୟାରେ କେତେ କ'ଣ
ଭସେଇନିଏ!

ବାରମ୍ବାର ଭାଙ୍ଗିପଡ଼ିଲେ ବି
ପୁଣି କେମିତି ସୁନ୍ଦର ବାଗରେ
ଗଢ଼ି ହେଇଯାଏ ଜୀବନ, କିଏ ଜାଣେ?
ପୁଣି କେମିତି ନୂଆ ଭାବରେ
ପଡ୍ରେଇଯାଏ।

ସତ କଥା ହେଲା
ପ୍ରେମକୁ କେବେ ଠିକ୍‌ରେ ବୁଝି
ହେଲାନି।

ଯାବତୀୟ ଆକ୍ରମଣର କବଳରୁ
ଉଦ୍ଧାର କରି ହେଲାନି
କୁନି କୁନି ତାରାମାନଙ୍କୁ।

ତଥାପି ଆକାଶ କେବେ
ତାରାହୀନ ହେଇଛି?
ନା ଆବେଗ
ଉଜୁଡ଼ିଯାଇଛି ଯମୁନାରୁ?

ମୋ: ୬୩୭୧୫୨୩୫୯୮

### ଫେରିବାକୁ ହେବ

ଡ. ଭାରତୀ ମହାନ୍ତି

ଏ ସହର ଧାଉଁଛି ଧାଉଁଛି
ଶୋଭାଯାତ୍ରା ସ୍ଲୋଗାନ୍ ଗାଡ଼ିଘୋଡ଼ା
କୋଳାହଳ କରି ବେଳେବେଳେ
ଲାଲବତି ଅବା ଅଧାରାତି
ଟିକିଏ ଅଟକିଯାଏ, ପୁଣି ଧାଏଁ
ବାଟ ଚିରିଚିରି ଏଠି
ସମ୍ପର୍କର ନାଁ ବ୍ୟବସାୟ
ପ୍ରେମର ନାଁ ପ୍ରତାରଣା
ହସର ନାଁ ଛଳନା
ଲୁହର ନାଁ ଦୁର୍ଘଟଣା
ସବୁ ରୂପ ସିନେମା ପୋଷ୍ଟର
ସବୁ କଥା ନିଜର ପ୍ରଚାର
ମାଟି କଣ୍ଢେଇର ଦେହେ
ପ୍ଲାଟିକ୍‌ର ଫୁଲ ଶ୍ୱାସ ନାହିଁ
ବାସ ନାହିଁ ଫେରିଚାଲ
ବନ୍ଧୁ ଫେରିଚାଲ ସେପାଖେ
ଚାହିଁଛି ବାଟ ଆମ୍ବ ବଉଳର ବାସ୍ନା
ରଙ୍ଗଣୀର ଓଠ
ସବୁଜ ଘାସର ଦେହେ
ସାଧବବୋହୂର ସ୍ୱପ୍ନସବୁ...
ଘରମୁକୁଳା କବାଟ
ଅପେକ୍ଷା କରିଛି ସେଠି
ହଳଦୀବସନ୍ତ ପକ୍ଷୀ ପ୍ରଜାପତି
ଉନ୍ମତ୍ତ ଭଅଁର ନୁଆଁଣିଆ ଚାଳ ତଳେ
ଆକାଶକୁ ଚୁମା ଦିଏ
ହୃଦୟ ନଅର ଫେରିବାକୁ ହେବ
ଶୁଣିବାକୁ ହେବ କଂକ୍ରିଟ୍
ଲୁହାର ଏଇ ଜଙ୍ଗଲ ଭିତରୁ
ସବୁଜ ସୁନ୍ଦର ସେଇ ବଗିଚାକୁ
ଯେଉଁଠି ଏବେବି
ଶୁଭେ କୋଇଲିର କୁହୁ ଜୀବନରେ
ଲୋଡ଼ା ନୁହେଁ ମିଛ ମିଛ ରଙ୍ଗଦିଆ
ନିଆଁର ସହର ଫେରିବାକୁ ହେବ
ପୁଣି ମାଟି ଓ ଆକାଶ ଫାଙ୍କେ
ଯେଉଁଠି ଏବେ ବି ଅଛି
ନୁଆଁଣିଆ ପ୍ରୀତି ଚାଳଘର।

ମୋ: ୯୯୩୭୬୫୯୭୦୩

### ଋତୁ

ପୀୟୂଷ ପଟ୍ଟନାୟକ

ତୁମେ ଯେବେ ଆସ
ଭାରି ବର୍ଷା ହୁଏ
ଘାସ ଫୁଲ ପାଖୁଡ଼ାରେ
କାକରର ବିନ୍ଦୁ ପରି
ମୋ' ଦେହରେ,
ମୋ' ମନରେ ବର୍ଷା ପଡ଼େ
ଓଦାହୁଏ ପୁଣି ବି ହୁଏନି
ଶିରିଶିରି ପବନରେ ରୋମାଞ୍ଚିତ ଓଠରୁ
ଖସିଯାଏ କିଛି ଶବ୍ଦ
ଦୂର ଆକାଶକୁ ଉଡ଼ିଯାଏ ପକ୍ଷୀଟିଏ ପରି
ତୁମକୁ ତ ଛୁଏଁ
ଆଉ ପୁଣି ବର୍ଷା ହୁଏ।

ଏବେ ଏଠି ବହୁତ ଶୀତ
ପତ୍ରଝଡ଼ା ଗଛସବୁ
ତୁମ ସହ ଅଧୀର କଥା ହେବା ପାଇଁ
ତୁମେ ଆସିବ, ଛୁଇଁଦେବ ଆଉ
ପତ୍ର ସବୁ ପଛକୁ ଫେରି ଚାହିଁବେ
ଆକାଶରୁ ତାରା ସବୁ ସନ୍ଧ୍ୟା ହେଲେ
ମଲ୍ଲୀଫୁଲ ହୋଇ ଝଡ଼ିପଡ଼ିବେ
ତୁମକୁ ରହିବାକୁ କହିବେ
ମାତ୍ର ତୁମେ ଫେରିଯିବ
ଫେରିବ କି ମୋ' ପାଖକୁ
ଅସରାଏ ବର୍ଷା ସହ!

କୃଷ୍ଣଚୂଡ଼ା ମୁହଁ ଦେଖିଲେଣି
ତୁମ ଆଖିର ନୀଳ ନୀଳ ଡୋଳାରେ
ଭଉଁରି ଖାଇଲାଣି ଖରାବେଳେ
ମୋ' ଛାଇ
ବୋଧେ ଅପରାହ୍ନ
ତୁମେ କ'ଣ ରହିଯିବ?
କିଛି ସମୟ
ଆକାଶରେ କିଛି କଳା ମେଘ
ବୋଧେ ବର୍ଷା ହେବ।

ମୋ: ୭୫୦୬୧୮୯୦୩୦

## ଲଘୁ ଗଳ୍ପ

# ବିରହର ଆନନ୍ଦ

**ଜଟିଦାନନ୍ଦ ଦାଶ**

ଆଜିକୁ ଉଷାଦେବୀ ଓ ମହେଶ ବାବୁଙ୍କର ବିଭାଘର ଦୁଇମାସ ବିତିଗଲାଣି। ନବଦମ୍ପତି ସେଦିନ ଡ୍ରଇଂରୁମ୍‌ରେ ବସି ବର୍ଷାଦିନର ମାଧୁର୍ଯ୍ୟ ଉପଭୋଗ କରୁଥା'ନ୍ତି। ମୁଢ଼ି ମିକ୍ସର ଖାଇବା ସାଙ୍ଗକୁ କ୍ୟାରମ୍ ଖେଳରେ ନିଜକୁ ମଜାଇ ଦେଇଥା'ନ୍ତି। ଠିକ୍ ଏଇ ସମୟରେ ଉଷାଦେବୀ ଏବଂ ମହେଶ ବାବୁ କେହି ଜଣେ ବ୍ୟକ୍ତି କିଛି ମନକୁମନ ଗପି ଗପି ଏବଂ ହସିହସି ବାଟରେ ଆସୁଥିବାର ଝରକାରେ ଦେଖିବାକୁ ପାଇଲେ। ଲୋକଟିର ଅସଜଡ଼ା ମୁଣ୍ଡବାଳ ସାଙ୍ଗକୁ ମଇଳା ପୋଷାକରୁ ଜଣାପଡୁଥାଏ ବ୍ୟକ୍ତିଟି ଜଣେ ପାଗଳ। ଲୋକଟିକୁ ଦେଖି ମହେଶ ବାବୁ ଅନ୍ୟମନସ୍କ ହୋଇ କିଛି ସମୟ ନୀରବ ରହିଗଲେ। କିଛି ସମୟ ନୀରବ ରହିବାପରେ ମହେଶ ବାବୁଙ୍କର ଆଖି ଲୁହରେ ଛଳଛଳ ହେବାର ଦେଖାଗଲା। ଉଷାଦେବୀ ସଙ୍ଗେ ସଙ୍ଗେ ମହେଶ ବାବୁଙ୍କ ମୁଣ୍ଡକୁ ହଲେଇ ଦେଇ ପଚାରି ଦେଲେ- 'କ'ଣ ହେଲା ତୁମର। କାନ୍ଦୁଛ କାହିଁକି?' ମହେଶ ବାବୁ ପ୍ରକୃତିସ୍ଥ ହୋଇ କହି ପକାଇଲେ, ନା କିଛି ହେଇନି, ମାତ୍ର ଉଷାଦେବୀଙ୍କ ମନ ବୁଝିଲା ନାହିଁ। ସେ ମହେଶ ବାବୁ କାନ୍ଦିବାର କାରଣ କହିବାକୁ ବାଧ୍ୟ କରିବାରୁ ନିବୃତ୍ତ ହେଲେ ନାହିଁ। ଯା'ହେଉ ମହେଶ ବାବୁ କାନ୍ଦିବାର କାରଣ ବଖାଣିବାକୁ ଲାଗିଲେ। ବାଟରେ ଯାଉଥିବା ପାଗଳ ଲୋକଟି ଆଉ କେହି ନୁହେଁ, ତାଙ୍କର ବନ୍ଧୁ ରୂପେଶ ବାବୁ।

ରୂପେଶ ଓ ମହେଶ ଦୁହେଁ ପିଲାବେଳର ଅନ୍ତରଙ୍ଗ ସାଙ୍ଗ। ଏକା ସାଙ୍ଗରେ ପଢ଼ିବା, ଖେଳିବା ଏବଂ ଖାଇବା ନିତିଦିନିଆ ରୁଟିନ ଥିଲା କହିଲେ ଚଳେ। ଜଣେ ଜଣଙ୍କର ମୁହଁ ନ ଦେଖିଲେ ରହିପାରେନା। ସମୟର ଆହ୍ୱାନକ୍ରମେ ଦୁଇଜଣଯାକ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୁଅନ୍ତି। ଦୁହେଁ କଟକ ରେଭେନ୍ସା କଲେଜରେ ସାଇନ୍ସ ପଢ଼ନ୍ତି। ମହେଶ ବାବୁ ଏମ୍.ଏସ୍‌ସି. ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଓସିଏସ୍ ପରୀକ୍ଷା ଦିଅନ୍ତି ଏବଂ ଉତ୍ତୀର୍ଣ୍ଣ ହୋଇ ତହସିଲଦାରରେ ନିଯୁକ୍ତି ପାଆନ୍ତି। ଅନ୍ୟ ପକ୍ଷରେ ରୂପେଶ ବାବୁ ପୋଲିସ ନିରୀକ୍ଷକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକରେ ପୋଲିସ ଇନ୍ସପେକ୍ଟରରେ ନିଯୁକ୍ତି ପାଆନ୍ତି। ରୂପେଶ ବାବୁ ଜଣେ ଆଦର୍ଶ ଓ ସଚ୍ଚୋଟ ପୋଲିସ ଅଫିସର ଥିଲେ। ସହରର ଗୁଣ୍ଡାମାନଙ୍କୁ ଦମନ କରିବାରେ ଖୁବ୍ ସଫଳ ହୋଇଥିଲେ। କଟକରେ ଡୋରା ନାମ୍ନୀ ଗୁଣ୍ଡା ଦାଦାବଟି ମାଗିବାରେ ଓ ଅନ୍ୟଦ୍ୱାରା ପ୍ରଲୋଭିତ ହୋଇ ଭଲ ଲୋକଙ୍କୁ ମର୍ଡର କରିବାରେ ଧୁରନ୍ଧର। ତା' ନାମରେ ଥାନାରେ ଅନେକ କେଶ୍ ପଡ଼ିରହିଥିଲା। ମାତ୍ର ଆଗରୁ କୌଣସି ପୋଲିସ ଅଫିସର ତାକୁ ଦମନ କରି ପାରି ନ ଥିଲେ। ରୂପେଶ ବାବୁ କଟକ ଟାଉନ ଥାନା ଅଫିସର ହେବା ପରେ ଡୋରାକୁ ଆରେଷ୍ଟ କରି ଜେଲ ପଠେଇଥିଲେ। ଖଳନାୟକ ଡୋରା ଜେଲରୁ ବାହାରିଲା ପରେ ରୂପେଶ ବାବୁଙ୍କ ବିରୋଧରେ ପ୍ରତିଶୋଧ ନେବା ପାଇଁ ମନସ୍ଥ କରିଥିଲା। ରୂପେଶ ବାବୁଙ୍କର ଘରେ ଘରଣୀ ମନୋରମା ଓ ଗୋଟିଏ ଚାରିବର୍ଷର ପୁଅ ଥାଆନ୍ତି। ଦିନେ ରୂପେଶ ବାବୁ ଡ୍ୟୁଟିରେ ଯାଉଥିବାବେଳେ ଡୋରା ସାଜେ କାଳରୂପ ସର୍ପ। ସେ ଯାଇ ରୂପେଶ ବାବୁଙ୍କ ଘରେ ପଶି ତାଙ୍କ ପତ୍ନୀ ଓ ପୁତ୍ରକୁ ନୃଶଂସ ଭାବରେ ହତ୍ୟାକରେ। ପରିଶେଷରେ ରୂପେଶ ବାବୁ ଏସବୁ ଆଚମ୍ବିତ ପରିସ୍ଥିତି ଦେଖି ଅତ୍ୟନ୍ତ ବିବ୍ରତ ହୋଇ ମାନସିକ ଭାବେ ଅସୁସ୍ଥ ହୋଇପଡ଼ନ୍ତି। ଏପରି ଖରାପ ମାନସିକ ଅବସ୍ଥାରେ ରହି ଆଜି ସେ ନିଜର ପରିବାରକୁ ହରାଇ ପାଗଳ ହୋଇ ରାସ୍ତାରେ ବୁଲୁଛନ୍ତି। ପରିବାର ବିରହର ବେଦନାକୁ ଭୁଲି ସେ ବୁଲିବୁଲି ହସି ଚାଲିଛନ୍ତି। ସତେ ଯେମିତି ବିରହର ଦୁଃଖ ତାଙ୍କ ପାଇଁ ବିରହର ଆନନ୍ଦ ପାଲଟିଯାଇଛି। ସେ ସେଇ ବିରହର ଆନନ୍ଦରେ ହିଁ ଚାଲିଛନ୍ତି। ରାତି ହୋଇ ଆସିଥିଲା। ବର୍ଷାର ପ୍ରଭାବ ମଧ୍ୟ କମିଯାଇଥିଲା। ଉଷାଦେବୀ ମହେଶ ବାବୁଠାରୁ ରୂପେଶ ବାବୁଙ୍କ କଥା ଶୁଣି ତାଙ୍କ ଆଖିରୁ ମଧ୍ୟ ଝରିଆସିଥିଲା ଦୁଇଧାର ଲୁହ। ଯେଉଁ ଲୁହ ଆରପଟେ ରୂପେଶ ବାବୁଙ୍କ ବିରହର ଆନନ୍ଦ ସମାନ ଭାବେ ତାଳ ଦେଇ ଗତି କରୁଥିଲା।



ମୋ: ୯୯୩୮୧୮୧୩୨୦

## କାଳକାଳକୁ



**''ଛୋଟ ଛୋଟ ଜିନିଷରେ ସୁନ୍ଦରତାର ଅନ୍ୱେଷଣ ଘରକୁ ଓ ଜୀବନକୁ ସୁଖୀ ତଥା ପ୍ରେମମୟ କରେ।''**
**– ଲୁଇସା ମେ ଆଲକଟ୍**

**ଲୁଇସା ମେ ଆଲକଟ୍‌ଙ୍କ** ଜନ୍ମ ୨୯ ନଭେମ୍ବର ୧୮୩୨ରେ, ଆମେରିକାର ଫିଲାଡେଲଫିଆରେ ଓ ପରଲୋକ ୬ ମାର୍ଚ୍ଚ ୧୮୮୮ରେ ଆମେରିକାର ବୋଷ୍ଟନ୍‌ରେ। ଆଲକଟ୍ ଊନବିଂଶ ଶତାବ୍ଦୀର ଜଣେ ଅଗ୍ରଣୀ ଲେଖିକା ଭାବେ ସାରା ବିଶ୍ୱରେ ପ୍ରତିଷ୍ଠିତା। 'ଲିଟିଲ୍ ୱିମେନ୍' ହେଉଛି ତାଙ୍କର ଅତି ପ୍ରସିଦ୍ଧ ଏକ ଉପନ୍ୟାସ। ଅନ୍ୟ ଚର୍ଚ୍ଚିତ ପୁସ୍ତକ ମଧ୍ୟରେ 'ମୁଡ୍‌ସ', 'ଦ ଇନ୍‌ହେରିଟାନ୍ସ' ଓ 'ଅଣ୍ଡର ଦ ଲାଇଲାକ୍ସ' ଅନ୍ତର୍ଭୁକ୍ତ। ଜୀବନ ଓ ଜଗତକୁ ଦେଖିବାର ଏକ ବିରଳ ମନୋଭଙ୍ଗୀ ହିଁ ଲୁଇସାଙ୍କ ଲେଖକୀୟ ଜୀବନର ବିଶେଷତ୍ୱ।

# ଆଇପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନ



ଚେନ୍ନାଇରେ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ।



ଷ୍ଟାଡିୟମରେ ଆତସବାଜି କାର୍ଯ୍ୟକ୍ରମ





ସାଥୀ କଳାକାରଙ୍କ ସହ ଡ୍ୟାନ୍ସ ଅବସରରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍।

## ମନ ମୋହିଲେ ଅକ୍ଷୟ, ଟାଇଗର ଓ ରହମନ

ଚେନ୍ନାଇ, ୨୨।୩

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ବ୍ୟୟବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବଙ୍ଗାଲୋର (ଆର୍‌ସିବି) ମଧ୍ୟରେ ଏହି ଟି୨୦ ଲିଗ୍‌ର ପ୍ରଥମ ମ୍ୟାଚ ଖେଳାଯିବା ପୂର୍ବରୁ ଆୟୋଜିତ ହୋଇଥିଲା ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ। ଉପସ୍ଥିତ ଦର୍ଶକମଣ୍ଡଳୀ ଏହାର ଖୁବ୍ ମଜା ନେଇଥିଲେ। ପ୍ରଥମେ ଅଭିନେତା ବୋମନ ଇରାନୀ ତାଙ୍କର ପରିଚୟ ପ୍ରଦାନ କରି ସମାରୋହର ଶୁଭାରମ୍ଭ ଘୋଷଣା କରିଥିଲେ। ବଲିଉଡ ଅଭିନେତା ଅକ୍ଷୟ କୁମାର ଓ ଟାଇଗର ଶ୍ରଫ୍ ଦଉଡ଼ିରେ ଷ୍ଟଣ୍ଟ ସହ ଷ୍ଟେଜ୍‌ରେ ଅବତରଣ କରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ। ଦୁହିଁଙ୍କ ହାତରେ ଜାତୀୟ ପତାକା ଶୋଭା ପାଉଥିଲା। ସେମାନଙ୍କ




କାର୍ଯ୍ୟକ୍ରମ ଶେଷରେ ଅକ୍ଷୟ କୁମାର ଓ ଟାଇଗର ଶ୍ରଫ ଷ୍ଟାଡିୟମରେ ଏକ ଚକ୍କର ଲଗାଇଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ ଓ ସୋନୁ ନିଗମ। 'ବନ୍ଦେ ମାତରମ୍' ସେମାନଙ୍କ ପ୍ରଥମ ସଙ୍ଗୀତ ଥିଲା। ଏ.ଆର. ରହମନଙ୍କ ସହିତ ଯୋଗ ଦେଇଥିଲେ ମୋହିତ ଚୌହାନ। ଅମରଜିତ ସିଂ ଚମ୍‌କିଲାଙ୍କ ଉପରେ ପ୍ରସ୍ତୁତ ବାୟୋପିକ୍‌ରେ ସେ ନିଜେ ଗାଇଥିବା ଏକ ଗୀତ ଗାଇଥିଲେ। ପରେ ଷ୍ଟେଜ୍‌ରେ ଯୋଗ ଦେଇଥିଲେ ବଲିଉଡ୍ କଣ୍ଠଶିଳ୍ପୀ ନୀତି ମୋହନ। ଶୁକ୍ରବାର ମ୍ୟାଚର ଦୁଇ ଅଧିନାୟକ ଫାଫ୍ ଡୁ'ପ୍ଲେସି ଓ ଋତୁରାଜ ଗାଏକ୍ୱାଡ ଆଇପିଏଲ୍ ଟ୍ରଫି ସହ ମଧ୍ୟ ସ୍ଥଳକୁ ଆସିଥିଲେ। ମଞ୍ଚ ଉପରୁ ଆସିବା ଲାଗି ବିସିସିଆଇ ସଭାପତି ରୋଜର ବିନ୍ନି ଓ ସମ୍ପାଦକ ଜୟ ଶାହାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା। ଶେଷରେ ସମସ୍ତ ଷ୍ଟାର ଷ୍ଟେଜ୍‌ରେ ଧାଡ଼ି କରି ଛିଡ଼ା ହୋଇ ଲୋକପ୍ରିୟ ଫିଲ୍ମ 'ସ୍ଲମ୍‌ଡଗ୍ ମିଲିୟନେୟାର' ଗୀତ 'ଜୟ ହୋ' ମିଳିତ ଭାବେ ଗାନ କରିଥିଲେ। ପରେ ଆତସବାଜି ସହ ଉଦ୍‌ଘାଟନୀ ଉତ୍ସବର ପରିସମାପ୍ତି ହୋଇଥିଲା।

## ମୀରାରାଣୀ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ରିଦିମିକ୍ ଜିମ୍ନାଷ୍ଟିକ୍ସ (ମହିଳା) ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ଜାତୀୟସ୍ତରୀୟ ଜଜ୍ ମୀରାରାଣୀ ଦାସ ଟେକ୍ନିକାଲ ଅଫିସିଆଲ ନିଯୁକ୍ତ ହୋଇଛନ୍ତି। ଏଥିପାଇଁ ମୀରାରାଣୀ ଗୁରୁବାର ଭେନ୍ୟୁ ସ୍ଥଳରେ ରିପୋର୍ଟ କରି

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରିଦିମିକ୍ ଜିମ୍ନାଷ୍ଟିକ୍ସ**



ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଯୋଗିତା ଶନିବାର ଶେଷହେବ।

## କଳାହାଣ୍ଡି କପ୍: ସ୍ୱସ୍ତିକ, ଗିରିଜାଙ୍କ ଶତକ

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଳାହାଣ୍ଡି କପ୍ (ଡାଇମଣ୍ଡ ଏ ଓ ବି) କ୍ରିକେଟର ୬ଟି ମ୍ୟାଚ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୮ ଉଇକେଟରେ ଭୁବନେଶ୍ୱର 'ଏ'କୁ, ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଇକୋର୍ସା ୮୪ ରନରେ ଖୋର୍ଦ୍ଧାକୁ, ଡ୍ରିମ୍ସ ଷ୍ଟାଡିୟମରେ କଟକ 'ବି' ୪୨ ରନରେ ସମ୍ବଲପୁର 'ଏ'କୁ, କିଟ୍ ଷ୍ଟାଡିୟମରେ କଟକ 'ଏ' ୬ ଉଇକେଟରେ ରାଉରକେଲାକୁ, ସନ୍‌ସାଇନ୍ ପଡ଼ିଆରେ ଝାରସୁଗୁଡ଼ା ୭ ଉଇକେଟରେ ଢେଙ୍କାନାଳକୁ ଏବଂ ବାରବାଟୀ ଷ୍ଟାଡିୟମରେ ଯାଜପୁର ୩ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ସୁନ୍ଦରଗଡ଼ର ସ୍ୱସ୍ତିକ ସାମଲ (୮୦ ବଲ୍‌ରୁ ୧୧୧*) ଓ କଟକ 'ବି'ର ଗିରିଜା ବାରିକ (୧୧୨ ବଲ୍‌ରୁ ୧୦୭) ଶତକ ହାସଲ କରିଛନ୍ତି। ଆଦିତ୍ୟ ଜୟସିଂ, ଜୟନ୍ତ ବେହେରା, ପପୁ ରାୟ, ଏସ୍.କେ. ଆଖାରୁଦ୍ଦିନ ୪ ଉଇକେଟ ସଫଳତା ପାଇଛନ୍ତି।



ସ୍ୱସ୍ତିକ ସାମଲ



ଗିରିଜା ବାରିକ

## ରାମେଶ୍ୱର କପ୍ ଜୁନିୟର୍ କ୍ରିକେଟ୍

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

ପୁରୁଣା ଭୁବନେଶ୍ୱରର ଅଗ୍ରଣୀ କ୍ରିକେଟ୍ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ୮ମ ରାମେଶ୍ୱର କପ୍ ଜୁନିୟର୍ କ୍ରିକେଟ୍ ପ୍ରତିଯୋଗିତା ଆସନ୍ତା ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥର ଉଭୟ ୧୪ ଓ ୧୭ ବର୍ଷରୁ କମ୍ ବୟସ ବର୍ଗରେ ପ୍ରତିଯୋଗିତା ଖେଳାଯିବ। ୨ଟି ଫାଇନାଲ୍ ଖେଳାଯିବାକୁ ଥିବାବେଳେ କେବଳ ୧୭ ବର୍ଷରୁ କମ୍ ଦଳ ବିଜେତାଙ୍କୁ ୧୫,୦୦୦ ଟଙ୍କା ଓ ଉପବିଜେତାଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ସମ୍ପାଦକ ଦୀପକ ମଙ୍ଗରାଜ ସୂଚନା ଦେଇଛନ୍ତି। ୧୪ ବର୍ଷରୁ କମ୍ ବିଜେତା ଓ ଉପବିଜେତା ଦଳକୁ କେବଳ ଟ୍ରଫି ପ୍ରଦାନ କରାଯିବ। ଉଭୟ ବର୍ଗରେ ରାମେଶ୍ୱର ସ୍ପୋର୍ଟିଂ, ଏମ୍‌ସିସି, ଏଲ୍‌ଏଲସିସି, ଗ୍ରିନ୍ସ ଏକାଡେମି, ଆଲଫା ସ୍ପୋର୍ଟିଂ, ପାରାମାଉଣ୍ଟ ସ୍ପୋର୍ଟିଂ, ଟାଉନ୍ କ୍ଲବ୍ ଅଂଶଗ୍ରହଣ କରୁଛନ୍ତି। ୩୦ ତାରିଖରେ ୧୪ ବର୍ଷରୁ କମ୍ ଏବଂ ୩୧ ତାରିଖରେ ୧୭ ବର୍ଷରୁ କମ୍ ବର୍ଗର ଫାଇନାଲ୍ ଖେଳାଯିବ।

## ଜାତୀୟ ସବ୍‌ଜୁନିୟର ଅସି ଚାଳନା ପାଇଁ ଓଡ଼ିଶା ଦଳ

ବଲାଙ୍ଗୀର, ୨୨।୩
(ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟ ସବ୍‌ଜୁନିୟର ଅସି ଚାଳନା ପ୍ରତିଯୋଗିତା ପାଇଁ ଓଡ଼ିଶା କ୍ରୀଡା ବିଭାଗ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ମାର୍ଚ୍ଚ ୨ରୁ ରାଜ୍ୟ ଅସି ଚାଳନା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରକୁ ଭୁବନେଶ୍ୱର ଅସି ଚାଳନା ଏକାଡେମୀର କୋଚ୍ ସୁକାନ୍ତ କୁମାର ସେଠ, ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ କୋଚ ରୋଶନ ସାହୁ ଏବଂ ଅନ୍ୟଶା ରାଉତ ପରିଚାଳନା କରିଥିଲେ। ଏହି ଶିବିରରେ ୩୫ ଜଣ ଖେଳାଳି ଯୋଗଦେଇଥିଲେ। ସେଥିମଧ୍ୟରୁ ୧୯ ଖେଳାଳିଙ୍କୁ ଚୟନ କରାଯାଇଛି। ଆସନ୍ତା ୨୫ରୁ ୨୮ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର




ଜାତୀୟ ସବ୍‌ଜୁନିୟର ଅସି ଚାଳନା ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳର ୧୯ ଜଣିଆ ଖେଳାଳିଙ୍କ ସହ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ ଓ ଅନ୍ୟମାନେ।

ରାଜମହେନ୍ଦ୍ରୀଠାରେ ହେବାକୁ ଥିବା ଜାତୀୟ ସବ୍‌ଜୁନିୟର ଅସି ଚାଳନା ପ୍ରତିଯୋଗିତାରେ ଏହି ମନୋନୀତ ୧୯ ଜଣିଆ ରାଜ୍ୟ ଅସି ଚାଳନା ଟିମ୍ ସଦସ୍ୟ ଭାଗ ନେବେ ବୋଲି ସଂଘର ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଶୁକ୍ରବାର ସୂଚନା ଦେଇଛନ୍ତି। ମନୋନୀତ ବାଳକ ଦଳରେ ଲିଖିତ କୁମାର ବିଶ୍ୱାଳ, ନିଶାଙ୍କ ଶେଖର ପଟେଲ, ଆଦିତ୍ୟ ଶର୍ମା, ରିତିଶ କୁମାର ପରିଡା, ସ୍ୱାଗତ ପଟେଲ, ଓଁକାର ପଟେଲ, ପଦ୍ମଲୋଚନ ନାଏକ, ଦେବାଶିଷ ପଟେଲ, ଶାଶ୍ୱତ ପଟେଲ, କାହ୍ନା ଗଡ଼ତିଆ, ବିଭୂତି ଶଙ୍କର ପଟେଲ, ଓମ୍‌ଶଙ୍କର ପଟେଲ ମନୋନୀତ ହୋଇଥିବାବେଳେ ବାଳିକା ଦଳରେ ଝିଲି ସେଠ, ଜିଜ୍ଞାସା ମହାନ୍ତି, ସାରିକା ପଟେଲ, ଶ୍ରୀୟା ଶ୍ରୁତି ପଟେଲ, ଝରଣା ସେଠ, ସିୟୋନା ପଟ୍ଟନାୟକ, ନମ୍ରତା ପଟେଲ ମନୋନୀତ ହୋଇଛନ୍ତି। ଖେଳାଳିମାନଙ୍କ ସହ ପ୍ରବନ୍ଧକ ସୁଭଦ୍ରା ବେହେରା, ସ୍ୱପ୍ନା ସେଠ୍, ପ୍ରଶିକ୍ଷକ ସୁକାନ୍ତ ସେଠ୍, ରୋଶନ ସାହୁ ଆନ୍ଧ୍ରପ୍ରଦେଶ ଗସ୍ତ କରୁଥିବା ସୂଚନା ଦେଇଥିଲେ। ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଅସି ଚାଳନା ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ମନୋନୀତ ଖେଳାଳିମାନଙ୍କୁ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ କୈଳାସ ମାଝି, ବୁନୁ ପଟ୍ଟନାୟକ, ସୁଦାମ ଧରୁଆ ସହଯୋଗ କରିଥିଲେ।

## ଲେମୁଏଲଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୨୨।୩
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୧୨ ଓ ୧୪ ବର୍ଷରୁ କମ୍ ଏଆଇଟିଏ-କେଡିଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୍୭) ଟେନିସ ଟୁର୍ନାମେଣ୍ଟରେ ତେଲଙ୍ଗାନାର ଲେମୁଏଲ ଆଲାଡି ଡବଲ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ୩ୟ ସିଡ୍ ଲେମୁଏଲ ପଶ୍ଚିମବଙ୍ଗର ହାଭିଶ ବନସଲଙ୍କୁ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସରେ ସେ ବନସଲଙ୍କୁ ସାଥିକରି ଓଡ଼ିଶା ଯୋଡ଼ି ଆୟୁଷ ପଟ୍ଟନାୟକ ଓ ଜଗତଜ୍ୟୋତି ପତିଙ୍କୁ ୪-୬, ୭-୬ (୫), ୧୦-୫ରେ ହରାଇ ଦେଇଛନ୍ତି। ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ମହାରାଷ୍ଟ୍ରର ସୋହମ ରନସୁଭେ ଝାଡ଼ଖଣ୍ଡର ଜୀତ ଭି.ଙ୍କୁ ୬-୧, ୬-୨ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୨ ଓ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ(କେଡିଟିଏ) ସଭାପତି ମଧୁସୂଦନ ପାଢ଼ୀ ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦାମୋଦର ପ୍ରଧାନୀ, କେଡିଟିଏ କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ସେନାପତି, ଦୁଷ୍ମନ୍ତ ଡୁଙ୍ଗା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଟୁର୍ନାମେଣ୍ଟ ରେଫରି ଯତୀନ ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ୧୦ ରାଜ୍ୟରୁ ୮୫ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୩/୨୦୨୪ Bhubaneswar, Saturday, March 23/ 2024

# ଚେନ୍ନାଇ ଜିତିଲା ଉଦ୍‌ଘାଟନୀ ମ୍ୟାଚ୍

ଚେନ୍ନାଇ, ୨୨।୩

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୭ଶ ସଂସ୍କରଣ ଶୁକ୍ରବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ କରିଥିଲା। ଚେନ୍ନାଇ ୧୮.୪ ଓଭରରେ ୪ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ରାଚିନ ରବୀନ୍ଦ୍ର ୩୭, ଶିବମ ଦୁବେ ୩୪*, ଅଜିଙ୍କ୍ୟ ରାହାନେ ୨୭, ରବୀନ୍ଦ୍ର ଜାଡେଜା ୨୫* ଓ ଡାରିଲ ମିଚେଲଙ୍କ ୨୨ ରନର ଅବଦାନ ବଳରେ ୮ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ୧୧୦ ରନରେ ଚେନ୍ନାଇ ୪ର୍ଥ ଉଇକେଟ ହରାଇଥିଲା। ଦୁବେ ଓ ଜାଡେଜା ଅସମାପ୍ତ ୫ମ ଉଇକେଟରେ ୩୭ ବଲ୍‌ରୁ ୬୬ ରନ ଯୋଗକରି ଦଳକୁ ବିଜୟୀ କରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ କାମେରନ ଗ୍ରୀନ୍ ୨ଟି ଏବଂ ୟଶ ଦୟାଲ ଓ କର୍ନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଆର୍‌ସିବି ଅଧିନାୟକ ଫାଫ୍ ଡୁପ୍ଲେସି। ଦଳର ଆରମ୍ଭ ଭଲ ହୋଇଥିଲେ ହେଁ ଓପନିଂ ଯୋଡ଼ି ଭାଙ୍ଗିବା ପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନିଂ ଯୋଡ଼ିରେ ବିରାଟ କୋହଲିଙ୍କ ସହ ୪୧ ରନ ଯୋଗ କରିବା ପରେ ଡୁପ୍ଲେସି ବ୍ୟକ୍ତିଗତ ୩୫ (୨୩ ବଲ, ୮ ଚୌକା) ରନକରି ଆଉଟ ହୋଇଥିଲେ। ଏହାପରେ ରଜତ ପଟିଦାର ଓ ଗ୍ଲେନ ମ୍ୟାକ୍ସୱେଲ ଡକ୍ (୦)ରେ ଆଉଟ ହେବାରୁ ଆରସିବି ସ୍କୋର ୪୧/୧ରୁ ୪୨/୩ ହୋଇଯାଇଥିଲା। କୋହଲି ୨୦ ବଲରୁ ୨୧ ଓ କାମେରନ ଗ୍ରୀନ୍ ୧୮ ରନକରି ପ୍ୟାଭିଲିୟନ ଫେରିବାରୁ ୧୧.୪ ଓଭର ବେଳକୁ ଦଳୀୟ ସ୍କୋର ୭୮/୫ ହୋଇଥିଲା। ଫଳରେ ମୋଟ ସ୍କୋର ୧୫୦ ସ୍ପର୍ଶ କରିବାନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଦୀନେଶ କାର୍ତ୍ତିକ ଓ ଅନୁଜ ରାଓ୍ୱତ ୬ଷ୍ଠ ଉଇକେଟରେ ୫୦ ବଲ୍‌ରୁ ୯୫ ରନ ଯୋଗ କରିବାରୁ ଆରସିବି ସ୍କୋର ୧୭୩ରେ ପହଞ୍ଚି ପାରିଥିଲା। ଇନିଂସର ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିବା ରାଓ୍ୱତ ୨୫ ବଲ୍‌ରୁ ସର୍ବାଧିକ ୪୮(୪ ଚୌକା, ୩ ଛକା) ରନ ସ୍କୋର କରିଥିଲେ। କାର୍ତ୍ତିକ ୩୮ (୨୬ ବଲ, ୩ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଚେନ୍ନାଇ ପକ୍ଷରୁ ମୁସ୍ତାଫିଜୁର ରହମନ ୪ଟି ଓ ଦୀପକ ଚହର ଗୋଟିଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମୁସ୍ତାଫିଜୁର ରହମନ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ଦିଲ୍ଲୀ**
ସ୍ଥାନ: ଚଣ୍ଡିଗଡ଼
ସମୟ: ଅପରାହ୍ନ ୩.୩୦

**କୋଲକାତା ବନାମ ହାଇଦ୍ରାବାଦ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୨୦ ଓଭରରେ ୧୭୩/୬ (ଅନୁଜ ରାଓ୍ୱତ-୪୮, ଦୀନେଶ କାର୍ତ୍ତିକ-୩୮, ଫାଫ୍ ଡୁପ୍ଲେସି-୩୫, ମୁସ୍ତାଫିଜୁର ରହମନ-୪/୨୯, ଦୀପକ ଚହର-୧/୩୭)। ଚେନ୍ନାଇ ସୁପର କିଙ୍ଗ୍ସ ୧୮.୪ ଓଭରରେ ୧୭୬/୪ (ରାଚିନ ରବୀନ୍ଦ୍ର-୩୭, ଶିବମ୍ ଦୁବେ-୩୪*, ରବୀନ୍ଦ୍ର ଜାଡେଜା-୨୫*, କାମେରନ ଗ୍ରୀନ୍-୨/୨୭, ୟଶ୍ ଦୟାଲ-୧/୨୮, କର୍ନ ଶର୍ମା-୧/୨୪)।

# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୭ ପଦକ

ଭୁବନେଶ୍ୱର, ୨୨।୩ (ବିଜୟ ରଣା): କୋଏମ୍ବାଟୋରରେ ଚାଲିଥିବା ୧୬ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ପୁରୁଷ ଏପି 'ଏ' କାଟେଗୋରିରେ ଭି. ରମେଶ ରାଓଙ୍କ ସ୍ୱର୍ଣ୍ଣ ପଦକ ବ୍ୟତୀତ ଓଡ଼ିଶା ୩ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତିଛି। ପ୍ରଥମ ଦିବସରେ ଓଡିଶା ୨ ପଦକ ଜିତିଥିବା ବେଳେ ଦ୍ୱିତୀୟ ଦିବସରେ ଆହୁରି ଭଲ ପ୍ରଦର୍ଶନ କରି ୭ ପଦକ ହାସଲ କରିଛି। ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ସୁଦ୍ଧା ଓଡିଶାର ୯ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ବ୍ୟକ୍ତିଗତ ପୁରୁଷ ଇପି ବିଭାଗ-ଏରେ ଭି. ରମେଶ ରାଓ ହରିୟାଣାର ସନ୍ଦୀପ କୁମାରଙ୍କୁ ୧୫-୨ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ସେମିଫାଇନାଲରେ ପବିତ୍ର ସାହୁ ନିଜ ରାଜ୍ୟର ରମେଶ ରାଓଠାରୁ ହାରି ବ୍ରୋଞ୍ଜ ପାଇଛନ୍ତି। ବ୍ୟକ୍ତିଗତ ପୁରୁଷ ଇପି ବିଭାଗ-ବି ରେ ଓମ୍ ପ୍ରକାଶ ବେହେରା ହରିୟାଣାର ରାଜନେଶ୍‌ଙ୍କ ଠାରୁ ୮-୧୫ ରେ ପରାସ୍ତ ହୋଇ ରୌପ୍ୟ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ସାବ୍ରେ ବିଭାଗ-ଏ'ରେ ଓଡିଶାର ୨ ମହିଳା ଖେଳାଳି ମାଳତୀ ପାନୁରେ ଓ ସିଲା ମନ୍ତ୍ରୀ ୨ ହରିୟାଣା ଖେଳାଳିଙ୍କଠାରୁ ସେମିଫାଇନାଲରେ ପରାଜିତ ହୋଇ ୨ଟି ବ୍ରୋଞ୍ଜ ପାଇଛନ୍ତି। ରାଖିଲ ସେଠୀ, ଭି. ରମେଶ ରାଓ, ପବିତ୍ର ସାହୁ ଓ ଓମ୍ ପ୍ରକାଶ ବେହେରାଙ୍କୁ ନେଇ ଓଡିଶା ପୁରୁଷ ଦଳ ଇପିରେ ରୌପ୍ୟ ପଦକ ହାସଲ କରିଛି। ଦଳ ଫାଇନାଲରେ ହରିୟାଣାଠାରୁ ୧୪-୮ରେ ପରାଜୟ ବରଣ କରିଛି। ମାଳତୀ ପନୁରେ, ଶିଳା ମନ୍ତ୍ରୀ, ସୁପ୍ରିୟା ବିଶ୍ୱାସ ଓ ଆଶା ସିଂ ପ୍ରମୁଖଙ୍କୁ ନେଇ ଓଡିଶା ମହିଳା ଦଳ ସାବ୍ରେରେ ରୌପ୍ୟ ପଦକ ହାସଲ କରିଛି।

# ଭାରତ-ଆଫଗାନିସ୍ତାନ ମ୍ୟାଚ ଡ୍ର

ଆଭା, ୨୨।୩ (ପି.ଟି.)

**ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ**

ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ୨୦୨୬ର ଗ୍ରୁପ୍ 'ଏ'ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଛି। ଏହି ଫଳାଫଳ ଉଭୟ ଦଳର କୋଚ୍ ଇଗୋର ଷ୍ଟିମାକ୍ ଓ ଆସ୍‌ଲେ ୱେଷ୍ଟଉଡ୍‌ଙ୍କୁ କିଛି ଅଂଶରେ ହତାଶ କରିଛି। ମ୍ୟାଚରେ ଉଭୟ ଦଳ ଗୋଲ୍ ସ୍କୋର କରିବାର କେତୋଟି ସୁଯୋଗ ପାଇଥିଲେ ହେଁ ହାତଛଡ଼ା କରିଥିଲେ। ୨୦୨୬ ବିଶ୍ୱକପ୍ ବ୍ୟତୀତ ଏକ ସାଙ୍ଗରେ ୨୦୨୭ ଏଏଫ୍‌ସି ଏସିଆନ କପ୍ ପାଇଁ ପ୍ରିଲିମିନାରି କ୍ୱାଲିଫିକେଶନ ମ୍ୟାଚ।

# ଶୁଟ୍ ଆଉଟରେ ଜିତିଲା ସୋଆ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୨।୩
(ବିଜୟ ରଣା)

ବିଶ୍ୱ ଜଳ ଦିବସ ପାଳନ ଅବସରରେ ୟୁନିସେଫ ଓ ୟୁଥ୍ ଫୋର ୱାଟର ପ୍ଲସ୍‌ର ମିଳିତ ସହଯୋଗରେ ଏକ ପ୍ରଦର୍ଶନୀ ମ୍ୟାଚ ଶୁକ୍ରବାର ସ୍ଥାନୀୟ ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସୋଆ ୟୁନିଭର୍ସିଟି ବନାମ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଏଥିରେ ସୋଆ ୟୁନିଭର୍ସିଟି ୪-୨ ପେନାଲ୍‌ଟି ଶୁଟଆଉଟରେ ବିଜୟ ଲାଭ କରିଥିଲା।

**ଜାତିସଂଘ ବିଶ୍ୱ ଜଳ ଦିବସ ଅବସରରେ ପ୍ରଦର୍ଶନୀ ଫୁଟ୍‌ବଲ**

ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥୱାଲ ଇଭେଣ୍ଟର ଉଦ୍‌ଘାଟନ କରିବା ସହ ତାଙ୍କ ଅଭିଭାଷଣ ରଖିଥିଲେ। ବିଶ୍ୱ ଜଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସେ ବଖାଣି ଥିଲେ। ଜଳ ସଂରକ୍ଷଣ ଓ ସ୍ଥିରତା ବଜାୟ ରଖିବା କ୍ଷେତ୍ରରେ ସାମୁହିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଇଭେଣ୍ଟ ଅବସରରେ ୟୁନିସେଫ୍ ଓଡ଼ିଶାର ୱାଶ ସେସ୍ ସ୍ପେସାଲିଷ୍ଟ ସିପ୍ରା ସାକ୍‌ସେନା, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧୀନ ଆରଏମ୍‌ଏନ୍‌ଏଚ କାର୍ଯ୍ୟାଳୟ ମୁଖ୍ୟ ଡକ୍ଟର ଗୌରବ, ମ୍ୟାଙ୍ଗୋ ହେଟେଲ ନିର୍ଦ୍ଦେଶକ ଅମିତେଶ ଗୁଗ୍‌ନାନି, ଭୁବନେଶ୍ୱର ନାଇଟ୍ସ ରାଉଣ୍ଡ ଟେବୁଲ ୨୩୦ରେ ଚେୟାରପର୍ସନ ସର୍କଲର ଅଂଶୁ ଗୁପ୍ତାଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ଏଫ୍‌ସି କ୍ଲବ ସଭାପତି ରାଜ ଅଥୱାଲଙ୍କୁ ଏକ ତୈଳଚିତ୍ର ପ୍ରଦାନ କରୁଛନ୍ତି ୟୁନିସେଫ୍ ଓଡ଼ିଶାର ୱାଶ ସେସ୍ ସ୍ପେସାଲିଷ୍ଟ ସିପ୍ରା ସାକ୍‌ସେନା




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ